ଏହାର ଉତ୍ତର ସମାଯୃାତ୍ତଙ୍କରୁ ପାଦେବଙ୍କୁ ଦେଇପାର ନ ଥିଲେ ତାହା ବର୍ତ୍ତମାନ ବୈଦିକ ପ୍ରସ୍ତାବର ଅଙ୍ଗ ହୋଇ ପଡ଼ିବାରୁ ଅଗତ୍ୟା କହିବାକୁ ହେଲା।

ଭଗବାନ୍ ଶ୍ରୀକୃଷ୍ଣଙ୍କର ବହୁସ୍ତ୍ରୀ ସଂସର୍ଗସମ୍ବନ୍ଧେ ଯାହା ଶ୍ରୀମଦ୍ଭାଗବତରେ ନାନାପ୍ରକାର ଲୁହା ହୋଇଅଛି ତାହା କଦାଚ ସତ୍ୟ ନୁହେ କେବଳ ବର୍ଣ୍ଣନାଚ୍ଛଳ ଜନ୍ମ ହିନ୍ଦୁଶାସ୍ତ୍ରର ତାତ୍ପର୍ଯ୍ୟାନଭିଜ୍ଞ ହିନ୍ଦୁ ବା ଅହିନ୍ଦୁ ସମସ୍ତଙ୍କର ଭ୍ରମ ଅନିବାର୍ଯ୍ୟ ହୋଇ ପଡ଼ିଅଛି ଏହି ଭ୍ରମ ସଂଶୋଧନ ହେବା ନିତାନ୍ତ ବାଞ୍ଛନୀୟ।

ହିନ୍ଦୁଅଗ୍ରଗଣ୍ୟ ବେଦବ୍ୟାସ ଯେତେବେଳେ ଧର୍ମୋପଦେଶରେ ବ୍ରତୀ ହେଲେ ତେତେବେଳେ ଲୋକମାନଙ୍କର ସ୍ୱଭାବ ଅନ୍ୱେଷଣ କରି ଧର୍ମକହିବାରେ ତ୍ରୁଟିକର ନାହାନ୍ତି; ବେଦବ୍ୟାସ ନିଜେ ଅଦ୍ୱୈତବାଦୀ ସଦା ଚିତ୍ ସୁଧାରସାନନ୍ଦରେ ନିମଗ୍ନମାଣ, ସେ ଏପରି ନାନା ପ୍ରକାର ଧର୍ମ ସୃଜିଲେ କାହିଁକି କହିଲେ ଏହା ଭଗ୍ନ କଲେ ସହଜେ ଜଣାଯାଇ ପାରେ।

ଧର୍ମୋପଦେଶକୁ ପ୍ରତି ଦେଶ କାଳ ପାତ୍ରର ଅନ୍ୱେଷଣ କରି ନିତାନ୍ତ ଆବଶ୍ୟକ।

ଭାରତବର୍ଷ ସଦା ହିନ୍ଦୁ ଓ ଯବନରେ ପରିପୂର୍ଣ୍ଣ ଏଥିରେ ହିନ୍ଦୁମାନଙ୍କର ଧର୍ମ ରକ୍ଷା ହୁଏ ଆଉ ନିତ୍ୟରୂପେ ସ୍ଥାୟୀ ହେବାର ସନ୍ଦେହ; ଯବନକାଳରେ ନାନା ଅସତ୍କାର୍ଯ୍ୟର ଉଦୟ ଓ ପାଶ୍ଚାତ୍ୟ ନାନା ଶ୍ରେଣୀରେ ବିଭକ୍ତ ଅର୍ଥାତ୍ କେତେକ ଲୋକ ଅବିଭକ୍ତ କଳେବର ତପୋଳରେ ଅପଣା ମନକୁ ଉତ୍କେଳିତ କରି ଅସୀମ ପାରଦ୍ୱାରରେ ମତ୍ତ ହୋଇ ସ୍ୱଧର୍ମକୁ ଭୁଲି ଯାଇଅଛନ୍ତି, ଓ କେତେକ ଲୋକ ନିତାନ୍ତ ଅଙ୍ଗନାଲିଙ୍ଗନରେ ବ୍ୟସ୍ତ ହୋଇ ସ୍ୱଧର୍ମର ଅଧୋଗତି କରି ଅଛନ୍ତି ଓ କେତେକ ଲୋକ ମଦ୍ୟମାଂସରେ ମତ୍ତହୋଇ ସ୍ୱଧର୍ମରୁ ଚିତ୍ତବୃତ୍ତିକୁ ଅନ୍ତର କରିଅଛନ୍ତି ଇତ୍ୟାଦି ଉକ୍ତ ପ୍ରକୃତ ଭୂତ ଭଗବାନ୍ ଶ୍ରୀକୃଷ୍ଣଙ୍କର ବହୁ ସ୍ତ୍ରୀପ୍ରଣୟନର ଅଡ଼ମ୍ବର ବର୍ଣ୍ଣନା କରି ଅଛନ୍ତି କେବଳ ସ୍ତ୍ରୈଣ ଲୋକମାନଙ୍କର ଶୃଙ୍ଗାର କଥା ଶୁଣି ଈଶ୍ୱର ସେବାରେ ପ୍ରୀତ ହେବ। ଭାଗବତ ୧୦ମସ୍କନ୍ଧ ୨୯ ଅଧ୍ୟାୟ ୨ୟ ଶ୍ଲୋକରେ ଏହା ଦୃଷ୍ଟାନ୍ତରୂପରେ ଅନୁମୋଦନ କରା ଯାଉଅଛି ଯଥା, " ସ୍ତ୍ରିୟୋ ବଶାନା ଦିବ ସାଧୁ —। "।

ଅର୍ଥ, ସ୍ତ୍ରୈଣ କାମୀ ପୁରୁଷମାନଙ୍କର ସ୍ତ୍ରୀସମ୍ବନ୍ଧ ମଧୁର କଥାରେ ପ୍ରୀତ ଅଟନ୍ତି। ଏବଂ ପାରଦା ବର୍ଣ୍ଣନରେ ପାରପୁରୁଷମାନେ ପାରକାର୍ଯ୍ୟ ଶୁଣି ନିତାନ୍ତ ଉତ୍ସାହର ସହିତ ଧର୍ମଶ୍ରବଣରେ ଅନୁରକ୍ତ ହେବେ ଇତ୍ୟାଦି ଶାକ୍ତ ସୌର ଗାଣପତ୍ୟ ଶୈବପ୍ରଭୃତି ଧର୍ମମାନଙ୍କର ବର୍ଣ୍ଣନ ହୋଇଅଛି କିନ୍ତୁ ଫଳରେ ଦେଖିଲେ ସବୁଇନରର ସ୍ତୁତିମାନ ଅଦ୍ୱୈତ ପର।

ପରମେଶ୍ୱର " ଭକ୍ତଚୋମୁଖ " ଅତଏବ ତାହାଙ୍କୁ ଯେଉଁରୂପରେ ଉପାସନା କଲେ ସେ, ସେହିରୂପରେ ଉପାସ୍ୟ ଓ କାମଦ।

ବେଦବ୍ୟାସଙ୍କର ଏ ଆଶ୍ଚର୍ଯ୍ୟ କୌଶଳ, ଯେପରି ଉଦ୍ଦେଶରେ କହିଥିଲେ ତାହା ତଦ୍ରୂପ ଅଦ୍ୟ କାଲି ପ୍ରତ୍ୟକ୍ଷରେ ଦେଖାଯାଉଅଛି।

ଏହିସବୁ କହିବା କଥା ନୁହେ ଶାସ୍ତ୍ରପ୍ରମାଣ ମଧ୍ୟ ବଳବତ୍ତର ଦେଖାଯାଏ, ଶ୍ରୀକୃଷ୍ଣଙ୍କର ବହୁସ୍ତ୍ରୀସଙ୍ଗ ନ ହେବା ବିଷୟ ରାସପଞ୍ଚାଧ୍ୟାୟର ପ୍ରଥମ ଅଧ୍ୟାୟ ଅଦ୍ୟ ଟୀକାରେ ଶ୍ରୀଧରସ୍ୱାମୀ ସ୍ପଷ୍ଟତ କହିଅଛନ୍ତି, ଯଥା, ।

" ଶୃଙ୍ଗାରକଥାପଦେଶେନ ବିଶେଷତଃ ନିବୃତ୍ତିପରେୟଂ ପଞ୍ଚାଧ୍ୟାୟୀତି ବ୍ୟକ୍ତୀ କରିଷ୍ୟାମଃ " ।

ଏବଂ ସେହି ରାସପଞ୍ଚାଧ୍ୟାୟୀ ୨ୟ ଅଧ୍ୟାୟର ଶ୍ଲୋକରେ କହିଅଛନ୍ତି ଯଥା, ।

"ରେମେ ତୟା ଚାତ୍ମରତ ଆତ୍ମାରାମୋଽପ୍ୟଖଣ୍ଡିତଃ । କାମିନାଂ ଦର୍ଶୟନ୍ଦୈନ୍ୟଂ ସ୍ତ୍ରୀଣାଂ ଚୈବ ଦୁରାତ୍ମତାମ୍" । ୦ ।

ଅର୍ଥ । ସ୍ୱତଃପରିତୃପ୍ତ ଏବଂ ସ୍ୱତ୍ରୀଡ଼ ଶ୍ରୀକୃଷ୍ଣ ନାୟିକାଗଣରେ (ଗୋପୀଗଣରେ) ଅନାକୃଷ୍ଟ ହୋଇ କାମିମାନଙ୍କର ଦୈନ୍ୟ ଏବଂ ସ୍ତ୍ରୀମାନଙ୍କର ଦୁରାତ୍ମତା ଦେଖାଇବା ନିମିତ୍ତ ପ୍ରେୟସୀମାନଙ୍କ ସହିତ କ୍ରୀଡ଼ା କରିଥିଲେ ।

ଏବଂ ଶ୍ରୀକୃଷ୍ଣଙ୍କର କାମବେଗ ଅଧୀନ ନ ଥିବାର ଉକ୍ତି ଶ୍ରୀମଦ୍ଭାଗବତ ୩୩ଶ ଅଧ୍ୟାୟ ଶ୍ଲୋକରେ ଯଥା, ।

" ଦେବାଧୀନେଷୁ କାମେଷୁ ଦେବାଧୀନ ସ୍ୱୟଂ ପୁମାନ୍ । କୋ ବିଶ୍ରମ୍ଭେତ ଯୋଗେନ ଯୋଗେଶ୍ୱର ମନୁବ୍ରତଃ " ।

ଅର୍ଥ । ଭଗବାନ୍ ଶ୍ରୀକୃଷ୍ଣଙ୍କର କାମବେଗ ସ୍ୱାଧୀନ ଥିଲା ନହିଁଲେ ଯେବେ ତାଙ୍କର ସ୍ୱରୂପ ଜାଣିଲା ତେବେ ଦୈବାଧୀନ କାମବେଗମାନଙ୍କରେ କେଉଁ ଲୋକ ଯୋଗଦ୍ୱାରା ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କୁ ଅନୁଗତ ହୋଇ ବିଶ୍ୱାସ ( ପ୍ରୀତ ) କରିବ।

ଇତ୍ୟାଦି ଭୂରି ପ୍ରମାଣ ଅଛି ପ୍ରବନ୍ଧ ବାହୁଲ୍ୟଭୟରୁ ସଂକ୍ଷେପରେ ଉଲ୍ଲେଖ କଲୁଁ; ନିଃସନ୍ଦେହରୂପେ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ଶ୍ରୀକୃଷ୍ଣଙ୍କର ବହୁସ୍ତ୍ରୀ ସମ୍ଭୋଗ, ବର୍ଣ୍ଣିତ ମାତ୍ର। କ୍ରମଶଃ

ଶ୍ରୀ———କାମଣ୍ଡା

---

ମହାଶୟ !

ଅମ୍ଭେ କହୁଦିବସରୁ ଦନ୍ତଅବସ୍ଥା ବେମାରିର ଅସହ୍ୟ ଯନ୍ତ୍ରଣାରେ କଷ୍ଟ ପାଇ ଅନେକାନେକ ଚିକିତ୍ସକଙ୍କଠାରୁ ଔଷଧଗ୍ରହଣ କରିଥିଲୁଁ, ମାତ୍ର ତାହାର ଔଷଧରେ ଉପକୃତ ହୋଇ ନାହୁଁ । ବର୍ତ୍ତମାନ ସୁବିଖ୍ୟାତ ଚିକିତ୍ସକ ଶ୍ରୀ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ପ୍ରସ୍ତୁତ ଦନ୍ତରକ୍ଷଣୀ ସୁଧା ବା "ଟୁଥପାଉଡ଼ର" ବ୍ୟବହାର କରିବାରୁ ଅଳ୍ପଦିବସରେ ଅମ୍ଭର ବହୁତର ଉପକାର ହୋଇଅଛି ଓ ହଲୁଥିବା ଦାନ୍ତଗୁଡ଼ିକ ମଧ୍ୟ ଦୃଢ଼ ହୋଇଅଛି—ଏଥିସକାଶେ ଅମ୍ଭେ ତାହାଙ୍କଠାରେ ଋଣୀ ଅଟୁଁ ।

କେନ୍ଦ୍ରାପଡ଼ା ୩।୮।୮୬ } ବଶମ୍ୱଦ ଶ୍ରୀ ଦୁର୍ଗାଚରଣ ନିଶାର ଅଲ ପୁଲିସ ସଃ ଇନ୍‌ସପେକ୍ଟର ।

---

ମହାଶୟ !

ଅନୁକମ୍ପା ପ୍ରଦର୍ଶନ ପୂର୍ବକ ଏହି ନିମ୍ନଲିଖିତ ପଂକ୍ତିକୁ ଆପଣଙ୍କ ଜଗଦ୍‌ବ୍ୟାପିକା ପତ୍ରିକାରେ ସ୍ଥାନଦାନ କଲେ ବାଧିତ ହେବୁଁ ।

ଅମ୍ଭମାନଙ୍କର ସମ୍ମାନଦସ୍ପଦ ମାନନୀୟ ଶ୍ରୀଯୁକ୍ତ ଶ୍ରୀ ଭଞ୍ଜମୂର ପାରିବାର ମଙ୍ଗରାଜ ମହାପାତ୍ର ରଜା ମହୋଦୟଙ୍କ ଶିକ୍ଷକତା କାର୍ଯ୍ୟରେ ସମ୍ପ୍ରତି ଜଣେ ମାଷ୍ଟରଙ୍କ ନାୟକ ନିଯୁକ୍ତ ଅଛି । ମାଷ୍ଟରଙ୍କ ନାୟକମାନେ ଅଧୁନାତନ ଶିକ୍ଷା ପ୍ରଣାଳୀବିଷୟରେ ଯେପରି ପାରଦର୍ଶିତା ଲାଭ କରନ୍ତି ତାହା ସାଧାରଣଙ୍କୁ ବିଦିତ ଥିବ, କେବଳ କଳିସ୍ତ ପରମ୍ପରା କ୍ରମେ ସେମାନଙ୍କଦ୍ୱାରା କିଦ୍ୟାରମ୍ଭ କରିଯାଇଥିବା ଦୃଷ୍ଟିରେ ବର୍ତ୍ତମାନକାଳୀନରାଜାଙ୍କ ଶିକ୍ଷକ ହେବା ନାୟକ ଅପଣାର ଗୌରବ ଧର୍ମ କୋଳ ସର୍ବେ ଦର୍ଶାଇ ସ୍ୱଜାତ୍ୱ ବିଦ୍ୟାରମ୍ଭ ଅବସ୍ଥାରୁ ଅଦ୍ୟାବଧି ଉକ୍ତ କର୍ମରେ ନିଯୁକ୍ତ ଅଛି । ଉକ୍ତ ଶିକ୍ଷକଙ୍କ ବିଷୟ ନିତାନ୍ତ ଅପ୍ରୀତିକର ହେବାରୁ ମାନନୀୟ ଶ୍ରୀଯୁକ୍ତ ବାବୁ ମଦନମୋହନ ପଟ୍ଟନାୟକ

Split by PDF Splitter



ମାନେଜର ମହାଶୟଙ୍କ ଯତ୍ନ ଓ ପ୍ରସ୍ତାବମତେ ମହାମାନ୍ୟ ଗଡ଼ଜାତ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ବାହାଦୁରଙ୍କ ଆଦେଶକ୍ରମେ ଓଡ଼ିଶା ସ୍କୁଲ-ସମୂହର ଜଏଣ୍ଟ ଇନ୍‌ସ୍ପେକ୍ଟର ବାବୁ ଶ୍ରୀ ରାଧା-ନାଥ ରାୟ ମହାଶୟ ରାଜାଙ୍କ ଶିକ୍ଷକତା କର୍ମରେ ମାସିକ ଟ ୩୦ ଙ୍କା ବେତନରେ କଟକଜିଲ୍ଲା ଅନ୍ତଃପାତୀ ଦନ୍ତୁର୍ଦ୍ଦା ବିଦ୍ୟାଳୟର ହେଡ଼ମାଷ୍ଟର ବାବୁ ଶ୍ରୀ ଈଶାନଚନ୍ଦ୍ର ମିତ୍ରଙ୍କୁ ନିଯୁକ୍ତ କରିଅ-ଛନ୍ତି, ଆମ୍ଭେମାନେ ଶୁଣୁଅଛୁଁ ଯେ ବାବୁ-ମହାଶୟ ଏଣ୍ଟ୍ରେନ୍‌ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ମଧ୍ୟ ସୁଶିକ୍ଷିତ ଓ ସଦାଶୟ ଅଟନ୍ତି, ଅତଏବ ଆମ୍ଭେମା-ନେ ଶିକ୍ଷକଙ୍କ ଗୁଣାନୁବାଦ ଶ୍ରବଣରେ ଆନନ୍ଦିତ ହୋଇଅଛୁଁ, ବର୍ତ୍ତମାନ ରାଜା ମହାଶୟଙ୍କ ଅବସ୍ଥା ବିବେଚନାରେ ବିଦେଶୀୟ ଭାଷା (ଇଂରାଜୀ) ଶିକ୍ଷା ଗ୍ରହଣ କରିବା ଆବଶ୍ୟକ, କାରଣ କ୍ରମେ ବୟଃକ୍ରମ ବୃଦ୍ଧି ହେଲେ ତତ୍କାରଣ ପକ୍ଷେ ବିଶେଷ କଷ୍ଟକର ଅଟେ, ବିଶେଷତଃ ବାଲ୍ୟାବସ୍ଥାରେ ମନୋବୃତ୍ତି କୋ-ମଳତାର ତୁଲ୍ୟ ଅର୍ଥାତ ଯେଉଁଆଡ଼କୁ ନମ୍ର କରାଯିବ ତାହା ସହଜରେ ନମ୍ର ହୋଇପାରେ । ପୁନରପି ଶିକ୍ଷା ଦ୍ୱାରା ସ୍ୱଭାବ ପରିବର୍ତ୍ତନ ହେବାର ବିଶେଷ ସମ୍ଭାବନା । ଢେଙ୍କାନାଳର ମୃତ ମହାରାଜା ଭଗୀରଥ ମହେନ୍ଦ୍ର ବାହାଦୁର ଅଳ୍ପ ବୟସରେ ଜନସମାଜରେ ଯେ ସୁଖ୍ୟାତି ଲାଭ କରିଥିଲେ ତାହା ଅଧିକାଂଶ ଲୋକେ ବାବୁ ଶ୍ରୀ ପ୍ୟାରୀମୋହନ ସେନ ମହାଶୟଙ୍କ ଯୋଗୁଁ ଘଟିଥିବାର ଯଥେଷ୍ଟ ଅନୁମାନ କରନ୍ତି । ଅତ-ଏବ ଜଗତ୍ପିତା ପରମେଶ୍ୱର ଆମ୍ଭମାନଙ୍କର ରାଜା ମହାଶୟଙ୍କର ମଙ୍ଗଳ ସାଧନ କରନ୍ତୁ ଉକ୍ତ ବାବୁ ମହାଶୟ ଆଜକୁ ପ୍ରାୟ ଦୁଇମାସ ହେଲା ନିଯୁକ୍ତ ହୋଇ ପ୍ରବେଶ ନୋହିବାରୁ ଆମ୍ଭେ-ମାନେ ଚିନ୍ତିତରେ ଅଛୁଁ ।

ଅଲମ୍, ଦେଖି ସ୍ଥାନୀୟ ଲୋକମାନେ ସୁପରି—ଣ୍ଟେଣ୍ଡେଣ୍ଟଙ୍କୁ ଜଣାଇବା ନିମିତ୍ତ ମାନେଜର ବାବୁଙ୍କଠାରେ ଆବେଦନ କରିବା ବିଷୟରେ ଇଚ୍ଛୁକ ଅଛନ୍ତି ଏଣୁକରି ବାବୁମହାଶୟଙ୍କୁ ଅନୁରୋଧ ଯେ ଆପଣ ଶୀଘ୍ର କାର୍ଯ୍ୟଭାର ଗ୍ରହଣକରି ସାଧାରଣଙ୍କ ବାସନା ପୂରଣ କରାଇବା ପକ୍ଷେ ବିଶେଷ ଯତ୍ନବାନ୍ ହେଉନ୍ତୁ ଇତି ।

୨।୮।୮୬ }
ମୁ। ବଡ଼ାମ୍ବାଗଡ଼ }
ଆପଣଙ୍କର ଅନୁଗତ
ଶ୍ରୀ ନାରାୟଣ ଶିଖର ପଟ୍ଟନାୟକ

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ସବ୍‌ଡିବିଜନେଲ ଅଫିସର | କେନ୍ଦ୍ରାପଡ଼ା | ଟ ୪୯ |
| ଦଶରଥି ଦାସ | ବଇଯୃ | ଟ ୬ |
| ଫକୀରଚରଣ ମହାନ୍ତି | " | ଟ ୪ |
| ମହମ୍ମଦ ମଜହର | " | ଟ ୨ |

# ବି ଜ୍ଞା ପ ନ ।

ନିମ୍ନଲିଖିତ ପୁସ୍ତକ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

ଫିଉଚର ସାହେବ ମୂଲ୍ୟ ଗଂ ଟ୦୧୬
ମୃଚ୍ଛକାଳ କ୍ଷୀର ,, ଖଂ ଟ୦ ⁄
ପ୍ରତ୍ୟେକ ପୁସ୍ତକର ଡାକଖର୍ଚ୍ଚା ଟ୦ ୬
ଲେଖାଏ

## NOTICE.

The Municipal Overseership is about to become vacant, application for the post will be received by the Vice Chairman Baboo Jogessur Chandra up to the end of this month. None needs apply who does not know English and is not thoroughly well up in surveying levelling and the rudiments of Engineer.

Cuttack, Municipal office, 10th Augt. 1886. }
N. K. Das,
Chairman.

ମୟୂରଭଞ୍ଜ ଇଲାକାର ବ୍ରହ୍ମଣପାଟ ପରଗ-ଣାର ତେଲ କୋମ୍ପାସ ଚଇନ ଓ ସର୍ଭେ ଜାଣିବା କରିବା ନିମନ୍ତେ ଜ ୩୦ ଣ ସର୍ଭେୟର ଦରକାର । ବେତନ ଟ ୨୦୧ ଓ ଟ ୨୫୧ ଙ୍କା ଧାର୍ଯ୍ୟ ଅଛି କାର୍ଯ୍ୟ ୧୨ ମାସ ନିମନ୍ତେ ରହିବ । ପ୍ରାର୍ଥୀମାନେ ପ୍ରଶଂସାପତ୍ର ସହିତ ଅମ୍ଭଠାକୁ ଦରଖାସ୍ତ ପଠାଇବେ । କିମ୍ବା ସ୍ୱୟଂ ଆସି ଆମ୍ଭ-ଠାରେ ଉପସ୍ଥିତ ହେବେ ଇତି ।

ବାରିପଦା }
୮।୬।୮୬ }
Sd. H P Wylly
Manager, Mourbhanj Ra

### ଓଲାଉଠା ରୋଗର ଉତ୍ତମପରୀକ୍ଷିତ ମହୌଷଧ ।

ଏହି ଔଷଧର ସମାନ ଗୁଣାବଲମ୍ବି ଅନ୍ୟ କୌଣସି ଔଷଧ କୁତ୍ରାପି ଲକ୍ଷିତ ହୁଏ ନାହିଁ । ଏପରି ଓଲାଉଠାରୋଗର ପ୍ରଧାନତମ ଔଷଧ ହୋଇ ନାହିଁ; ଏହି ଔଷଧ ସେଠାରେ ଫଳପ୍ରଦ "କ୍ଲୋରୋଡାଇନ" ଯେଉଁଠାରେ ଫଳପ୍ରଦ ହୋଇ ଅନେକ ସୁଖ୍ୟାତି ଲାଭ କରିଅଛି । କ୍ଲୋରୋଡାଇନ ପରିବର୍ତ୍ତରେ ନ ୧ ମ୍ବର ପିଲବା ବଟିକା ବ୍ୟବହାର କରିବାକୁ ହୁଏ ।

କ୍ଲୋରୋଡାଇନ ଯେଉଁ ସ୍ଥଳେ ଫଳପ୍ରଦ ନ ହୁଏ ସେସ୍ଥଳେ ନ ୨ ମ୍ବର ପିଲବା ବଟିକା ବ୍ୟବହାର କଲେ ନିଶ୍ଚେ ରୋଗୀ ରୋଗରୁ ମୁକ୍ତ ପାଏ ।

ରୋଗୀର ମରଣାପନ୍ନ ଅବସ୍ଥାରେ ନ ୩ ମ୍ବର ପିଲବା ବଟିକା ବ୍ୟବହାର କଲେ ରୋଗୀ ଜୀବିତ ଥାଇ ପୁନର୍ବାର ସଂସାର କାର୍ଯ୍ୟ ନିର୍ବାହ କରଇ ।

ଯଦ୍ୟପି ବାନ୍ତି ବନ୍ଦ ନ ହୁଏ ତେବେ ନ ୪ ପିଲବା ବଟିକା ବ୍ୟବହାରରେ ନିଶ୍ଚୟ ବନ୍ଦ ହୁଏ ।

ଅସହ୍ୟ ତୃଷ୍ଣା ନିବାରଣ ସକାଶେ ନ ୫ ମ୍ବର ପିଲବା ବଟିକା ବ୍ୟବହାର ମାତ୍ରକେ ନିବାରଣ ହୁଏ ।

ଯଦି ପେଟରେ ଯନ୍ତ୍ରଣା ହୁଏ ବା ପେଟ ଫୁଲଏ ବା ରୋଗୀର ପରିଶ୍ରାବ ନ ହୁଏ ତେବେ ନ ୬ ମ୍ବର ଔଷଧ ବ୍ୟବହାରରେ ସମସ୍ତ ପୀଡ଼ା ଉପଶମ ହୁଏ ।

ଉକ୍ତ ପ୍ରତ୍ୟେକ ନମ୍ବର ଔଷଧର ମୂଲ୍ୟ ଟ୦ ୧ ଓ ସମୁଦାୟ ଏକତ୍ରରେ କ୍ରୟ କଲେ ଉତ୍ତମ ବାକ୍ସରେ ବନ୍ଦ କରି ବ୍ୟବସ୍ଥାପତ୍ର ସହ ଟ ୨ । ମୂଲ୍ୟରେ ପ୍ରାପ୍ତ ହେବ ।

ଅଧିକ ବା ଅଳ୍ପଦିନର କଷ୍ଟସାଧ୍ୟ ଜ୍ୱର ଓ ଅନ୍ୟାନ୍ୟ ରୋଗର ବହୁ ପରୀକ୍ଷିତ ଓ ଆଶୁଫଳପ୍ରଦ ଔଷଧ ।

| | |
|---|---|
| କୌଣସି ପ୍ରକାର କଷ୍ଟସାଧ୍ୟ ଜ୍ୱରପ୍ରକାଶବଟି ଟ ୧ । | ଦନ୍ତରୋଗର ଚୂର୍ଣ୍ଣ ଟ ୦ ⁄ |
| କାଶୂଳର ଅତି ଅବ୍ୟର୍ଥ ଔଷଧ ଟ ୧୯ | କର୍ପୂରସବ (ଉଦରାମୟ କାଶକ) ଟ ୦ ।⁄ |
| ବାଧାକାଶି ବା ଗ୍ରହଣିରୋଗର ଔଷଧ ଟ ୧ | ଶୀର୍ଣ୍ଣକାରକ ଔଷଧ ଟ ୦ ୧ |
| ଶିରଶୂଳର ଉତ୍ତମ ଔଷଧ ଟ ୦ ୫⁄ | " ଉଦ୍ରରସ ଟ ୦ ୧ |
| ଯାବୁର ମଲମ (କ୍ଷୁଦ୍ରା କରିବା ନାହିଁ) ଟ ୦ ୮ | " ମଧୁରସ ଟ ୦ ୧ |
| ଚକ୍ଷୁରୋଗର ବଟି ଟ ୦ ୮ | ବମନରୋଗର ବଟି ଟ ୦ ୧ |
| | ମକରଧ୍ୱଜ ପ୍ରତିତୋଳା ଟ ୧୬୯ |
| | ବହୁକାଳର ଗ୍ରହଣି ଔଷଧ ଟ ୧୦୯ |

### ପ୍ରଶଂସାପତ୍ର ।

ଆପଣଙ୍କ ପ୍ରସ୍ତୁତ ଓଲାଉଠା ରୋଗର ବଟୀ-କାର ଗୁଣ ଯଥେଷ୍ଟରୂପେ ପ୍ରଶଂସା କରିଯାଇ ନ ପାରେ । ୬୦ ବର୍ଷର ଅଧିକ ଓ ୭୦ ବର୍ଷର ଅନଧିକ ବୟସ୍କ ଆମ୍ଭର ଜଣେ ପ୍ରତିବାସୀ ଓଲାଉଠା ରୋଗରେ ଏପରି ପୀଡ଼ିତ ଥିଲେ କି ତାଙ୍କର ଜୀବନର ଆଶା ସମସ୍ତେ ତ୍ୟାଗ କରିଥିଲେ । ଏହି ସମୟରେ ଆପଣଙ୍କ ଦତ୍ତ (ନ ୩ ମ୍ବର) ବଟିକାଟି ତାହାଙ୍କୁ ଖୁଆଇଲୁଁ । ଅତ୍ୟନ୍ତ ଆହ୍ଲାଦସହିତ ଜଣାଉଅଛୁ କି ଉକ୍ତ

Digitized by srujanika@gmail.com

ବର୍ତ୍ତୀକା ସେବନମାତ୍ରକେ ରୋଗୀ ଉପଶମଲାଭ କଲେ ଓ ଅବଶେଷରେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କଲେ ।

କେନ୍ଦ୍ରାପଡ଼ା ୩୦।୫।୮୭ } ଓଭର୍ସିୟର ଅଲ ହେଡ଼ମାଷ୍ଟର

ମହାଶୟ, ଆପଣ ଯେଉଁ ଔଷଧ ପ୍ରେରଣ କରିଥିଲେ ତାହା ବହୁଦିବସସ୍ଥାୟୀ ଜ୍ୱରର ଶାନ୍ତିଦାୟକ ଔଷଧ ଅଟେ । ଦୁଇ ଦିବସ ମଧ୍ୟରେ ଏହା ଆଶ୍ଚର୍ଯ୍ୟଜନକ ଫଳ ଫଳିଥିବାରୁ ଏହାର ପ୍ରଶଂସା ଅମ୍ଭେ କରୁ ଅଛୁଁ ।

ଆପଣଙ୍କର ବଶମ୍ବଦ
ଭାଗବତ ପ୍ରସାଦ ଦାସ
ଭେକ୍‌ସିନେଟର ଉପରୀ

ଅନ୍ୟ ସାର୍ଟିଫିକଟମାନ ଦୀପିକାର ୭।୫।୮୭, ୨୦।୫।୮୭, ୧୦।୬।୮୭ ଓ ୨୭।୭।୮୭, ଓ ସମ୍ବାଦବାହିକାର ୫।୬।୮୭ ରେ ପ୍ରକାଶ ହୋଇ ଅଛି ଦେଖ ଓ କବିରାଜଙ୍କଠାରେ ଚିଠି କଲେ ଅନେକ ସାର୍ଟିଫିକଟ ପାଠ କରି ପାରିବ ।

କେନ୍ଦ୍ରାପଡ଼ାସ୍ଥ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ କବିରାଜଙ୍କଠାରେ ଉପରୋକ୍ତ ଔଷଧମାନ ପ୍ରାପ୍ତ ହେବ ।

Apply to
LAKSHMINARAIN GUPTA
Kabiraj, Kendrapara.

# ମେହରୋଗ ।

୨୪ ଘଣ୍ଟା ମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଚିକିତ୍ସା ଗୌ-ଣ କରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରିବା ନୁହେ ।

ଏହି ଔଷଧ ଯଥାଶାସ୍ତ୍ରରେ ଏକସପ୍ତାହ ସେ-ବା କଲେ ନୂତନରୋଗ ଏବଂ ତିନ ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେ-ବ । ଯେଉଁମାନେ ଆରୋଗ୍ୟ ନ ହେବେ କଷ୍ଟ-ଯ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଉପଯୋଗରେ ପତଣଇ ନ ହେଲେ ଆରୋ-ଗ୍ୟ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରସ୍ତୁତ ହେବ କଲିକତା ଅହେରିଟୋଲା ନମ୍ବର ଭବନରେ ସି, କେ, ସେନ୍ କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରଶ୍ଚିକଣ୍ଠାନଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକସି-ଶିକୁ ୧୵ ଟା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍ ।

# ବାଲିକାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ କର କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | |
|---|---|---|
| ୧୨ ପଣି | ବାଦାମି କମାର | ଦ ୧୮ ଟ ୨୵ |
| ୧୮ ପଣି | " | " ଟ ୭। |
| ୧୨ ପଣି | " | " ଟ ୧୵ |

ବେପାରୀମାନେ ଅର୍ଥାତ୍ ଯେଉଁମାନେ ଏକ-ଥରେ ୫ ମ ବା ଅଧିକ କ୍ରୟ କରିବେ ଅଳ୍ପତର ସୁଲଭ ମୂଲ୍ୟରେ ପାଇ ପାରନ୍ତି । ମୂଲ୍ୟ ନଗଦ ।

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ତସରଖୋଣା ଓ ବଲ୍ଲରୀ ଓ ରେସମୀ ଓ ଗେର ଲୁଗା ଓ ସ୍କୋସଳି ଓ କଲିକତା ଇତ୍ୟାଦି ସହରର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉଦ୍ଭିନ୍ନ ଅଛୁ ବେଳେ ଫେନସି ଜିନିସମାନ ବିକ୍ରୟ ସକାଶେ ପ୍ରସ୍ତୁତ ଅଛୁ ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେ-ଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ-ପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ ବିଲାତି ଛାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖି ଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଛାଡ଼ିମାନ ବିକ୍ରୟ ହେବା ପୂର୍ବେ ଆପଣା ମଫସଲ ସକାଶେ ଭଡ଼ା ନେବାକୁ ଇଚ୍ଛନ୍ତି ଏବଂ ସଂବାଦ ଦେଇ ଦିନ ଟ୦।୵ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଷତି ଖଣ୍ଡାଦିର ଭାର ତାଙ୍କ ଉପରେ ରହିବ । ଷତି ହେଲେ ଛାଡ଼ିର ପୂର୍ଣ୍ଣ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

## ଲିଙ୍ଗପିଲ ।

କଲର ଷେସଣ କ ଠ ହିଁରେ ବହୁ ଦେଲେ ଗଲେ ।
କବେକିଙ୍ଗାତ
କଷେଶୀକ୍ ଡେଲ ଜଡବା ଯେଜ ସାଦା ଓ ଡୋମ ସହିତ ।
କାଚ ଡିବସ ସାକ ଓ କଭ ଦଙ୍କିନ ଓ ସାଦା
ଦରୁଗ ବେଦ୍ରେଲ
ଇନର୍ସ ପୁଚପସହ୍ମୁଦ
" ଏକପସ ଚୁସ
କେଲସନ ଡପୋର ମେ କେଷର ଅବଲ

ଚୁଡ଼ି ଅର୍ଥାତ୍ ନାନାପ୍ରକାର କଦବା କାଗଜ ପେନ୍‌-ସିଲ ଓ କଲମ ।
ପେନ୍‌ସିଲ କାଟିବା ଯନ୍ତ୍ର ।
ନାନା ପ୍ରକାରର ଚଠ-କଗଜ ଓ ଲଫାପା
ଟେବୁଲ୍ ଗ୍ଲାସ ।
ଟିଉବ ଛୁରି ।
କପଡ଼ା ସାବୁନ ।
ଦାନ୍ତାଳି ଖାତାର ସହିଁରେ ଲୁଗା ପଡ଼ିଥାଉ ଚୁଦ ।
ଅଷ୍ଟୋଭ ଗ୍ଲେଡ—ଅର୍ଥାତ୍ ସୁଗନ୍ଧି ଦ୍ରବ୍ୟ ।
ଅବଲ ଲୁଅ ।
ଓଂ୍ଟାଇଲ ପୁଫ୍ ଛଡା ।
କର୍ପୂର ଅର୍କ ।
ଡ୍ରୋଗେଭାଇନ୍ ।
ପୋକମ୍ବୁଲନର କେଷ୍ଟର-ମେତ ଓ କଲକ ଗୋ-ଭରେ ସହେ
ଫୁଗ୍ରାଜ କାଚ ଅର୍ଥାତ୍ ଲେଖିବାବେଳେ ଲାଇ ଓ ଶୁଖିଲେ କଳା ହେବ ।
ଅଇନା ବଡ଼ୁ
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
ପକେଟବୁକ ଇଂରାଜି ପାଞ୍ଜି ସହିତ ଟ ୦।୵୭
ମୋଜା ଓ ମୋଜାବନ୍ଦ
ଭେଲମ ଚଥ କଲସିଣ୍ଟ
କସରୀ ସାଇଁଲ କଲା
କଳି ଓ ପାଇକର ଚୌକି ପିଠା

ମାର୍ବଲ୍ ଖାଲି ଲୁଗାରେ ଚଭ ଦେଲେ ଧୋବ ସରେ ବଚଲ ହେବ ନାହିଁ ।
*ଏ, ଫୋଷକ ପାଉଡର କାନ୍ତିନ ଓ ବୁଲୁଟ ।
କଲସ ଅବଷ୍ଟେ ।
ଏଲନ କାରସ ।
ସ୍ପଞ୍ଜ ପେନ ।
ଅଟମେଟିକ ପେନ୍‌ସିଲ ଅ ର୍ଥାତ୍ ଏ ପେନ୍‌ସିଲରେ ଲେଖି ଦିପିକ ପେଚ ଲଜୁ ସକାଳ ସେହି ପେନ୍‌ସିଲ୍ ଲେଖା ଉ ପରେ ଦେଇ ଉପାଇ ଦେଲେ ଉତ୍ତର ନକଲ ଉଠିବ ।
କପିଙ୍ଗ ପେପର ।
କଣ୍ଟେନ ତେଲରେ ଜଳ ବାଉ ଖାଡ ।
ଲବଙ୍ଗ କ୍ଷୋପର ଅର୍ଥାତ୍ ବଠୀକ କଣ୍ଟକ କା କଂ।ର ଉବଲ ।
ମମଘାଟି ।
ରେଲ ଲୁ ପେନ୍‌ସିଲ୍ !
ଭମ କୋଚଲ
ବନାରସୀ ପାଗ ଓ ଯୋଡ ଓ କର
ମକ୍ଷ୍ମୀଦାବାଦ ଓ ଖିର-ପାଇ ପାଟଯୋଡ ଓ ଶାଢ଼ୀ ।
ତ୍ରିଙ୍କିଂ କାଚ

ଅର୍ଦ୍ଧେନ୍ଦୁ କର କମ୍ପାନି

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ତଳଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ି ପ୍ରତି | ଟ ୦।୵ |
| ଅର୍ଦ୍ଧ ପୃଷ୍ଠାକୁ | ଟ ୨। |
| ପୂର୍ଣ୍ଣ ଏକ ପୃଷ୍ଠାକୁ | ଟ ୫ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ଟ ୦।୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଅର୍ଦ୍ଧ ମୂଲ୍ୟ ଓ ତତ୍ପରେ ଚତୁର୍ଥାଂଶ ମୂଲ୍ୟ ଦେବାକୁ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଛାପାଖାନାରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter

Digitized by srujanika@gmail.com

Split by PDF Splitter

GISTERED NO. 1

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୧ ଖ
ସ ୩୪ ଖ୍ୟା

ତା ୨୧ ଦିନ ମାହେ ଅଗଷ୍ଟ ସନ ୧୮୮୭ ମସିହା । ମୁ । ଶ୍ରାବଣ ବ ୭ ଦି ସନ ୧୨୯୪ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକାୟା |
| --- | --- | --- |
| ବାର୍ଷିକ | ଟ ୨ ୧ | ଟ ୨୧ |
| ଡାକମାସୁଲ | ଟ ୦ ୩ | ଟ ୧୧ |

ଗତବର୍ଷର ଜାହାଜସମ୍ପର୍କୀୟ ବିଜ୍ଞାପନୀରୁ ଜଣାଗଲାଯେ କଟାଘରଠାରେ ଏକଜଣ ଏବଂ ଚାନ୍ଦବାଲିଠାରେ ଏକଜଣ ମାତ୍ର ଇଂରାଜ-ଖଲାସି ଏକଟଙ୍କା ଲେଖାଏଁ ଫିସ ଦେଇ କର୍ମ-ଭାର ଗ୍ରହଣ କରିଥିଲେ । ଭୁବନେଶ୍ୱର ନାମକ ବାଷ୍ପ-ଜାହାଜର ୬ ଜଣ ଖଲାସି କର୍ମ କରିବାକୁ ଅସ୍ୱୀକାର କରିବାରୁ କେନ୍ଦ୍ରାପଡ଼ାର ଡେପୁଟୀ-ମାଜିଷ୍ଟ୍ରେଟଙ୍କ ଠାରୁ କଠିନ ପରିଶ୍ରମ ସହିତ କାରାବାସଦଣ୍ଡ ପ୍ରାପ୍ତହୋଇ କଲିକତାର ପ୍ରେସି-ଡେନସୀ-ଜେଲକୁ ପ୍ରେରିତହେଲେ । ଉଡ଼ିଶାର ଅନ୍ୟବନ୍ଦରମାନଙ୍କରେ ଅଦ୍ୟାବଧି କାର୍ଯ୍ୟ-ହୋଇ ନାହିଁ ।

---

ଅମ୍ଭମାନଙ୍କ ଯାଜପୁରର ସମ୍ବାଦଦାତା ଲେଖିଅଛନ୍ତି ଯେ ଗତ ପୂର୍ଣ୍ଣିମୀଦିନଠାରୁ ପ୍ରାୟ ପ୍ରତିଦିନ ବୃଷ୍ଟି ହେଉଅଛି ଏବଂ ଫସଲର ଅବସ୍ଥା ଉତ୍ତମ ଅଛି ମାତ୍ର ଏଥିପୂର୍ବେ ଅନେକ-କାଳ ବୃଷ୍ଟି ବନ୍ଦ ଥିବା ଏବଂ ନଦୀରେ ପୂରବଢ଼ି ନ ଆସିବାଯୋଗୁଁ ନଦୀକୂଳ କ୍ଷେତରେ ନ ପଶିବାହେତୁ ତଥାଳଫସଲ ସମ୍ପୂର୍ଣ୍ଣରୂପେ ହୋଇପାରିଲା ନାହିଁ । ବର୍ତ୍ତମାନ ଟଙ୍କାକୁ ସେ ୧୬ ର ଲେଖାଏଁ ମୋଟ ଚାଉଳ ବିକ୍ରୟ ହେଉଅଛି । ଏଥିରୁ ଦେଖାଯାଉଅଛି ଯେ ଯାଜପୁରଠାରୁ ପୁରୀପର୍ଯ୍ୟନ୍ତ ଉଡ଼ିଶାଖଣ୍ଡର ଅବସ୍ଥା ଏକପ୍ରକାର ଅଟଇ । ମାତ୍ର ବଙ୍ଗଦେଶରେ ଉତ୍ତମ ବୃଷ୍ଟି ହେଉଅଛି ।

---

ଗତସପ୍ତାହ ସମ୍ପାଦକରେ ପ୍ରକାଶିତ ପତ୍ରେ ପ୍ରେରିତପତ୍ରରୁ ଅମ୍ଭେମାନେ ଅବଗତ ହେଲୁଁ ଯେ ରମ୍ଭାକୁଣ୍ଡାରେ "ଉତ୍କଳହିତଚିନ୍ତାମଣି" ନାମ-ରେ ଗୋଟିଏ ସଭା ପ୍ରତିଷ୍ଠିତ ହୋଇଅଛି । ଶ୍ରୀଯୁକ୍ତ ବାବୁ ଦୀନବନ୍ଧୁ ପଟ୍ଟନାୟକ ସବୃଦାବାହାଦୁର ଏସଭାର ସଭାପତି ଏବଂ ଶ୍ରୀଯୁକ୍ତ ବାବୁ ହରିହର ତ୍ରିପାଠୀ ସମ୍ପାଦକ ହୋଇଅଛନ୍ତି । ଓଡ଼ିଆଭାଷା-ପ୍ରଚଳିତ ସମସ୍ତ ପ୍ରଦେଶକୁ ଏକ ସ୍ଥାନୀୟ ଗବର୍ଣ୍ଣମେଣ୍ଟର ଅଧୀନ କରିବା ବିଷୟରେ ଚେଷ୍ଟାକରିବା ଏବଂ ଏଥିପାଇଁ ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ କରିବା ନିମିତ୍ତ ଏକଲକ୍ଷ ଓଡ଼ିଆଙ୍କର ସ୍ୱାକ୍ଷର ସଂଗ୍ରହକରିବା ସଭାର ପ୍ରଥମ ଉଦ୍ଦେଶ୍ୟ ଅଟଇ । ସଭାର ଏ ଉଦ୍ଦେଶ୍ୟ ପ୍ରତି ଅମ୍ଭମାନଙ୍କର ସମ୍ପୂର୍ଣ୍ଣ ସହାନୁଭୂତି ଅଛି ଏବଂ ଉତ୍କଳବାସି-ସମସ୍ତେ ଏପକ୍ଷରେ ଯତ୍ନ କରିବେ ସନ୍ଦେହ ନାହିଁ । ଉତ୍କଳର ଉନ୍ନତିନିମିତ୍ତ ଏକାର୍ଯ୍ୟ ଅତ୍ୟନ୍ତ ପ୍ରୟୋଜନୀୟ ଅଟଇ ।

---

ସ୍ୱାସ୍ଥ୍ୟସାଧନର ଯେଉଁ ସମାଲୋଚନା ଉତ୍କଳ-ଦୀପିକାରେ ବାହାରି ଅଛି ତହିଁରେ ସମ୍ପାଦକ-ଙ୍କର ମନ ମାନ ନାହିଁ । ତେଣୁ ସେ ଲେଖିଅଛନ୍ତି କି ହିନ୍ଦୁଧର୍ମର ବିରୁଦ୍ଧ ବୋଲି ଯେ ସବୁ କଥା ଉଦ୍ଧୃତ ହୋଇଅଛି ସେ ସବୁରୁ ବାସ୍ତବରେ ସେପରି ଅର୍ଥ ହେଉ ନାହିଁ । ଅମ୍ଭେମାନେ ଏ-ବିଷୟରେ ତାହାଙ୍କ ସହିତ ତର୍କ କରିବାକୁ ଇଚ୍ଛା କରୁ ନାହୁଁ କାରଣ ଅମ୍ଭେମାନେ ଜାଣୁ ଯେ, ଯେ ଚଢୁଭଙ୍ଗି କାରୁ ସେ ସମ୍ପାଦକ ଓ ଗୌଡ଼ୁଣୀ ଆପଣାଦହିକୁ କେବେ ଅମ୍ଳ ବୋଲି ସ୍ୱୀକାର କରିବ ନାହିଁ । ମାତ୍ର ତାହା ଯେ ପ୍ରକୃତରେ ଅମ୍ଳ ଏ କଥା ଅନେକ ପାଠକଙ୍କଠାରୁ ଶୁଣା ଯାଉଅଛି ଏବଂ ଗତ-ସପ୍ତାହର ସମ୍ବାଦବାହିକାରୁ ସ୍ପଷ୍ଟ ପ୍ରକାଶ ଅଛି । ମୂର୍ଖ ଟାଣ କରି ଗାଳ ଦେଲେ ସାଧାରଣ ମତକୁ କେହି ଚାପି ରଖି ପାରିବ ନାହିଁ । ଅନ୍ୟର ପୁସ୍ତକରେ ଏପରି ଦୋଷ ଥିଲେ କେତେ କଥା ଲଗିଥାନ୍ତା ଓ ଅନେକ ଗବର୍ଣ୍ଣମେଣ୍ଟଙ୍କୁ ଦରଖାସ୍ତ ଚାଲିଯାଇଥାନ୍ତା । ଏଠାରେ ମୂର୍ଖ-ଟାଣ ହେତୁରୁ ସବୁ ଲିଭି ଯାଇ ପାରେ ।

---

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ବେଣା-ହାର ପରଗଣାର ନାଆଡ଼ାଠାରୁ ବଡ଼ରୋଡ଼ଙ୍ଗ-ପର୍ଯ୍ୟନ୍ତ ଦଶ ବାର ମୌଜାର କେତେକ ଲୋକ ଦଳବଦ୍ଧ ହୋଇ ଚୋର ପ୍ରଭୃତି ଅତ୍ୟା-ଚାରଦ୍ୱାରା ଲୋକଙ୍କୁ ବଡ଼ ବ୍ୟସ୍ତ କରୁଅଛନ୍ତି । ଏମାନଙ୍କ ଦୌରାତ୍ମ୍ୟରେ ଘରବାଡ଼ୀର ପରବା-ସ୍ତବା ଚୂଡ଼ମାସ ହେଲା ଲୋକେ ଭୋଗ କରିପାରୁ ନାହାନ୍ତି । ଗ୍ରାମବାସିମାନେ ଭୟରେ ଗୁହାରି କରୁ ନାହାନ୍ତି ଏବଂ ଅନ୍ନରକ୍ଷା ସକାଶେ କେହି ବାଧ୍ୟ ହୋଇ ଏମାନଙ୍କର ଶରଣାଗତ ହେଉ-ଅଛନ୍ତି । ଅମ୍ଭମାନଙ୍କ ବିବେଚନାରେ ଲୋକେ ଭୟ କରି ରହିଲେ ଏପ୍ରକାର ଅତ୍ୟାଚାରରୁ ରକ୍ଷା ପାଇ ପାରିବେ ନାହିଁ । ଜମିଦାର ଏବଂ

Digitized by srujanika@gmail.com

ପ୍ରଧାନ୨ ଗ୍ରାମବାସିଙ୍କର ହିତଇଯେ ପ୍ରତ୍ୟେକ ଅଞ୍ଚଳର ପ୍ରକୃତସଂବାଦ ପୁଲିସରେ ଦେବା-ଯତ ଲୋକଙ୍କୁ ଉତ୍ସାହ ଦେବେ ତାହା ହେଲେ ପୁଲିସ ଅପଣାକର୍ତ୍ତବ୍ୟରେ ତ୍ରୁଟିକରିବାକୁ ସକ୍ଷମ ହେବେ ନାହିଁ ଏବଂ ଅବିଲମ୍ବେ ସମସ୍ତ ଅଞ୍ଚଳର ଲୁଚ୍ଛିପକ୍ଷଙ୍କ ହର୍ତ୍ତଯୋଗର୍ ହେବ । ଆପଣାଲୁ ଅପେ ସାହାଯ୍ୟ ନ କଲେ ଚ୍ରୋତାର-ଲୁର ଅନ୍ୟଉପାୟ ନାହିଁ ।

---

ଗତ ପ୍ରକାଶିତ ବ୍ୟବସାୟୀରେ ଦୁଧବିଷ-ୟରେ ଗୋଟିଏ ପ୍ରବନ୍ଧ ଅଛି । ତହିଁରେ ଲେଖାଅଛି କି ସ୍ତନ୍ୟ ଦୁଧ ଶିଶୁଙ୍କ ପକ୍ଷରେ ସର୍ବୋତ୍କୃଷ୍ଟ ଖାଦ୍ୟ । ମାତୃଦୁଧ ଅଭାବରେ ଗାଈଙ୍କ ଦୁଧରେ ଜଳ ମିଶାଇ ଖୁଆଇବା ଏକ-ମାତ୍ର ଉପାୟ । ପ୍ରଥମ୨ ଦୁଧରେ ତିନଭାଗ ଜଳ ଓ ଏତି ଅଳ୍ପ ପରିମାଣରେ ଶର୍କରା ମିଶାଇ ପିଲାଙ୍କୁ ଖାଇବାକୁ ଦେବ । ଅଭ୍ୟାସ ଓ ବୟସ ବୃଦ୍ଧି ଅନୁସାରେ ଜଳର ପରିମାଣ ଊଣା ଓ ଦୁଧର ପରିମାଣ ବୃଦ୍ଧି କରି ଯାଇପାରେ । ଜଳ ମିଶାଇବା ପୂର୍ବେ ଦୁଧକୁ ଅଳ୍ପ ଅଉଟି ନେବ । ଏହିପରି ଦୁଧରେ ଜଳ ଓ ଚିନି ମିଶାଇଲେ ମାଈ ଦୁଧ ଠିକ ଗର୍ଧ-ଦୁଧପରି ହୁଏ ଏବଂ ପିଲାମାନେ ସହଜରେ ପରିପାକ କରି ପାରନ୍ତି । କେତେ୨ ପିଲାମାନେ ଏପରି ଦୁଧଗୁଡ଼ା ପରିପାକ କରି ନ ପାରିବାରୁ ପେଟଫାଶା, ବାନ୍ତି, ଉଦରାମୟ ପ୍ରଭୃତି ପୀଡ଼ା ହେବାର ଦେଖାଯାଏ । ଏମନ୍ତ ସ୍ଥଳେ ଦୁଧ-ସଙ୍ଗରେ ଅଧଷାମକାଏ ଅବା ଏକଷାମକାଏ ପରିଷ୍କାର ଚୂନର ଜଳ ଅର୍ଥାତ୍ ଚୂନ ଉପରେ ଯେଉଁ ଜଳ ସ୍ଥିରହୋଇ ରହି ଥିବ ସେହି ଜଳ ମିଶାଇ ଖୁଆଇଲେ ଭଲ ହେବ । ଏଠାରେ ଅନେକ ଲୋକଙ୍କର ବିଶ୍ୱାସ ଯେ ଦୁଧ ସଙ୍ଗରେ ପାଣି ମିଶାଇ ଖାଇଲେ କଫ ହୁଅଇ । ମାତ୍ର ଏ ବିଶ୍ୱାସ ଭ୍ରମମୂଳକ ବୋଲି ବୋଧ ହେଉ-ଅଛି ବରଂ ବେଡ଼ି ଅଉଟା ବା ବହଳ ଦୁଧ ପିଲାମାନେ ପରିପାକ କରି ନ ପାରିବାରୁ ପେଟ ଗରମ ହୋଇ ସରଦୀ କଫ ଇତ୍ୟାଦ ରୋଗ ଜାତ ହୁଅଇ । ଅମ୍ଭେମାନେ ଏକେ ବଡ ଦେଖି ଅଛୁଁ ଯେ ଜଳ ମିଶାଇ ଦୁଧ ଖୁଆଇଲେ ପିଲା-ଙ୍କର ଉପକାର ବିନା ଅପକାର ହୁଏଇ ନାହିଁ ।

---

ଅଳ୍ପଦିନ ହେଲା ବମ୍ବେଇର ଗବର୍ଣ୍ଣର ଲର୍ଡ ରିଏ ସାହେବ ପୁନା ଫର୍ଗୁସନ କଲେଜରେ ଛାତ୍ରମାନଙ୍କୁ ପାରିତୋଷିକ ବିତରଣ ଅବସରରେ ଗୋଟିଏ ବକ୍ତୃତା କରି ଅନ୍ୟାନ୍ୟ କଥାମଧ୍ୟରେ କହିଥିଲେ କି "ଇଂରାଜମାନେ ଯେପରି ବଣିକ-ବ୍ୟବସାୟୀ ଜାତି ହିନ୍ଦୁମାନେ ସେମନ୍ତ ପଣ୍ଡିତ-ଜାତି । କିନ୍ତୁ ହିନ୍ଦୁମାନେ ଶୀଘ୍ର ବଣିକ ବ୍ୟବ-ସାୟୀ ଜାତି ହେବେ । ହିନ୍ଦୁମାନଙ୍କ ଚରିତ୍ରରେ କର୍ମୋଦ୍ୟୋଗ ଊଣା । ଏମାନେ ଯେତେ କଳ୍ପନାପ୍ରିୟ ଓ ବିଦ୍ୟାନୁରାଗୀ ସେତେ ଉଦ୍ୟ-ମଶୀଳ ଓ କାର୍ଯ୍ୟପ୍ରିୟ ନୁହନ୍ତି । ହିନ୍ଦୁ ଯୁବା-ମାନେ ସ୍ୱଦେଶିମାନଙ୍କର ସାମାଜିକ ନୈତିକ ଓ ଶାରୀରିକ ଉନ୍ନତି ସମ୍ବନ୍ଧରେ ବିସ୍ତର ଲେଖି ଓ କହିପାରନ୍ତି କିନ୍ତୁ ଯାହା ସେମାନେ ଉଚିତ କର୍ତ୍ତବ୍ୟ ବୋଲି ନିର୍ଦ୍ଦେଶ କରନ୍ତି ସେ ସମସ୍ତ କାର୍ଯ୍ୟରେ ପରିଣତ କରିବାର ସାହସ ଓ ଉତ୍ସାହ ସେମାନଙ୍କର ହୁଅଇ ନାହିଁ" ।

ବମ୍ବେଇର ଗବର୍ଣ୍ଣର ଯଥାର୍ଥକଥା କହି-ଅଛନ୍ତି ଏବଂ ଏହା ସର୍ବଦା ସ୍ମରଣରଖିବା ଅମ୍ଭ-ମାନଙ୍କର ଉଚିତ । କେବଳ ବକ୍ତୃତା କଲେ ଲମ୍ବା ପ୍ରବନ୍ଧ ଲେଖିଲେ ଫଳ ଫଳିବ ନାହିଁ । କାର୍ଯ୍ୟତଃ ସେ ସମସ୍ତ ପ୍ରତିପାଳନ କରିବା ଆବଶ୍ୟକ । 'କହି ଦେଖାଇବା ନା କରି ଦେଖାଇବା' ଏ ଗୋଟିଏ ପ୍ରାଚୀନ ପ୍ରବାଦ ଏବଂ ଏଥିର ଅର୍ଥ ଅତ୍ୟନ୍ତ ମୂଲ୍ୟବାନ୍ । ଶିକ୍ଷିତ ଲୋକଙ୍କର ଏକାନ୍ତ କର୍ତ୍ତବ୍ୟ ଯେ କାର୍ଯ୍ୟଦ୍ୱାରା ଉଦାହରଣ ଦେଖାଇ ଅପର ଲୋକଙ୍କୁ ଶିକ୍ଷା-ଦେବେ । ବକ୍ତୃତା ଓ ପ୍ରବନ୍ଧ ଲେଖିବାଦ୍ୱାରା ଶିକ୍ଷାର ଉନ୍ନତି ହେଉ ନାହିଁ ଏକଥା ଅମ୍ଭେ-ମାନେ କହୁ ନାହୁଁ । ମାତ୍ର ଏକଥା ସତ୍ୟ ଯେ ଶତ ଉପଦେଶଠାରୁ ଏକ ଉଦାହରଣର ବଳ ଅଧିକ ଏବଂ ତାହା ଅଶୁଫଳପ୍ରଦ ।

---

ବୋଷ୍ଟବୋଟାଲ ସମ୍ପର୍କରେ ସମ୍ବାଦ ଦାତ୍ତ-ଦାରୁ ତଲଲିଖିତ କଥାମାନ ଉଦ୍ଧୃତକଲୁଁ । ଏଥିରୁ ପାଠକମାନେ ଦେଖିବେ ଯେ ବାଲେ-ଶ୍ୱରଠାରୁ ଗୁନବାର୍ ବଟକ ପର୍ଯ୍ୟନ୍ତ ଚାଲବାଟ ଫିଟିଅଛି ମାଣ ବାଲେଶ୍ୱର ଓ ତନ୍ଦରଗା-ମଧ୍ୟରେ ଅଳ୍ପ ବାଧା ଅଛି । ବାହିକା ଲେଖି-ଅଛନ୍ତି ଯଥା;—

" ଗତ ଜୁଲାଇ ମାସ ତା ୧୫ ରିଖଠାରୁ ଗୁରଗଛିଆଠାରୁ ଗୁରବାଟିଆ ପର୍ଯ୍ୟନ୍ତ ଓଡ଼ିଶାର ବୋଷ୍ଟବୋଟାଲ ଫିଟିଅଛି । ଗୁରବାଟିଆଠାରୁ ମଙ୍ଗେଇ ଜଗାବାଟେ ବ୍ରାହ୍ମଣୀଗରସ୍ଥ ଏଲ୍ବଙ୍ଗ-ପର୍ଯ୍ୟନ୍ତ ଏବଂ ଏଲ୍ବଙ୍ଗଠାରୁ କଟକପର୍ଯ୍ୟନ୍ତ ନୌକା ଗତାୟାତ କରି ପାରିବ, ଅର୍ଥାତ୍ ଯେଉଁ ଲୋକ ବଲଙ୍ଗନଦୀକୂଳସ୍ଥ ଏ ନଗରର ପରି-ମିଟ୍ ଘାଟଠାରୁ ନୌକାରେ କଟକକୁ ଯିବାକୁ ଇଚ୍ଛା କରିବ, ସେ ପ୍ରଥମେ ବଲଙ୍ଗନଦୀ-ମଧ୍ୟରେ ଅଳ୍ପ ଦୂର ପର୍ଯ୍ୟନ୍ତ ଯାଇ ଗୁରଗଛିଆ-ନକ୍ଠାରେ କେନାଲ ଭିତରେ ପଶି ଉପ-ରୋକ୍ତ ବାଟେ କଟକକୁ ଯାଇ ପାରିବ । ସେଣେ ଜଳକତାଠାରୁ ରୋଗସ୍ଥଳ ପର୍ଯ୍ୟନ୍ତ ଷ୍ଟୀମର ପୂର୍ବରୁ ଗତାୟାତ କରୁଅଛି, ଏହି କଥା ଅମ୍ଭେମାନେ ଯଥା ସମୟରେ ପାଠକବର୍ଗଙ୍କୁ ଜଣାଇଅଛୁଁ । ରୋଗସ୍ଥଳଠାରୁ ପାଞ୍ଚପଡ଼ା-ପର୍ଯ୍ୟନ୍ତ କେନାଲ ଫିଟି ଯାଇଅଛି; କିନ୍ତୁ ସାଧା-ରଣଙ୍କ ଯିବା ଅସିବା ନିମନ୍ତେ ଉକ୍ତ କେନା-ଲରେ ଷ୍ଟୀମର ଚଳ ନାହିଁ । ଏହି ଅଗଷ୍ଟ ମାସମଧ୍ୟରେ ଷ୍ଟୀମର ଗତାୟାତ କରିବ ବୋଲି ଶୁଣା ଯାଉଅଛି; କେବଳ ପାଞ୍ଚପଡ଼ାଠାରୁ ବଲଙ୍ଗନଦୀର ଉତ୍ତର ତୀରସ୍ଥ ନଲଭୂଲ୍ ପର୍ଯ୍ୟନ୍ତ ଏହି କେତେ ମାଇଲ୍ ମଧ୍ୟରେ ଏବର୍ଷ ଷ୍ଟୀମର ଯିବା ଆସିବାର ସୁବିଧା ହୋଇ ପାରୁ ନାହିଁ । ବୃଷ୍ଟି ଅନ୍ତେ ଏହି ସ୍ଥାନ ସମ୍ପୂର୍ଣ୍ଣରୂପେ ଖୋଲା ହୋଇ ପାରିବ, ତାହା ହେଲେ କଲିକତାରୁ କଟକ ପର୍ଯ୍ୟନ୍ତ ଷ୍ଟୀମର ଗତାୟାତ କରି ପାରିବ ।"

---

ଗତ ଦୁଇବର୍ଷ ବିଶ୍ୱବିଦ୍ୟାଳୟର ପ୍ରବେଶିକା-ପରୀକ୍ଷାରେ ଅନେକ ଛାତ୍ର ହାରି ଯାଇଥିବାରୁ କାରଣ୍ୟହିଲୁ ଏପରି ଦୁର୍ଘଟଣା ନିବାରଣ ଏବଂ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା କାରଣ ଛାତ୍ରମାନଙ୍କୁ ଉତ୍ସାହ ଦେବା ଉଦ୍ଦେଶରେ ଶ୍ରୀଯୁକ୍ତ କଟନ ସାହେବଙ୍କ ପ୍ରସ୍ତାବମତେ ବିଶ୍ୱବିଦ୍ୟାଳୟର ଶାସନକର୍ତ୍ତାମାନେ ଗୋଟିଏ କମିଟୀ ନିଯୁକ୍ତ କରିଅଛନ୍ତି ଏବଂ ତଲଲିଖିତ ମହାଶୟମାନେ କମିଟୀର ସଭ୍ୟ ହୋଇଅଛନ୍ତି । ଯଥା—ନବାବ ଅବଦୁଲ ଲତିଫ, ଡାକ୍ତର ମହେନ୍ଦ୍ରଲାଲ ସରକାର, ମି, କ୍ରଫ୍ଟ, ମି, ଉମେଶଚନ୍ଦ୍ର ଦତ୍ତ, ମି, ଅମିରଅଲୀ, ମି, ଅନନ୍ଦମୋହନ ବସୁ, ମି, ପେଡ଼ଲର, ବାବୁ ସୂର୍ଯ୍ୟକୁମାର ଅଧିକାରୀ, ମି, ଟେ, ବାବୁ ଦ୍ୱିଜେନ୍ଦ୍ରନାଥଠାକୁର, ରେବରେଣ୍ଡ କ୍ୟାଲ, ମି, କଟନ, ଡାକ୍ତର ସୁରେନ୍ଦ୍ରଲାଲମିତ୍ର, ଡାକ୍ତର ଗୁରୁଦାସ ବାନ୍ଦର୍ଯ୍ୟା, ଓ ଜାଦିର ବାର୍ଯୋ । କମିଟୀ କି ସୁବନ୍ଦୋବସ୍ତ କରିବେ, ସମୟରେ ପ୍ରକାଶ ପାଇବ । କଟନସାହେବ ଯେତେ-ବେଳେ ଏ ପ୍ରସ୍ତାବ କଲେ ସେତେବେଳେ ସେ କହିଥିଲେ ଯେ ଇଂରାଜୀଭାଷାର ଜ୍ଞାନ ବର୍ତ୍ତ-

Digitized by srujanika@gmail.com

Split by PDF Splitter



ମାଳ... ରଖି କ୍ଷେତ୍ରପରିମାଣ ଏବଂ ଦ୍ୱିତୀୟଭାଷା ଏକାବେଳକେ ଉଠାଇ ଦେଲେ ଏବଂ ପ୍ରତ୍ୟେକ ବିଷୟରେ ନିର୍ଦ୍ଦିଷ୍ଟ ଅଙ୍କ ରଖିବାର ନିୟମ ପରିବର୍ତ୍ତେ ସବୁ ବିଷୟର ମୋଟଅଙ୍କ ନିର୍ଦ୍ଦିଷ୍ଟ କଲେ ଭଲ ହେବ । ଆମ୍ଭମାନଙ୍କ ବିବେଚନାରେ ଦ୍ୱିତୀୟଭାଷାର ସୀମା ଊଣା କରିବା ଉଚିତ ନୁହଇ । କାରଣ ତାହା ହେଲେ ଦେଶୀୟ ଭାଷା ପ୍ରତି ଲୋକଙ୍କର ଆସ୍ଥା ରହିବ ନାହିଁ । ସାହିତ୍ୟ ଏବଂ ଅଙ୍କରେ ନିର୍ଦ୍ଦିଷ୍ଟ ଅଙ୍କ ଏବଂ ଅନ୍ୟାନ୍ୟବିଷୟର ମୋଟଅଙ୍କ ରଖିବାର ନିୟମ ହେଲେ ସୁବିଧା ହୋଇ ପାରେ । ପୂର୍ବେ କେବଳ ମୋଟଫଳ ଅନୁସାରେ ଛାତ୍ରମାନେ ଉତ୍ତୀର୍ଣ୍ଣ ହେଉଥିଲେ ଏବଂ ତହିଁରେ ଯୋଗ୍ୟତାର କୌଣସି ହାନି ଦେଖା ଯାଇ ନ ଥିଲା ।

---

ଗତମାସ ତା ୩୧ ଖର ଉତ୍କଳଦୀପିକାରେ ପ୍ରକାଶ ହୋଇଥିବା "ଶ୍ରୀ ମର୍ମଭାଷୀ" ସ୍ୱାକ୍ଷରିତ ପ୍ରେରିତପତ୍ରର ଦୁଇଖଣ୍ଡ ପ୍ରତିବାଦ ଆମ୍ଭେମାନେ ପାଇଅଛୁଁ । ପ୍ରତିବାଦମାନ ଅତ୍ୟନ୍ତ ଦୀର୍ଘ ଥିବାରୁ ସ୍ଥାନାଭାବରୁ ଅବିକଳ ପ୍ରକାଶ କରା ନ ଯାଇ ତହିଁର ସାରମର୍ମ ଆମ୍ଭମାନଙ୍କ ମନ୍ତବ୍ୟ ସହିତ ଜଣାଉଅଛୁଁ ଯଥା ।

ଜଗତସିଂହପୁରର ବାଳିକାବିଦ୍ୟାଳୟରେ ସିଲେଇ କାର୍ଯ୍ୟ ଶିକ୍ଷାଦେବାର ବନ୍ଦୋବସ୍ତ କରିବାରେ ସାତମାସ ବିଳମ୍ବ ହେବା ପରିଦର୍ଶକ କର୍ମଚାରୀଙ୍କ ଦୋଷ ନୁହଇ ନୂତନ କାର୍ଯ୍ୟଟିଏ କରିବାକୁ ହେଲେ ଉପରିସ୍ଥ କର୍ମଚାରୀଙ୍କ ମଞ୍ଜୁର ଆଣାଇବା ଖର୍ଚ୍ଚର ବଜେଟ ପ୍ରସ୍ତୁତ ଓ ଉପକରଣ ସମସ୍ତର ଆୟୋଜନ ଓ ଶିକ୍ଷକ-ପ୍ରଭୃତି ସମୟ ସାପେକ୍ଷ ଓ ସେହିସବୁ କାରଣରୁ ବିଳମ୍ବ ହୋଇଥିଲା । ପ୍ରତିବାଦର ଏ ଅଂଶଟି ଯୁକ୍ତି ସଙ୍ଗତ ଅଟଇ । ଦର୍ଶକାଭିପ୍ରାୟ ବହି ତାହାଙ୍କୁ ନ ଦେଖାଇବା ସମ୍ବନ୍ଧରେ ପ୍ରତିବାଦକାରମାନେ ଲେଖିଅଛନ୍ତି କି ଉକ୍ତ ବହି ସର୍ବସାଧାରଣଙ୍କ ଜାଣିବା ନିମିତ୍ତ ପ୍ରକାଶ୍ୟ ସ୍ଥାନରେ ଲଟକାଇ ଦିଆଯିବାର କଥା ନୁହଇ ଯେ ବିଦ୍ୟାଳୟକୁ ଆସି ଇଚ୍ଛା କରିବ ସେ ଦେଖିପାରିବ । ଯେବେ ଏହି ନିୟମକୁ ବିଦ୍ୟାଳୟର ସମ୍ପାଦକ ବା ପ୍ରଧାନଶିକ୍ଷକମାନେ ପ୍ରତିପାଳନ କରନ୍ତି ତେବେ ଆଉ ସୁହାରର କାରଣ ହେବ ନାହିଁ । ଉକ୍ତ ବହି ବାହାରଲୋକଙ୍କୁ ଦେଖାଇବାକୁ ପରିଦର୍ଶକ କର୍ମଚାରୀମାନେ ନିଷେଧ କରିବା କଥା ଶୁଣି ମର୍ମଭାଷୀ ଆପତ୍ତି କରିଥିଲେ । ପ୍ରତିବାଦକାରମାନେ ସ୍ୱୀକାର କରୁଅଛନ୍ତି ଯେ ଉକ୍ତ ବହି ଦେଖାଇବାରେ ଆପତ୍ତି ନାହିଁ । ସୁତରାଂ ଏ ସମ୍ବନ୍ଧରେ ଆଉ କିଛି କହିବାର ପ୍ରୟୋଜନ ନାହିଁ ।

ଦର୍ଶକାଭିପ୍ରାୟବହିରେ ପରିଦର୍ଶକ ଏହିପରି ଗୋଟିଏ ମନ୍ତବ୍ୟ ଲେଖିଥିଲେ କି "ଶିକ୍ଷକଙ୍କର ସ୍ତ୍ରୀ·ଅଭିଗୋଚିତ ବ୍ୟବହାର ନ ଦେଖି ଦୁଃଖିତ ହେଲୁଁ" ପ୍ରତିବାଦକାରମାନେ ବୋଲନ୍ତି କି ପରିଦର୍ଶକଙ୍କର ଏପରି ଲେଖିବାର ଅଧିକାର ଅଛି ଏଥିରେ ପୁଣି ଗୂଢ଼ ରହସ୍ୟ ଥିବାର 'ମର୍ମଭାଷୀ' କାହିଁକି କଳ୍ପନା କଲେ । ଆମ୍ଭେମାନେ କହୁଁ କି ପରିଦର୍ଶକ ଏପରି ଅସ୍ପଷ୍ଟ ଭାଷାରେ ମନ୍ତବ୍ୟ ନ ଲେଖି ଶିକ୍ଷକଙ୍କର ଦୋଷଟି ଫିଟାଇ ଲେଖିଦେବାର ଉଚିତ ଥିଲା । ତାହା ହେଲେ ଅଭିଗୋଚିତ ବ୍ୟବହାରସଙ୍ଗତ ନାନାଦୋଷମଧ୍ୟରୁ ଶିକ୍ଷକ କେଉଁ ଦୋଷଟି କରିଥିଲେ ଠିକ ଜଣା ନ ଯିବାରୁ ଭିନ୍ନ ଭିନ୍ନ ଲୋକେ ଭିନ୍ନ୨ କଳ୍ପନା କରିବେ ଏଥିରେ କିଛି ଅସଙ୍ଗତ ହେଉ ନାହିଁ ।

ପାଠ୍ୟପୁସ୍ତକ ତାଲିକାରେ ଥିବା ନାନାପୁସ୍ତକମଧ୍ୟରୁ ଖଣ୍ଡିଏ ପୁସ୍ତକ ବାଛି ଦର୍ଶକାଭିପ୍ରାୟ ବହିରେ ତହିଁର ନାମ ଲେଖିଦେବା ପରିଦର୍ଶକ କର୍ମଚାରୀଙ୍କର କ୍ଷମତା ଥିବାରୁ ତଦନୁସାରେ ସେମାନେ ଲେଖିଅଛନ୍ତି ପ୍ରତିବାଦକାରଙ୍କ ମତରେ ଏଥିରେ କିଛି ଦୋଷ ନାହିଁ । ଆମ୍ଭମାନଙ୍କ ମତରେ ଯେବେ ଗ୍ରନ୍ଥକର୍ତ୍ତାଙ୍କ ସହିତ ପରିଦର୍ଶକଙ୍କର କୌଣସି ସମ୍ପର୍କ ନ ଥାନ୍ତା ତେବେ ପ୍ରତିବାଦକାରଙ୍କର କଥାକୁ ଆମ୍ଭେମାନେ ମାନନ୍ତୁ ମାତ୍ର ଦୁର୍ଭାଗ୍ୟବଶତଃ ଏ ପ୍ରଦେଶରେ ବର୍ତ୍ତମାନ ଅବସ୍ଥା ସ୍ୱତନ୍ତ୍ର ସୁତରାଂ ପରିଦର୍ଶକ କର୍ମଚାରୀମାନେ ପୁସ୍ତକନିର୍ବାଚନଅଧିକାରର ଅଯୋଗ୍ୟ ହୋଇଅଛନ୍ତି । ଏ ବିଷୟ ଆମ୍ଭେମାନେ ପୁନଃ୨ ଦେଖାଇ ଦେଇ ଅଛୁଁ ଏବଂ ପ୍ରତିବାଦକାରମାନେ ଅବଶ୍ୟ ଓଡ଼ିଆଗଜେଟରେ ପଢ଼ିଥିବେ ଯେ କେତେଖଣ୍ଡ ସ୍ୱାସ୍ଥ୍ୟରକ୍ଷାସମ୍ବନ୍ଧୀୟ ହସ୍ତଲିପିର ବିଚାର କରିବା କାରଣ ପାଠ୍ୟପୁସ୍ତକର ଗୋଟିଏ ସବକମିଟୀ ନିଯୋଗ କରିବା କାଳରେ ବାବୁ ରାଧାନାଥରାୟ ସୁବିବେଚନା ପୂର୍ବକ ଉକ୍ତ ସବକମିଟୀରେ ବସିବାକୁ ଅନିଚ୍ଛୁକ ହେଲେ କାରଣ ଉକ୍ତ ହସ୍ତଲିପିମଧ୍ୟରେ ତାହାଙ୍କର ଭାଇର ଖଣ୍ଡେ ଥିଲା । ମୂଳକଥା ଏହିକି ସମ୍ପର୍କ ସ୍ଥଳରେ ନିରପେକ୍ଷ ବିଚାର ହେବା ଅତ୍ୟନ୍ତ କଠିନ ଏଥିପାଇଁ ଗବର୍ଣ୍ଣମେଣ୍ଟ ତାହା ହୃଦୟଙ୍ଗମ କରିପାରି ତଦନୁସାରେ ନିୟମସ୍ଥାନ କରିଅଛନ୍ତି ।

---

ବ୍ୟାବହାରିକ ଜ୍ଞାନଶିକ୍ଷା ।

ବ୍ୟାବହାରିକ ଜ୍ଞାନଶିକ୍ଷାର ଭବିଷ୍ୟତ ଓ ବର୍ତ୍ତମାନ ଅବସ୍ଥା ଜାଣିବା ନିମନ୍ତେ ଗବର୍ଣ୍ଣର-ଜେନେରେଲ ବାହାଦୁର ଅଭିପ୍ରାୟ ପ୍ରକାଶ କରିବାରେ ହୋମ ଡିପାର୍ଟମେଣ୍ଟରୁ ସେହି ବିଷୟର ଗୋଟିଏ ସ୍ମାରକଲିପି ପ୍ରସ୍ତୁତ ହୋଇଅଛି । ଏଥିର ସାରାଂଶ ନିମ୍ନରେ ସମ୍ବୃତ ହେଲା ।

ଆଇନ ଓ ଚିକିତ୍ସାଦି ଶିକ୍ଷା ସମ୍ବନ୍ଧରେ ବଙ୍ଗପ୍ରଦେଶରେ ମାନ୍ଦ୍ରାଜ ଓ ବୋମ୍ବାଇ ପ୍ରଦେଶ ଅପେକ୍ଷା ବିଶେଷ ଉପାୟ ଓ ଉନ୍ନତି ପରିଦୃଷ୍ଟ ହୁଅଇ । ମାନ୍ଦ୍ରାଜରେ କେବଳ ଏକ କଲେଜରୁ ବର୍ତ୍ତମାନ ପର୍ଯ୍ୟନ୍ତ ଜ୨୩୮ଣ ଓ ବୋମ୍ବାଇରେ ଜ୧୩୨ଣ ସେହିପରି ବଙ୍ଗଳାରେ ଜ୧୩୨୮ଣ ଛାତ୍ର ଆଇନଉପାଧି ଲାଭ କରିଅଛନ୍ତି—ଚିକିତ୍ସାଶିକ୍ଷାବିଷୟରେ ତିନଗୋଟି ରାଜଧାନୀନଗରବ୍ୟତୀତ ଅପର ସ୍ଥଳରେ ବିଶେଷ ଉପାୟ ଦୃଷ୍ଟ ହୁଅଇ ନାହିଁ—ଜରିପ ଶିକ୍ଷାପ୍ରଣାଳୀ ବିସ୍ତାରସମ୍ବନ୍ଧରେ କିଛି ମାତ୍ର ଉତ୍ସାହଦାନର କାର୍ଯ୍ୟ ହୋଇଅଛି । ଶିଳ୍ପବିଦ୍ୟାଶିକ୍ଷାସମ୍ବନ୍ଧରେ ନୂତନ ପଦ୍ଧତିର ସୃଷ୍ଟି ଆବଶ୍ୟକ କରେ ।

ବର୍ତ୍ତମାନ ବିଶ୍ୱବିଦ୍ୟାଳୟର ଶିକ୍ଷା ଅନେକ ଅଂଶରେ ବିସ୍ତାରିତ ହେଲେ କି ହେବ ବ୍ୟାବହାରିକ ଜ୍ଞାନର ଶିକ୍ଷା ତତ୍ସଙ୍ଗରେ ବିସ୍ତାରପ୍ରାପ୍ତ ହୋଇ ନାହିଁ । ଶିକ୍ଷାକମିଶନ ଭାରତବର୍ଷର ଶିକ୍ଷା ବିସ୍ତାରବିଷୟରେ ତିନୋଟି ଅବସ୍ଥାର ଉଲ୍ଲେଖ କରିଅଛନ୍ତି—୧ ମ ୧୮୫୪ ଖ୍ରୀଷ୍ଟାବ୍ଦର ସୁପ୍ରସିଦ୍ଧ ଡେସ୍ପାଚ୍ ଅବା ଉଡ଼େଙ୍କର ସଭାର ପ୍ରେରିତ ଚିଠିର ପୂର୍ବକାଳର ଶିକ୍ଷାର ଅବସ୍ଥା । ୨ ୟ ୧୮୭୧ ସାଲ ପର୍ଯ୍ୟନ୍ତ ଶିକ୍ଷାର ଅବସ୍ଥା ଏବଂ ୩ୟ ୧୮୭୧ ସାଲଠାରୁ ଏପର୍ଯ୍ୟନ୍ତ ଶିକ୍ଷାର ଅବସ୍ଥା ଗବର୍ଣ୍ଣମେଣ୍ଟପ୍ରଦତ୍ତ ଶିକ୍ଷାର ସୂତ୍ରପାତ ୧୮୧୩ ସାଲରେ ହେଲା କିନ୍ତୁ ୧୮୨୩ ମସିହା ପର୍ଯ୍ୟନ୍ତ ଗବର୍ଣ୍ଣମେଣ୍ଟ ଶିକ୍ଷାକାର୍ଯ୍ୟର ବିସ୍ତାର ପକ୍ଷରେ ପ୍ରକୃତ ହସ୍ତକ୍ଷେପ କରି ନ ଥିଲେ—ଏତେକାଳ ପର୍ଯ୍ୟନ୍ତ ମିଶନରିସମ୍ପ୍ରଦାୟ ଓ ରାଜକର୍ମଚାରୀ-ପ୍ରଭୃତି ଅନ୍ୟାନ୍ୟ ବ୍ୟକ୍ତିଗଣ ଶିକ୍ଷାପ୍ରତି ଦୃଷ୍ଟିପାତ କରିଥିଲେ । ଗବର୍ଣ୍ଣମେଣ୍ଟ ୧୮୨୩ ମସିହାରେ ପ୍ରଥମତଃ ଏକଲକ୍ଷ ଟଙ୍କା ବ୍ୟୟର

Digitized by srujanika@gmail.com

ମଞ୍ଜୁର ପ୍ରଦାନ କଲେ ୧୮୫୪ ସାଲଠାରୁ ରାଜକୀୟ ଯତ୍ନରେ ପ୍ରକୃତ ଶିକ୍ଷାର ନଦୀ ପ୍ରସାରିତ ହେଲା କିନ୍ତୁ ଏ ସମୟରେ ମଧ୍ୟ ବ୍ୟବହାରିକ ଶିକ୍ଷା ପ୍ରତି ଦୃଷ୍ଟିପାତ ହୋଇ ନାହିଁ । ଗତ କେତେକବର୍ଷ ହେଲା ଶିଳ୍ପଶିକ୍ଷାଦି ବ୍ୟବହାରିକ ଜ୍ଞାନଶିକ୍ଷାର ପ୍ରୟୋଜନୀୟତା ବିଶେଷରୂପେ ଉପଲବ୍ଧ ହେବାର ଲକ୍ଷିତ ହେଉଅଛି । ଶିକ୍ଷାକମିଶନ ଏ ଶିକ୍ଷାର ଅଭାବ ଅନୁଭବ କରି ପ୍ରସ୍ତାବ କରିଥିଲେ ଯେ ବାଳକମାନଙ୍କର କେବଳ ବିଶ୍ୱବିଦ୍ୟାଳୟର ଶିକ୍ଷା ପ୍ରତି ଦୃଷ୍ଟି ନ ରଖି ଯାହାଦ୍ୱାରା ଅଭିମୁଖୁ ସମସ୍ତ ବିଷୟର ଆବଶ୍ୟକ ଜ୍ଞାନ ଶିକ୍ଷା କରିବାକୁ ସମର୍ଥ ହୁଅନ୍ତି ଏପରି ଶିକ୍ଷା ପ୍ରଣାଳୀ ପ୍ରବର୍ତ୍ତିତ ହେବାର ଆବଶ୍ୟକ ଅତଏବ ବାଣିଜ୍ୟ ଓ ଶିଳ୍ପାଦି ଶିକ୍ଷାର ଜ୍ଞାନଲାଭ ବିଷୟରେ ପ୍ରଥମରୁ ଦୃଷ୍ଟି ରଖା ଆବଶ୍ୟକ । ଅନେକ ସ୍ଥଳରେ ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅନେକ ଛାତ୍ର ପଢ଼ାଶୁଣା ପରିତ୍ୟାଗ କରନ୍ତି । କୌଣସି ବ୍ୟବହାରିକ ଜ୍ଞାନ ଶିକ୍ଷା ଅଭାବରେ ସେମାନଙ୍କ ଶିକ୍ଷିତ ଜ୍ଞାନ ନିଷ୍ଫଳ ହୁଏ ଅତଏବ ଶିକ୍ଷାକମିଶନ ଅନୁରୋଧ କରିଅଛନ୍ତି ଯେ ଉଚ୍ଚ ଶ୍ରେଣୀର ସ୍କୁଲମାନଙ୍କର ଉପର ଶ୍ରେଣୀରେ ଦୁଇଗୋଟି ବିଭାଗ କରାଯାଉ । ଗୋଟିଏ ଶ୍ରେଣୀ କେବଳ ପ୍ରବେଶିକା ପରୀକ୍ଷାର ଉପଯୋଗୀ ପୁସ୍ତକମାନ ପଠିତ ହେବାର ଅନ୍ୟ ଶ୍ରେଣୀରେ ଛାତ୍ରମାନଙ୍କୁ ବାଣିଜ୍ୟ ଓ ଶିଳ୍ପାଦି ବ୍ୟବହାରିକ ଜ୍ଞାନର ଶିକ୍ଷା ଦାନ କରିବାର ବ୍ୟବସ୍ଥା ହେବ ଓ ଉଭୟ ବିଭାଗର ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କୁ ନିମ୍ନ ଶ୍ରେଣୀର ରାଜ କାର୍ଯ୍ୟରେ ସମାନ ଦାବିର ସାର୍ଟିଫିକେଟ ପ୍ରଦତ୍ତ ହେବ । ଏହି ଦ୍ୱିବିଧ ଶିକ୍ଷାର ପ୍ରସ୍ତାବ ଓ କମିଶନର ତତ୍ସମ୍ବନ୍ଧୀୟ ଅପରାପର ପ୍ରସ୍ତାବମାନଙ୍କୁ କାର୍ଯ୍ୟରେ ପରିଣତ କରିବା ବିଷୟରେ ଯତ୍ନ ଓ ବିଧାନ କରିବାକୁ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କୁ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ଅନୁରୋଧ କରି ଦେଇଅଛନ୍ତି କି ବ୍ୟବହାରିକ ଜ୍ଞାନଶିକ୍ଷା ନିମନ୍ତେ ଯହିଁରେ ସାଧାରଣବଦାନ୍ୟତା ବିନିଯୋଜିତ ହେବ ଓ କେବଳ ଶିଳ୍ପବିଦ୍ୟାଳୟମାନଙ୍କ ପାଇଁ ନ ହୋଇ ସାଧାରଣ ଶିଳ୍ପଶିକ୍ଷାର ପୁରସ୍କାର ଅବା ବୃତ୍ତି ନିହିତ ହୋଇପାରିବ ତହିଁର ଚେଷ୍ଟା କରିବା ଆବଶ୍ୟକ । କିନ୍ତୁ ବ୍ୟବହାରିକ ଜ୍ଞାନଶିକ୍ଷାର ବିଦ୍ୟାଳୟ ସମସ୍ତ ପୃଥକ୍ ପ୍ରଣାଳୀରେ ସ୍ଥାପିତ ହେଲେ ତାଦୃଶ ଫଳପ୍ରଦ ହେବ ନାହିଁ । ଅତଏବ ବଙ୍ଗଳାର ଶିକ୍ଷା—ବିଭାଗର ଡିରେକ୍ଟର ଟନିସାହେବ ସେହି ବିଷୟରେ ଅଭିମତ ପ୍ରକାଶ କରିଅଛନ୍ତି ଯେ ସ୍ୱତନ୍ତ୍ରପ୍ରଣାଳୀରେ ଶିଳ୍ପବିଦ୍ୟାଳୟମାନ ବସାଇଲେ ତତ୍ପ୍ରତି ଦେଶୀୟଲୋକଙ୍କର ଭକ୍ତି ଶ୍ରଦ୍ଧା ଓ ବିଶେଷ ସମ୍ଭ୍ରମ ରହିବ ନାହିଁ । ଏ ଶିକ୍ଷା ବିଶ୍ୱବିଦ୍ୟାଳୟର ଅନ୍ତର୍ନିବିଷ୍ଟ ହେଲେ ସାଧାରଣଶିକ୍ଷାପର ଦେଶୀୟମାନଙ୍କର ଶ୍ରଦ୍ଧା ଆକର୍ଷଣ କରିବ । ଏଠା ଭଦ୍ରଲୋକମାନେ ହସ୍ତସାଧ ଅବା ଶାରୀରିକକାର୍ଯ୍ୟକୁ ଅମର୍ଯ୍ୟାଦାବିଷୟ ଜ୍ଞାନ କରନ୍ତି । ସ୍ୱତନ୍ତ୍ରରୂପରେ ଏ ଶିକ୍ଷା ସଂସ୍ଥାପିତ ହେଲେ ଅର୍ଥାତ୍ ବିଶ୍ୱବିଦ୍ୟାଳୟ ସହିତ ଏହାର ସମ୍ବନ୍ଧ ନ ରହିଲେ ଏ ଶିକ୍ଷା ସିଦ୍ଧ ହେବାର ଓ ସ୍ୱତନ୍ତ୍ର କର୍ମପ୍ରାପ୍ତିର ପର୍ଯ୍ୟାପ୍ତ ଉପାୟାଭାବରେ ଏଥିରେ ପ୍ରଲୋଭନର ଅଭାବ ହେବ—ଅତଏବ ଡିଷ୍ଟ୍ରିକ୍ଟ ଇଣ୍ଡଷ୍ଟ୍ରିୟାଲ ସ୍କୁଲ ବା ଶିଳ୍ପବିଦ୍ୟାଳୟମାନଙ୍କୁ ଡିଷ୍ଟ୍ରିକ୍ଟ ହାଇସ୍କୁଲରେ ସନ୍ନିବିଷ୍ଟ କରିବାକୁ ହେବ । ଏ ଶିଳ୍ପବିଦ୍ୟାଳୟମାନ ଗୋଟିଏ ମଧ୍ୟବର୍ତ୍ତିସ୍କୁଲର ଶାଖାସ୍ୱରୂପ ହେବ ଓ ଏହି ମଧ୍ୟବର୍ତ୍ତୀ ବିଦ୍ୟାଳୟ ହିଁ ଶିଳ୍ପଶିକ୍ଷାର ମୂଳସ୍ଥାନ ହେବ । ଏହି ମଧ୍ୟବର୍ତ୍ତି ବିଦ୍ୟାଳୟ ଶିବପୁରସ୍ଥ ଶିଳ୍ପବିଦ୍ୟାଳୟ ବା ଇଞ୍ଜିନିୟରିଂ କଲେଜନାମରେ ଅଭିହିତ ହେବ ସାଧାରଣଶିକ୍ଷାବିଭାଗର ଅଧ୍ୟକ୍ଷ ବା ଶିଳ୍ପକଲେଜର ଅଧ୍ୟକ୍ଷଙ୍କ ସମ୍ମତି ବ୍ୟତିରେକେ ଅନ୍ୟ କୌଣସିଠାରେ ଏ ସ୍କୁଲ ସ୍ଥାପିତ ହୋଇପାରିବ ନାହିଁ । ବୃତ୍ତିର ବନ୍ଦୋବସ୍ତଦ୍ୱାରା ଉତ୍କୃଷ୍ଟ ଛାତ୍ର ସଂଗୃହୀତ ହେବ ଓ ଏହି ସମସ୍ତ ଛାତ୍ର ମଧ୍ୟରୁ ଶିଳ୍ପବିଦ୍ୟାଳୟସମୂହର ଶିକ୍ଷକ ନିଯୋଜିତ ହେବେ । କେଉଁ ପ୍ରଦେଶନିମନ୍ତେ କେଉଁ ଶିଳ୍ପ ପ୍ରୟୋଜନ ମଧ୍ୟବର୍ତ୍ତୀ ବିଦ୍ୟାଳୟର କର୍ତ୍ତୃପକ୍ଷ, ଲୋକାଲବୋର୍ଡ, ଡିଷ୍ଟ୍ରିକ୍ଟଅଫିସର ଓ କୃଷିବାଣିଜ୍ୟର ଡିରେକ୍ଟରମାନଙ୍କସହିତ ପରାମର୍ଶକରି ତାହା ସ୍ଥିର କରିବେ ଓ ସ୍କୁଲର ବନ୍ଦୋବସ୍ତ ସମସ୍ତ ଅବା ଅଧିକ ସ୍ଥାନୀୟ ପଣ୍ଡିତଉପରେ ପଡିବ । ଏହି ପ୍ରଣାଳୀ ଅନୁମୋଦିତହେଲେ କାର୍ଯ୍ୟକାରୀ ହେବ ଓ ଦେଶର ମହତ୍ ଅଭାବ ମୋଚନ ହେବ ।

---

ପ୍ରାପ୍ତସ୍ୱୀକାର ।

ଉତ୍କଳସାହିତ୍ୟସମ୍ମିଳନୀ ।

ଝୁଲଣଯାତ୍ରା ଉପଲକ୍ଷରେ ଏହି ସଭା ପ୍ରତିଷ୍ଠା ଉଦ୍ଦେଶ୍ୟରେ ବର୍ତ୍ତମାନ ଏ ନଗରରେ ଥିବା ନିମ୍ନଲିଖିତ ପ୍ରସ୍ତାବ ପ୍ରଣେତା ;—

ଶ୍ରୀଯୁକ୍ତ ବାବୁ ଜାନକୀନାଥ ବନ୍ଦ୍ୟୋପାଧ୍ୟାୟ ।
„ „ ରାଧାନାଥ ରାୟ ।
„ „ ଗୌରୀଶଙ୍କର ରାୟ ।
„ „ ମଧୁସୂଦନ ରାଓ ।
„ „ ରାମଶଙ୍କର ରାୟ ।
„ „ ବଳରାମ ଦାସ ।
„ „ ଗୋବିନ୍ଦରଥ ।
„ „ ଜଗନ୍ମୋହନ ଲାଲ ।
„ „ ଚତୁର୍ଭୁଜ ପଟ୍ଟନାୟକ ।
„ „ ଦ୍ୱାରକାନାଥ ଚକ୍ରବର୍ତ୍ତୀ ।
„ „ ଲଳିତମୋହନ ଚକ୍ରବର୍ତ୍ତୀ ।
„ „ ରାମପ୍ରସନ୍ନ ମୁଖର୍ଜ୍ଜୀ ।
ପଣ୍ଡିତ ଶ୍ରୀ ପ୍ରଭାକର ବିଦ୍ୟାରତ୍ନ ।
„ „ ଗଦାଧର ତ୍ରିପାଠି ।
„ „ କପିଳେଶ୍ୱର ବିଦ୍ୟାଭୂଷଣ ।
„ „ ଉମାଜନାର୍ଦ୍ଦନ ଭଟ୍ଟାଚାର୍ଯ୍ୟ ପ୍ରଭୃତିମାନଙ୍କୁ ସମ୍ମାନିତ ପତ୍ର ।

ମହାଶୟ !

"ଉତ୍କଳ ପ୍ରଚାରରେ ସାହିତ୍ୟ ଓ ଲେଖକଙ୍କର ଅଭାବ ନ ଥିଲେହେଁ ସାହିତ୍ୟର ଉନ୍ନତିଚର୍ଚ୍ଚା ସକାଶେ କୌଣସି ପ୍ରତିଷ୍ଠିତପ୍ରଣାଳୀ ନ ଥିବାରୁ ଆମ୍ଭେ ଉତ୍କଳ ଆର୍ଯ୍ୟ ସାହିତ୍ୟସମ୍ମିଳନୀ ପ୍ରତିଷ୍ଠା କରିବାକୁ ସଙ୍କଳ୍ପ କରିଅଛୁଁ ମାତ୍ର ତାହା ଆପଣଙ୍କ ପରି ବିଦ୍ୟୋତ୍ସାହୀ ବ୍ୟକ୍ତିର ସାହାଯ୍ୟ ସାପେକ୍ଷ କରେ ଅତଏବ ଆପଣ ଅନୁଗ୍ରହପୂର୍ବକ ଅମୁକ ଦିବସରେ ଝୁଲଣଯାତ୍ରା ଉପଲକ୍ଷରେ ଉପସ୍ଥିତ ହୋଇ ଉକ୍ତସଭାରେ ଯୋଗଦାନ କରି ବାଧିତ କରିବା ହେବେ ଇତି ।"

ମଦନମୋହନ ବଜାର } ଶ୍ରୀ କାଳୀପଦ-
ତା ୧୪ ଇତି ଅଗଷ୍ଟ } ବନ୍ଦ୍ୟୋପାଧ୍ୟାୟ ।
ସନ ୧୮୮୬ ମସିହା }

ପ୍ରେରଣ କରିବାରେ :—ପଣ୍ଡିତ ଶ୍ରୀ ଉମାଜନାର୍ଦ୍ଦନ ଭଟ୍ଟାଚାର୍ଯ୍ୟ, ବାବୁ ଲଳିତମୋହନ ଚକ୍ରବର୍ତ୍ତୀ ପଣ୍ଡିତ ଶ୍ରୀ ପ୍ରଭାକର ବିଦ୍ୟାରତ୍ନ, ବାବୁ ଜାନକୀନାଥ ବନ୍ଦ୍ୟୋପାଧ୍ୟାୟ । ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟ, ବାବୁ ଜଗନ୍ମୋହନ ଲାଲ, ବାବୁ ଗୌରୀଶଙ୍କର ରାୟ ପ୍ରଭୃତି ଅନ୍ୟ କେତେକ ଭଦ୍ରଲୋକଙ୍କ ସମ୍ମୁଖରେ ବାବୁ କାଳୀପଦବନ୍ଦ୍ୟୋପାଧ୍ୟାୟଙ୍କଦ୍ୱାରା ସଭାର ଉଦ୍ଦେଶ୍ୟ ବିବୃତ ହେଲା ଉତ୍ତାରୁ ତାଙ୍କ ପ୍ରସ୍ତାବମତେ ନିମ୍ନଲିଖିତ ବିଷୟମାନ ବାବୁ ଚତୁର୍ଭୁଜ ପଟ୍ଟନାୟକଙ୍କଦ୍ୱାରା ସମର୍ଥିତ ହୋଇ ପଣ୍ଡିତ

ନୀଳମାଧବ ଭଟ୍ଟାଚାର୍ଯ୍ୟଙ୍କ ସଭାପତିତ୍ୱରେ ଏହି-ପରି ସିଦ୍ଧାନ୍ତ ହେଲା :—

୧ମ, ଏହି ସଭାର ସମ୍ମିଳନ ପ୍ରତିବର୍ଷ ଏକ-ବାର ହେବା ଆବଶ୍ୟକ ।

୨ୟ, ସାହିତ୍ୟ, ବିଜ୍ଞାନ ଓ ଶିଳ୍ପ ଇତ୍ୟାଦି ପୁସ୍ତକମାନ ଏ ପ୍ରଦେଶରେ ପ୍ରଚଳନପକ୍ଷେ ଯତ୍ନ କରିବା ଆବଶ୍ୟକ ।

୩ୟ, ଉତ୍ତମ ଉତ୍ତମ ପାଠ୍ୟପୁସ୍ତକ ସ୍କୁଲ ଓ ପାଠଶାଳାରେ ଅପ୍ରତିଦ୍ୱନ୍ଦ୍ୱିରୂପେ ଅନ୍ୟ ଉତ୍ତମ ପୁସ୍ତକ ପ୍ରକାଶ ହେବା ପର୍ଯ୍ୟନ୍ତ ଚଳିବାର ଚେଷ୍ଟା କରିବାର ଆବଶ୍ୟକ ।

୪ର୍ଥ, ଯହିଁରେ ଉତ୍ତମ ପାଠ୍ୟପୁସ୍ତକ ସ୍କୁଲ ଓ ପାଠଶାଳାରେ ଜବାବତ ହୁଏ ତହିଁରେ ଯତ୍ନ କରିବା ଆବଶ୍ୟକ ।

୫ମ, ପୁସ୍ତକ ଗୁଡ଼ିକ ସମାଲୋଚନା କରିବାର ଓ ଅସମର୍ଥ ଗ୍ରନ୍ଥକାରଙ୍କୁ ସାହାଯ୍ୟ କରିବାର ପ୍ରୟୋଜନ ।

୬ଷ୍ଠ, ଅଶ୍ଳୀଳ ପୁସ୍ତକ ପ୍ରଚାର ନ ହେବା ପକ୍ଷେ ଯତ୍ନ କରିବା ଉଚିତ ।

୭ମ, ଧର୍ମବିରୁଦ୍ଧ ଯାପ୍ୟ ବା ପ୍ରକାଶ୍ୟ ଭାବ-ପୂର୍ଣ୍ଣ ବିଷୟ ଯେଉଁ ପୁସ୍ତକରେ ଥାଏ ତାହା ସ୍କୁଲ ବା ପାଠଶାଳାରେ ବ୍ୟବହାର ହେବା-ବିରୁଦ୍ଧେ ଯତ୍ନ କରିବା ଆବଶ୍ୟକ ।

୨ୟ ପ୍ରସ୍ତାବ ବାବୁ ଗୌରୀଶଙ୍କର ରାୟଙ୍କର ପ୍ରସ୍ତାବନା ଓ ବାବୁ ଚତୁର୍ଭୁଜ ପଟ୍ଟନାୟକଙ୍କ ସହାୟତାରେ କାର୍ଯ୍ୟକାରୀ ଶାଖାସଭାକୁ ଏସ-ଭାର ନିୟମାବଳୀ ପ୍ରସ୍ତୁତ କରିବା ସକାଶେ ଭାର ଅର୍ପଣ କରା ଗଲା ।

୩ୟ ପ୍ରସ୍ତାବ ବାବୁ ଚତୁର୍ଭୁଜ ପଟ୍ଟନାୟକଙ୍କ ପ୍ରସ୍ତାବନା ମତେ ଏ ସଭାର ପ୍ରସ୍ତାବନା ଲିପି ସ୍ୱତନ୍ତ୍ର ଉତ୍କଳମଣ୍ଡଳୀରେ ପ୍ରଚାର କରିବା କାରଣ ସ୍ଥିର ହେଲା ।

୪ର୍ଥ ପ୍ରସ୍ତାବ ବାବୁ ଚତୁର୍ଭୁଜ ପଟ୍ଟନାୟକଙ୍କ ପ୍ରସ୍ତାବନା ଓ ବାବୁ ଗୌରୀଶଙ୍କର ରାୟ ଓ ଦୀନନାଥ ବନ୍ଦ୍ୟୋପାଧ୍ୟାୟସହାୟତାରେ ବାବୁ କାଳୀପଦବନ୍ଦ୍ୟୋପାଧ୍ୟାୟଙ୍କୁ ସମ୍ପାଦକ ନିଯୋଗ କରାଗଲା ଏବଂ ସ୍ଥିର ହେଲା ଯେ ସମୟ ସମ-ୟରେ ସଭାପତି ମନୋନୀତ ହେବେ ।

୫ମ ପ୍ରସ୍ତାବ ବାବୁ ଚତୁର୍ଭୁଜ ପଟ୍ଟନାୟକ, ବାବୁ ଗୌରୀଶଙ୍କର ରାୟ ବାବୁ ଜଗନ୍ମୋହନ ଲାଲ ବାବୁ ଦୀନନାଥ ବନ୍ଦ୍ୟୋପାଧ୍ୟାୟ ବାବୁ ଲଳିତମୋହନ ଚକ୍ରବର୍ତ୍ତୀ ଓ କାଳୀପଦ ବନ୍ଦ୍ୟୋପାଧ୍ୟାୟଙ୍କ ମଧ୍ୟରେ ଅନେକ ତର୍କ ବିତର୍କ ହେଲା ପରେ ସମ୍ପାଦକଙ୍କ ସହିତ ନିମ୍ନଲିଖିତ ଶାଖାସଭା ଗଠିତ ହେଲା :-

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟ ।

" " ଜଗନ୍ମୋହନ ଲାଲ ।

" " ଦୀନନାଥ ବନ୍ଦ୍ୟୋପାଧ୍ୟାୟ ।

" " ନୀଳମାଧବ ଭଟ୍ଟାଚାର୍ଯ୍ୟ ।

ଅବଶେଷରେ ବାବୁ କାଳୀପଦବନ୍ଦ୍ୟୋପାଧ୍ୟାୟଙ୍କ ପ୍ରଣୀତ "ସଂକ୍ଷିପ୍ତ ଭାରତୀୟ ବିବରଣାବଳୀ" ଓ "ଶୁବାଗୁର" ପ୍ରଭୃତି ଓ ଅନ୍ୟାନ୍ୟ ସଭ୍ୟମାନଙ୍କୁ ବିତରଣ କଲା ପରେ ନୃତ୍ୟଗୀତାଦି ଦର୍ଶନ ଓ ଶ୍ରବଣ କରି ସଦାଳାପରେ ସଭା ଭଙ୍ଗ ହେଲା ।

# ସାପ୍ତାହିକ ସଂବାଦ ।

ଶ୍ରୀଯୁକ୍ତ କମିଶନର ସାହେବ ଗଡଜାତମାନଙ୍କୁ ଯାଇଅଛନ୍ତି ଅଳ୍ପକାଳ ଫେରି ଆସିବେ ।

ବାବୁ ଜଗନ୍ମୋହନ ରାୟ ଗତ ରବିବାର କଲିକତାରୁ ଏ ନଗରକୁ ଫେରି ଆସିଅଛନ୍ତି । ବାବୁଙ୍କ ଶରୀର ପୂର୍ବାପେକ୍ଷା ଅନେକ ଭଲ ଅଛି ମାତ୍ର ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ଲାଭ କରି ନାହାନ୍ତି ।

ଏଥର କଟକ ସହରେ ସ୍କୁଲରୁ ନିମ୍ନଲିଖିତ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ।

| | | | |
|---|---|---|---|
| ଗଜପତି ଜନ ୧ମ ଶ୍ରେଣୀ | | ଯୋଗେନ୍ଦ୍ରନାଥ ମହାନ୍ତି | ୧ମ |
| ସନାତନ ପଟ୍ଟନାୟକ | " | ଚନ୍ଦ୍ରମଣି ପଟ୍ଟନାୟକ | " |
| ଭଗବାନ ଓଝା | " | ହରେକୃଷ୍ଣ ଭମିର | " |
| ବନମାଳୀ ଦାସ | " | ବଇଦ ପୃହ୍ଚି | " |
| ସୁରେନ୍ଦ୍ରନାଥ ଗୃହୁର୍ଯ୍ୟା | " | ଭଗନ୍ନାଥ ମହାନ୍ତି | " |
| ଗୋପୀନାଥ ଦାସ | ୨ୟ | ପୁରୁଷୋତ୍ତମଦ୍ୱିବେଦୀ | ୨ୟ |
| ରୁଦ୍ରେଶ୍ୱର ମହାପାତ୍ର | " | କଳ୍ପତରୁ ମହାନ୍ତି | " |
| ଅଭିରାମ ମହାନ୍ତି | " | ବସ୍ତେଶ୍ୱର ଦ୍ୱିବେଦୀ | " |
| ଜଗନ୍ନାଥ ସିଂହ | " | ଦୁର୍ଯ୍ୟୋଧନ ଦାସ | ୩ୟ |
| ବଳଦେବଚରଣ ଦାସ ୩ୟ | | | |

କଟକ ଛାତ୍ରର ପଣ୍ଡାମୂଣ୍ଡେର ଟେନାଲରୁ ବେଟେଦ ଶାଖାନାଳ ପ୍ରସ୍ତୁତ ହେବା କାରଣ ଗବର୍ଣ୍ଣମେଣ୍ଟ ସେଠାରେ କେତେକ ଜମି କ୍ରୟ କରିବାର ଅଭିପ୍ରାୟ ପ୍ରକାଶ କରିଛନ୍ତି । ଏଥିର ବିଶେଷ ବିଜ୍ଞାପନ ଗତ କଲିକତା ଗେଜେଟରେ ବାହାର ହୋଇଅଛି ।

ବାବୁ ବୈକୁଣ୍ଠନାଥ ଦେ ବାଲେଶ୍ୱର ସ୍ୱେଚ୍ଛାସେବ କମିଟିର ରେଜିଷ୍ଟ୍ରାର ମ୍ୟାନ ବା ସହକାରୀ ସଭାପତିପଦରେ ପୁନ-ର୍ବାର ନିଯୁକ୍ତ ହେଲେ ।

ପୁରୀ ପୁଲିସ ସେଠା ଏମାରମଠ ମହନ୍ତଙ୍କ ଚେଲା ନାମରେ ଯେଉଁ ଫଉଜଦାରୀ ମୋକଦ୍ଦମା କରିଥିଲେ ଏବଂ ଯହିଁରେ ମହନ୍ତଙ୍କ ଚେଲା ଉପରେ ଅର୍ଥଦଣ୍ଡ ଓ ଅନ୍ୟ ଏକ ଅସାମୀ ଉପରେ କାରାବାସ ଦଣ୍ଡ ହୋଇଥିଲା ତହିଁର ଅପିଲ ମୋକଦ୍ଦମା ଗତ ଗୁରୁବାର ଶ୍ରୀଯୁକ୍ତ ଜଜ ସାହେବ ନିଷ୍ପତ୍ତି କରି ଅସାମିମାନଙ୍କୁ ଖଲାସ ଦେଲେ ।

ଅସ୍ମାନଙ୍କ ଲେପ୍ଟେନାଣ୍ଟ ସାହେବ ଆଗାମୀ ସୋମବାର କଲିକତାରୁ ଯାତ୍ରା କରି ମୁଙ୍ଗେର, ଭାଗଲପୁର ଓ ପାବନା-ଜିଲାମାନ ଭ୍ରମଣ କରିବୁ ଆସନ୍ତା ସେପ୍ଟେମ୍ବରମାସ ତା ୭ ଦିନରେ ଦାର୍ଜିଲିଂଠାରେ ପହଞ୍ଚିବେ ।

ଗିରିଶ୍ଚନ୍ଦ୍ର ଦେଙ୍କ ମେମୋରିୟଲ କମିଟୀର ସେକ୍ରେଟରୀ ଗବର୍ଣ୍ଣମେଣ୍ଟଙ୍କୁ ଟ ୫୦୦ ଙ୍କା ମୂଲ୍ୟର କମ୍ପାନୀ କାଗଜ ପ୍ରଦାନ କରିଛନ୍ତି । ପ୍ରଦତ୍ତକାରମାନଙ୍କର ଇଚ୍ଛା ଯେ ଏହି ପାଣ୍ଠିର ସୁଧହାର ବର୍ଷକୁ ଟ ୨୦ ଙ୍କା ମୂଲ୍ୟର ପୁସ୍ତକ କ୍ରୟ କରାହୋଇ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା 'ହେୟାର' ସ୍କୁଲର ଛାତ୍ରମାନଙ୍କ ମଧ୍ୟରୁ ପ୍ରଥ ଛାତ୍ରକୁ ପାରିତୋଷିକ ଦିଆଯିବ ।

ଅସ୍ମାନଙ୍କ ଲେପ୍ଟେନାଣ୍ଟ ସାହେବ ଏ ଦାନକୁ ଗ୍ରହଣ କରି କମିଟୀକୁ ବଦାନ୍ୟତା ନିମନ୍ତେ ଧନ୍ୟବାଦପ୍ରଦାନ କରିଅଛନ୍ତି । ବାସ୍ତବିକ ଏହିପରି କାର୍ଯ୍ୟଦ୍ୱାରା ଦେଶର ଉନ୍ନତି ଓ ମଙ୍ଗଳ-ସାଧିତ ହୁଅଇ ଅମ୍ଭେମାନେ ଅଗ୍ରବର୍ତ୍ତୀ ବୋଲି ଚିତ୍କାର କରୁଁ ମାତ୍ର ଅଳ୍ପଲୋକ ତହିଁର ପୂରଣପକ୍ଷରେ କାର୍ଯ୍ୟ କରନ୍ତି ।

## ସ୍ଥାନୀୟସମ୍ବାଦ ।

ବର୍ଷା ସେନ ଅନ୍ନ ହାଇ ସବୁଠାରେ ଲୋକେ ଆନ୍ଦୋଳନ କରୁଅଛନ୍ତି । ବିଲମାନଙ୍କରୁ ଜଳ ଶୁଖିଗଲାଣି ଆଉ ଧାନଗଛ ପାଚପାଇ ଶୁଷ୍କ ପ୍ରାୟ ହୋଇ ଗଲେଣି । ଯେବେ ନିକଟରେ ବୃଷ୍ଟି ନ ହୁଏ ତେବେ ଫସଲର ଆଶା ରହିବ ନାହିଁ ।

ସହରରେ ମଶା ଗର୍ମିରେ ନିଦ୍ରା ହେବା ଦୁଷ୍କର । ବୈଶାଖ ଓ ଜ୍ୟେଷ୍ଠମାସରେ ଏପରି ଗର୍ମି ଅନୁଭବ ହୋଇ ନ ଥିଲା ।

ଶ୍ରାବଣମାସରେ ଯେବେ ବର୍ଷା ନ ହେଲା ତେବେ ଫସଲ କି ଭଲହେବ ?

ଉତ୍ତମ ଚାଉଳ ସେର ଅନ୍ନ କାଲି କଟକୀ ସେ ୩- ଶୋଳିରେ ଶୋ ୩ ଣି ହୋଇଗଲା । କଥଣ ନିକଟ ହେଲା କି ?

ଜଳନ୍ତି କାଠ ଜଣା ବୃଦ୍ଧି ନ ହେବାରୁ ଯେପରି ମହାର୍ଘ ହୋଇଅଛି ଚାଉଳଠାରୁ ଅଧିକ । ବଜାରରେ ଚାଉଳ ମିଳୁଅଛି କିନ୍ତୁ ଜଳନ୍ତି କାଠ ଗତସନରେ ଅତ୍ୟଳ୍ପ ଅସିଥିଲା ତାହା ଶେଷହେବାରୁ ଦୁର୍ମିଳ ପ୍ରାୟ ହୋଇଅଛି ଜଣା ହେଲେ କେବଳ ଜଳନ୍ତିକାଠ ଯେ ଅସେ ତାହା ନୁହେ କାଠ ଓ ବାଉଁଶ ଶସ୍ୟ ଅନ୍ୟ ପ୍ରକାର ଶୁଣ୍ଠୀ ପ୍ରଭୃତି କାଠ ଓ ମୁଗ ବୁଟ ଧାନ ଚାଉଳ ଇତ୍ୟାଦି ଶସ୍ୟ ଅସିଲେ ଅନେକ ସାହାଯ୍ୟ ପାଇଯାଏ । ଏ ସନ ତହିଁରୁ ବଞ୍ଚିତ ହେଲପରି ଜଣାଯାଉ-ଅଛି ।

ଗ୍ରେଟ୍ ଯାତ୍ରୀକ ପଡ଼ୁ ସେପରି ସ୍ୱସ୍ଥରେ ଓଲାଉଠା ରୋଗର ପ୍ରାଦୁର୍ଭାବ ହୋଇଥିଲା କିନ୍ତୁ ସେ ଏକାଦଶୀଠାରୁ କ୍ରମଶଃ ଭଣା ପଡ଼ି ଆସୁଅଛି ।

ସହରର ଏକଟିଂ କଲେଟର ଶ୍ରୀଯୁତ ସାଉସ ସାହେବ ଏଠାରୁ ବଦଳ ହେବାର ଶୁଣି ଅମ୍ଭେମାନେ ଦୁଃଖିତ ଅଛୁ କାରଣ ସାହେବ ମହୋଦୟ ଗଲ୍ ଦିନ ହେଲା ଏଠାରୁ ଅସି ଘ ୧୦ ଘଣ୍ଟାରୁ ୪ ଟା ପର୍ଯ୍ୟନ୍ତ କଚେରି କରି ଯେପରି ଶୃଙ୍ଖଳାରେ କାର୍ଯ୍ୟ କରୁଥିଲେ ତାହା ବଡ଼ପ୍ରଶଂସନୀୟ ହେଉ ଦେଖା ନ ଥିଲା ମୋକଦ୍ଦମାମାନ ମଧ୍ୟ ବଡ଼ ଉତ୍ତମରୂପେ ମୀମାଂସା କରୁଥିଲେ ଯେ ତହିଁରେ ବାଦୀ ପ୍ରତିବାଦୀ ଉଭୟ ସନ୍ତୋଷ ଲାଭ କରୁଥିଲେ ।

ମାନ୍ୟବର ଗବର୍ଣ୍ଣମେଣ୍ଟଙ୍କ ଅଦେଶାନୁସାରେ ନୂତନ-ମାସଠାରୁ ମିଉନିସିପାଲିଟି ତରଫରୁ ପାଇଖାନାମାନଙ୍କ ବନ୍ଦୋବସ୍ତ ହେବାର ଥିଲା । କିନ୍ତୁ ଏଠାର ମେହନ୍ତରମାନେ ମିଉନିସିପାଲିଟିର ଅଧୀନରେ ଏହି କାର୍ଯ୍ୟ କରିବାକୁ ଅସ୍ୱୀକୃତ ହେବାରୁ ଦରିଣ୍ଡରୁ ନ ୧୦୦ ଣ ମେହନ୍ତର ଅଣାଇବାର ବନ୍ଦୋବସ୍ତ କରାଯାଉ ଅଛି ।

Split by PDF Splitter

Digitized by srujanika@gmail.com

Split by PDF Splitter



ସେହିଭଳି ନାମକ ପୁଷ୍କରିଣୀର ଅବସ୍ଥା ମନ୍ଦ ଥିବାରୁ ଇକ୍ତ ଫଣ୍ଡ କମିଶ୍ନରମାନେ କେତେକ ଟଙ୍କା ଚନ୍ଦା କରି ଏବଂ ମିଉନିସିପାଲିଟିରୁ ଟ ୫୦୦ ଙ୍କା ନେଇ ପଙ୍କୋଦ୍ଧାର-ପ୍ରଭୃତି କାର୍ଯ୍ୟ କରୁଅଛନ୍ତି ମାତ୍ର କାର୍ଯ୍ୟ ଶେଷ ହୋଇ ନାହିଁ । କାର୍ଯ୍ୟ ଶେଷପରେ ଉପରୁ ଫଳ ହେବ ଜଣାଇବାର ବାକି ରହିଲା ।

ପୁରୀର ପୁଲିସଡିଷ୍ଟ୍ରିକ୍ଟ ଇନ୍ସ୍ପେକ୍ଟର ବାବୁ ସତ୍ୟରଞ୍ଜନ ମୁଖର୍ଯ୍ୟା ବର୍ତ୍ତମାନ ଖୁଲ୍ଲଧା ମୁକାମକୁ ବଦଳି ହେବାରୁ ସେଠାଁ ଇନ୍ସ୍ପେକ୍ଟର ବାବୁ ଅବନୀଶଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ କର୍ମରେ ଅଳ୍ପଦିନ ସକାଶେ ଏଠାକୁ ଆସି ଅଛନ୍ତି । ବାବୁ ମହେନ୍ଦ୍ର ପୁରୀରେ ଥାଇଁ ଯେପରି ସତ୍କାର୍ଯ୍ୟ କରିଅଛନ୍ତି ତହିଁରେ ବାବୁଙ୍କର ଦକ୍ଷତାର ପରିଚୟ ପାଇଯାଇ ଅଛି ।

ଅନେକ କାଳ ସହରର କେତେକ ଭଦ୍ରଲୋକ ମିଳି ଶ ୩ ଶ୍ର ଘୋଡାଗାଡ଼ି ଚଳାଇ ସାଧାରଣର ଉପକାର କରୁଅଛନ୍ତି ମାତ୍ର ଗାଡ଼ିମାନ ପୁରାତନ ଓ ଘୋଡ଼ାମାନ ଅଶିକ୍ଷିତ ଥିବାରୁ ଆରୋହୀମାନଙ୍କ ପକ୍ଷରେ ଅନିଷ୍ଟର ସମ୍ଭାବନା ଭରସା କରୁଁ ଉକ୍ତ ଅଧ୍ୟକ୍ଷମାନେ ଏଥିର ଅତିଶୀଘ୍ର ସଂଶୋଧନ କରି ଦେବେ ।

---

ପ୍ରେରିତପତ୍ର ।

ପ୍ରେରିତପତ୍ରର ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।—

ମହାଶୟ !

ପ୍ରଥମରୁ ଯେ ଯାମଳ ଜନ୍ମ ହୋଇଅଛନ୍ତି; ତହିଁରେ ଜ୍ୟେଷ୍ଠ କାହାକୁ ବୋଲିଯିବ । କନିଷ୍ଠ କାହାକୁ ବୋଲିଯିବ ।

ପ୍ରକାଶ ଥାଉକ; କୌଣସି ଆଧାରରେ (ଜଳ ଭିତରେ) କୌଣସି ଦ୍ରବ୍ୟ ପୂର୍ଣ୍ଣକଲେ ପ୍ରଥମରୁ ଯାହାକୁ ପୂର୍ଣ୍ଣ କରାଯାଇଥାଏ, ଓ ଶେଷରେ ଯାହାକୁ ପୂର୍ଣ୍ଣ କରାଯାଏ; ସେ ଆଧାରକୁ ଉଲମୁଖ କରିଦେଲେ; ଶେଷରେ ଯାହାକୁ ପୂର୍ଣ୍ଣ କରାଯାଇଥାଏ, ସେ ଆଗେ ବାହାରେ; ପ୍ରଥମରେ ଯାହାକୁ ପୂର୍ଣ୍ଣ କରାଯାଇଥାଏ; ସେ, ଶେଷରେ ବାହାରେ; ଏପରି ବ୍ୟବହାର ଦେଖାଯାଉଅଛି ଯାମଳ ପକ୍ଷରେ ଜ୍ୟେଷ୍ଠ ଓ କନିଷ୍ଠତା କବେଡନା କରୁ ପାଠକମାନେ ଶୀଘ୍ର ଜଣାଇ ବାଧିତ କରିବେ ।

ଅତଏବ ସମ୍ପାଦକଙ୍କ ପ୍ରତି ଏହି ପ୍ରାର୍ଥନା ଯେ ଉର୍ଦ୍ଧ୍ୱଲିଖିତ ବିଷୟମାନଙ୍କୁ ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାରେ ସ୍ଥାନଦାନ କରି ଅଭିଷ୍ଟସିଦ୍ଧ ସଫଳ କରିବେ । ଇତି । ୪ ଠୁଁ ମାହେ ଅଗଷ୍ଟ ସନ ୧୮୮୬ ମସିହା ।

ଶ୍ରୀ ବିଶ୍ୱନାଥ ପଞ୍ଚାନନ ଶର୍ମା ପଣ୍ଡିତ ଏବଂ ଯାଜକ ବ୍ରାହ୍ମଣ (ଗଡ଼ ଗୁରୁକାର୍ଯ୍ୟ) — ଲାଳଟେର- ଦୁର୍ଗସ୍ଥ ।

---

ମହାଶୟ !

ଆପଣଙ୍କ ଜଗଦ୍ବିଖ୍ୟାତ ଅଗଷ୍ଟ ମାସ ତା ୭ ଖ ପତ୍ରିକାରେ ଶ୍ରୀ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ନ ୭ ମ୍ବର ଅନ୍ତର୍ଲିପିର ଉତ୍ତର ପ୍ରଦାନ କଲି, ଆପଣ କଷ୍ଟକୁ ସ୍ଥାନଦାନ କରି ବାଧିତ କରିବା-ହେବେ । ଯଥା; ଅଜୟ୍ୟ, କସ୍ୟପ, ଅଞ୍ଜଳ, ଭରଗ, ବର୍ଷା, ଭୁଦେଷ୍ଟ, କଣ୍ଟ, ବଣ୍ଟଣୀ ଅର୍ଥାତ୍ ଜୟଶ୍ରୀ ଭିଲେଣ୍ଟେଶ୍ୱ ।

ମହାଶୟ !

ନିମ୍ନଲିଖିତ ନ ୭ ମ୍ବର ଅନ୍ତର୍ଲିପି ପ୍ରଦାନ କଲି । ଆପଣଙ୍କ ପାଠକମାନଙ୍କ ମଧ୍ୟରେ ଉତ୍ତର ଅତିଶୀଘ୍ର ପ୍ରଦାନ କଲେ ଶ୍ରମ ସଫଳ ହେବ ।

ନ ୭ ମ୍ବର ।

ଅନ୍ତର୍ଲିପି ।

ଭାରତଭୂମିରେ ଯେତୁ ଅର୍ଥି;
ଅନ୍ତର୍ଲିପିରେ ବର୍ଣ୍ଣିତ ତା ଯଶ । ୧ ।
ଗଜ ଭକ୍ଷଣ ଯେ କଲେ ପୂର୍ବେ;
ଲକ୍ଷ୍ୟ କରି ସେ ପାଦକୁ ସାଧବେ । ୨ ।
ସଭାରେ ଦୁର୍ଯ୍ୟୋଧନର ଅଗ୍ରତେ;
କର ପ୍ରସାରି ପଡ଼ାଇ ମାଗନ୍ତେ । ୩ ।
ତଟେ ବସିଛେ ନ କଲ କବିର;
ଜଣ ରଚନା ଯାହା ଭବଗୀର । ୪ ।
ପଦ୍ମହାସ ନ କର ଗୁଦ୍ଧ ନର;
ଲୋମ ମିଥିଳ ବଳୋମ ଦଶର । ୫ ।
ଯାହା ତହିଁରୁ ହୋଇବ ପ୍ରକାଶ;
ଚିରଂଜୀବ କରନ୍ତୁ ଜଗଦୀଶ । ୬ ।

୧୩।୮।୮୬ ନରସିଂହପୁର ସ୍କୁଲ — ଶ୍ରୀ ଗଙ୍ଗାଧର ପଟ୍ଟନାୟକ ୨ୟ ଶିକ୍ଷକ

---

To the Editor of Utkal Dipika
Cuttack.

Sir,

Kindly publish the following article in a corner of your valuable paper as it will, no doubt, be very interesting to most of your readers.

The rules of our Postal Department are so lax that one can behave dishonestly without being easily caught hold of. Fancy, some postmasters are required to remit their excess cash to other offices in their neighbourhood which, they technically call, "cash offices." The Postmaster of the remitting office sends the money to the cash office in a bag called after its name noting the fact on a piece of paper only which is called "The Registered List." Suppose the remitting post master remits but Rs. 500, and says, in the Registered List, that he has remitted Rs. 700. Is there any way, by which, his dishonesty can be brought to light? Or suppose, the remitting postmaster does his duty honestly, but the receiving officer, on the other hand, says that he has received something less than that entered in the Registered list. Is there any means even in this case of proving his dishonest behaviour? No out-siders, to stand as witnesses if required, could attend the office at the time of receipt or despatch of the mails. Moreover, the runner is not given the clue lest, at times, he would make away with the contents of the mail bag, if he should simply know the secrecy. The office peon only, in the presence of the Post master, closes or opens the bag. If both the Postmaster and the office peon conjointly try to have recourse to dishonesty no other evidence would be available.

Not long ago, a selected Sub-Post master in this District remitted Rs. 40 to his cash office. Probably, out of oversight, or pressure of work, he *might* not have noted the fact in the Registered list. The *good* cash office postmaster has not *perhaps* received the amount and so did not shew, in his Daily account sent to the Head office, that he has received the sum, from the remitting office; but mind, the remitting officer shewed the Rs. 40 under "amount remitted to cash office" in the expenditure column of his Daily account. The Head offices to their utmost surprise, found that a sum of Rs. 40 shewn under "charges" in the remitting office has not been credited to "Receipts" by the cash office and so, wanted the two Sub Post-masters to explain the descrepancy in full. Now, Dear Mr. Editor, which of the two is dishonest

Digitized by srujanika@gmail.com

is a question which I leave for you or any of your readers to answer.

Yours truly

A Ganjam correspondent

---

### ମୂଲ୍ୟ ପ୍ରାପ୍ତି ।

| | | | |
|---|---|---|---|
| ବାବୁ ଗୌରମୋହନ ବସୁ | କଟକ | ବଙ୍କୀସ୍ଥା | ଟ ୩୧ |
| „ ଗଣେଶପ୍ରସାଦ ସିଂହ | „ | „ | ଟ ୨୧ |
| „ ଗୋକୁଳାନନ୍ଦ ଚୌଧୁରୀ | „ | „ | ଟ ୨୧ |
| ଚୌଧୁରୀ ବୃନ୍ଦାବନ ଦାସ | „ | „ | ଟ ୭୧ |
| ମିଷ୍ଟର ଜର୍ଜ କ୍ରିଷ୍ଟେନସନ୍ ସିଲଭଷ୍ଟ | ଅଙ୍ଗୁଲ | | ଟ ୬। |
| ବାବୁ କାଳୁଚରଣ ଦାସ | | ବଙ୍କୀସ୍ଥା | ଟ ୧୪୧ |
| „ ଜଗନ୍ମୋହନ ବସୁ | କଟକ | „ | ଟ ୭୧ |
| „ ରଘୁନାଥ ମିଶ୍ର ଇଃ, ପଣ୍ଡିତ ଏରସମା ଅଙ୍ଗୁଲ | | | ଟ ୩୧ |
| „ ଜଳରାମଦାସ ଭଗତ କଟକ | | „ | ଟ ୬୧ |

---

# ବି ଜ୍ଞା ପ ନ ।

---

## NOTICE

Is hereby given that a Life Boat belonging to the False Point Harbour will be sold at the Cuttack Collectorate at 2 P. M. of the 27th. instant. Any one wishing to purchase it, will attend the office on the date fixed above. The Boat is at Jobra Workshop ready for inspection and its demension are given below :—

27′—0″ Length
8′—0″ Beam
3′—0″ Depth

Cuttack Customs House
The 19th August 1886. } G. Toynbee
Collector of Customs Dn.

---

### ବିଶେଷ ଦ୍ରଷ୍ଟବ୍ୟ, ବିଶେଷ ଦ୍ରଷ୍ଟବ୍ୟ ।

### ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ, ଆମ୍ଭେ ନିମ୍ନ ଲିଖିତ ରୋଗଗ୍ରସ୍ତ ବ୍ୟକ୍ତିମାନଙ୍କୁ ଆରୋଗ୍ୟ କରିବାକୁ ପ୍ରସ୍ତୁତ ଅଛୁଁ ଏବଂ ବହୁବ୍ୟକ୍ତିଙ୍କୁ ଆରୋଗ୍ୟ କରିଅଛୁଁ । ଯାହାଙ୍କର ତତ୍ତ୍ୱ ଜାଣିବାର ବାସନା ହେବ ସେମାନେ କଟକପ୍ରିଣ୍ଟିଂ କମ୍ପାନିର ପ୍ରିଣ୍ଟର ଶ୍ରୀବାବୁ ଭଗୀରଥୀ ପାଠିଙ୍କଠାରୁ ସମସ୍ତ ବିଷୟ ବୁଝିପାରିବେ. ପ୍ରକାଶଥାଉକି ପ୍ରତ୍ୟହ ସକାଳ ଆଠଘଣ୍ଟାଠାରୁ ପା୧୦ଘଣ୍ଟାପର୍ଯ୍ୟନ୍ତ ଉକ୍ତ ପ୍ରିଣ୍ଟରଙ୍କ ଘରଠାରେ ଯେ କେହି ଉପସ୍ଥିତ ହେବେ ସେ ଆମ୍ଭଠାରୁ ସକଳ ବିଷୟ ଅବଗତ ଓ ନିୟମାନୁସାରେ ଚିକିତ୍ସିତ ହୋଇ ରୋଗରୁ ମୁକ୍ତି ଲଭିବେ ।

### ରୋଗର ନାମ ।

ପ୍ରଦର, ମୋହଅବନ୍ଧ, ମାଂସବୃଦ୍ଧି, ତ୍ରିଶୂଳରୋଗ, ଭୂତୁନ୍ତ୍ରୀ, ହସ୍ତୀଶୁଣ୍ଡା, ଏକଶିରା, ଅମଳକା, ଅର୍ଶ, ଗୁଳ୍ମ, ପାଣ୍ଡୁ, ହଳଦିଆକାମଳ, ଝୁରପୁରପା, ବାତଫୁଟିପା, ଆଉ ବାଳକର ଅନୁସଙ୍ଗିକ ରକ୍ତଗତବାତରୋଗ ଇତ୍ୟାଦି ।

୧୦।୮।୮୬
ଆଲମଚନ୍ଦବଜାର
କଟକ } ଶ୍ରୀଚନ୍ଦ୍ରମଣିଦାସ
ଚିକିତ୍ସକ

---

## NOTICE.

Is hereby given that the Annual meeting of the Cuttack Student's Association will be held at 8 P. M. on Saturday the 21st instant in the premises of the Ravenshaw College when Babu Hem Chandra Rai M. A. the English Lecturer of this college will deliver a lecture on "English Education in Bengal."

Gentlemen are respectfully invited to attend.

Cuttack
19—8—86. } Ram Das Chackurburty
*President.*

---

### ଜମିଦାରୀ ବିକ୍ରୟ ।

ଜମିଦାର ଶମ୍ଭୁନାଥ ବାବୁ କୃଷ୍ଣମୋହନ ଘୋଷଙ୍କର । ପ୍ର । ତାଏମା ଅନ୍ତର୍ଗତ ନଂ ୧୬୨୩ ତଉଜୀ । ତା । ଗୁନବାଲ ଜମିଦାରୀ ବିକ୍ରୟ ହେବ, ଏହା ଉତ୍ତରଦ୍ୱାର ଏକ ପ୍ରଧାନ ବନ୍ଦର ଅଟେ କଲିକତା ଜାହାଜସବୁ ଏଠାରୁ ଯାତାୟାତ କରନ୍ତି । ଏହାର ସଦରଜମା ଟ୧୩୨୮ । ଅଣା ମଫସଲ ଜମା ଟ ୩୦୦୦ଙ୍କା । ଗ୍ରହଣେଚ୍ଛୁକ ବ୍ୟକ୍ତିମାନେ ଅମ୍ଭନିକଟରେ ସମସ୍ତ ବିଷୟର ତତ୍ତ୍ୱାନୁସନ୍ଧାନ କଲେ ଜାଣିପାରିବେ ।

୨୦।୮।୮୬
ଚାନ୍ଦିନୀଚଉକ
କଟକ } Peary Mohun Bose.

---

### ଓଲାଉଠା ରୋଗର ହସ୍ତପରୀକ୍ଷିତ ମହୌଷଧି ।

ଏହି ଔଷଧର ସମାନ ଗୁଣାବଲମ୍ବି ଅନ୍ୟ କୌଣସି ଔଷଧି ଦୃଷ୍ଟିଗୋଚର ହୁଏ ନାହିଁ । ଏପରି ଓଲାଉଠାରୋଗର ପ୍ରଧାନତମ ଔଷଧ ହୋଇ ନାହିଁ; ଏହି ଔଷଧି ସେଠାରେ ଫଳପ୍ରଦ "କ୍ଲୋରୋଡାଇନ" ଯେଉଁଠାରେ ଫଳପ୍ରଦ ହୋଇ ଅନେକ ପ୍ରଖ୍ୟାତ ଲାଭ କରିଅଛି । କ୍ଲୋରୋଡାଇନ ପରିବର୍ତ୍ତରେ ନ ୧ ମ୍ବର ପିଲବା ବଟିକା ବ୍ୟବହାର କରିବାକୁ ହୁଏ ।

କ୍ଲୋରୋଡାଇନ ଯେଉଁ ସ୍ଥଳେ ଫଳପ୍ରଦ ନ ହୁଏ ସେସ୍ଥଳେ ନ ୨ ମ୍ବର ପିଲବା ବଟିକା ବ୍ୟବହାର କଲେ ନିଶ୍ଚେ ରୋଗୀ ରୋଗରୁ ମୁକ୍ତ ପାଏ ।

ରୋଗୀର ମରଣାପନ୍ନ ଅବସ୍ଥାରେ ନଂ ୩ ମ୍ବର ପିଲବା ବଟିକା ବ୍ୟବହାର କଲେ ରୋଗୀ ଜୀବିତ ଥାଇ ପୁଣି ସଂସାର କାର୍ଯ୍ୟ ନିର୍ବାହ କରଇ ।

ଯଦ୍ୟପି ବାନ୍ତି ବନ୍ଦ ନ ହୁଏ ତେବେ ନଂ ୪ ପିଲବା ବଟିକା ବ୍ୟବହାରରେ ନିଶ୍ଚୟ ବନ୍ଦ ହୁଏ ।

ଅସହ୍ୟ ତୃଷ୍ଣା ନିବାରଣ ସକାଶେ ନଂ ୫ ମ୍ବର ପିଲବା ବଟିକା ବ୍ୟବହାର ମାତ୍ରକେ ନିବାରଣ ହୁଏ ।

ଯଦି ପେଟରେ ଯନ୍ତ୍ରଣା ହୁଏ ବା ପେଟ ଫୁଲେ ବା ରୋଗୀର ପରିସ୍ରାବ ନ ହୁଏ ତେବେ ନଂ ୬ ମ୍ବର ଔଷଧି ବ୍ୟବହାରରେ ସମସ୍ତ ପୀଡ଼ା ଉପଶମ ହୁଏ ।

ଉକ୍ତ ପ୍ରତ୍ୟେକନମ୍ବର ଔଷଧର ମୂଲ୍ୟ ଟଂ ୧ ଓ ସମୁଦାୟ ଏକତ୍ରରେ କ୍ରୟ କଲେ ଉତ୍ତମ ବାକ୍ସରେ ବନ୍ଦ କରି ବ୍ୟବସ୍ଥାପତ୍ର ସହ ଟ ୨ । ମୂଲ୍ୟରେ ପ୍ରାପ୍ତ ହେବ ।

ଅ[illegible]ଯ୍ୟଦିନର କଷ୍ଟସାଧ ଜ୍ୱର ଓ ଅନ୍ୟାନ୍ୟ [illegible]ର ବହୁ ପରୀକ୍ଷିତ ଓ ଅଶୁ ଫଳପ୍ରଦ ଔଷଧି ।

| | |
|---|---|
| କୌଣସି ପ୍ରକାର କଷ୍ଟସାଧ ଜ୍ୱରନାଶକ ବଟି ଟ ୧। | ଦନ୍ତରୋଗର ଚୂର୍ଣ୍ଣ ଟ ୦ । |
| ବାୟୁଶୂଳର ଅତି ଆଶ୍ଚର୍ଯ୍ୟ ଔଷଧ ଟ ୧୧ | କର୍ପୁରାସବ (ଉଦରାମୟ ନାଶକ) ଟ ୦ ।୵ |
| ବାତାଜୀର୍ଣ୍ଣ ବା ଗ୍ରହଣିରୋଗର ଔଷଧ ଟ ୧ | ଜୀର୍ଣ୍ଣକାରକ ଔଷଧ ଟ ୦ ୷ |
| ଶିରଃଶୂଳର ଉତ୍ତମ ଔଷଧି ଟ ୦ ୷୵ | „ ତିକ୍ତରସ ଟ ୦ ୷ |
| ପାଦୁଘ ମଲମ (ଜ୍ୱାଳା ନିବାରକ) ଟ ୦ ୵ | „ ମଧୁରସ ଟ ୦ ୷ |
| କଫରୋଗର ବଟି ଟ ୦ ୵ | ବମନରୋଗର ବଟି ଟ ୦ ୷ |
| | ମକରଧ୍ୱଜ ପ୍ରତିତୋଳା ଟ ୧୬୧ |
| | କଟୁକାଦିର ଗ୍ରହଣି ଔଷଧ ଟ ୧୦୧ |

### ପ୍ରଶଂସାପତ୍ର ।

ଆପଣଙ୍କ ପ୍ରସ୍ତୁତ ଓଲାଉଠା ରୋଗର ବଟିକାର ଗୁଣ ଯଥୋପଯୁକ୍ତରୂପେ ପ୍ରଶଂସା କରିଯାଇ ନ ପାରେ । ୬୦ ବର୍ଷର ଅଧିକ ଓ ୭୦ ବର୍ଷର ଅନଧିକ ବୟସ୍କ ଆମ୍ଭର ଜଣେ ପ୍ରତିବାସୀ ଓଲାଉଠା ରୋଗରେ ଏପରି ପୀଡିତ ଥିଲେ ଯେ ତାଙ୍କର ଜୀବନର ଆଶା ସମସ୍ତେ ତ୍ୟାଗ କରିଥିଲେ । ଏହି ସମୟରେ ଆପଣଙ୍କ ଦତ୍ତ (ନ ୩ ମ୍ବର) ବଟିକାଟି ତାହାଙ୍କୁ ଖୁଆଇଲୁଁ । ଅତ୍ୟନ୍ତ ଆହ୍ଲାଦସହିତ ଜଣାଉଅଛୁ ଯେ ଉକ୍ତ

Split by PDF Splitter

Digitized by srujanika@gmail.com

ବଟୀକା ଦେବାମାତ୍ରେକେ ରୋଗୀ ଉପଶମଲାଭ କଲେ ଓ ଅବଶେଷରେ ସମ୍ପୂର୍ଣ୍ଣଆରୋଗ୍ୟ ଲାଭ କଲେ ।

କେନ୍ଦ୍ରାପଡ଼ା ୩୦।୬।୮୬ } Munsi Warish Alli Head Master.

---

ମହାଶୟ, ଆପଣ ଯେଉଁ ଔଷଧ ପ୍ରେରଣ କରିଥିଲେ ତାହା ବହୁଦିବସସ୍ଥାୟୀ ଜ୍ୱରର ଶାନ୍ତିଦାୟକ ଔଷଧ ଅଟେ ।ଦୁଇ ଦିବସ ମଧ୍ୟରେ ଏହା ଆଶ୍ଚର୍ଯ୍ୟଜନକ ଫଳ ଫଳିଥିବାରୁ ଏହାର ପ୍ରଶଂସା ଆମ୍ଭେ କରୁ ଅଛୁଁ ।

ଆପଣଙ୍କର ବଶମ୍ବଦ
ଭଗବତ ପ୍ରସାଦ ଦାସ
ରେଜଷ୍ଟ୍ରାର କରଣୀ

---

ଅନ୍ୟ ସାର୍ଟିଫିକଟମାନ ଦୀପିକାର ୬।୩।୮୬, ୨୦।୩।୮୬, ୧୦।୩।୮୬ ଓ ୨୭।୭।୮୬, ଓ ସମ୍ବାଦର ୩।୪।୮୫ ରେ ପ୍ରକାଶ ହୋଇ ଅଛି ଦେଖ ଓ କବିରାଜଙ୍କଠାରେ ଉତ୍ତର କଲେ ଅନେକ ସାର୍ଟିଫିକଟ ପାଠ କରି ପାରିବ ।

କେନ୍ଦ୍ରାପଡ଼ାସ୍ଥ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ କବିରାଜଙ୍କଠାରେ ଉପରୋକ୍ତ [illegible]ମାନ ପ୍ରାପ୍ତ ହେବ ।

Apply to
LAKSHMINAR[illegible] GUPTA
Kabiraj, Kendrapara.

---

# ମେହରୋଗ ।

ଘ୨୪ଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତଲାର୍ଦ୍ଧ ରୋଗୀ-ଣକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେ-ବା କଲେ ନୂତନରୋଗ ଏବଂ ତିନି ଚାରି ସପ୍ତା-ହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେ-ବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚ-ୟ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଈଶ୍ୱରଙ୍କ ବସ୍ତୁରାଶିରେ ପରିଣତ ନ ହେଲେ ଅନ୍ୟ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରସ୍ତୁତ ହେବ କଲିକତା ଅହେରଟୋଲା ନମ୍ବର ଭବନରେ ସି, କେ, ସ୍ୱପ୍ନ କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରଣ୍ଡିକଷ୍ଟାନଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶି-ଶି ଛୁଟ୨୪ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ୍ ।

---

# ବାଲିକାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧବିହାରି କର କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

୧୬ ପଣି ବାଦାମି ରମାଲ ରି ୧୬ ୫ ୨୦/
୧୪ ପଣି " " ୫ ୭।
୧୨ ପଣି " " ୫ ୧୦/

ବେପାରିମାନେ ଅର୍ଥାତ୍ ଯେଉଁମାନେ ଏକ-ତରେ ରି ୫ ମ ବା ଅଧିକ କ୍ରୟ କରିବେ ଅନ୍ତର ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

---

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦରକୋଣା ଓ ବଲଟି ଓ ରେସମୀଓରେର ଲୁଗା ଓ ଷ୍ଟେସନରୀ ଓ ବନ୍ଦ ହୋମିଓପାଥି ଔଷଧର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଅଭି କେତେକ ଫେନ୍ସି ଜିନିଷାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେ-ଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ-ପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବିଲେଭ ଝାଡ଼ ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖି ଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କ ବିକ୍ରୟ କରାଯିବ । ଯଦି ଉକ୍ତ ଝାଡ଼ମାନ ବିକ୍ରୟ ହେବା ପୂର୍ବ ଆପଣା ମଜଲିସ ସକାଶେ ଭଡ଼ା ଚାହାନ୍ତି ତେବେ ଏକ ରାତିକୁ ଫି ବତି ୫୦/୬ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଛତି ଏକ୍ସପେନ୍ସର ଭାର ତାଙ୍କ ଉପରେ ଥିବ । ଛତି ହେଲେ ଝାଡ଼ର ପୂରା ମଲ୍ୟ ତାଙ୍କୁ ଦେବାକୁ ହେବ ।

ତଫସିଲ ।

କଲର ରେସୋମା ବ ତ-ହିଁଲେ ଗୁଡ ଦେଲେ ଗୁଲେ ।
କଲେଡିଖାତ
କଦେସୀନ୍ ତେଲ ଡିବିକା
ସେନ ସାଦା ଓ ଲୋମ ସହିତ ।
ହାତ ସିଲେଇ ସାଜ ଓ ବଡ଼ ରଙ୍ଗିନ ଓ ସାଦା
ବଙ୍ଗାଳୀ ଦେହେଜ
ଲେଡ଼ିସ୍ ବୁଟପଲିସ୍
,, ଏକପର ବୁଟ
କେରଜକ ଡପୋର ମେହେନ୍ଦି ଅବଲ
ବୁରୁସ ଅର୍ଥାତ୍ କଲମ କଲବା କାଗଜ ପେନ୍-ସିଲ ଓ କଲମ ।
ପେନ୍‌ସିଲ କାଟିବା ଛୁରି ।
ନାନା ପ୍ରକାରର ଚିଠି-କାଗଜ ଓ ଲଫାଫା
ବ୍ରୁସୀଂ ବ୍ରଶ ।
ଟିକର ଛୁରି ।
ବଙ୍ଗଳୀ ଆତୁକ ।
ଚାକାଲି ସାବାନ ସର୍ବଦେ ଲୁଗା ପରିଷ୍କାର କରେ ।
ଅଟୋର ଗୋଲ—ଅର୍ଥାତ୍ ସୁଗନ୍ଧି ଦ୍ରବ୍ୟ ।
ଅବେଲ ବ୍ଲଥ ।
ଓଏଷ୍ଟର ସୁପ୍ ଛଡ଼ା ।
ବର୍ଦ୍ଦ୍ରି ଅର୍କ ।
ଜୋକେଭାଇନ୍ ।
ପୋଇଷ୍ଟିଡନର କେଷ୍ଟର-ମେନ ଓ ଡକଡ ପୋ-ଭରେ ଯତେ
ଟ୍ରୁ୍ଥାକ କାଢ ଅର୍ଥାତ୍ ଲେଫାବେଲେ ପାତ ଓ ଶୁଖିଲେ ବଡା ହେବ ।
ଅଲକା ତଷ୍ଟ୍ରା
୧୨×୧୦ ଇଞ୍ଚ
୧୪×୧୨ ଇଞ୍ଚ
ପକେଟବୁକ ପଂସଗ ପାଞ୍ଚି ସହିତ ୫ ୦/୭
ମୋଜା ଓ ମୋଜାବନ୍ଦ
ଲଣ୍ଡନ ଧୂଆ ନଳସାଙ୍କ
ବଙ୍ଗଳୀ ସାଷ୍ଟିକ ବଲ
କଲିଓ ପାଇକର ଚୌରୀ ପିଠା
ମାର୍କିଂ କାଳୀ ଲୁଗାରେ ଦରୁ ଦେଲେ ଧୋଉ ସରେ ବଡ଼ଲ ହେବ ନାହିଁ ।
ଏ, ଗୋଷ୍ଟଲ ଲାଷ୍ଟପ୍ଲେନ କାମିଜ ଓ ବୁରୁଦା ।
ବଙ୍ଗଳୀ ଅଲ୍‌ଟୋଷ୍ଟ ।
ଏଲନ କାଉସ ।
ସୁଅନ ପେନ ।
ଅଟମେଟକ ପେନ୍‌ସିଲ ଅ ର୍ଥାତ୍ ଏ ପେନ୍‌ସିଲ୍‌ରେ ଲେଡ଼ ଭରିଙ୍ଗ ପେପ ରକୁ ଭିଜାଇ ସେହି ପେନ୍‌ସିଲ୍ ଲେଖା ଉପରେ ଦେଇ ଚପାଇ ଦେଲେ ଚହିଁର ନକ ଲ ଉଠେ ।
କପିଙ୍ଗ ପେପର ।
କସ୍ମିକ ତେଲରେ ଲଉ କାଉ ଥାଏ
ଲବଳ ମୋପରି ଅର୍ଥାତ୍ ତଟ କଏଲ ଖା ଇବାର ରି[illegible]
ମମଗାମା ।
ଲେଡ୍ ବୁ, ପେନ୍‌ସିଲ୍ ଷ୍ଟନ ଟ୍ୱାଇଲ
ବନାରସୀ ସାଢ଼ୀ ଓ ଯୋଡ଼ ଓ ଜରି
ମଣ୍ଡୁଦାବାସ ଓ ଷିତ-ପାଇ ପାଟଯୋଡ ଓ ଷାଢ଼ୀ ।
ତ୍ରିଙ୍ଗଂ କାଡ

ଅର୍ଦ୍ଧବିହାରି କର କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଶର୍ତ୍ତ । ବିଜ୍ଞା-ପିତ କରେ ଖାର୍ଚ୍ଚ ହୋଇଅଛି ଯଥା ।—

ପ୍ରଥମଥର ସକାଶେ
ଖାଡ ପ୍ରତି ୫ ୦/
ଅଧ ସ୍ତମ୍ଭକୁ ୫ ୭୧
ପୂର୍ଣ୍ଣ ଏକ ସ୍ତମ୍ଭକୁ ୫ ୩

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେହେଁ ତହିଁର ଦର ୫ ୦/ରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ଅର୍ଦ୍ଧେକ ଓ ଚତୁର୍ଥ ଥରଠାରୁ ଏକ ଚତୁର୍ଥାଂଶ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

---

☞ ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

୨୨ ଭାଗ
୩୫ ସଂଖ୍ୟା

ତା ୨୮ ଶେ ମାହେ ଅଗଷ୍ଟ ସନ ୧୮୮୭ ମସିହା । ମୂ । ଭାଦ୍ର ତା ୧୪ ର ଖ୍ର ୧୨୯୫ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ପଶ୍ଚାତ୍ |
| --- | --- | --- |
| ବାର୍ଷିକ | ଟ ୨ | ଟ ୨।୦ |
| ଡାକମାସୁଲ | ଟ ୦ ।୧ | ଟ ୦।୦ |

ବାର୍ଣ୍ଣା ବିଜ୍ଞାପନ ।

ପଞ୍ଚମ ବୈଦିକ ପ୍ରସ୍ତାବ ।

ବେଦରେ ଦୁଇଗୋଟି ମାର୍ଗ ଶ୍ରୁତିଗୁରୁପେ ...ଛନ୍ତି ଯଥା, ଜ୍ଞାନମାର୍ଗ ଓ କର୍ମମାର୍ଗ; କିନ୍ତୁ ଜ୍ଞାନ ଓ କର୍ମ ଏ ଦୁହେଁ ପରସ୍ପର ବିରୋଧୀ, ଅର୍ଥାତ୍ କର୍ମ କଲେ ଜ୍ଞାନାଭ୍ୟାସର ବାଧା ହୁଏ, ଏବଂ ଜ୍ଞାନାଭ୍ୟାସ କଲେ କର୍ମର ହାନି ହୁଏ; ଅତଏବ ହିନ୍ଦୁମାନେ ଏହି ଦୁଇମାର୍ଗରୁ ଜ୍ଞାନମାର୍ଗକୁ ପ୍ରଧାନମାର୍ଗ ବୋଲି ସ୍ୱୀକାର କରନ୍ତି; ମାତ୍ର କେବଳ ଜ୍ଞାନମାର୍ଗକୁ ଆଶ୍ରୟ କଲେ ଗୃହଧର୍ମରେ ଅପ୍ରବୃତ୍ତି ହୋଇ ସାଂସାରିକ କାର୍ଯ୍ୟର ଉଚ୍ଛେଦ ହୁଏ ଅତଏବ ବେଦଗତ କର୍ମମାନେ ଉକ୍ତଭାବରେ ବିହିତ ହୋଇଅଛନ୍ତି ଯେ ତଦ୍ଦ୍ୱାରା ପ୍ରତ୍ୟହ ଈଶ୍ୱରୋପାସନା ପ୍ରାପ୍ତ ହେବ, ଜ୍ଞାନମାର୍ଗ ଅବିରୋଧୀ ହେବ, ଗୃହକାର୍ଯ୍ୟ ସମ୍ପନ୍ନ ହେବ ଏବଂ ସାମାଜିକ ବ୍ୟବସ୍ଥା ନିର୍ବାହ ହେବ ଏବଂ ସେହି କର୍ମ ହିନ୍ଦୁଧର୍ମର ଅଙ୍ଗରୂପରେ ପରିଗଣିତ ହେବ ।

ସାମାନ୍ୟତଃ କର୍ମ ତିନିପ୍ରକାର । ଯଥା; ନିତ୍ୟ, ନୈମିତ୍ତିକ ଏବଂ କାମ୍ୟ, ନିତ୍ୟକର୍ମ (ସନ୍ଧ୍ୟାବନ୍ଦନାଦି) ନୈମିତ୍ତିକ କର୍ମ ( ଜାତକର୍ମାଦି ) କାମ୍ୟକର୍ମ (ଅଗ୍ନିଷ୍ଟୋମାଦି) ।

ସନ୍ଧ୍ୟାବନ୍ଦନାଦି କର୍ମ ନ କଲେ ହିନ୍ଦୁଧର୍ମର ଭ୍ରଷ୍ଟ ବୋଲି ପାପ ହେବ, ଏବଂ କଲେ କୌଣସି ଫଳକାମ ନାହିଁ କିନ୍ତୁ ଏହା ଗୋଟିଏ ହିନ୍ଦୁଧର୍ମର ଅସାଧାରଣ ଚିହ୍ନ ।

ଜାତକର୍ମାଦି ନ କଲେ ଗୃହିମାନଙ୍କର ସ୍ୱଧର୍ମର ମାର୍ଜନା ନ ହୋଇ ଈଶ୍ୱରୋପାସନାରେ ଅନ୍ତଃକରଣର ବିଶୁଦ୍ଧତା ଜାତ ହୁଏ ନାହିଁ ଏବଂ କଲେ ଅସାଧାରଣ ଫଳ ଅର୍ଥାତ୍ ଈଶ୍ୱରୋପାସନା ପ୍ରାପ୍ତ ହୁଏ ସୁତରାଂ ଜାତକର୍ମାଦି ସକଳ କାର୍ଯ୍ୟମାନଙ୍କର ତାତ୍ପର୍ଯ୍ୟ ଅନ୍ୱେଷଣ କଲେ ଅଖଣ୍ଡ ଈଶ୍ୱରୋପାସନା ଭିନ୍ନ ଅନ୍ୟ କୌଣସି ଫଳ ଦେଖାଯାଏ ନାହିଁ ।

ଅଗ୍ନିଷ୍ଟୋମାଦି କର୍ମ ନ କଲେ କୌଣସି ଦୋଷ ହେବ ନାହିଁ କଲେ ଅଲୌକିକ ସୁଖଲାଭ ହେବ ବୋଲି ଯାଜ୍ଞିକମାନେ ରଚନା କରନ୍ତି ଅତଏବ ଏହା ଇଚ୍ଛାର ଅଧୀନ ଏହି କର୍ମ ଜ୍ଞାନର ପ୍ରତିବନ୍ଧକ ବୋଲି ଜ୍ଞାନକାଣ୍ଡ ପ୍ରସ୍ତାବରେ ଚିହ୍ନିତ ହୋଇଅଛି ।

ଫଳତଃ ନିତ୍ୟକର୍ମ ନ କଲେ ଦୋଷ, କଲେ କୌଣସି ଫଳକାମ ନାହିଁ, ନୈମିତ୍ତିକ କର୍ମ ନ କଲେ ଦୋଷ, କଲେ ଫଳଲାଭ ହୁଏ, କାମ୍ୟ କର୍ମ ନ କଲେ କୌଣସି ଦୋଷ ନାହିଁ କଲେ ଫଳ ଲାଭ ହୁଏ, ଅତଏବ ନିତ୍ୟ ନୈମିତ୍ତିକ କର୍ମ ନ କଲେ ଦୋଷ ଥିବାରୁ ଓ କଲେ ଈଶ୍ୱରୋପାସନା ପ୍ରାପ୍ତ ହେବାରୁ ସନ୍ନ୍ୟାସ ପର୍ଯ୍ୟନ୍ତ ହିନ୍ଦୁମାନଙ୍କର କର୍ତ୍ତବ୍ୟତା ରୂପରେ ପ୍ରଦର୍ଶିତ ହୋଇଅଛି ।

ଗୃହକାର୍ଯ୍ୟରେ ବ୍ୟସ୍ତ ଥିବା ଲୋକମାନଙ୍କର ସାଧାରଣତଃ ଈଶ୍ୱରୋପାସନାରେ ପ୍ରବୃତ୍ତି ହୁଏ ନାହିଁ; ଅତଏବ ଜାତକର୍ମାଦି ଗୋଷ୍ଠିଏ ନିମିତ୍ତ ଦେଖାଇ ଈଶ୍ୱରୋପାସନାରେ ପ୍ରବୃତ୍ତ କରାଇ ଅଛନ୍ତି ।

ଜ୍ଞାନକାଣ୍ଡରେ କଥିତ ହୋଇଅଛି ଯେ ନିରନ୍ତର ଉପାସନାର ଅଭ୍ୟାସ ନ କଲେ ଈଶ୍ୱରଜ୍ଞାନ ଦୃଢ଼ୀଭୂତ ହୁଏ ନାହିଁ; ସପ୍ତାହରେ ଥରେ ରବିବାର ବା ଶନିବାରଦିନ ଈଶ୍ୱରୋପାସନା କଲେ ଯେ ଜ୍ଞାନର ଦାର୍ଢ୍ୟ ହେବ ତାହା କଦାଚ ସମ୍ଭବ ନୁହେ ପ୍ରତ୍ୟକ୍ଷରେ ଦେଖାଯାଏ ପାଠକମାନେ ସପ୍ତାହରେ ଥରେ କୌଣସି ପ୍ରବନ୍ଧ ପଠନ କଲେ କି ତାହା ମୁଖସ୍ଥ ହୋଇପାରେ ? ଏହି ହେତୁରୁ ହିନ୍ଦୁଆର୍ଯ୍ୟମାନେ ଗୃହକାର୍ଯ୍ୟରେ ବ୍ୟାପୃତ ଥିବା ବ୍ୟକ୍ତିମାନଙ୍କର ପୁନଃ ପୁନଃ ଈଶ୍ୱରୋପାସନାଭ୍ୟାସ ନିମିତ୍ତ ଏପରି ଭାବରେ ନିତ୍ୟ, ନୈମିତ୍ତିକ କ୍ରିୟା କରି ଦେଇଅଛନ୍ତି ଯେ ତଦ୍ୱାରା ପ୍ରତିଦିନ ଈଶ୍ୱରୋପାସନାଭ୍ୟାସ ହୋଇ କ୍ରମାନ୍ୱୟେ ଈଶ୍ୱରଜ୍ଞାନ ଦୃଢ଼ ହେବ ଏବଂ ଗୃହକାର୍ଯ୍ୟ ମଧ୍ୟ ସମ୍ପନ୍ନ ହେବ ସ୍ୱଧର୍ମପଦ୍ଧତି ଉନ୍ନତିମାନ ହେବ ।

ହିନ୍ଦୁଆର୍ଯ୍ୟମାନେ ଯେତେ ଧର୍ମବିଷୟକ ବାକ୍ୟମାନ କହିଅଛନ୍ତି ତାହା ସରଳ ରୂପରେ କହି ନାହାନ୍ତି ସଙ୍କେତ ତାତ୍ପର୍ଯ୍ୟ, ବ୍ୟଞ୍ଜନା, ଲକ୍ଷଣା ଓ ଶ୍ଳେଷମାନ ରଖିଅଛନ୍ତି ଏହି ହେତୁରୁ ନବ୍ୟମାନେ ହିନ୍ଦୁଧର୍ମର ତାତ୍ପର୍ଯ୍ୟ ନ ଜାଣି

Digitized by srujanika@gmail.com

ସୋଭାକଥା ଧରି ହିନ୍ଦୁଧର୍ମକୁ କଳଙ୍କିତ କୋଇ ରଚନା କରନ୍ତି ଏହି ଗାଥାଗୁଡ଼ିକୁ ଜାଣିବାପ୍ରତି ସକଳ ହିନ୍ଦୁଶାସ୍ତ୍ରର ଅନ୍ବେଷଣ କରନ୍ତୁ ଆବଶ୍ୟକ । କ୍ରମଶଃ

ଶ୍ରୀ——ବାମଣ୍ଡା

---

ଉତ୍କଳଦୀପିକା ତା ୨୮ ରିଖ ଅଗଷ୍ଟ ସନ ୧୮୮୬ ମସିହା ।

---

ଗତପ୍ରକାଶିତ ସମ୍ବାଦରେ ବାବୁ ଚତୁର୍ଭୁଜ ପଟ୍ଟନାୟକଙ୍କୁ ଲୁଚାଇ ରଖିବାର ଅନେକ ଚେଷ୍ଟା ହୋଇଅଛି କିନ୍ତୁ ଲଣ୍ଡନସ୍ଥ ହୋଇ ଜଣେ ଇଂରାଜସମ୍ପାଦକ ନିଯୁକ୍ତ ହେବାର ଘୋଷଣା ପ୍ରକୃତିଦ୍ୱାରା ତାହା ବ୍ୟର୍ଥ ହେଲା ପରି ବୋଧ ହେଉଅଛି । ନଗରବାସିମାନଙ୍କ ଠାରେ କୌଣସି କଥା ଅବଗତ ନ ଥିଲେ ସମ୍ବାଦକ ଯେ ସ୍ଥଳେ ଧର୍ମସଭାର ପକ୍ଷ ହେଉଅଛି ତହିଁରେ ଲେଖାଥିବା କଥାମାନ ବିଶ୍ୱାସ କରିବାର ଉଚିତ ।

---

ଏ ଦେଶୀୟଲୋକଙ୍କୁ ଗବାଦି ପଶୁ ଚିକିତ୍ସା ଶିକ୍ଷା ଦେବା ନିମିତ୍ତ ଭାରତୀୟ ଗବର୍ଣ୍ଣମେଣ୍ଟ ଭାଗଲପୁର ଅଥବା କଲିକତାରେ ଯେଉଁ ବିଦ୍ୟାଳୟ ସ୍ଥାପନ କରିବାକୁ ପ୍ରସ୍ତାବ କରିଥିଲେ ଗବର୍ଣ୍ଣମେଣ୍ଟଇଣ୍ଡିଆ ତାହା ପ୍ରୟୋଜନୀୟ ବିବେଚନା କଲେ ମଧ୍ୟ ବର୍ତ୍ତମାନ ଅର୍ଥର ଅଭାବ ନିବନ୍ଧନ ତାହା ଅନୁମୋଦନ କରିବାକୁ ଅସମର୍ଥ ହେଲେ । ସୁତରାଂ ଏ ବିଦ୍ୟାଳୟ ବସିବାର କଥା ଅନିର୍ଦ୍ଦିଷ୍ଟ ଭବିଷ୍ୟତ୍ କାଳକୁ ସ୍ଥଗିତ ହେଲା ।

---

ଅମ୍ଭେମାନେ ଆନନ୍ଦ ସହିତ ଅବଗତ ହେଲୁଁ ଯେ ଏଠା ରେଭେନସାହକଲେଜର ଅଧ୍ୟକ୍ଷ ଶ୍ରୀଯୁକ୍ତ ଏଲକ ସାହେବଙ୍କ ପ୍ରସ୍ତାବମତେ ଆଗାମୀ ବର୍ଷଠାରୁ ବି, ଏ, ପରୀକ୍ଷା ଏହିଠାରେ ଗୃହୀତ ହେବାର ଗବର୍ଣ୍ଣମେଣ୍ଟ ମଞ୍ଜୁର କରିଅଛନ୍ତି । ଉକ୍ତ ପରୀକ୍ଷା ଦେବାନିମିତ୍ତ ଆଉ କଲିକତାକୁ ଯିବାକୁ ହେବ ନାହିଁ । ଦୁଇବର୍ଷ ପୂର୍ବେ ଉତ୍କଳସଭା ଏହି ବିଷୟର ପ୍ରସ୍ତାବ କରିଥିଲେ ମାତ୍ର ଶିକ୍ଷାବିଭାଗର ଡାଇରେକ୍ଟର ସାହେବ ତହିଁରେ ସମ୍ମତ ହେଲେ ନାହିଁ । ବର୍ତ୍ତମାନ ଶ୍ରୀଯୁକ୍ତ କମିଶ୍ନର ସାହେବ ଏକଥାର ଅନୁମୋଦନକରି ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିବାରୁ ଫଳଲାଭ ହେଲା । ଏଥିପାଇଁ ଏଲକ ସାହେବ ଏବଂ କମିଶ୍ନର ସାହେବ ଓଡ଼ିଶାବାସିଙ୍କର ବିଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି ।

---

ସ୍ୱାସ୍ଥ୍ୟସାଧନର କ୍ଷୁଦ୍ର ସମାଲୋଚନା କରିବାରୁ ଯଦ୍ୟପି ବାବୁ ଚତୁର୍ଭୁଜ ପଟ୍ଟନାୟକ ଆପଣାର ସମ୍ବାଦପତ୍ର ସମ୍ବାଦରେ ଅମ୍ଭମାନଙ୍କୁ ନାନା କୁକଥା କହିବା ଓ ଅଯଥାପ୍ରତିବାଦ କରିବାରୁ କ୍ଷାନ୍ତ ହୋଇ ନାହାନ୍ତି ମାତ୍ର ଏଥିମଧ୍ୟରେ ଦ୍ୱିତୀୟଖଣ୍ଡର ଶେଷେ ଶୁଦ୍ଧିପତ୍ର ତାହାର କରି ଅମ୍ଭେମାନେ ଦେଖାଇ ଦେଇଥିବା ଦୋଷଗୁଡ଼ିକୁ ଅଂଶିକ ସ୍ୱୀକାର କରିବାରୁ ଅମ୍ଭେମାନେ ସନ୍ତୁଷ୍ଟ ହୋଇଅଛୁଁ । ସନ୍ତୋଷ ହେବାର କାରଣ ଏହି କି ବାବୁ ଯେତେ ବା ଗ୍ରନ୍ଥକ ହେଉନ୍ତୁ ପଛକେ ଦୋଷ ସଂଶୋଧନ କରିବାର ଇଚ୍ଛା ଅଛି କିମ୍ବା ଏହି ଶୁଦ୍ଧିପତ୍ରରେ ଯେ ପୁସ୍ତକ ଖଣ୍ଡିକ ନିର୍ଦ୍ଦୋଷ ହୋଇଗଲା ଏପରି ଅମ୍ଭେମାନେ କହିପାରୁ ନାହୁଁ । ବାସ୍ତବରେ ଅମ୍ଭେମାନେ ଯେତେ ଦୋଷ ଦେଖାଇ ଅଛୁଁ ତାହାଛଡ଼ା ଅଧିକ ଅନେକ ଦୋଷ ଅଛି ଯାହା କି ଶୁଦ୍ଧିପତ୍ରଦ୍ୱାରା ସଂଶୋଧିତ ହେବାର ନୁହଇ ଏବଂ ସେ ସବୁ ବାରନ୍ତରେ ଦେଖାଇ ଦେବାର ଇଚ୍ଛା ରହିଲା ।

---

ଗବର୍ଣ୍ଣମେଣ୍ଟ ମୁସଲମାନମାନଙ୍କୁ ଉଚ୍ଚ ଶିକ୍ଷାରେ ଉତ୍ସାହ ପ୍ରଦାନ ନିମନ୍ତେ ଶିକ୍ଷାବିଭାଗର ଡିରେକ୍ଟରଙ୍କ ସହିତ ପରାମର୍ଶ କରି ନିମ୍ନ ଲିଖିତ ଛାତ୍ରବୃତ୍ତିମାନ ମଞ୍ଜୁର କରିଅଛନ୍ତି ଯଥା;— ଏଣ୍ଟ୍ରେନ୍ସ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କ ନିମନ୍ତେ ମାସିକ ଟ ୭ ଙ୍କା ଲେଖାଏଁ କୋଡ଼ିଏଟି ବୃତ୍ତି ଓ ଏଲ, ଏ, ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କ ନିମନ୍ତେ ମାସିକ ଟ ୧୦ ଙ୍କା ଲେଖାଏଁ ଗୋ ୧୦ ଟି ଓ ମାସିକ ଟ ୭ ଙ୍କା ଲେଖାଏଁ ଗୋ ୧୦ ଟି ଏପରି ଗୋ ୨୦ ଟି ବୃତ୍ତି । ଏହି ବୃତ୍ତିମାନ ଏକ ୨ ଛାତ୍ର ଦୁଇ ବର୍ଷ ପର୍ଯ୍ୟନ୍ତ ପାଇବେ ଏବଂ ଯେଉଁ ଛାତ୍ର ପ୍ରବେଶିକା ପରୀକ୍ଷାରେ ଏହି ବୃତ୍ତି ପାଇଥିବ ପାଶ୍ଚାତ୍ ଫାର୍ଷ୍ଟଆର୍ଟସ୍ ପରୀକ୍ଷାରେ ସେହି ଛାତ୍ର ଉତ୍ତୀର୍ଣ୍ଣ ହେଲେ ତହିଁର ନିର୍ଦ୍ଦିଷ୍ଟ ବୃତ୍ତି ପାଇବ । ମାତ୍ର ଯେଉଁ ମୁସଲମାନ ଛାତ୍ର ଏଥିରୁ ଅଧିକ ମୂଲ୍ୟର ବୃତ୍ତି ପାଇଥିବ ସେ ଏ ନିୟମ ଅନୁସାରେ ବୃତ୍ତି ପାଇବ ନାହିଁ । ଆଗାମୀ ବର୍ଷଠାରୁ ଏହି ବୃତ୍ତିମାନ ଦିଆଯିବ । ଏହି ବୃତ୍ତିମାନ ଚିରସ୍ଥାୟୀ ନୁହଇ କେବଳ ଆପାତତଃ ମୁସଲମାନମାନଙ୍କୁ ଅଧିକ ଉତ୍ସାହ ଦେବା କାରଣ କେତେକ ବର୍ଷ ନିମିତ୍ତ ଏବୃତ୍ତି ମଞ୍ଜୁର ହୋଇଅଛି । ଏହାଦ୍ୱାରା ମୁସଲମାନମାନଙ୍କର ଉଚ୍ଚ ଶିକ୍ଷା ଲାଭ କରିବାର ଯଥାର୍ଥ ସାହାଯ୍ୟ ହେବ ସନ୍ଦେହ ନାହିଁ ।

---

ବିଲାତର ପାର୍ଲିଆମେଣ୍ଟ ସଭା ଚଳିତମାସ ତା୧୯ରିଖରେ ବସିଲା । ଶ୍ରୀମତୀ ମହାରାଣୀଙ୍କ ବକ୍ତୃତା ଅତି ସଂକ୍ଷେପରେ ପ୍ରଦତ୍ତ ହେଲା ଏବଂ ତହିଁର ସାର କଥା ଏହିକି ଯେ ଆୟ ବ୍ୟୟସମ୍ପର୍କୀୟ କେତେକ ବିଷୟ ବିଚାର କରିବା କାରଣ ଅସମୟରେ ଏଥର ସଭା ବସାଇବାକୁ ହେଲା କାରଣ ସାଧାରଣ ନିୟମାନୁସାରେ ଏ ସମୟରେ ବନ୍ଦ ଥାଏ । ସୁତରାଂ ସଭାର ବର୍ତ୍ତମାନ ଅଧିବେଶନ ଅଳ୍ପଦିନ ରହିବ ଏବଂ ତହିଁଉତ୍ତାରୁ ଆଗାମୀ ଫେବ୍ରୁଆରୀ ମାସ ଆରମ୍ଭପର୍ଯ୍ୟନ୍ତ ବନ୍ଦ ରହିବ । ପ୍ରଧାନ ମନ୍ତ୍ରିଙ୍କ କଥାରୁ ଜଣାଗଲା ଯେ ପୂର୍ବବାର ସଭା ଫିଟିବାପୂର୍ବରୁ ଅଏର୍ଲଣ୍ଡ ସମ୍ପର୍କରେ ଯେଉଁ ନୀତି ଅବଲମ୍ବିତ ହେବ ତାହା ପ୍ରକାଶ ହେବ ନାହିଁ । ମନ୍ତ୍ରିମାନେ ଏଥିମଧ୍ୟରେ ସେ ସବୁ କଥା ଆପଣାମଧ୍ୟରେ ବିଚାର କରି ସ୍ଥିର କରିବେ । ଅନ୍ୟାନ୍ୟ ପ୍ରସଙ୍ଗମଧ୍ୟରେ ବ୍ରହ୍ମଦେଶର ଶାସନକଥା ଉଠାଇ ପ୍ରଧାନମନ୍ତ୍ରୀ କହିଲେ ଆଗାମୀ ଶୀତକାଳରେ ସେଠାରେ ଯେଉଁ ବୃହତ୍ ସୈନିକ କାର୍ଯ୍ୟ ହେବାର କଳ୍ପନା ହୋଇଅଛି ତଦ୍ୱାରା ଶାନ୍ତି ଲବ୍ଧ ହେବ । ଏଥିରୁ ବିଲର୍ ସାହେବନାମରେ ଜଣେ ସଭ୍ୟ ପ୍ରସ୍ତାବ କରିଅଛନ୍ତି କି ଜଣେ ଦେଶୀୟ ରାଜାଙ୍କୁ ଗବର୍ଣ୍ଣମେଣ୍ଟ ବ୍ରହ୍ମଦେଶର ଗାଦିରେ ବସାଇ ଦେଲେ ସମସ୍ତ ଗୋଳମାଳ ଛିଣ୍ଡିଯିବ । ଏକଥା ଯେ ଯଥାର୍ଥ ହେବ ଏମନ୍ତ ଅନୁମାନକୁ ଆସ୍ଥା ନାହିଁ । ଫଳତଃ ଉଦାରଶୀଳ ସମ୍ପ୍ରଦାୟ ଶାସନଭାର ହସ୍ତରେ ରଖିଥିବା ସମୟରେ ଏ ପ୍ରସ୍ତାବ ସେମାନଙ୍କ ମୁହଁରୁ ବାହାର ନ ଥିଲା । ଏତେବେଳେ ସେ କଥା କିଏ ଶୁଣିବ ।

---

ମିଆଦିଅର ବନ୍ଦୋବସ୍ତ ।

ଓଡ଼ିଶା ସିଅର ବନ୍ଦୋବସ୍ତ ଅଦ୍ୟାବଧି ସ୍ଥିରୀକୃତ ନାହିଁ ଏବଂ ଅନୁମାନ ହୁଏ କି ଗବର୍ଣ୍ଣମେଣ୍ଟ ଶୀଘ୍ର ଏ ବିଷୟରେ ଖଣ୍ଡିଏ ଆଇନର ପ୍ରସ୍ତାବ ବ୍ୟବସ୍ଥାପକସଭାରେ ଉପସ୍ଥିତ

Split by PDF Splitter

Digitized by srujanika@gmail.com

ହଉବେ । ଅତଏବ ତାହାହୋଇ ତଦନୁସାରେ କାର୍ଯ୍ୟ ହେବା ଦୂରର କଥା ଜନ୍ତୁ ଏଥିମଧ୍ୟରେ ହନୋସ୍ତାନୀ ଓ ମାରବାଡିମାନେ ଅତ୍ୟନ୍ତ ଉତ୍ସୁକତାସହକାରେ ଯେଉଁ ଉପାୟ ଅବଲମ୍ବନ କରିଅଛନ୍ତି ତହିଁରେ ଭରସା ହୁଅଇ ଯେ ଶୀଘ୍ର ଏକୁଟିଆ ଦମନ ହେବ । ପଶ୍ଚିମାମାନଙ୍କର ଧର୍ମବିଶ୍ୱାସ ଅତ୍ୟନ୍ତ ଦୃଢ଼ । ଚର୍ବିମିଶା-ଘିଅବ୍ୟବହାରରେ ଜାତିନାଶ ହୋଇଥିବାର ବିଶ୍ୱାସ କରି ସେମାନେ ପ୍ରାୟଶ୍ଚିତ୍ତ ହେଉଅଛନ୍ତି । କଲିକତାର ମାରବାଡିମାନେ ଏକ ସଭା କରି ଆପଣା ଜାତିର ଏପ୍ରକାର ବ୍ୟବସାୟରେ ଲିପ୍ତଥିବା ଲୋକଙ୍କର ଏ ବ୍ୟବସାୟ ପରିତ୍ୟାଗ କରିବା ପର୍ଯ୍ୟନ୍ତ ଜାତ୍ୟନ୍ତର ହେବାର ନିୟମ କରିଅଛନ୍ତି । ଏଥିମଧ୍ୟରେ କଲିକତାର ୯୮ ଜଣ ମାରବାଡି ଏହି ବ୍ୟବସାୟ ନ କରିବାକୁ ଏକଯୋଗେ ସ୍ୱୀକାରିଅଛନ୍ତି ଏବଂ ଏଥିର ସମ୍ବାଦ ଅନ୍ୟାନ୍ୟ ସ୍ଥାନକୁ ପ୍ରେରିତ ହେବାସଙ୍ଗେ ଏ ନଗରରେ ଥିବା ମାରବାଡିମାନଙ୍କ ନିକଟକୁ ଆସିବାର ଆମ୍ଭେମାନେ ଅବଗତ ହୋଇଅଛୁଁ । ହନୋସ୍ତାନୀ ସିପାହିମାନେ ମଧ୍ୟ କଲିକତାର ଘିଅ ଖାଇବା ଛାଡି ଦେଇଅଛନ୍ତି ବୋଲି ଶୁଣାଯାଏ । ଏକଥା ସତ୍ୟ ହେଲେ ଗବର୍ଣ୍ଣମେଣ୍ଟ ଅଧିକଦିନ ନିଶ୍ଚିନ୍ତ ରହି ନ ପାରି ଅବଶ୍ୟ କିଛି ଉପାୟ କରିବେ । ସେଦିନ କଲିକତାର ମିଉନିସିପାଲକମିଟିରେ ଚର୍ବିମିଶା ଘିଅରେ ଅନେକ ତର୍କବିତର୍କ ହୋଇଥିଲା ଏବଂ ବଙ୍ଗଳାର ସମ୍ବାଦପତ୍ରମାନଙ୍କରେ ଏଥିର ଆନ୍ଦୋଳନ ଲାଗିଅଛି ମାତ୍ର କାର୍ଯ୍ୟତଃ କିଛି ହେଉ ନାହିଁ । ଓଡିଶାମଧ୍ୟରେ ଯାଜପୁରଠାରୁ ସମ୍ବାଦ ପାଇଅଛୁଁ ଯେ ସେଠାରେ କେହି୨ ବଙ୍ଗଦେଶୀୟ ବ୍ୟବସାୟୀ ବଙ୍ଗଳାର ଘିଅ ବିକ୍ରୟ କରୁଥିବାରୁ ଗୁଡିଆମାନେ ତହିଁରେ ମିଷ୍ଟାନ୍ନାଦି ପ୍ରସ୍ତୁତ କରୁଅଛନ୍ତି ବୋଲି ସେଠା ଭଦ୍ରଲୋକମାନେ ଗୁଡିଆ-ଦୋକାନରୁ ମିଷ୍ଟାନ୍ନ କିଣିବା ବନ୍ଦ କରିଅଛନ୍ତି ମାତ୍ର ଅନ୍ୟଲୋକମାନେ କିଣି ଖାଇବା କଥା କଏ ପକ୍ଷରେ ଦେବତାଙ୍କ ଭୋଗ ଦେବାକୁ ସୁଦ୍ଧା ଭୟ କରୁ ନାହାନ୍ତି । ଜନ୍ତୁ ଏପରି ଅବସ୍ଥା ଦୀର୍ଘକାଳ ରହିପାରିବ ନାହିଁ । ମିଶାଘିଅର କଥା ଅନେକ ସମସ୍ତେ ଜାଣି ପାରି ନାହାନ୍ତି ବୋଲି ସମ୍ବାଦପତ୍ରରେ ପାଇବାରୁ ଖେଦ କରୁଅଛନ୍ତି । ସେଥିରେ ଚର୍ବି ମିଶିବା କଥା ଯେତେବେଳେ ସୁସ୍ପଷ୍ଟ ହେବ ଉକ୍ତ ଘିଅର କାଇବାର ତେତେ ଉଣା ହେବ କାରଣ ଚର୍ବି-ପ୍ରତି ଏଠା ସାଧାରଣ ଲୋକଙ୍କ ପ୍ରବୃତ୍ତି କଦାଚ ହେବାର ସମ୍ଭାବନା ନାହିଁ ।

---

## ରୂପାର ବଜାର ।

ରୂପାର ଦର ପ୍ରାୟ ଗତ ସାତବର୍ଷଠାରୁ କ୍ରମଶଃ ଊଣା ହୋଇ ଆସୁଥିଲେହେଁ ଲୋକଙ୍କର ଆଶା ଥିଲା ଯେ ଆଉ ଊଣା ହେବ ନାହିଁ ଜନ୍ତୁ ସେ ଆଶା ବିଫଳ ହୋଇଅଛି ଏବଂ ଗତବର୍ଷଠାରୁ ଏ ବର୍ଷକୁ ଅଧିକ ଊଣା ହେବାରୁ ଏ ଦେଶ—ପ୍ରତି ଅତ୍ୟନ୍ତ ଅନିଷ୍ଟଜନକ ହୋଇଅଛି । ଏ ଦେଶରେ ରୂପାର ମୁଦ୍ରା ବା ଟଙ୍କା ପ୍ରଚଳିତ ଥିବାରୁ ରୂପାର ଦର ଊଣା ହେବା କଥା ବ୍ୟବହାରଦ୍ୱାରା ଆମ୍ଭେମାନେ ଅନୁଭବ କରି ପାରୁ ନାହୁଁ ଓ ଯଦ୍ୟପି ବି ଇଂଲଣ୍ଡ ସଙ୍ଗେ ଏ ଦେଶର କୌଣସି ସମ୍ବନ୍ଧ ନ ଥାନ୍ତା ତେବେ ପ୍ରାୟ କେହି ଜାଣି ପାରନ୍ତେ ନାହିଁ । ଇଂଲଣ୍ଡର ପ୍ରଚଳିତ ମୁଦ୍ରା ସୁବର୍ଣ୍ଣନିର୍ମିତ ଏବଂ ଏ ଦେଶର ପ୍ରଚଳିତ ମୁଦ୍ରା ରୌପ୍ୟନିର୍ମିତ । ଯେଉଁଠାରେ ଯେଉଁ ମୁଦ୍ରା ପ୍ରଚଳିତ ଅଛି ସେଠାରେ ତାହାର ମୂଲ୍ୟରେ କିଛି ତାରତମ୍ୟ ଘଟିଇ ନାହିଁ ଜନ୍ତୁ ଯେଉଁଠାରେ ତାହା ପ୍ରଚଳିତ ନୁହେଁ ସେଠାରେ ସେ ମୁଦ୍ରାର ମୂଲ୍ୟ ନ ରହି କେବଳ ଯେଉଁ ଧାତୁରେ ତାହା ଗଠିତ ହୋଇଥିବ ତହିଁର ମୂଲ୍ୟ ହେବ । ବିଲାତରୁ ଗୋଟିଏ ସୁନାର ମୁଦ୍ରା ଆଣିଲେ ଏ-ଭାରତବର୍ଷରେ ତାହାକୁ କେହି ମୁଦ୍ରା ବୋଲି ଗ୍ରହଣ କରିବେ ନାହିଁ ଅର୍ଥାତ୍ କୌଣସି ଦୋକାନରେ ଟଙ୍କାଟିଏ ପକାଇ ଦେଲେ ଯେମନ୍ତ ସହଜ ଓ ନିର୍ବିଘ୍ନରେ କୌଣସି ଦ୍ରବ୍ୟ କିଣି ଆଣିବ ସେପରି ଉକ୍ତ ମୁଦ୍ରାଦ୍ୱାରା କୌଣସି ଦ୍ରବ୍ୟ କିଣି ପାରିବ ନାହିଁ । ସେ ମୁଦ୍ରାକୁ ସୁନାର ଭାଉରେ ବିକ୍ରୟ କରି ଟଙ୍କା ଆଣି କାରବାର କରିବାକୁ ହେବ ସେପରି ଭାରତବର୍ଷରୁ କେତେଗୁଡିଏ ଟଙ୍କା ବିଲାତକୁ ପଠାଇଲେ ସେଠାରେ ତାହା ରୂପା ଭାଉରେ ବିକ୍ରୟ ହେବ । ଯେବେ ସୁନା ଓ ରୂପାର ଭାଉ ମଧ୍ୟରେ ଚିରକାଳ ଏକ ସମ୍ପର୍କ ରହିଥାନ୍ତା ଅର୍ଥାତ୍ ଯେବେ ଚିରକାଳ ଏକ ଭରି ସୁନାର ଦାମ ଷୋଳଭରି ରୂପା ବା ଟ ୧୬ ଙ୍କା ରହି ଥାନ୍ତା ତେବେ ସୁନା ରୂପାର ବିନିମୟରେ ତାରତମ୍ୟ ଘଟନ୍ତା ନ ଥାନ୍ତା । ଜନ୍ତୁ ନାନାକାରଣରୁ ବର୍ତ୍ତମାନ ସୁନାର ଦର ବଢ଼ି ଓ ରୂପାର ଦର ଊଣା ହୋଇଅଛି । ଭାରତ-ଛଡା ଆଗେ ୟୁରୋପର ଅନେକ ଦେଶରେ ସୁନା ଓ ରୂପା ଏହି ଉଭୟ ଧାତୁର ମୁଦ୍ରା ପ୍ରଚଳିତ ଥିଲା । ଗତ କେତେକ ବର୍ଷ ହେଲା ସେ ସବୁ ଦେଶରୁ ରୂପାମୁଦ୍ରା ଉଠିଯାଇ କେବଳ ସୁନାମୁଦ୍ରା ପ୍ରଚଳିତ ହୋଇଅଛି । ଏଥିରେ ସେ ସବୁ ଦେଶରେ ସୁନାର ଖର୍ଚ୍ଚ ଅଧିକ ଓ ରୂପାର ଖର୍ଚ୍ଚ ଊଣା ପଡିବାରୁ ପ୍ରଥମର ମୂଲ୍ୟ ଅଧିକ ଏବଂ ଦ୍ୱିତୀୟର ମୂଲ୍ୟ ଊଣା ହୋଇଅଛି । କାରଣ ଯେଉଁ ଦ୍ରବ୍ୟର ପ୍ରୟୋଜନ ଯେତେ ବଢିବ ତହିଁର ମୂଲ୍ୟ ସେତେ ଅଧିକ ହେବ । ଏପର ପୃଥିବୀରେ ଯେଉଁ ସ୍ଥାନରେ ସୁନାର ଖଣି ଅଛି ତହିଁରୁ ପୂର୍ବେ ଯେତେ ସୁନା ବାହାରୁଥିଲା ଏବେ ସେତେ ବାହାରୁ ନାହିଁ ବର୍ଷକୁ ବର୍ଷ ଏଥିର ପରିମାଣ ଊଣା ପଡିଆସୁଅଛି ପକ୍ଷାନ୍ତରେ ରୂପାର ଖଣିମାନଙ୍କରୁ ଅଧିକ ରୂପା ଉତ୍ପନ୍ନ ହେଉଅଛି । ଏହିରୂପେ ସୁନାର ଆମଦାନୀ ଊଣା ଏବଂ ଖର୍ଚ୍ଚ ଅଧିକ ଓ ରୂପାର ଆମଦାନୀ ଅଧିକ ମାତ୍ର ଖର୍ଚ୍ଚ ଊଣା ସୁତରାଂ ସୁନାର ତୁଳନାରେ ରୂପାର ମୂଲ୍ୟ ଅନେକ ଶସ୍ତା ହୋଇଅଛି । ଅଠଦଶ ବର୍ଷପୂର୍ବେ ଗିନି ନାମକ ଗୋଟିଏ ସ୍ୱର୍ଣ୍ଣମୁଦ୍ରାର ଦାମ ଟ ୧୦ ଙ୍କା ଥିଲା ଏତେବେଳେ ଟ ୧୪ ଙ୍କାରୁ ଅଧିକ ହୋଇଅଛି । ଏହିପରି କୁମ୍ପାନୀ ମୋହର ଆଗେ ଟ ୧୫।୧୬ ଙ୍କା ମୂଲ୍ୟରେ ବିକୁଥିଲା ବର୍ତ୍ତମାନ ଟ ୨୦।୨୧ ଙ୍କା ହୋଇଅଛି ଅର୍ଥାତ୍ ସୁନାର ମୂଲ୍ୟ ପୂର୍ବାପେକ୍ଷା ଟଙ୍କାରେ ଟ ୦।୵ ରୁ ଅଧିକ ବୃଦ୍ଧି ହୋଇଅଛି ଓ ସୁନାର ତୁଳନାରେ ରୂପାର ମୂଲ୍ୟ ସେହି ଅନୁପାତରେ ଊଣା ହୋଇଅଛି ।

ଆମ୍ଭେମାନେ ପ୍ରଥମେ କହିଅଛୁଁ ଯେ ଭାରତବର୍ଷର ପ୍ରଚଳିତ ମୁଦ୍ରାର ଧାତୁ ରୂପା ଓ ସେଥିରେ ସବୁ କାରବାର ହେଉଥିବାରୁ ତହିଁର ଶସ୍ତା ବା ମହରଗ କଥା ଆମ୍ଭମାନଙ୍କର ବୁଝିବାର ପ୍ରୟୋଜନ ନାହିଁ । କେବଳ ସୁନା କିଣିବାବେଳେ ଆମ୍ଭେମାନେ ଜାଣି ପାରୁଅଛୁଁ ଯେ ରୂପାର ଦର ଊଣା ହୋଇଅଛି ଅର୍ଥାତ୍ ପୂର୍ବେ ଯେତେ ରୂପା ଦେଇ ଯେତେ ସୁନା କିଣୁଥିଲୁଁ ତଦପେକ୍ଷା ବର୍ତ୍ତମାନ ଅଧିକ ରୂପା ଦେଲେ ସେତିକି ସୁନା ମିଳୁଅଛି । ସୁନାର ଦର ଯେତେ ଅଧିକ ହେଉ ନା କେବେ ତାହା ନ କିଣିଲେ କଥା ଛୁଟିଲା । ସୁନା ବିନା ଆମ୍ଭମାନଙ୍କର କୌଣସି ନିତାନ୍ତ ଆବଶ୍ୟକୀୟ କାର୍ଯ୍ୟ ଅଟକି ଯାଉ ନାହିଁ । [illegible] ଏପରି କଥା କହି ପାରନ୍ତି । ମାତ୍ର ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ

Split by PDF Splitter

Digitized by srujanika@gmail.com

Split by PDF Splitter



ତାହା କହି ନ ପାରନ୍ତି । କାରଣ ଭାରତବର୍ଷର ଶାସନ ନିମିତ୍ତ ବିଲାତରେ ଅନେକ କର୍ମଚାରୀ ରହିଅଛନ୍ତି ସେମାନଙ୍କ ବେତନ ବିଲାତିମୁଦ୍ରାରେ ଦିଆଯାଏ । ବିଲାତରୁ ସରକାରୀ କାର୍ଯ୍ୟ ନିମନ୍ତେ ଯେ ସମସ୍ତ ଦ୍ରବ୍ୟ ଆସଇ ତହିଁର ମୂଲ୍ୟ ବିଲାତିମୁଦ୍ରାରେ ଦିଆଯାଏ । ଏପର ଭାରତବର୍ଷରୁ ଯେ ସମସ୍ତ ବିଲାତି କର୍ମଚାରୀ ପେନସନ୍ ନେଇ ସ୍ୱଦେଶକୁ ଯାଇଅଛନ୍ତି ସେମାନଙ୍କ ପେନସନ୍ ଓ ଭାରତବର୍ଷ ସକାଶେ ବିଲାତରେ ଋଣ ହୋଇଥିବା ଟଙ୍କାର ସୁଧ ବିଲାତିମୁଦ୍ରାରେ ଦିଆଯାଏ । ଏହି ସବୁ ବିଷୟରେ ବିଲାତରେ ଯେତେ ବ୍ୟୟ ହୁଅଇ ଭାରତୀୟ ଗବର୍ଣ୍ଣମେଣ୍ଟ ତାହା ଦେବାକୁ ବାଧ୍ୟ । ପୂର୍ବେ ରୂପାର ଦର ଭଲ ଅଥବା ସୁନାର ଦର ଅଧିକ ନ ଥିବାରୁ ଏଠାରୁ ଷୋଳକୋଟି ଟଙ୍କା ପଠାଇଲେ ଉକ୍ତ ବ୍ୟୟ ନିର୍ବାହ ହେଉଥିଲା । ଏବେବେଳେ ସୁନାର ଦର ଉଚ୍ଚ ହେବାରୁ ଟଙ୍କାରେ ଛଅଣା ଅଧିକା ନ ଦେଲେ ସେ ବ୍ୟୟ ନିର୍ବାହ ହେଉ ନାହିଁ ସୁତରାଂ ଷୋଳକୋଟି ଟଙ୍କା ସ୍ଥଳେ ବର୍ତ୍ତମାନ ବାଇଶକୋଟି ଟଙ୍କା ଭାରତ ଗବର୍ଣ୍ଣମେଣ୍ଟଙ୍କୁ ଦେଣ ପଡ଼ୁଅଛି । ଏହି ଅଧିକା ଛଅକୋଟି ବ୍ୟୟର ନାମ ସୁନା କିଣିବାର ବଟ୍ଟା । ଏଟଙ୍କାଟ ଗବର୍ଣ୍ଣମେଣ୍ଟଙ୍କୁ ହାତରୁ ଦେଣ ପଡ଼ୁଅଛି । କାରଣ ଭାରତବର୍ଷର ସମସ୍ତ ରାଜସ୍ୱ ରୂପାଟଙ୍କାରେ ଆଦାୟ ହେଉଅଛି ଗବର୍ଣ୍ଣମେଣ୍ଟ ତହିଁଉପରେ ବଟ୍ଟା ପାଇ ତାହାଇଠାରୁ ଅଧିକା କିଛି ନେଇ ନ ପାରନ୍ତି । ବ୍ୟୟ ସଂକ୍ଷେପ ଅଥବା ନୂତନପ୍ରକାର ରାଜସ୍ୱ ବସାଇବା ଭିନ୍ନ ଏହି ବଟ୍ଟା ଦେବାର ଅନ୍ୟ ଉପାୟ ନାହିଁ । ଏଥିକୁ ବ୍ୟୟ ସଂକ୍ଷେପର କଥା ନେଣିକ ଆଉ ଭାରତବର୍ଷର ରକ୍ଷା ଏବଂ ବ୍ରହ୍ମଦେଶ ଲଢ଼ାଇରେ ବ୍ୟୟ ବୃଦ୍ଧି ହେଉଅଛି ଏବଂ କରଭାରରେ ଭାରତବାସିମାନେ ଉଠି ପାରୁ ନାହାନ୍ତି ଅଧିକ କର ବଢ଼ାଇବାର ଉପାୟ ନାହିଁ । ଉଭୟ ଦିଗରୁ ନିରୁପାୟ ହୋଇ ଗବର୍ଣ୍ଣମେଣ୍ଟଙ୍କର ମହାଭାଟିଳଣୀ ପଡ଼ିଅଛି ଏବଂ କି ଉପାୟରେ ରୂପା ଓ ସୁନା ମଧ୍ୟରେ ମୂଲ୍ୟର ଗୋଟିଏ ସ୍ଥିରତା ରକ୍ଷା ହେବ ରାଜନୈତିକ ଏବଂ ଅର୍ଥଶାସ୍ତ୍ରଜ୍ଞମାନେ ତହିଁର ନାନା ଉପାୟ କଳ୍ପନା କରୁଅଛନ୍ତି ।

---

ଉତ୍କଳହିତୈଷିଣୀପତ୍ରରେ ମୁଦ୍ରିତ ହୋଇଥିବା ଲିଖିତ ପୁସ୍ତକମାନ ବାବୁ କାଳୀପଦବନ୍ଦ୍ୟୋପାଧ୍ୟାୟଙ୍କ ଠାରୁ ଉପହାର ପାଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ।

ସଂକ୍ଷିପ୍ତ ଭାରତୀୟ ବିବରଣାବଳୀ—ଏଥିରେ ଭାରତବର୍ଷର ନାନାଖଣ୍ଡର ସରକାରି ପ୍ରଧାନ ମହକୁମା ଓ କର୍ମଚାରୀଙ୍କର ନାମ ଓ ଅନ୍ୟାନ୍ୟ ସଂବାଦ ସଂକ୍ଷେପରେ ବର୍ଣ୍ଣିତହୋଇ ବଙ୍ଗପ୍ରଦେଶ ଓ ତଦନ୍ତର୍ଗତ ଓଡ଼ିଶାର ସରକାରି ମହକୁମା ତହିଁରେ ବର୍ତ୍ତମାନ ନିଯୁକ୍ତଥିବା ପ୍ରଧାନ କର୍ମଚାରୀଙ୍କ ନାମ ମୋଗଲବନ୍ଦି ଓ ଗଡ଼ଜାତର ଅଧିପତି ଲୋକସଂଖ୍ୟା ବ୍ୟବସାୟ ବାଣିଜ୍ୟ ଶିକ୍ଷା ସାହିତ୍ୟ ତୀର୍ଥସ୍ଥଳ ହାଟ ବଜାର ଇତ୍ୟାଦି ନାନା ଜ୍ଞାତବ୍ୟ ବିଷୟ ବାହୁଲ୍ୟରୂପେ ବର୍ଣ୍ଣିତ ହୋଇଅଛି ଏବଂ ଭାରତବର୍ଷର ପ୍ରଧାନ ତୀର୍ଥସ୍ଥାନ ଓ ରେଲବାଟମାନ ଭଲକରି ଚିହ୍ନାଇଦେବା ସକାଶେ ଦୁଇଖଣ୍ଡ ମାନଚିତ୍ର ସନ୍ନିବେଶିତ ହୋଇଅଛି । କାଳୀବାବୁ ଏପୁସ୍ତକର ବିଷୟମାନ ସଂଗ୍ରହ କରିବାରେ ଅନେକ ପରିଶ୍ରମ କରିବାର ଜଣାଯାଏ ଓ ଅନେକଗୁଡ଼ିଏ ଜାଣିବାବିଷୟ ଏକତ୍ରିତହୋଇ ବଡ଼ ସୁବିଧା ହୋଇଅଛି ସନ୍ଦେହ ନାହିଁ । ଆମ୍ଭେମାନେ ଭରସା କରୁଁ ସର୍ବସାଧାରଣ ଏପୁସ୍ତକ ଆଦରସହିତ ଗ୍ରହଣକରିବେ ଦୁଃଖର ବିଷୟ ଯେ ଓଡ଼ିଶାବାସିମାନେ ବ୍ୟବସାୟ ବାଣିଜ୍ୟପ୍ରଭୃତି ଅର୍ଥସାଧନରୂପେ ଯେ ମନୋଯୋଗୀ ହୋଇ ନ ଥିବାରୁ ଏଥିର ପ୍ରୟୋଜନୀୟତା ଯଥାବହିତରୂପେ ଅନୁଭବ କରିବାକୁ ସମର୍ଥ ହୋଇ ନାହାନ୍ତି ତଥାଚ ତୀର୍ଥଦର୍ଶନ ସକାଶେ ଓଡ଼ିଶାରୁ ପ୍ରତିବର୍ଷ ଅନେକଲୋକ ଭାରତବର୍ଷର ନାନାସ୍ଥାନକୁ ଯାଉଅଛନ୍ତି ଏବଂ ଯିବାର ମାନସ କରନ୍ତି । ସେମାନେ ଏ ପୁସ୍ତକରୁ ଅନେକ ସାହାଯ୍ୟ ପାଇବେ

ସବାଗ୍ରହ — ଏଖଣ୍ଡିଏ କ୍ଷୁଦ୍ରପୁସ୍ତକ । ବାବୁ ରାଧାବଲ୍ଲଭ ମହାନ୍ତିଙ୍କ ଦ୍ୱାରା ପ୍ରଣୀତ ଏଥିରେ ନିତ୍ୟାଗ୍ରହ ଖାଦ୍ୟାଖାଦ୍ୟର ବିଚାର ଏବଂ ଗୃହନୀତି ଓ ସମାଜନୀତି—ବିଷୟକ କେତେଗୁଡ଼ିଏ କଥା ହିନ୍ଦୁଶାସ୍ତ୍ରର ମତାନୁସାରେ ବର୍ଣ୍ଣିତ ହୋଇଅଛି । ସତଳାହରଣ — ଏଥିର ପ୍ରଣେତାମଧ୍ୟ ବାବୁ ରାଧାବଲ୍ଲଭ ମହାନ୍ତି । ଚନ୍ଦ୍ରସେନ ନୃପର ସତଳାକୁ ହର କଲେ ଏବଂ ତହିଁନିମିତ୍ତ ଇନ୍ଦ୍ର ଓ ଶ୍ରୀକୃଷ୍ଣଙ୍କ ସଙ୍ଗେ ଯେମନ୍ତ ବିବାଦ ହୋଇଥାରେ ଯେପରି ମୀମାଂସା ହେଲା ଏହି ବିଷୟ ଉପାଖ୍ୟାନ ଛନ୍ଦରେ ରଚିତ ହୋଇଅଛି । ରଚୟିତା ପ୍ରାଚୀନକବି ବିଶମ୍ଭର ଅଟନ୍ତି ।

---

# ସାପ୍ତାହିକ ସଂବାଦ ।

କଟକରେ ଏଫ ଏ ପରୀକ୍ଷାର ଗୋଟିଏ କେନ୍ଦ୍ର ହେବାର ଶିକ୍ଷାବିଭାଗର ରେଜିଷ୍ଟ୍ରାର ମନ୍ତବ୍ୟ ପ୍ରକାଶ କରିଛନ୍ତି ଫାଷ୍ଟ ଆ, ଏଲ ଓ ଏମ ଓ ବି ଏ ଓକାଲତି ପରୀକ୍ଷା ଏଠାରେ ହେବାର ସ୍ଥିର ହେଲେ ଅନେକ ସୁବିଧା ହେବ । ଆଶାକରୁଁ ଆମ୍ଭମାନଙ୍କ ରେଭେନସା କଲେଜର ପ୍ରିନସିପାଲ ଏବିଷୟ ଇନେସପେକ୍ଟର ସାହେବଙ୍କୁ ଜଣାଇବେ ।

ଏଠା କମିସନରଙ୍କ କରଣୀ ବାବୁ ଗୋପୀମୋହନସେନ ଇନ୍‌କମ୍ଟେକସର ଏକ୍ଟିଂଏସେସର କାର୍ଯ୍ୟରେ ନିଯୁକ୍ତ ହୋଇଛନ୍ତି । ଟଏନବି ସାହେବଙ୍କର ଏବିଷୟ ଅନୁମୋଦନ ହୋଇଅଛି ।

ଏଠାର ପୌଲିସ ଇନସପେକ୍ଟର ଜେନେରାଲ । ଆଗାମିସପ୍ତାହରେ ଜ୍ଞାପୁକ୍ତ ଜଜ ସାହେବ ବାଲେଶ୍ୱରର ଫୌଜଦାରି ଉକ୍ତନଗରକୁ ଯାତ୍ରା କରିବେ ।

ଏ ସପ୍ତାହରେ ପ୍ରାୟ ପ୍ରତ୍ୟହ ବୃଷ୍ଟି ହୋଇଅଛି । କଠାଏ କେଉଁପରି ମେଘ ହୋଇଥିବାରୁହେଁ ଜଣାପଡ଼ି ହୋଇ ନାହିଁ ମେଘସଙ୍ଗେ ବତାସ ବହୁ ପ୍ରବଳ ହୋଇଥିଲା ।

ମହାନଦୀର ପଥବନ୍ଧ ଭାଙ୍ଗିଯିବାରୁ କଟକ ଯୁବରାଜମଧ୍ୟରେ ବୋଟ ଯିବା ଆସିବାର ବଡ଼ ଅସୁବିଧା ହୋଇଅଛି । ଗତ ବୁଧସପ୍ତାହରେ କେନ୍ଦ୍ରପଡ଼ା ଉପରକୁ ବୋଟ ଆସି ନାହିଁ ଓ ବଦଳି ହେଲେ ଆସିପାରିବ ନାହିଁ ପଥିକମାନଙ୍କର ଯିବା ଆସିବାର ବଡ଼ ଅସୁବିଧା ହୋଇଅଛି ।

## କଲିକତା ଗେଜେଟ

କଟକସ୍ଥ ଡେପୁଟି କଲେକ୍ଟର ଓ ଡେପୁଟି ମାଜିଷ୍ଟ୍ରେଟ ବାବୁ ସମାଶସ୍ତ ଗୃହ୍ଣର୍ଥା ଅସବ ନାମ ତା ୨୧ ରିଖରୁ ଏକ ମାସର ଛୁଟୀ ପ୍ରାପ୍ତ ହୋଇଅଛନ୍ତି ।

କଟକ ଜିଲ୍ଲାର କେଣାହାର ପ୍ରଗଣାର ନାଗପୁର ଗ୍ରାମରେ ଗୋଟିଏ ଡାକାଘରି ବଙ୍ଗଲା ନିର୍ମାଣ କରିବା ଓ ମାଛଗାଁକେନାଲ ନିମନ୍ତେ କୋଉଣିଗ୍ରି ପ୍ରଗଣାର ପଦ୍ମପୁର ଗ୍ରାମରେ ପଦ୍ମପୁର ଲକ ନିମନ୍ତେ ଓ କଣ୍ଡିତୋ ପ୍ରଗଣାର ଛତ୍ରା ଗ୍ରାମର ଓ ଧର୍ମେଶ୍ୱରପୁର ଗ୍ରାମରେ ଢାଳଦଣ୍ଡା କେନାଲ ପାଠଁ ଛଡ଼ାଇବା ନିମନ୍ତେ କେତେକ ଜମି କ୍ରୟ କରିବାର ଅଭିପ୍ରାୟ ଗବର୍ଣ୍ଣମେଣ୍ଟ ପ୍ରକାଶ କରିଅଛନ୍ତି । ବିଶେଷ ବିବରଣ ଗତ କଲିକତା ଗଜେଟରେ ପ୍ରକାଶିତ ହୋଇଅଛି ।

---

କେନ୍ଦ୍ରାପଡ଼ାରେ ଗତ ସପ୍ତାହରେ ଗ୍ରୀଷ୍ମାଧିକ୍ୟ ଜଣା ଯାଇଅଛି । ଅଧିକ ବୃଷ୍ଟି ହୋଇ ନ ଥିଲେହେଁ ସର୍ବଦା ଆକାଶ ମେଘାଚ୍ଛନ୍ନ ସମୟରେ ଭଲ ବୃଷ୍ଟି ହୋଇଥିଲା । ଗତ ଶନିବାରଠାରୁ ନଦୀ ବଢ଼ିଅଛି ।

ସୁଖର ବିଷୟ ଲକ୍ଷ୍ମୀନାରାୟଣ ଶ୍ରୀଯୁକ୍ତ ବେକ୍ ସାହେବ ପ୍ରାୟ ଦୁଇମାସ ହେଲା କୁସଙ୍କ୍ରାମରୋଗରେ ପୀଡ଼ିତ ଥାଇ ଗତ ଭବବାର ଇହ ସଂସାରରୁ ବିଦାୟ ଗ୍ରହଣକଲେ । ବେକ୍ ସାହେବ ଏଠାର ଜଣେ ପୁରୁଣାଲୋକ ଥିଲେ ।

କଣ୍ଟା ଗୋଲଖା ଖାଙ୍ଗିମୌଜାରେ ବଦନଗାନ୍ଥ ନାମରେ ଏକବ୍ୟକ୍ତି ଅପଣା ଜାଗାରେ ମାଟି ଖୋଳୁଥିବାବେଳେ ଟ୨୪୦୧ଙ୍କୁ ଏବଂ ସୁନାମୋହର ଓ ଅଲଙ୍କାରବି ମଣି ସଙ୍କୁଳା ଟ୪୦୬୪/୫ର ମାଲ ପାଇଅଛି । ସେହିମାନେ ଏ ମାଲ ପ୍ରତ ତାଙ୍କ ଉଣ୍ଡାର କରି ସୁବ ଜଜ କଲେକ୍ଟରଙ୍କ ସକ୍ଷରେ ଅଗାମୀ ଜାନୁଆରୀମାସ ତା୨ ଦିନରେ ସ୍ୱୟଂ ଅଥବା ମୁକ୍ତାରଦ୍ୱାରା ଉପସ୍ଥିତ ହେଲେ ସାହେବ ତହିଁର ବିଚାରକରିବେ ବୋଲି ଓଡ଼ିଆ ଗଜେଟରେ ବିଜ୍ଞାପନ ଛପାଯାଇଅଛି ।

Digitized by srujanika@gmail.com

### ବ୍ୟବସାୟୀରୁ ଉଦ୍ଧୃତ ।

### କାଚଯୋଡିବାର ସୂଚନ ।—

ଏମ୍ବୁଦାର ସ୍ୱଚ୍ଛରୂପ କାଚବାସନ ଯୋଡ଼ାଯିବ । ସୂର ଅଭଳ୍ପ ଚର୍ବିତେଲ ଅନାଜ ମୁଠାଏ ଗୁଣ୍ଡାଚୂନ ତେଲ ଗୋଟିଏ ପାତ୍ରରେ ରଖି ନିଆଁ ଉପରେ ବସାଇ ନିଆଁକୁ ଜାଳିବ ଯେପରି ତାହା କ୍ରମେ ଘନହୋଇ ଅଠା ଅଠା ହୋଇ ଉଠିବ । ଅଠା ଅଠା ହେବାର ଜଣାଗଲାକ୍ଷଣେ ତାକୁ ନିଆଁରୁ ଓହ୍ଲାଇ ରଖିବ । ତାହା ଶୀତଳହୋଇ ଗଲେ ଅତି ଟାଣ ହୋଇ ଯିବ କିନ୍ତୁ କାର୍ଯ୍ୟ କରିବା ସମୟରେ ତାକୁ ନିଆଁରେ ବସାଇଲେ ପୁନରପି ତରଳ ହୋଇଯିବ । ଏହି ଅଠା ଦେଇ କାଚକୁ ଯୋଡ଼ିଲ ଉତ୍ତାରୁ ପୁନରପି ନିଆଁର ତେଜ ପାଇଲେ ସୁଦ୍ଧା ସହଜରେ ଆଉ ତରଳ ହୋଇ ପାରିବ ନାହିଁ ।

### ଟିନବାକ୍ସର ବାର୍ଣ୍ଣିସ ।

କେତେକ ପରିମାଣରେ ରଜନ ଗର୍ଜନତେଲରେ ମିଶାଇ ନିଆଁରେ ବସାଇ ତରଳାଇ ନେବାକୁ ହେବ । ତହିଁଉତ୍ତାରେ ପ୍ରୟୋଜନାନୁସାରୀ ରଙ୍ଗ କରିବାକୁ ହେଲେ ସିନ୍ଦୂର, ନୀଳ, କିମ୍ବା ଗୁଣ୍ଡା ହରିତାଳ ମିଶାଇ ଦେଲେ ବାର୍ଣ୍ଣିସ ପ୍ରସ୍ତୁତ ହୁଏ । ବାର୍ଣ୍ଣିସ ବଡ ବହଳ ଦେଖା ଗଲେ ତାର୍ପିନତେଲ ମିଶାଇ ପାତଳ କରି ନେବ ।

### ଟିନ ଝାଳିବାର ଉପାୟ ।

ଟିନ ଝାଳିବାକୁ ହେଲେ ପୂର୍ବରୁ ଝାଳିବାର ଏସିଡ ପ୍ରସ୍ତୁତ କରିବ । ପ୍ରସ୍ତୁତ କରିବାର ଉପାୟ ଏହି । ଗୋଟିଏ ଶିଶିରେ କିଛି ହାଇଡ୍ରୋକ୍ଲୋରିକ ଏସିଡ ଏବଂ ଅନୁମାନକ ତହିଁର ଚତୁର୍ଥାଂଶ ଜଳ ପୂରାଇ ତହିଁରେ ଟିକି ଟିକି କରି ଦସ୍ତା ପକାଇ ଶିଶିର କାଚ ଟିପିରେ ମୁହଁଦେଇ ଦୁଇ ଏକଦିନ ରଖିବ । ତହିଁ ଉତ୍ତାରେ ସେହି ଶିଶିରେ କନ୍ଦନପାଦଳ ମିଶାଇଲେ ଟିନ ଝାଳିବାର ଏସିଡ ପ୍ରସ୍ତୁତ ହେବ । ଧାତୁ ଦ୍ରବ୍ୟ ଯୋଡ଼ିବା ସ୍ଥାନରେ ଏହି ଏସିଡ ଟିକିଏ ତୂଳୀରେ କରି ଲଗାଇ ଦେଇ ନିଆଁରେ ତାତିଥିବା ଲୁହାଦଣ୍ଡ ସହଯୋଗରେ କିଛି ରଙ୍ଗ [ ରଙ୍ଗ ] ତରଳାଇ ସେହି ସ୍ଥାନରେ ଲଗାଇ ଦେଲେ ଯୋଡ଼ା ଲାଗିଯିବ ।

———

ଉଚ୍ଚତମାସ ତା୨୭ରିଖ ଅପରାହ୍ଣ ଘ ୩।୨୪ ମିନିଟଠାରେ ଦାର୍ଜିଲିଂପାହାଡ଼ରେ ଭୂମିକମ୍ପ ହୋଇଥିଲା ଏ ଭୂମିକମ୍ପ ଅଳ୍ପକ୍ଷଣମାତ୍ର ସ୍ଥାୟୀ ହୋଇଥିଲେହେଁ ପ୍ରବଳ ହୋଇଥିଲା ଏବଂ ଭୂମିକମ୍ପ ପୂର୍ବରୁ ଭୂଗର୍ଜନ ଶୁଣାଯାଇଥିବାର କଥିତ ହୁଅଇ ।

ଅଲହାବାଦ ହାଇକୋର୍ଟର ନୂତନ ପ୍ରଧାନବିଚାରପତି ସର ଜନ ଏଜ ସାହେବମହୋଦୟ ଅଲହାବାଦଠାରେ ପହଞ୍ଚି ହାଇକୋର୍ଟର କାର୍ଯ୍ୟଭାରରେ ଅଧୀନ ହୋଇଥିବାର ସମ୍ବାଦ ମିଳଇ ।

ଅସ୍ପର୍ଲିଣ୍ଡର କେଲଫାଷ୍ଟନଗରରେ ବିଦ୍ରୋହ ଜାତ ହୋଇଥିବାର ସମ୍ବାଦ ମିଳଇ । ବିଦ୍ରୋହମାନେ ଏପରି ଦୁରନ୍ତ ହୋଇପଡ଼ିଲେ ଯେ ସେମାନଙ୍କୁ ଦମନକରିବାନିମିତ୍ତ ପୁଲିସର ସାହାଯ୍ୟ ନେବାକୁ ହୋଇଅଛି । ପୁଲିସ ଗୁଳିଦ୍ୱାରା ଅନେକ ବିଦ୍ରୋହିଙ୍କି ହତ ଓ ଆହତ ଏବଂ ବନ୍ଦୀ କରିଅଛନ୍ତି । ଏହିରୂପେ ଅସ୍ପର୍ଲିଣ୍ଡର ଭାବି ଅବସ୍ଥାର ସୂଚନା ହେଲାପରି ।

ବର୍ଦ୍ଧମାନର ମହାରାଜା ଏବଂ, କୋର୍ଟ ଅବ ୱାର୍ଡସ ମଧ୍ୟରେ ଭୂଜଙ୍ଗମାମଲା ରଫା ହେବାର ବନ୍ଦୋବସ୍ତ ଲାଗିଥିବାରୁ ଏଠାମାନଙ୍କ୍ରେଟ ଉଭୟପକ୍ଷଙ୍କୁ ଶାନ୍ତିଭଙ୍ଗକାର୍ଯ୍ୟରୁ କ୍ଷାନ୍ତ ରହିବା କାରଣ ଅନୁରୋଧ କରିଅଛନ୍ତି । ରଫା ହୋଇଗଲେ ବଡ଼ ସୁଖର ବିଷୟ ହେବ ।

ସଞ୍ଜୀବନୀରେ ଲେଖା ଅଛି କି ଗୋଟିଏ ଗୋଖରସର୍ପ ଜଣେ ବ୍ୟକ୍ତିର ବାମଗୋଡ଼ ବୃଦ୍ଧାଙ୍ଗୁଳୀରେ ଦଂଶନ କରିଥିଲା । ସେ ଅଚେତନ ହୋଇ ପଡ଼ିବାରୁ ଜଣେ ଡାକ୍ତର ଲେମ୍ବୁରସ ତାହାଙ୍କୁ ପାନକରିବାକୁ ଦେଲେ ଓ ବାମହାତରେ ମସ୍ତକଠାରୁ ଅଙ୍ଗୁଳୀର ଶେଷପର୍ଯ୍ୟନ୍ତ ଲେମ୍ବୁରସ ମାଲିସକରାଇଲେ । ଓ ଦଂଶନସ୍ଥାନରେ ଲେମ୍ବୁରସ ପରିବର୍ତ୍ତରେ କେତେକଟା ଯୋକ ଲଗାଇ ଦିଆଗଲା । ପାଞ୍ଚମିନିଟ ଉତ୍ତାରେ ପୁଣି ଲେମ୍ବୁରସ ପାନକରିବାକୁ ଦିଆଗଲା । ତଦୁତ୍ତରେ ଯୋକସମସ୍ତ ପଡ଼ିଗଲାରୁ ଉକ୍ତବ୍ୟକ୍ତିର ସଜ୍ଞାଲାଭ ହେଲା । ପ୍ରାୟ କୋଡ଼ିଏଗୋଟା ଯୋକ ଲଗାଇ ଦିଆହୋଇଥିଲା ତଦୁତ୍ତରେ ଦଂଶନସ୍ଥାନ ଉଷ୍ଣଦୁଗ୍ଧଜଳଦ୍ୱାରା ଧୌତକରି ପୁଲ୍‍ଟିସ ବାନ୍ଧି ଦିଆଗଲା ଏବଂ ପୁଣି ଲେମ୍ବୁରସ ଖାଇବାକୁ ଦେଇ ବୈଗିକ ଶଯ୍ୟାରେ ଶୟନକରାଇଲେ ଏବଂ ରାତ୍ରଯାକ ପ୍ରତିଘଣ୍ଟାରେ ପୁଲ୍‍ଟିସ ବଦଳାଇ ଦିଆଯାଉଥିଲା । ଆରଦିନ ସେ ଆରୋଗ୍ୟଲାଭ କଲା ।

---

### ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ଜଗନ୍ନାଥ ଦାସ—ଆପଣଙ୍କ ପ୍ରଶ୍ନର ଉତ୍ତର ଆପଣାଶିକ୍ଷକଙ୍କଠାରୁ ପାଇପାରନ୍ତି । ଏପରି ପତ୍ର ସକାଶେ ଆମ୍ଭମାନଙ୍କ କ୍ଷୁଦ୍ର ପତ୍ରିକାରେ ସ୍ଥାନ ଯୋଗାଇବାକୁ ଅକ୍ଷମ ହେଲୁଁ ।

———

ଢେଙ୍କାନାଳ—ସ୍ୱର୍ଗୀୟରାଜା ଦୀନବନ୍ଧୁ ମହାନ୍ଦ୍ର ବାହାଦୂରଙ୍କ ବାର୍ଷିକ ଶ୍ରାଦ୍ଧ ଉପଲକ୍ଷରେ ଶୋକପୂର୍ଣ୍ଣ କବିତାଟିଏ ଲେଖି ପଠାଇ ଅଛନ୍ତି । ମାତ୍ର ସ୍ଥାନାଭାବରୁ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ସେ ଦାରୁଣଶୋକ ପାଶୋରିବାର ନୁହେ ।

---

### ପ୍ରେରିତପତ୍ର ।

ପ୍ରେରିତପତ୍ରର ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ

ମହାଶୟ !

"ସ୍ୱାସ୍ଥ୍ୟ ସାଧନ" ସମାଲୋଚନାର ସମାଲୋଚନା ମଧ୍ୟରେ "ସଂସ୍କାରକ" ଯେଉଁ ପ୍ରେରିତପତ୍ର ଖଣ୍ଡିକ ଛପାଇଅଛନ୍ତି ତାହା "ଦଇପୁର"ରୁ ପ୍ରେରିତ ବୋଲି ଲେଖାଅଛି । ଆଉ ମଧ୍ୟ କେତେଦିବସ ପୂର୍ବେ ସେ ଖଣ୍ଡେ ପ୍ରେରିତପତ୍ର ଛପାଇଥିଲେ ତହିଁରେ "ଦୀପପୁର" ବୋଲି ଲେଖାଥିଲା । କିନ୍ତୁ ଆମ୍ଭେମାନେ ସବିଶେଷ ଅନୁସନ୍ଧାନଦ୍ୱାରା ଏହି ସବୁ ଗ୍ରାମର ପରିଚୟ ପାଇଲୁଁ ନାହିଁ । ବୋଧକରୁଁ ଏହିସବୁ ଗ୍ରାମ ସଂସ୍କାରକ ନିଜଗର୍ଭରୁ ପ୍ରସବ କରିଅଛନ୍ତି । ଆମ୍ଭେମାନେ ଶୁଣିଥିଲୁଁ ଯେ କେତେ ଭଣ୍ଡ ସମ୍ପାଦକ କୃତ୍ରିମ କରି ପତ୍ର ଲେଖି ପ୍ରେରିତପତ୍ର ବୋଲି ଛପାଇଦିଅନ୍ତି ।— କିନ୍ତୁ ଗଣେଶ ମହାଦେବଙ୍କ ଚତୁଃପାର୍ଶ୍ୱରେ ବୁଲିଦେଇ ଚତୁର୍ଦ୍ଦଶ ବ୍ରହ୍ମାଣ୍ଡ ଦାଖଲରେ ଗଜସିଂହାସନ ଲାଭ କଲପ୍ରାୟ ସଂସ୍କାରକ ଅଫିସ ଖିଚଡ଼ିକ୍ଷେତ୍ର ହେଲା କି ?

ଆମ୍ଭେମାନେ ଯେବେ ଉପରୋକ୍ତ ଗ୍ରାମଦ୍ୱୟର ଅନୁସନ୍ଧାନ କରିବା ନିମିତ୍ତ ତ୍ରୁଟି କରିଥାଉଁ ତେବେ ସଂସ୍କାରକର ସମ୍ପାଦକସାହେବଙ୍କୁ ଅନୁରୋଧ ଯେ, ସେ, କେତେଦିନ ହେଲା ସେ ଗ୍ରାମ ବସିଅଛି, ଗ୍ରାମର ଲୋକସଂଖ୍ୟା କେତେ, ସେଠାରୁ କେଉଁଖଣ୍ଡ ସଂସ୍କାରକ ଯାଏ, ଏବଂ ସେଠାରେ ବ୍ରାହ୍ମସମାଜ ଏବଂ ସଂସ୍କାରକର ସମ୍ବାଦଦାତା ଅଛନ୍ତି କି ନାହିଁ, ଲେଖିବେ । ଇତି ।

ଜଣେ ଅନୁସନ୍ଧାନକାରୀ

———

ମହାଶୟ !

ଅନୁଗ୍ରହ ପୂର୍ବକ ନିମ୍ନଲିଖିତ କତିପୟ ପଂକ୍ତିକୁ ଆପଣଙ୍କ ସୁବିଖ୍ୟାତ ପତ୍ରିକାର ଏକପାର୍ଶ୍ୱରେ ସ୍ଥାନ ଦାନ କରି ବାଧିତ କରିବେ ।

ଉତ୍କଳ-ସାହିତ୍ୟର ଯେଉଁରୂପ ଦୁର୍ଦ୍ଦଶା ତାହା ଆଲୋଚନା କରିବାକୁ ଗଲେ ମନ ବିଷାଦିତ ହୁଏ । ଏରୂପ ସ୍ଥଳେ "ସାହିତ୍ୟସମ୍ମିଳନୀ" ସଭାର ସଂଗଠନ କେତେଦୂର ଶୁଭଦାୟକ ତାହା ବର୍ଣ୍ଣନାତୀତ । ଅନେକ ଗୁଡ଼ିଏ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ମନୋଯୋଗୀ ହୋଇଥିବାର ଦେଖି ବୋଧ ହେଉଅଛି ଯେ ଉତ୍କଳ-ସାହିତ୍ୟର ଦୁରବସ୍ଥା ଏତେଦିନ ପରେ, ଭଦ୍ରମଣ୍ଡଳୀଙ୍କର ମନ ଆକର୍ଷଣ କରୁଅଛି, ଏବଂ ସଭାର ମହତ୍ ଉଦ୍ଦେଶ୍ୟ ଗୁଡ଼ିକ ଦେଖି ମନରେ ସଞ୍ଚାର ହେଉଅଛି ଯେ ଉତ୍କଳଜନନୀ ଏଣିକି ସାହିତ୍ୟଅଳଙ୍କାରଦ୍ୱାରା ଭୂଷିତ ହେବେ, ଏବଂ ତାଙ୍କର ସନ୍ତାନଗଣ ସାହିତ୍ୟଆଲୋକ-ସାହାଯ୍ୟରେ ନିଜ ନିଜ ଲକ୍ଷ୍ୟକୁ ଚାରିତାର୍ଥ କରିବେ । ଆମ୍ଭେମାନେ, ସଭାର ସଂଗଠନକର୍ତ୍ତାମାନଙ୍କୁ ଶତ ଶତ ଧନ୍ୟବାଦ ଦେଉଅଛୁଁ, ଏବଂ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁଁ ଯେ ଏହି ସଭା ଦୁର୍ଦ୍ଦିନମାନଙ୍କର ବାଧା ବିଘ୍ନକୁ ଅନ୍ତର ହୋଇ ଦୀର୍ଘଜୀବିନୀ ହେଉନ୍ତୁ ଏବଂ ନିଜ ଜ୍ୟୋତିର୍ମୟ ଦୀପ୍ତିରେ ଉତ୍କଳର ଅନ୍ଧକାର ଦୂର କରନ୍ତୁ ।

ଏରୂପ ଶୁଭ ସମୟରେ "ସଂସ୍କାରକ" ଅମ୍ଭ

Split by PDF Splitter



ମାନଙ୍କ ଅନ୍ତଃକରଣରେ ହଳାହଳ ମିଶ୍ରିତ କରୁଅଛନ୍ତି । ସେ "ସାହିତ୍ୟସମ୍ମିଳନୀ" ର ସଙ୍ଗଠନ ବିଷୟ ଉଲ୍ଲେଖ କରୁ' ନିଜପ୍ରକୃତିଗତଃ ଯେଉଁ କୁତ୍ସିତ ବାକ୍ୟମାନ ପ୍ରୟୋଗ କରି "ସାହିତ୍ୟସମ୍ମିଳନୀ" ର ସଭ୍ୟମାନଙ୍କୁ ଅନ୍ୟାୟ ଆକ୍ରମଣ କରୁଅଛନ୍ତି, ତାହା ପାଠ କରି କିଏ ବିସ୍ମିତ ନ ହେବ ? ସଭାସ୍ଥଳରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ, ଆଉ ମଧ୍ୟ ତାଲିହାରୁ ଓଡ଼ିଶାରେ ଜଣେ କ୍ଷମତାପନ୍ନ ଲୋକ । "ସମ୍ବାଦକ" ତାଙ୍କ ସୁନ୍ଦର ବିଷୟ ପ୍ରକାଶ କରି ଏବଂ ସମ୍ମାନିତ ଭଦ୍ରବ୍ୟକ୍ତିମାନଙ୍କ ଲାଞ୍ଛନା କରି କେତେଦୂର ଅନଧିକାରଚର୍ଚ୍ଚା ଓ ଜଘନ୍ୟତାର କାର୍ଯ୍ୟ କରୁଅଛନ୍ତି ତାହା ପାଠକମାନେ ସହଜରେ ହୃଦୟଙ୍ଗମ କରିପାରିବେ । ସେହି ସଭାସ୍ଥଳରେ ସମ୍ବାଦକର ସୁଯୋଗ୍ୟ ସମ୍ପାଦକ ବାବୁ ଚତୁର୍ଭୁଜ ପଟ୍ଟନାୟକ ଉପସ୍ଥିତ ଥିଲେ । ସେଠାରେ ଯେବେ ଉକ୍ତ ଘଟଣା, ସେ ଦେଖିଥିଲେ, ତେବେ "ଅଗ୍ରାଣଂ ଗୁର୍ବ୍ବେଗେଝଳଂ"— ସେ କି ସେହି ସବୁ ବିଷୟରେ ଭାଗୀ ନୁହନ୍ତି?— ସମ୍ବାଦକଙ୍କ ତଲ୍ଲାର ଶୁଣି ପ୍ରତୀୟମାନ ହେଉଅଛି ଯେ, ଏରୂପ ସଭା ତାଙ୍କର ରୁଚିବିରୁଦ୍ଧ ।

"ସମ୍ବାଦକ"ର ସେହି କେତେକ ପଂକ୍ତି ପାଠ କରି ଆମ୍ଭେମାନେ ଅତ୍ୟନ୍ତ ଦୁଃଖିତ ଅଛୁଁ । ଭରସା କରୁଁ କାଳୀବାବୁ ନ୍ୟାୟ, ଧର୍ମ, ମାନ ଏବଂ ସତ୍ୟର ଅନୁରୋଧରେ ସମ୍ବାଦକଙ୍କ ମୁଖରେ ଯାନେ ଔଷଧ ଦେବେ । ତାଙ୍କର ନିଜମୂର୍ତ୍ତି ଦେଖି ସମ୍ବାଦକ ଅବଗୁଣ୍ଠନବତୀ ହୋଇ ଜନଯୁବସମ୍ଭାଷଣ କରିପାରନ୍ତି କିନ୍ତୁ ତାଙ୍କପରି ଜଣେ ନ୍ୟାୟପର ଲୋକ ସମ୍ବାଦକଙ୍କ ସାଷ୍ଟାଙ୍ଗ ପ୍ରଣାମ ସବୁ ଶୁଦ୍ଧା ଦୃଷ୍ଟିପାତ କରିବା ସନ୍ଦେହ ।

ଦେଶର ଉପକାରସାଧନ ହେବା ସମ୍ବାଦପତ୍ର ସୃଷ୍ଟିର ପ୍ରଧାନ ଉଦ୍ଦେଶ୍ୟ କିନ୍ତୁ "ସମ୍ବାଦକ" କେଉଁ ଉଦ୍ଦେଶ୍ୟରେ ଜନ୍ମ ଗ୍ରହଣ କରିଅଛନ୍ତି, ତାହା ବୁଝା ଯାଉ ନାହିଁ । ତାଙ୍କର ଦେଶହିତୈଷିତାର ଏଭିତ ପରିଚୟ ଅନେକବାର ମିଳିଅଛି । କିଛିଦିବସ ପୂର୍ବେ ଲେଖିଥିଲେ "ଉତ୍କଳସମ୍ମିଳନୀ ସଭା ସକଳ ଯେଉଁ ଶୁଦ୍ଧା ସଂସ୍ଥାପନ କରିବେ, ସେଥିର କଣିକାଂଶ ପାଇଲେ ଆମ୍ଭେମାନେ ସମ୍ବାଦକରେ ଅତ୍ୟନ୍ତ ପ୍ରସ୍ତାବ ବାହାରିବାର ଆନ୍ଦୋଳନଲଗାଇ ଦେବାକୁ ପ୍ରସ୍ତୁତ ରହିଅଛୁଁ" । ସମ୍ବାଦପତ୍ର ଚଳାଇବା ଗୋଟିଏ ବ୍ୟବସାୟ ହୋଇଥିବା ସ୍ଥଳେ, ଅର୍ଥ ନ ପାଇଲେ ଦେଶର ଉପକାର ନିମିତ୍ତ କାହିଁକି ଅଗ୍ରଗନ୍ତ ପ୍ରସ୍ତାବ ବାହାରିବ ? କେତେଦିନ ପୂର୍ବେ ବଙ୍ଗାଳିମାନଙ୍କୁ ବିଷମ ଆକ୍ରମଣ କରି, ଓଡ଼ିଆମାନଙ୍କ ସହିତ ସେମାନଙ୍କର କଳ୍ପିତ ବିଦ୍ୱେଷଭାବକୁ ପୁନର୍ଜାଗରଣ ନିମିତ୍ତ ସମ୍ବୋଧନ କରୁଥିଲେ, କିନ୍ତୁ ଜଗଦୀଶ୍ୱର ଏହି ପାପକାର୍ଯ୍ୟରେ ପ୍ରଶ୍ରୟ ଦେଲେ ନାହିଁ । ସେ ବାହ୍ମଧର୍ମରେ ମୂର୍ଖପାଣ୍ଡ ବୋଲି ଦାବୀ କରନ୍ତି କିନ୍ତୁ ତାଙ୍କର ପତ୍ରିକା ଅଙ୍ଗରେ ଯେଉଁ କଦର୍ଯ୍ୟ ଏବଂ କୁତ୍ସିତ ବାକ୍ୟ କେବେ କେବେ ଦେଖାଯାଏ, ତାହା ପାଠ କଲେ, ଧର୍ମପ୍ରତି ତାଙ୍କର କିରୂପ ଧାରଣା ଅଛି ସହଜରେ ବୁଝାଯିବ । କଳ ଲଗାଇବାର ସାମ୍ରାହିକ କାର୍ଯ୍ୟ । ଏବେ ବଡ଼ଲୋକମାନଙ୍କୁ ଗୃହପଦ ତୋଷାମୋଦ କରି କହି ଦୁଇ ପଇସା ପାଇବା ନିମିତ୍ତ ମନେ ପ୍ରତ୍ୟାଶା କରିବା ଗୋଟିଏ ବ୍ୟବସାୟ ।

ଧନ୍ୟ ସମ୍ବାଦକ ! ଆପଣ ନ ଥିଲେ ଆମ୍ଭେମାନେ କାହାଯୋଗେ ଆଜ ଏହା ସବୁ ଶିଖନ୍ତୁ ? ଅଥଣ ସିନା ଓଡ଼ିଶାର ହାଡ଼ ଗଙ୍ଗାରେ ପକାଇବ ! ଆପଣଙ୍କ ପରି, "ସାଗ କାଟଯାଉ ହେଉନରେ ପରଶ୍ରିପଣ" କିଏ କରିବ ? ଆମ୍ଭେମାନେ ପ୍ରକୃତ କଥା ଲେଖିଲୁଁ ବୋଲି ଆପଣ ମର୍ମାହତ ହୋଇ ରାଗ କରିବେ ନାହିଁ । ଆଜ ଆଉ ଲେଖୁ ନାହୁଁ । ଇତି ।

ଜଣେ ଓଡ଼ିଆ ।

---

ମହାଶୟ

ଅନୁଗ୍ରହପୂର୍ବକ ନିମ୍ନଲିଖିତ କେତେକ ଗୋଟି ବିଷୟ ଆପଣଙ୍କ ସୁବିଖ୍ୟାତ ପତ୍ରିକାରେ ପ୍ରକାଶ କରି ବାଧିତ କରିବା ହେବେ ।

ଚଳିତବର୍ଷ ଏ ଅନୁଗୋଳ ଜିଲ୍ଲାରେ ଯଥେଷ୍ଟ ରୂପେ ବୃଷ୍ଟି ହେଉ ନାହିଁ । କେବଳ ଆଜକୁ ଏକସପ୍ତାହ ହେବ କେତେକ ଜିଲ୍ଲାରେ ସାମାନ୍ୟ ବର୍ଷା ହୋଇଥିବାରୁ ଶାରଦଧାନ ବେଉଷଣ ଆଦି କରୁଅଛନ୍ତି । କିନ୍ତୁ ତାହା ଅସମୟେ ହୋଇଥିବାରୁ ଓ ଆଉ ଉତ୍ତମ ବର୍ଷା ନୋହିଲେ ତହିଁରୁ ଅଠପଣ ଆୟ ହେବାର ଆଶା ନାହିଁ । ପଶ୍ଚିମର ଅବସ୍ଥା ମଧ୍ୟ ତଦ୍ରୂପ ଥିଲା, ଏବ ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ବୃଷ୍ଟିର ଦେଖା ନାହିଁ । ସୁତରାଂ ଏଥିନାକୁ ଦୁର୍ଭିକ୍ଷ ହେବାର ସମ୍ପୂର୍ଣ୍ଣ ଲକ୍ଷଣ ଲକ୍ଷିତ ହେଉଅଛି ।

ଗତସନ ଏ ଜିଲ୍ଲା ଉପରେ ଜଣାର ଥାନଫସଲ ହାନିବୃଷ୍ଟି ଯୋଗେ ଲୋକମାନେ ହୋଇଥିବାରୁ କୃଷିମାନେ ଗୃହପଣରେ ଧାନ ଅମଦାନୀ କରି ନ ଥିଲେ, ଏଯୋଗୁଁ ଗଡ଼ଜାତ ଆଦାୟ କରିବା ତାହାଙ୍କ ପକ୍ଷେ ବିଶେଷ କଷ୍ଟକର ଜାଣି ଆମ୍ଭମାନଙ୍କ ଦେଶହିତୈଷୀ ପ୍ରଜାବତ୍ସଳ ତହସିଲଦାର ଶ୍ରୀଯୁକ୍ତ ବାବୁ ନାରାୟଣଚନ୍ଦ୍ର ନାୟକ ମହୋଦୟ ସେ କଷ୍ଟର ପ୍ରତ୍ୟେକ ଗ୍ରାମକୁ ଯାଇ ତଦାରଖ କରି ଲୋକଆନ ଅନୁସାରେ ଏ ସନର କର ମାଫ ହେବାନିମନ୍ତେ ରିପୋର୍ଟ କରି ମଞ୍ଜୁର ଆଣାଇ ଅଛନ୍ତି । କିନ୍ତୁ ଏ ହୁକୁମ ଏଠାକୁ ଆସିବା ପୂର୍ବରୁ ଶୋଳପଣିର ମିଆଦ ଗତ ହେଉଥିବାପ୍ରଯୁକ୍ତ ପ୍ରଜାମାନେ ଅନ୍ୟାନ୍ୟ ଉପାୟଦ୍ୱାରା ଖଜଣା ଆଦାୟ କରିଥିବାରୁ ତାହା ସେମାନଙ୍କ ଆଗାମୀ ସନରେ ମାଫ ହୋଇଯିବ । ବାବୁ ମହାଶୟଙ୍କର ଏ ପ୍ରଶଂସନୀୟ କାର୍ଯ୍ୟରେ ପ୍ରଜାମାନେ ବିଶେଷ ସନ୍ତୋଷ ଅଛନ୍ତି ।

ଏ ଜିଲ୍ଲା ବିରାଜିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସାବକ ମଣ୍ଡପ ଯେ କି ସ୍ନାନଯାତ୍ରା ଅନନ୍ତରେ ଉଦ୍ଧାର ହୋଇଥିଲା, ତାହା ସୁଦୀର୍ଘକାଳ ହୋଇ ନଷ୍ଟ ହେବାରୁ ଶ୍ରୀଜୀଉଙ୍କୁ ଖଣ୍ଡେ ସାଧାରଣରେ ବସେଇ କରାଇ ସେ ସ୍ଥାନରେ ମୃତ ତହସିଲଦାର ବାବୁ ବିଜୟ ପଟ୍ଟନାୟକ ମହୋଦୟ ଶ୍ରୀଜୀଉଙ୍କ ସକାଶେ ଯେଉଁ ଦେଉଳ ଦେଶୀୟ ସୁଦ୍ଧା ଓ ଠାକୁରଙ୍କ ତହବିଲ ଟଙ୍କାମାନ ବ୍ୟୟଦ୍ୱାରା ନିର୍ମାଣ କରାଉଥିଲେ, ତହିଁର ଅର୍ପଣ କାର୍ଯ୍ୟ ଉତ୍ତମରୂପେ ସମାଧା ହୋଇ ବର୍ତ୍ତମାନ ସୁଦ୍ଧା ସେହି ଅବସ୍ଥାରେ ଅଛି । କିନ୍ତୁ ଶ୍ରୀଜୀଉ ନୂତନ ପଡ଼ାଦେଉଳରେ ରହିବାର ଦୂରେ ଥାଉ ଯେଉଁ ସାମାନ୍ୟ ଲଗ୍ନଘରେ ବସାଇମାନ କରିଥିଲେ ତାହ ମଧ୍ୟ ଜୀର୍ଣ୍ଣାବସ୍ଥାକୁ ଲଭିଥିଲା; ଏହି ନିଦାରୁଣ ଅବସ୍ଥା ଦେଖି ଆମ୍ଭମାନଙ୍କ ଅଧୁନାତନ ପରମଭକ୍ତିଭାଜନ ମାନନୀୟ ତହସିଲଦାର ମହାଶୟ ଏକ ନୂତନ ମଣ୍ଡପ ପ୍ରସ୍ତୁତ କରାଇ ଦେବାରୁ ଶ୍ରୀଜୀଉ କୁଟୀର ବିସର୍ଜନ କରି ସମ୍ପ୍ରତି ପକ୍କା ମେଘ ଜିଲ୍ଲୀୟ ସିଂହାସନରେ ବିଜେ କରିଅଛନ୍ତି । ଆମ୍ଭେମାନେ ଆଶା କରୁଁ ଯେବେ ଶ୍ରୀଜୀଉ ବାବୁ ମହୋଦୟଙ୍କୁ ଚିରଜୀବୀ କରି ଉତ୍ତମ ସୁଖାବସ୍ଥାରେ ଏସ୍ଥାନରେ ରଖିବେ ତେବେ ଭବିଷ୍ୟତରେ ଅବଶ୍ୟ ନିର୍ମିତ ପକ୍କା ଦେଉଳରେ ରହିପାରିବେ ।

ଏ ଘୁରୁଣୀଗଡ଼ସ୍ଥ ଦେଉଳବନ୍ଦର, ଅବଶିଷ୍ଟ ଚର୍ମ ଏବର୍ଷ ପ୍ରାୟ ପେଟ ସ୍ଥିରହୋଇ ଗୋଟିଏ ଉତ୍ତମ ପକ୍କା ସିଡ଼ୀ ପ୍ରସ୍ତୁତ ହୋଇଅଛି ଏବ

Digitized by srujanika@gmail.com

Split by PDF Splitter



ଏବଶା ଗାଣେମାଳଙ୍କ ସ୍ୱମୀ ଯୋଗାଳବାସ୍ତୁ ଓଏମାଙ୍କୋ ଜନ୍ମେର ବଳନ ଗ୍ରଙ୍କଳଦେ ଦୁରିଶର ହସା ପାଇଅଛନ୍ତି । ସୁବଙ୍ଗ ଉନ୍ନ ଖବଧ / ଏ ସେମ୍ଭାଳଙ୍କ ଦୌରମ୍ୟ [illegible] ଶାସ୍ତ୍ର ହୋଇଥିଲା । ଏ ମଦଚ ସାମ୍ନାଦେ ଭାବ ମହୋଦୟଙ୍କ ଯତ୍ନ ଯୋଗ ହୋଇଅଛନ୍ତି ।

ଏ ଦଶା ହୁଏ ମତଠାରୁ ଲୋଖାକାଳ ଓ ଭାଳଣ୍ଡେଦରୁ ପାଇଥିବା ନୂତନ ସତ୍ତ୍ୱ ଏବଂ କଟକ ରହିମ ସାହେବ ଗୟାମାଳଙ୍କ ହବଦୃ ଯାତ୍ରାରେ ଶାସ୍ତ୍ର ଉପିସିଲବାର ମହୋଦୟ ଏବଳକେ ଅମୃତ ରୋପଣ କରଇଅଛନ୍ତି, ସାହ ଏହା ସ୍ଥାପୁ ହେଲେ ସମ୍ମୁଖରେ ସାଧାରଣଙ୍କର ବହୁଶ ଉପକାର ହେବ ; ଏବଂ ବାବୁ ମହୋଦୟଙ୍କ ଖାତି ଉଦ୍ଦୀପନ ଦେଦୀପ୍ୟମାନ ହେବ ।

ଏ ଜିଲ୍ଲା ଉଲ୍ଲାବାର ଏବ ହୈସମଦଦମା ଉପସ୍ଥିତ ହେବାରୁ ବଇସ୍ୱମନ୍ତ୍ରଜ ଅବୃତ୍ତିଯୋଗ୍ଯର ଜଣେ କନେଷ୍ଟବଳ ଓ ଦେବୈବ ଜଣ ଘାଗଂସଇବାର ଅଦ ଏ ମଦ୍ଦମର ଅଧାମୀକୁ ଏ ଜିଲ୍ଲା ସଦଦବ ଗଲି କଟ ଭେଙ୍କାମାଳ ନଲବାର ଗିରଫ୍ତାର କରିବାକୁ ଯାଇ ସେଠାରେ ଦୁଇ ଗୋଟି ଦରଦାଣୀ କରଅଛନ୍ତି । ଏତ ଦୁଃଖର ବିଷୟ ! !

ବର୍ତ୍ତମାନ ଏଠାରେ ହାରାଦ୍ଦ ଶାଳ ଦଶ ଷୋଳ ଶ୍ର, ଇହା ମଦେର ଭଲକା ଦୁସ୍ତର ମଧ ବର୍ଷା ନ ହେବାରୁ ଅଳ ହୁଗା ଦରୁଳ ମିନ୍ଦ ନାହିଁ । ଅଧିକାଂଶ ଲୋକମାନେ ମୁଖ କନ୍ଦିଶୀ ବାଙ୍ଗ, ସୁଜା, କଳସ୍ତ, ଲୁଣ ଓ ଶାକ ଇତ୍ୟାଦି ଖାଇ ଜୀବନ ଯାପନ କରି ଅଛନ୍ତି ମଧ କଷ୍ଟର ସୀମା ଦୃଷ୍ଟ ନାହିଁ ।

ଗତ ଜିସମ୍ବର ମାସରୁ ଏ ଜିଲ୍ଲାରେ ସୀମ ଅଧମାନ ଜାରି ହୋଇଅଛି । ତନ୍ତ୍ରୁ ଏପର୍ଯ୍ୟନ୍ତ ଅମ୍ଭେମାନେ ନୂତନ ଦିବ୍ୟ ପାଇ ନାହୁଁ । ଯେବେ ଗବର୍ଣ୍ଣମେଣ୍ଟ ପ୍ରଜାଙ୍କଠାରୁ ହୋଇଫୀସ ନେଲେ, ତେବେ ତାଙ୍କୁ ଉଚିତ ହୋଟର ବ୍ୟୟ ଦେବାର ଜାଣୁ ଅଛି । ମାତ୍ର ଅମ୍ଭେମାନେ ହୋଟଫୀସ ଦେଇ ନିଜେ ହୋଟ ଇତ୍ୟାଦି ବ୍ୟୟ ହେବା ଅମ୍ଭମାନଙ୍କପ୍ରତି ହେଉଛି ଯେ ଉଚିତ, ତାହା ପାଠକମାନେ ବିଚାର କରିବେ । ଏକ ଜାମୁଦାର ଇଂରେଜୀ ଗବର୍ଣ୍ଣମେଣ୍ଟଙ୍କ ସୁଶାସନ ପ୍ରଣାଳୀରେ ଏଟା ପ୍ରଜାଙ୍କ ପକ୍ଷେ ଏହା ଦୁଃଖ କୋହୁବା ମତ ଶୋଚନୀୟ ବିଷୟ । ମଧ ଏ ଦୁର୍ଗତ ପ୍ରାର୍ଥ-

ନିମିତ୍ତ ଏ ଜିଲ୍ଲାର ହେଡ ଅଫିସ କର ଜାହାନ୍ତି ହେଲ୍ଲ ଯେପ୍ତେବେ ସରକାର ହୋଟଫୀସ ନେଇ ପ୍ରଜାଙ୍କ ଦୁଃଖରୁ ପଡ଼ିଲ ମତ ପୂରଣ କର ନାହାନ୍ତି, ସେ ସ୍ଥଳେ ଅପଣ୍ଡି ଦଣାଇ ଥିଲେ ସେ ହୋଇଥାନ୍ତା ଇହା ଅସମ୍ଭବ । ଯେ ହେଉ ବର୍ତ୍ତମାନ ମହାମାନ୍ୟ ଶ୍ରୀଗବର୍ଣ୍ଣମେଣ୍ଟଙ୍କଠାରେ ପ୍ରାର୍ଥନାୟ ଅବୁଁ ଓ ଭବିଷ୍ୟତରୁ ପ୍ରଜାଙ୍କପ୍ରତି ସୁଦୃଷ୍ଟିପୂର୍ବକ ଉଚିତ ଅଦାଳତର ହିସ୍ୱର ହେବ ର ନ୍ୟାୟ ମଧାର୍ଯ୍ୟ କର ଶୀଘ୍ର ଅମ୍ଭମାନଙ୍କ ଅଭାବ ମୋଚନ କରିବେ । ଇତି ।

୧୮।୮।୮୬ } ୨ ନ ।<br>
ଅନୁଗୋଳ } କେହି ଅନୁଗୋଳୀୟ

# ବି ଜ୍ଞା ପ ନ ।

ଶ୍ରୀ ପୁରୁଷୋତ୍ତମକ୍ଷେତ୍ର କ୍ୟାଣ୍ ଇବେଣ୍ଡା ସାହି ମହନ୍ତ ଭରଦସମାନୁଜ ଦାସଙ୍କ ମଠ ସଂଲଗ୍ନ ମାଗ ୧୨୫ ଲଖରାଜ ବାହାଲୀଜମି ଓ ତହିଁଉପରେ ଥିବା ଦୁଇବଖରା ଭୁଣ୍ଡାଟଲଗା ଓ ଗୃହବଖରା ସାଧାରଣ କାହୁଦର ପଥରଖୁଣ୍ଟି ଟିଣ୍ଡା ଓ ଯୋଲା ଓ ଉଗ୍ରା ଅନେକ ପଥରସହିତ ବିକ୍ରୟ ହେବାର ଅଛି । ଏହି ଜମି ଓ ଘର ଶଠଉନନ୍ଦା ସାହାର ସିରସ୍ତାଦାର ମୃତ ମାଣିକରାମ ମିତ୍ରଙ୍କର ବସା ବୋଲି ପରଚିତ ଓ ସାଗରମହାନ୍ତି ନାମରେ ଜଣେ ଲୋକର ଜିମାରେ ଅଛି । ଏକସାଘରେ କୂଅଁ ପାଇଖାନା ସବୁ ଓ ଭିତର ଦ୍ୱାର ଇତ୍ୟାଦି ଅଛି ଯେମନ୍ତ ଏ ଜଣେ ଭଦ୍ରଲୋକ ଅକ୍ଳେଶରେ ରହିପାରେ ଏବଂ ଯାତ୍ରୀ ରଖିଲେ ଉତ୍ତମ ଅସୁ ହୋଇପାରେ । ଯାହାଙ୍କର ଖରିଦ କରିବାରୁ ଇଚ୍ଛା ହେବ କଟକ ପ୍ରିଣ୍ଟିଂକମ୍ପାନୀର ସମ୍ପାଦକ ବାବୁ ଶ୍ରୀ ଗୋବିନ୍ଦଙ୍କର ସମୀପ ନିକଟକୁ ପତ୍ର ଲେଖିଲେ ସବିଶେଷ ବୃତ୍ତାନ୍ତ ଜାଣିପାରିବେ । ତାଙ୍କ ତା ୧୪ ଗଣ ଅଗସ୍ତ ସନ ୧୮୮୬ ।

ବିଶେଷ ଦ୍ରଷ୍ଟବ୍ୟ, ବିଶେଷ ଦ୍ରଷ୍ଟବ୍ୟ ।

ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଉ ଅଛୁଁ ଯେ, ଅଶମ୍ଭ ଭଗ୍ନ ଇଫିତ ରୋଗଗ୍ରସ୍ତ ବ୍ୟକ୍ତିମାନଙ୍କୁ ଆରୋଗ୍ୟ କରିବାକୁ ପ୍ରସ୍ତୁତ ଅଛୁଁ ଏବଂ ବହୁବାକ୍ତିଙ୍କୁ ଆରୋଗ୍ୟ କରିଅଛୁଁ । ଯାହାଙ୍କର ଏହା ଜାଣିବାକୁ ବାସନା ହେବ ସେମାନେ

କଟକପ୍ରିଣ୍ଟିଂ କମ୍ପାନୀର ପ୍ରିଣ୍ଟର ଶ୍ରୀବାବୁ ଭଗୀରଥୀ ଖାଟିଆଙ୍କଠାରୁ ସମସ୍ତ ବିଷୟ ବୁଝିପାରିବେ ଅଜାଏଥାଇବ ପ୍ରତ୍ୟହ ସକାଳ ଅଠଘଣ୍ଟାଠାରୁ ସଂଧ୍ୟାପର୍ଯ୍ୟନ୍ତ ହକ୍ତ ପ୍ରିଣ୍ଟରଙ୍କ ଘରଠାରେ ଯେ ରୋଗୀ ଉପସ୍ଥିତ ହେବେ ସେ ଅମ୍ଭଠାରୁ ସହଜ ବିଷୟ ଅବଗତ ଓ ନିୟମାନୁସାରେ ଚିକିତ୍ସିତ ହୋଇ ରୋଗରୁ ମୁକ୍ତି ଲଭିବେ ।

ରୋଗର ନାମ ।

ପରଳ, ମୋତିଆବିନ୍ଦ, ମାଂସବୃଦ୍ଧି, ତ୍ରିଶୂଳଗ୍ରେଟ ଚୁଲୁନ୍ଦ୍ରୀ, ଦନ୍ତୀଶୁଣ୍ଡା, ଏକଶିରା, ଆମକଳା, ଅର୍ଶ ଗୁଲ୍ମ, ପାଣ୍ଡୁ, ଦଳଦଆକାମଳ. ଝରିଯାଉଥିବା ବାତଫୁଟିଆ, ଆବୁ ବାତକ୍ଷର ଆନୁଷଙ୍ଗିକ ରକ୍ତ, ଗଡବାଦରୋଗ ଇତ୍ୟାଦି ।

୧୦।୮।୮୬ } ଶ୍ରୀଚନ୍ଦ୍ରମଣିଦାସ<br>
ଅଲମଚନ୍ଦବଜାର } <br>
କଟକ } ଚିକିତ୍ସକ

ଭିକ୍ଟୋରିୟା ପ୍ରେସ ନିମିତ୍ତ ଦୁଇଜଣ କମ୍ପୋଜିଟରର ପ୍ରୟୋଜନ ମ ଇଂରେଜୀ ଜାଣୁଥିଲେ ଅତିଉତ୍ତମ । ବେତନ ଯୋଗ୍ୟତାନୁସାରେ ଦିଆଯିବ । କର୍ମପ୍ରାର୍ଥିମାନଙ୍କର ଶୀଘ୍ର ଦରଖାସ୍ତ କରିବା ଆବଶ୍ୟକ ।

୨୭।୮।୮୬ } ଶ୍ରୀ ଅଭିନ୍ନ-<br>
ଭିକ୍ଟୋରିୟା ପ୍ରେସ } ଜାମ୍ବୁକ<br>
ସାହେବଜାଦାବଜାର କଟକ } ମ୍ୟାନେଜର

## A CHANCE TO STUDENTS.

**UP TO THE END OF SEPTEMBER 1886.**

CLASS-NOTES FROM GEOGRAHY at the reduced price of 2 As. a copy. A few copies only available.

Apply sharp to Manager, Cuttack Printing Company.

### ADVERTISEMENT.

Wanted an English teacher to teach my younger brother for three years at Kaupur. Salary Rs. 15 per month.

None need apply who has not passed the Entrance Examination or who has no experience in teaching after prosecuting his studies up to the Entrance class.

26–8–86. Apply to<br>
RADHAKANTA ROY<br>
MOHASOY<br>
Kaupur P. O.<br>
BHUDDRUCK.

Digitized by srujanika@gmail.com

## ଜମିଦାରୀ ବିକ୍ରୟ

ଜମିଦାର ଶ୍ରୀଯୁକ୍ତ ବାବୁ କୃଷ୍ଣମୋହନ ବୋଷଙ୍କର । ଜି । ବାଲେଶ୍ୱର ଅନ୍ତର୍ଗତ । ପ୍ର । ଭାଏମା ନ ୧୭୨୩ ଲଡ଼ଖା । ତା । ଚନ୍ଦନପୁର ଓଗେର ଜମିଦାରୀ ବିକ୍ରୟ ହେବ, ଏହା ଓଡ଼ିଶାର ପ୍ରଧାନ ବନ୍ଦର ଚାନ୍ଦବାଲିଠାରୁ ନିକଟ ଅଟେ ସେହିଁଠାରୁ କଲିକତା ଜାହାଜସବୁ ଯାତାୟାତ କରଇ ଏହାର ସଦରଜମା ଟ ୧୩୨୮ । ଅଂଶ ଏବଂ ମଫସଲ ଜମା ଟ ୩୦୦୦ ଙ୍କା । ସ୍ୱତଣେଚ୍ଛୁକ ଲୋକମାନେ ଅମ୍ଭ ନିକଟରେ ତତ୍ତ୍ୱାନୁସନ୍ଧାନ କଲେ ସମସ୍ତ ବିଷୟ ଜାଣିପାରିବେ ।

୨୦।୮।୮୬ ଝାଟନଗର କଟକ } By order Peary Mohun Bose

---

## ଓଲାଉଠା ରୋଗର ପରୀକ୍ଷିତ ମହୌଷଧି ।

ଏହି ଔଷଧର ସମାନ ଗୁଣାବଲମ୍ବି ଅନ୍ୟ କୌଣସି ଔଷଧି କୁତ୍ରାପି ଲକ୍ଷିତ ହୁଏ ନାହିଁ । ଏପରି ଓଲାଉଠାରୋଗର ପ୍ରଧାନତମ ଔଷଧି ହୋଇ ନାହିଁ; ଏହି ଔଷଧି ସେଠାରେ ଫଳପ୍ରଦ "କ୍ଲୋରୋଡାଇନ" ଯେଉଁଠାରେ ଫଳପ୍ରଦ ହୋଇ ଅନେକ ପ୍ରଖ୍ୟାତି ଲାଭ କରିଅଛି । କ୍ଲୋରୋଡାଇନ ପରିବର୍ତ୍ତରେ ନ ୧ ମ୍ବର ପିଲ୍ ବା ବଟିକା ବ୍ୟବହାର କରିବାକୁ ହୁଏ ।

କ୍ଲୋରୋଡାଇନ ଯେଉଁ ସ୍ଥଳେ ଫଳପ୍ରଦ ନ ହୁଏ ସେସ୍ଥଳେ ନ ୨ ମ୍ବର ପିଲ୍ ବା ବଟିକା ବ୍ୟବହାର କଲେ ନିଶ୍ଚେ ରୋଗୀ ରୋଗରୁ ମୁକ୍ତ ପାଏ ।

ରୋଗୀର ମରଣାପନ୍ନ ଅବସ୍ଥାରେ ନ ୩ ମ୍ବର ପିଲ୍ ବା ବଟିକା ବ୍ୟବହାର କଲେ ରୋଗୀ ଜୀବିତ ଆଉ ପୁଣି ସଂସାର କାର୍ଯ୍ୟ ନିର୍ବାହ କରଇ ।

ଯଦ୍ୟପି ବାନ୍ତି ବନ୍ଦ ନ ହୁଏ ତେବେ ନ ୪ ପିଲ୍ ବା ବଟିକା ବ୍ୟବହାରରେ ନିଶ୍ଚୟ ବନ୍ଦ ହୁଏ ।

ଅସହ୍ୟ ତୃଷ୍ଣା ନିବାରଣ ସକାଶେ ନ ୫ ମ୍ବର ପିଲ୍ ବା ବଟିକା ବ୍ୟବହାର ମାତ୍ରକେ ନିବାରିତ ହୁଏ ।

ଯଦି ପେଟରେ ଯନ୍ତ୍ରଣା ହୁଏ ବା ପେଟ ଫୁଲାଏ ବା ରୋଗର ପରିସ୍ରା ନ ହୁଏ ତେବେ ନ ୬ ମ୍ବର ଔଷଧି ବ୍ୟବହାରରେ ସମସ୍ତ ପୀଡ଼ା ଉପଶମ ହୁଏ ।

ଉକ୍ତ ପ୍ରତ୍ୟେକ ନମ୍ବର ଔଷଧର ମୂଲ୍ୟ ଟ ୦ ୲ ଓ ସମୁଦାୟ ଏକତ୍ରରେ କ୍ରୟ କଲେ ଉତ୍ତମ ବାକ୍ସରେ ବନ୍ଦ କରି ବ୍ୟବସ୍ଥାପତ୍ର ସହ ଟ ୨ । ମୂଲ୍ୟରେ ପ୍ରାପ୍ତ ହେବ ।

ଅଧିକ ବା ଅଳ୍ପଦିନର କଷ୍ଟସାଧ୍ୟ ଜ୍ୱର ଓ ଅନ୍ୟାନ୍ୟ ରୋଗର କେତେ ପରୀକ୍ଷିତ ଓ ଆଶୁଫଳପ୍ରଦ ଔଷଧି ।

କୌଣସି ପ୍ରକାର କଷ୍ଟସାଧ୍ୟ ଜ୍ୱରସଂହାରବଟି ଟ ୧ ।
କାସ୍ମଲର ଅତି ଅଶ୍ଚର୍ଯ୍ୟ ଔଷଧ ଟ ୧୧
ନାଡ଼ୀଗର୍ଭ ବା ଗ୍ରହଣିରୋଗର ଔଷଧ ଟ ୧
ଶିରଶୂଳର ଉତ୍ତମ ଔଷଧି ଟ ୦ ୲
ଯାବତ ମଲମ (ଜ୍ୱାଳା କରଇ ନାହିଁ) ଟ ୦ ୷
କଫରୋଗର ବଟି ଟ ୦ ୷
ଦନ୍ତରୋଗର ଚୂର୍ଣ୍ଣ ଟ ୦ ୷
କର୍ପୂରାସବ (ଉଦରାମୟ ନାଶକ) ଟ ୦ ।୵
ଜୀର୍ଣ୍ଣଜ୍ୱରର ଔଷଧ ଟ ୦ ୲
" ରକ୍ତରସ ଟ ୦ ୲
" ମଧୁସ୍ରବ ଟ ୦ ୲
ବମନରୋଗର ବଟି ଟ ୦ ୲
ମକରଧ୍ୱଜ ସ୍ୱର୍ଣ୍ଣଘୋଟା ଟ ୧୬୧
ବହୁମୂତ୍ରର ପ୍ରତିଷେଧ ଔଷଧ ଟ ୧୦୧

### ପ୍ରଶଂସାପତ୍ର ।

ଆପଣଙ୍କ ପ୍ରସ୍ତୁତ ଓଲାଉଠା ରୋଗର ବଟିକାର ଗୁଣ ଯଥେଷ୍ଟରୂପେ ପ୍ରଶଂସା କରାଯାଇ ନ ପାରେ । ୬୦ ବରଷ ଅଧିକ ଓ ୭୦ ବର୍ଷର ଅନଧିକ ବୟସ୍କ ଅମୃତ ଜଣେ ପ୍ରତିବାସୀ ଓଲାଉଠା ରୋଗରେ ଏପରି ପୀଡ଼ିତ ଥିଲେ କି ତାଙ୍କର ଜୀବନର ଆଶା ସମସ୍ତେ ତ୍ୟାଗ କରିଥିଲେ । ଏହି ସମୟରେ ଆପଣଙ୍କ ଦତ୍ତ (ନ ୩ ମ୍ବର) ବଟିକାଟି ତାହାଙ୍କୁ ଖୁଆଇଲୁଁ । ଅତ୍ୟନ୍ତ ଅହ୍ଲାଦରସହିତ ଜଣାଉଅଛୁ କି ଉକ୍ତ ବଟିକା ଦେବାମାତ୍ରକେ ରୋଗୀ ଉପଶମଲାଭ କଲେ ଓ ଅବଶେଷରେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କଲେ ।

କେନ୍ଦ୍ରାପଡ଼ା ୩।୮।୮୬ } Munsi Warish Alli Head Master.

---

ମହାଶୟ, ଆପଣ ଯେଉଁ ଔଷଧ ପ୍ରେରଣ କରିଥିଲେ ତାହା ବସ୍ତୁତଃ ସନ୍ତୋଷପ୍ରଦ ଜ୍ୱରର ଶାନ୍ତିଦାୟକ ଔଷଧ ଅଟେ । ଦୁଇ ଦିବସ ମଧ୍ୟରେ ଏହା ଆଶ୍ଚର୍ଯ୍ୟଜନକ ଫଳ ଫଳିଥିବାରୁ ଏହାର ପ୍ରଶଂସା ଆମ୍ଭେ କରୁଅଛୁଁ ।

ଆପଣଙ୍କର ବଶମ୍ବଦ
ଭଗବତ ପ୍ରସାଦ ଦାସ
ରେଜଷ୍ଟ୍ରୀ କିରାଣୀ

---

ଅନ୍ୟ ସାର୍ଟିଫିକଟମାନ ଗାପାଳାର ୭।୮।୮୬, ୨୦।୮।୮୬, ୧୦।୪।୮୬ ଓ ୨୭।୭।୮୬, ଓ ସମ୍ବାଦର ୩।୩।୮୪ ରେ ପ୍ରକାଶ ହୋଇ ଅଛି ଦେଖ ଓ କବିରାଜଙ୍କଠାରେ ଉକ୍ତ କଲେ ଅନେକ ସର୍ଟିଫିକଟ ପାଠ କରି ପାରିବ ।

କେନ୍ଦ୍ରାପଡ଼ାସ୍ଥ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ କବିରାଜଙ୍କଠାରେ ଉପରୋକ୍ତ ଔଷଧମାନ ପ୍ରାପ୍ତ ହେବ ।

Apply to
LAKSHMINARAIN GUPTA
Kabiraj, Kendrapara.

---

# ମେହରୋଗ ।

ଶୀଘ୍ର ଔଷଧରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ନିବୃତ୍ତି ହେବ । ଦୁରନ୍ତ ପ୍ରମେହ ବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତତ୍କାଳ ଶୋଣିତଧାର ଉଚିତ ନିତ୍ୟ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାସ୍ୱାଭରେ ଏକସପ୍ତାହ ସେବା କଲେ ନୂତନରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଉପସର୍ଗରେ ଯତ୍ନବାନ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ର ଦେଇଅଛନ୍ତି ସେ ସମସ୍ତ ଅବିଳମ୍ବରେ ମୁଦ୍ରାକାରରେ ପ୍ରକାଶିତ ହେବ କଲିକତା ଅଶ୍ୱିନୀଦତ୍ତ ଲେନ ନମ୍ବର ଭବନରେ ସି, କେ, ସେନ୍ କମ୍ପାନିଙ୍କଠାରେ ଏବଂ କଟକ ଦଶବାଦାଳୀ ପ୍ରସିଦ୍ଧମାନଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକସିସି ଟ ୧୲ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍ ।

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ଉତ୍କଳଦୀପିକା ହିସାବ ଧାର୍ଯ୍ୟ ହୋଇଅଛି ଯଥା :—

ପ୍ରଥମଥର ସକାଶେ

| | |
|---|---|
| ଆଠ ପଦ | ଟ ୦ ୲ |
| ଅଷ୍ଟ ଦୁଇବାର | ଟ ୧୲ |
| ପୂର୍ଣ୍ଣ ଏକ ପୃଷ୍ଠାକୁ | ଟ ୩ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେହେଁ ଟ ୦ ୲ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ଅର୍ଦ୍ଧେକ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

---

☞ ଏହି ଉତ୍କଳଦୀପିକା ସହର କଟକ ଉତ୍କଳଯନ୍ତ୍ରରେ ସୈୟଦ ଆଲିଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୧ ବ | ଶନିବାର, ସେପ୍ଟେମ୍ବର ୨୭ ୧୮୮୬ ମସିହା । | ମୂଲ୍ୟ ଅଗ୍ରିମ ପଶ୍ଚାତ୍
ସଂଖ୍ୟା ୩୭ | | ବାର୍ଷିକ ଟ ୧ ଟ ୨
| | ଡାକମାସୁଲ ଟ ୦ ୮ ଟ ୧

The *Sanskaraka* in its characteristic way of misleading the public is striving hard to shield Babu Chaturbhuj Putnaik's connection with it. In a long editorial in its last issue headed "Party spirit in Orissa" the writer says that "it is an admitted fact that the *Sanskaraka and Sebak* is the organ of the *Sebak Sabha* in particular and of Brahmo Somaj in general in Orissa. There are paid managers and Editors in connection with the paper. What then must be the meaning of this false insinuation?" The plain meaning is that the so called Managers and Editors, who do not possess the necessary qualifications for such posts, are mere tools in the hands of Babu Chaturbhuj Putnaik who really does the work not only of the paper but of the book shop known as Bidhan Agency; that there was even no nominal English Editor except for a month or so and yet the paper went on all the same; and that it is admitted in the proceedings of the Shebak Sabha of Balasore published as a supplement to to the last *Sanskaraka* that Babu Chaturbhuj Putnaik as Secretary of the Cuttack branch superintends all its *works viz;* the newspapers, book shops &c. though our contemporary has taken particular care to suppress this fact in the English columns. For the sake of Brahmoism whose organ it professes to be we wish our contemporary were more truthful and honest.

---

ଅମ୍ଭେମାନେ ଏଥିପୂର୍ବେ ଭ୍ରମକ୍ରମେ ଲେଖିଥିଲୁଁ ଯେ ଭାରତବର୍ଷର ପୂର୍ବତନ ଅଣ୍ଡର ସେକ୍ରେଟରୀ କ୍ୟସାହେବ ବର୍ତ୍ତମାନ ଷ୍ଟେଟ ସେକ୍ରେଟରୀ ହୋଇଅଛନ୍ତି । ପ୍ରକୃତରେ ବର୍ତ୍ତମାନ ଭାରତବର୍ଷୀୟ ଷ୍ଟେଟ ସେକ୍ରେଟରୀଙ୍କ ନାମ ସର୍ ଜର୍ଜ୍ କ୍ରସ ଓ ସେମାନେ ଭ୍ରମବଶତଃ ଉକ୍ତ ଅଛନ୍ତି ।

---

ଇରାବତୀ ନଦୀ ବନ୍ୟାଜଳରୂପେ ବଢ଼ିଥିବାରୁ ବ୍ରହ୍ମଦେଶରେ ଦୁର୍ଯୋଗ ଉପସ୍ଥିତ ହୋଇଅଛି । ମନ୍ଦାଲୟ ନଗରର ଉତ୍ତର ବନ୍ଧ ଭଙ୍ଗିଯାଇ ଅନେକ ଘର ହୋଇଥିବାର ଓ ୪୦୦୦ଠାରୁ ୬୦୦୦ ପର୍ଯ୍ୟନ୍ତ ଲୋକ କଷ୍ଟ ହୋଇଥିବାର ଜଣାଯାଉଅଛି । ବଜାରର ସାଉକାରଙ୍କର ଅନୂନ ପଞ୍ଚାଶଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବାର ଅନୁମିତ ହୁଅଇ ଏବଂ ପ୍ରାୟ କିଛି ସଙ୍ଖ୍ୟ ଲୋକ ଗୃହହୀନ ହୋଇଅଛନ୍ତି । ଯୁଦ୍ଧଯୋଗ ସଙ୍ଗେ ଏ ପଡ଼ ଉପସ୍ଥିତ ହୋଇ ବ୍ରହ୍ମଦେଶକୁ ସାର କରିଅଛି ।

---

ଗତପ୍ରକାଶିତ ସଂସ୍କାରକରେ ଲେଖାଅଛି ଯଥା;—"ଅମ୍ଭେମାନେ ସମ୍ବାଦ ପତ୍ରିକାରୁ ଅବଗତ ହେଲୁଁ ଯେ ଜଣେ ଉତ୍କଳୀୟ ସମ୍ବାଦ ଲେଖକ ଅଛନ୍ତି ଯେ ସେ ଯଶଃପ୍ରାର୍ଥୀ, ଦ୍ରବ୍ୟପ୍ରାର୍ଥୀ ନୁହନ୍ତି, ଦୁଃଖର ବିଷୟ ଯେ ସେହି ସମ୍ପାଦକ ଆପଣାକୁ ଧର୍ମଜ୍ଞ ଏବଂ ଧର୍ମପ୍ରଚାରକ ବୋଲି ବାରମ୍ବାର ଘୋଷଣା କରିଅଛନ୍ତି ସେହି ସମ୍ପାଦକ ପୁତ୍ରୀ ରାଜାଙ୍କର ପ୍ରଶଂସିତ ଉକ୍ତିର ଘୋଷଣତା କରି ସେଥିର ପ୍ରଶଂସା କରିଅଛନ୍ତି । ଯଶୋଲାଭର ବାସନା ନୀଚସ୍ୱାର୍ଥପ୍ରଣୋଦିତ ନୁହେ ? ଏପରି ବାସନା ଦ୍ୱାରା ପରିଚାଳିତ ହୋଇ କାର୍ଯ୍ୟ କରିବା ଶ୍ରେୟସ୍କର ହୋଇପାରେ—କିନ୍ତୁ ଧର୍ମ, ଜଗତରେ ତାହା କଦାପି ଶ୍ରେୟସ୍କର ବୋଲି ପରିଗଣିତ ହେବନାହିଁ । ଅମ୍ଭେମାନେ ଆଶାକରୁଁ ସଂସ୍କାରକ ପ୍ରତିବାଦୀ ହେବାକୁ ଯାଇ ଭବିଷ୍ୟତରେ ଧର୍ମର ଏପରି ଅବମାନନା କରିବେ ନାହିଁ ।" ଏକଥା ଗୁଡ଼ିକ ଯଥାର୍ଥ ଅଟଇ ମାତ୍ର ସ୍ୱାର୍ଥ ଯାହାଙ୍କର ସକଳ କାର୍ଯ୍ୟର ମୂଳମନ୍ତ୍ର ଓ ଧର୍ମଦାମ୍ଭିକ ହିରମ ପଦ କଳ୍ପିତଃ ଅତଏବ ସେମାନେ ଏଉକ୍ତିଗୁଡ଼ିକର ମହତ୍ତ୍ୱ କାହୁଁ ଅନୁଭବ କରିପାରିବେ ।

---

ବ୍ରହ୍ମଦେଶର ଯୁଦ୍ଧଯୋଗ ନିକଟରେ ଶାନ୍ତି ପ୍ରାପ୍ତ ହେଉ ନାହିଁ । ରଙ୍ଗୁନଠାରୁ ଆସିଥିବା ଗତ ମାସ ତା ୨୦ ତାରିଖ ତାରସମ୍ବାଦରୁ ପ୍ରକାଶ ଯେ ଯୁଦ୍ଧ ଅଞ୍ଚଳରେ ଏକ ସାମାନ୍ୟ

Digitized by srujanika@gmail.com

ଯୁଦ୍ଧ ହୋଇ ତହିଁରେ ବିଦ୍ରୋହୀମାନେ ହାର ଖାଇଅଛନ୍ତି । ସେଗାଇନ ରାଜ୍ୟରେ ଘୋର ଯୁଦ୍ଧ ହେଉଁ ଇଂରାଜମାନେ ଗୋଟିଏ କଠିନ ଦୁର୍ଗ ହସ୍ତଗତ କଲେ । ଏ ଯୁଦ୍ଧରେ ଇଂରାଜଙ୍କ ପକ୍ଷରୁ ଜ ୧୧ ଣ ଆହତ ଓ ବିଦ୍ରୋହୀଙ୍କ ପକ୍ଷରୁ ଜ ୧୦ ଣ ହତ ହୋଇଅଛନ୍ତି । ବିଦ୍ରୋହୀଙ୍କ ମଧ୍ୟରୁ ଆହତ ହୋଇଥିବା ଲୋକଙ୍କର ସଂଖ୍ୟା ମିଳି ନାହିଁ । ମିଙ୍ଗେମ୍ବ୍ୟାଳ ଓ ଆଭା ମଧ୍ୟରେ ଜ ୭ ଣ ଡକାୟତ ଓ ଜଣେ ଇଂରାଜ ସେନା ହତ ହୋଇଅଛନ୍ତି—ଇତ୍ୟାଦି । ଏରୂପ ସମ୍ବାଦମାନଙ୍କରୁ ଦେଶ ଅଳ୍ପଦିନରେ ଶାନ୍ତ ହେବାର ଭରସା ଦେଖାଯାଉ ନାହିଁ । ମାତ୍ର ବିଲାତ-ପାର୍ଲିଆମେଣ୍ଟର ପ୍ରଧାନ ସଭ୍ୟ ଲର୍ଡ ସାଲିସବରୀ ମହୋଦୟଙ୍କର ମତ ଅନ୍ୟ ପ୍ରକାର । ପଞ୍ଚବଂଶ ସହସ୍ର ଇଂରାଜ ସେନା ଥାଇଁ ଏ ଦଶା—ଏଥି-ଉପରେ ପୁଣି ଅଦ୍ଭୁତ ଯାଞ୍ଚକାର ସେନା ପଠାଯାଉଅଛି ପରନ୍ତୁ ଶର୍ଦ୍ଦରେ ବାହାଦୁର ନେବାର ସକଳ ଘଟିଲେ ତାହାଙ୍କ କିଏ ଖଣ୍ଡ ଦେବନ ?

---

ଅନରେବଲମାନଙ୍କରେ ଶ୍ରୀଯୁକ୍ତ କମିଶନର ସାହେବ ଇଂଲିସ୍ ସାହେବଙ୍କ ନିଷ୍ପତ୍ତିରୁ ବହାଳ କରି କଲେକ୍ଟର ସାହେବଙ୍କଦ୍ୱାରା ପୁନର୍ବିଚାର ହେବାର ଆଜ୍ଞା ହୋଇଥିବା ପ୍ରସଙ୍ଗ ପାଠକମାନଙ୍କୁ ଏଥିପୂର୍ବେ ଜଣାଇ ଥିଲୁଁ । ସେ ମୋକଦ୍ଦମା ଗତ ସୋମବାର ଶ୍ରୀଯୁକ୍ତ ଟ୍ୱେନବି ସାହେବ କଲେକ୍ଟରଙ୍କ ସମ୍ମୁଖରେ ଉଠିଲା ହେଲା । ସରକାରଙ୍କ ପକ୍ଷରୁ ଓକିଲ ସରକାର ଏବଂ ଅଭ ରାଜାଙ୍କ ପକ୍ଷରୁ ବାବୁ ଦୀନବନ୍ଧୁ ଅନେକ ତର୍କବିତର୍କ କଲେ । କମିଶନର ସାହେବ ଯେ ପ୍ରମାଣ ନେବାର ଲେଖିଥିଲେ ତାହା ଆଉ ଆବଶ୍ୟକ ହେଲା ନାହିଁ । ଅଳ୍ପ ଟିକେ ତର୍କ ଚଳିଲା ଓ ଏଥିରେ ସରକାରଙ୍କର ଦାବୀ ଟିକି ପାରିଲା ନାହିଁ । ଟ୍ୱେନବି ସାହେବ ସୁବିଚାରପୂର୍ବକ ଇଂଲିସ ସାହେବଙ୍କ ନିଷ୍ପତ୍ତିରେ ଐକ୍ୟ ହୋଇ ଓ ଅଧିକନ୍ତୁ ଅନେକ ଯୁକ୍ତି ଦେଖାଇ ସରକାରଙ୍କର ଉଚ୍ଛେଦକାର ଟଙ୍କାର ଦାବୀ ଡିସମିସ କରି ସାର୍ଟିଫିକେଟ ରଦ୍ଦ କଲେ । ଆମ୍ଭମାନଙ୍କ ବିବେଚନାରେ ଟ୍ୱେନବି ସାହେବ ଯଥାର୍ଥ ବିବେଚନା କରିଅଛନ୍ତି ଓ ଆଶା କରୁଁ ଆଉ ଏଥିରେ କମିଶନର ସାହେବ ଅସନ୍ତୁଷ୍ଟ ହେବେ ନାହିଁ ।

---

ଆମ୍ଭେମାନେ Orissa Students ନାମରେ ଖଣ୍ଡିଏ ଇଂରାଜ ମାସିକପତ୍ର ଉପହାର ପାଇଅଛୁଁ । ଏ ପତ୍ରର ମ୍ୟାନେଜର କେନ୍ଦ୍ରାପଡ଼ାସ୍ଥ ବାବୁ ଲକ୍ଷ୍ମୀନାରାୟଣ ଦାସଗୁପ୍ତ । ଏ ପତ୍ରରେ ଇଂରାଜୀଭାଷା ଶୁଦ୍ଧ ଲେଖିବାର ଉପାୟ ଓ ସାହିତ୍ୟ ଓ ଅଙ୍କ ପ୍ରଶ୍ନର ଉତ୍ତରମାନ ସନ୍ନିବେଶିତ କରିବାର କଥା । ଏ କଦ୍ବାର ହେଉ ଇଂରାଜୀ ସ୍କୁଲର ନିମ୍ନଶ୍ରେଣୀ ଏବଂ ମାଇନରସ୍କୁଲର ହାଇସ୍କୁଲର ନିମ୍ନଶ୍ରେଣୀ ଛାତ୍ରମାନେ ଅନେକ ଶିକ୍ଷା ଲାଭ କରିପାରିବେ । ଏପରି ସାମୟିକପତ୍ରର ଅଭାବରେ ଉତ୍କଳରେ ନୂତନ ଦୃଶ୍ୟ ଓ କେନ୍ଦ୍ରାପଡ଼ା ପରି ମୋଫସଲ ସ୍ଥାନରୁ ଏହାର ପ୍ରଥମ ପ୍ରକାଶ ଦେଖିବା ଅତ୍ୟନ୍ତ ସୁଖର ବିଷୟ । ଆମ୍ଭମାନଙ୍କ ବିବେଚନାରେ ଏହାର ବିଷୟ ଯେପରି ଭଲ ମୂଲ୍ୟ ସେପରି ସୁଲଭ ହୋଇଅଛି । ଆମ୍ଭେମାନେ ଆଶା କରୁଁ କି ଶିକ୍ଷକ ଓ ଛାତ୍ରମାନେ ଏଥିର ଗ୍ରାହକ ହେବାକୁ ଅଗ୍ରସର ହେବେ ଓ ଏହାଦ୍ୱାରା ସେମାନଙ୍କର ଯଥେଷ୍ଟ ସାହାଯ୍ୟ ହେବ ସନ୍ଦେହ ନାହିଁ । ଏହି ପତ୍ରିକାର ଏକ ସଂଖ୍ୟା କେବଳ ଏକ ବିଷୟରେ ପୂର୍ଣ୍ଣ ନ ହୋଇଁ ପ୍ରତ୍ୟେକ ପତ୍ରିକାରେ ସ୍ଥାନପରିମାଣାନୁଯାୟୀ ସକଳବିଷୟର କିଛି ଥିଲେ ଆହୁରି ଭଲ ହୁଅନ୍ତା । ସେ ଯାହା ହେଉ ଆମ୍ଭେମାନେ ଏ ପତ୍ରିକା ଦୀର୍ଘକାଳସ୍ଥାୟୀ ହେବାର ପ୍ରାର୍ଥନା କରୁଁ ।

---

ବାଲେଶ୍ୱରସେବକସଭାର ଗୋଟିଏ ଉଦ୍ଧାରଣ ଗଢସ୍ଥାରକର ଅଭିଳାଷ ପତ୍ର-ସ୍ୱରୂପ ପ୍ରକାଶ ହୋଇଅଛି । ସେଥିରେ ଲେଖା-ଅଛି କି ଚତୁର୍ଭୁଜ ବାବୁ ସଭାରଙ୍କର ସ୍ୱତ୍ତ୍ୱାଧିକାରୀ, ସମ୍ପାଦକ ବା ମାନେଜର ନୁହନ୍ତି କେବଳ ସେବକସଭାର ଛାପାଖାନାର ସମ୍ପାଦକ ସ୍ୱରୂପ ସକଳକାର୍ଯ୍ୟର ତତ୍ତ୍ୱାବଧାରଣ କରନ୍ତି । ବାଲେଶ୍ୱର ସେବକ ସଭାର ସଭ୍ୟମାନେ କଷ୍ଟ କରି ଯଥା'ବା ନାମମାତ୍ର ସମ୍ପାଦକ ଓ ମାନେଜରଙ୍କ ଯୋଗ୍ୟତା ଜାଣି ନ ଥିବାରୁ ଏପରି ଲେଖିବା ବିଷୟ ନୁହଇ ଲଥାନ୍ତ ଚତୁର୍ଭୁଜ ବାବୁଙ୍କ ହାତରେ ସବୁଭାର ଥିବାରୁ ସେମାନେ ସ୍ୱୀକାର କରିଅଛନ୍ତି । କିନ୍ତୁ ସେମାନେ ଯାହା ଲେଖିଅଛନ୍ତି ସେ ସଭାର ମତ ସହିତ ସମ୍ବନ୍ଧରେ ସମ୍ପାଦକର ମତଭେଦ ହୋଇଥାଏ ଏଥିରେ ଆମ୍ଭେମାନେ ଆଶ୍ଚର୍ଯ୍ୟ ହେଲୁଁ । ଯେବେ ସଭାର ମତସହିତ ପତ୍ରିକାର ମତ ନ ମିଶିଲା ଏବଂ କର୍ତ୍ତୃଙ୍କୁ ଲାଜାସ୍ତ୍ରକାର ଅସଭ୍ୟ ଅବୈଧ ଓ ଯାଜସ୍ୱତନ୍ତ୍ର କଥାମାନ ବାହାରନ୍ତି ତେବେ କ ବ୍ରାହ୍ମଧର୍ମପ୍ରତି ଗୌରବର କଥା ହେଲା ? ବାଲେଶ୍ୱର ସଭାର ଅନ୍ୟ ଲୋକଙ୍କ କଥା ଆମ୍ଭେମାନେ ଜାଣୁ ନାହୁଁ ମାତ୍ର ବାବୁ ଭଗବାନଚନ୍ଦ୍ର ଓଡ଼ିଶାରୁ ବମ୍ବେ ପର୍ଯ୍ୟନ୍ତ ଜଣେ ଭଲ ବ୍ରହ୍ମବେତ୍ତା ପଣ୍ଡିତ ହୋଇଅଛନ୍ତି ସେ କିପରି ଏକଥାକୁ ଅନୁମୋଦନ କଲେ ଆମ୍ଭେମାନେ ବୁଝି ନ ପାରି ଅସ୍ଥିର ହେଉଅଛୁଁ । ଆମ୍ଭମାନଙ୍କ କଥାରେ କେହି ଅଗ୍ରାହ୍ୟ ନ କଲେ ଗତ ଶିକ୍ଷାବନ୍ଧୁରେ ସେ ତହିଁର ପୋଷକତା ଦେଖିଥିବେ ।

---

ଏନଗରରେ କେତେକଜଣ ଗୃହସ୍ଥଙ୍କ ପ୍ରଯତ୍ନରେ ଶିକ୍ଷାବିଧାୟିନୀ ନାମରେ ଗୋଟିଏ ସଭା ଅନେକଦିନରୁ ସ୍ଥାପିତଅଛି ଏବଂ ଦରିଦ୍ରବାଳକମାନଙ୍କ ଶିକ୍ଷାର ବ୍ୟୟ ଯୋଗାଇବା ଉଦ୍ଦେଶରେ ଏ ସଭାର ଅଧୀନରେ ଗୋଟିଏ ଦରିଦ୍ରକୋଷ ଗତ ବହୁବର୍ଷରୁ ରହିଅଛି । ବର୍ତ୍ତମାନ ଏହି କୋଷରୁ ଜ ୧୭ ଣ ଦରିଦ୍ରବାଳକ ସାହାଯ୍ୟ ପ୍ରାପ୍ତ ହୋଇ ଏ ନଗରର ବିଭିନ୍ନ ସ୍କୁଲରେ ପଢ଼ୁଅଛନ୍ତି । ଦରିଦ୍ର କୋଷର ଆୟ ଅଧିକ ନ ହେଲେହେଁ ଏତେକ ସାହାଯ୍ୟ ପାଇବାର କାରଣ ଏହିକି ବାବୁ ମଧୁସୂଦନଦାସ ବାବୁ କୃଷ୍ଣଚରଣମହାନ୍ତି ଓ ବାବୁ ହରିବଲ୍ଲଭ ପଣ୍ଡିତ ଦରିଦ୍ରକୋଷରୁ ସାହାଯ୍ୟ ପାଉଥିବା ଛାତ୍ରଙ୍କୁ ସେମାନଙ୍କ ତତ୍ତ୍ୱାବଧାରଣରେ ଥିବା ବିଦ୍ୟାଳୟମାନଙ୍କରେ ଅର୍ଦ୍ଧ ବେତନରେ ପଢ଼ାଉଅଛନ୍ତି ଏବଂ ଉକ୍ତ ଦରିଦ୍ରକୋଷର ସମ୍ପାଦକ ବାବୁ ଗଣପତିଦାସ ସେମାନଙ୍କୁ ଧନ୍ୟବାଦ ଦେଇ ସର୍ବସାଧାରଣଙ୍କୁ ପ୍ରାର୍ଥନା କରୁଅଛନ୍ତି କି ଯେବେ ସେମାନେ ଏହି କୋଷକୁ ଯଥାସାଧ୍ୟ ସାହାଯ୍ୟ ପ୍ରଦାନ କରନ୍ତି ତେବେ ସଭା କେତେଜଣ ଦରିଦ୍ରବାଳକଙ୍କର ସ୍କୁଲବେତନ ଓ ପୁସ୍ତକର ବ୍ୟୟନିମିତ୍ତ ପରୀକ୍ଷାଦାନ ବିଷୟରେ ମଧ୍ୟ ସାହାଯ୍ୟ ପ୍ରଦାନ କରିବେ । ଆମ୍ଭମାନଙ୍କ ବିବେଚନାରେ ଏକାର୍ଯ୍ୟଟି ବଡ଼ ପ୍ରୀତିକର ଅଟଇ ଏବଂ ଆଶା କରୁଁ ଧନାଢ୍ୟ ଓ ବଦାନ୍ୟ ବ୍ୟକ୍ତିମାନେ କିଛି ଦାନକରି ଏସଭାକୁ ଉତ୍ସାହିତ କରିବେ । ବାଲେଶ୍ୱରନିବାସୀ ବାବୁ ରାଜନାରାୟଣ ଦାସ ଜମିଦାର ଏସଭାକୁ ଟ ୨୫ ଙ୍କା ଦାନରେ ଦୃଢ଼ଭିତ୍ତିକାର ପାତ୍ର ହୋଇଅଛନ୍ତି । ଏହିପରି ଅନେକ ଲୋକଙ୍କ ସୁଖ୍ୟାତି ଲେଖିବାକୁ ଆମ୍ଭେମାନେ ସମର୍ଥ ହେଲେ ବଡ଼ ଆନନ୍ଦିତ ହେବୁ ।

---

Split by PDF Splitter

Digitized by srujanika@gmail.com

Split by PDF Splitter



ରଙ୍ଗପୁରର ଜମିଦାର ବାବୁ ଗୋବିନ୍ଦଲାଲ-ରାୟ ସେଠା ଜର୍ମିଲସ୍କୁଲ ନିମନ୍ତେ ଟ ୫୧୫୦୯ଙ୍କା-ରେ କ୍ରୟ କରିଥିବା ଗୋଟିଏ ଅଟ୍ଟାଳିକା ଓ ତଲ୍ଲଗ୍ନ ଗୃହର ଉପସ୍ୟତ୍ତ୍ୱ ନଗ୍ରମେଣ୍ଟ ପାଣ୍ଟି ସ୍ୱରୂପ ୫୧୦୦୦୯ଙ୍କା ମୂଲ୍ୟର କୋମ୍ପାନି କାଗଜ ଗବର୍ଣ୍ଣମେଣ୍ଟଙ୍କ ହସ୍ତରେ ଅର୍ପଣ କରିଅଛନ୍ତି । ଆମ୍ଭମାନଙ୍କ ଲେପ୍ଟେନାଣ୍ଟ ଗବର୍ଣ୍ଣର ସାହେବ ଶିକ୍ଷା ବିଷୟରେ ବାବୁ ମହୋଦୟଙ୍କ ବିଶେଷ ବଦାନ୍ୟତାରେ ସନ୍ତୋଷ ପ୍ରକାଶ କରି ତାହାଙ୍କୁ ଧନ୍ୟବାଦ ପ୍ରଦାନ କରିଅଛନ୍ତି । ବାସ୍ତବିକ ଏତାଦୃଶ ଦାନ ଅତିପ୍ରଶଂସନୀୟ ଅଟଇ । ଯୋଗ୍ୟଲୋକଙ୍କ ହାତରେ ଧନ ଥିଲେ ତହିଁର ଉଚିତ ବ୍ୟବହାର ହୁଅଇ । ଏଠାରେ ପ୍ୟାରିମୋହନ—ଏକାଡେମୀ ବହୁ ଦିବସରୁ ସ୍ଥାୟୀ ହୋଇଅଛି ଓ ବାର୍ଷିକ ଫଳ ମଧ୍ୟ ସନ୍ତୋଷଜନକ ହେଉଅଛି କିନ୍ତୁ ସ୍କୁଲର ଗୃହ ନାହିଁ ଓ ଯେ ଗୃହରେ ବର୍ତ୍ତମାନ ହେଉଅଛି ତାହାର ଭଗ୍ନାବସ୍ଥା । ଏ ବିଷୟ ସାଧାରଣ ଲୋକଙ୍କ ଅବଗତାର୍ଥ ବହୁଥର ପତ୍ରିକାରେ ଲେଖା-ହୋଇଅଛି ଓ ସମ୍ପାଦକ ମହାଶୟ ମଧ୍ୟ ଯଥାସାଧ୍ୟ ଚେଷ୍ଟା କରିଅଛନ୍ତି ଓ କରୁଅଛନ୍ତି କିନ୍ତୁ ତଥାପି ଏତେ ଧନୀ ଜମିଦାର ଓ ରାଜା ଥାଇଁ ଗୃହର ଏକ୍ତ ସ୍ଥିରତା ଏପର୍ଯ୍ୟନ୍ତ ହେଲା ନାହିଁ । ଶୁଣାଯାଏ ଯେ ସର୍ବସ୍ତ୍ରା ଦୁଇ ତିନ ଶତ ଟଙ୍କା ଚାନ୍ଦାଦ୍ୱାରା ଆଦାୟ ହୋଇଅଛି ।

ଉପର ଲିଖିତ ବାବୁ ଗୋବିନ୍ଦଲାଲଙ୍କ ଦୃଷ୍ଟାନ୍ତ ଏ ପ୍ରଦେଶରେ କେହି ଅନୁକରଣ କଲେ ଏ ବିଦ୍ୟାଳୟଟି ସ୍ଥାୟୀ ହୋଇ ଅନେକ ଦରିଦ୍ର ବାଳକଙ୍କର ବିଦ୍ୟାଲାଭର ସାହାଯ୍ୟ କରିବା କାରଣ ଅଳ୍ପ ବା ବିନା ବେତନରେ ଦୁଃଖି ବାଳକଙ୍କୁ ଶିକ୍ଷା ଦେବା ଏ ବିଦ୍ୟାଳୟର ପ୍ରଧାନ ଉଦ୍ଦେଶ୍ୟ ।

———

ଉତ୍ତରପୂର୍ବ ଖଣ୍ଡ ବୁଲଗେରିଆରେ ଏଥିମଧ୍ୟରେ ଅକସ୍ମାତ ଗୋଟିଏ ମହାକାଣ୍ଡ ଘଟିଅଛି । ସେଠାର ରାଜକୁମାର ଅଲେକ୍‌ଜାଣ୍ଡର ପଲଟନର ଜବାନ ହେଉଥିଲେ ଏଥିମଧ୍ୟରେ ସୈନ୍ୟମାନେ ବିଦ୍ରୋହୀ ହୋଇ ତାହାଙ୍କୁ ସିଂହାସନ ଚ୍ୟୁତ କରି ସ୍ଥାନାନ୍ତରକୁ ପଠାଇଦେଲେ ଏବଂ ସେଠା ପ୍ରଧାନ ଲୋକମାନେ ସେଠାରେ ଥିବା ରୁଷିଆର ଏଜେଣ୍ଟଙ୍କ ଗୋଡାଇଲେ ପରେ ଗୋ-ଟିଏ ନୂତନ ଗବର୍ଣ୍ଣମେଣ୍ଟ ସ୍ଥାପନ ବିଷୟରେ ସାହାଯ୍ୟ ପ୍ରାର୍ଥନା କଲେ । ବର୍ତ୍ତମାନ ସେଠାରେ ରୁଷିୟ କର୍ମଚାରୀଙ୍କ ଯୋଗେ ଏକତନ୍ତ୍ରର ଶାସନପ୍ରଣାଳୀ ସ୍ଥାପିତ ହୋଇଅଛି । କୁମାର ଅଲେକଜାଣ୍ଡର ସେଠାରୁ ନିର୍ବାସିତ ହୋଇ ଅଷ୍ଟ୍ରିଆ ରାଜ୍ୟରେ ବାସ କରୁଅଛନ୍ତି ତାହାଙ୍କ ପଦଚ୍ୟୁତ କାଣ୍ଡକୁ ଜର୍ମାନୀ ଅଷ୍ଟ୍ରିଆ ଓ ରୁଷିଆ ମନୋନୀତ କରିଅଛନ୍ତି ଏବଂ ଇଂରାଜଗବର୍ଣ୍ଣମେଣ୍ଟ ଅଗତ୍ୟା ତହିଁରେ ସମ୍ମତ ହୋଇଅଛନ୍ତି ବୁଲଗେରିଆକୁ ତୁରସ୍କର ଅତ୍ୟାଚାରରୁ ରକ୍ଷା କରିବା କାରଣ ରୁଷିଆ ଯୁଦ୍ଧ କରି ଯେରୂପ ଅର୍ଥ ଓ ପ୍ରାଣ ଉତ୍ସର୍ଗ କରିଥିଲେ ତାହାର ଅବଧି ନାହିଁ । ତହିଁର କୃତଜ୍ଞତାସ୍ୱରୂପ ବୁଲଗେରିଆବାସିମାନେ ରୁଷିଆର ସାହାଯ୍ୟ ଗ୍ରହଣ କଲେ । ଇଂରାଜଗବର୍ଣ୍ଣମେଣ୍ଟଙ୍କ ଇଚ୍ଛା ଅନ୍ୟ ପ୍ରକାର ଥିବାରୁ ଇଂଲଣ୍ଡେଶ୍ୱରୀଙ୍କ ଜଣେ ଜାମାତାର ଭ୍ରାତା କୁମାରଅଲେକଜାଣ୍ଡରଙ୍କୁ ସେଠାରେ ଗଦିନସିନ କରାଇଥିଲେ ମାତ୍ର ସେକୌଶଳ ରହି ପାରିଲା ନାହିଁ । ଏଥିପାଇଁ ବିଲାତର ସର୍ବପ୍ରଧାନ ସମ୍ବାଦପତ୍ର ଟାଇମସ୍ ସ୍ୱୀକାର କରିଅଛନ୍ତି କି ଇଂରାଜ ପରାସ୍ତ ହେଲେ ଓ ରୁଷିଆର କୌଶଳ ଅତି ଆଶ୍ଚର୍ଯ୍ୟରୂପେ ସଫଳ ହେଲା । ଏଥିଉତ୍ତାରୁ ସମ୍ବାଦ ଆସିଅଛି ଯେ କୁମାରଅଲେକଜାଣ୍ଡର ପୁଣି ବୁଲଗେରିଆକୁ ଫେରି ଆସୁଅଛନ୍ତି । ଏଥିର ଅର୍ଥ କିସ ?

———

ତେଙ୍କାନାଳରୁ ଜଣେ ପତ୍ରପ୍ରେରକ ଅତ୍ୟନ୍ତ ଦୁଃଖ ପ୍ରକାଶକରି ଲେଖିଅଛନ୍ତି ଯେ ଗତ ବାର୍ଷିକ ପରୀକ୍ଷାରେ ସେଠା ମାଇନର ସ୍କୁଲର ଜଣେ ଛାତ୍ର ଦାମୋଦରମିଶ୍ର ଓଡିଶାରେ ମାଇନର ପରୀକ୍ଷାରେ ସର୍ବୋଚ୍ଚସ୍ଥାନ ପାଇଲା ମାତ୍ର ବୃତ୍ତି ପାଇଲା ନାହିଁ । ଆମ୍ଭମାନଙ୍କ ବିବେଚନାରେ ଏକଥାଟି ବାସ୍ତବରେ ଦୁଃଖର ବିଷୟ ଅଟଇ । କେଉଁ ନିୟମ ଦ୍ୱାରା ଏ ବାଳକର ବୃତ୍ତି ପାଇବାର ପ୍ରତିବନ୍ଧକ ଘଟିଲା ଆମ୍ଭେମାନେ କହି ନ ପାରୁଁ ମାତ୍ର ଯେ କୌଣସି ନିୟମରେ ସର୍ବପ୍ରଥମସ୍ଥାନ ପାଇଥିବା ପିଲା ବଞ୍ଚିତ ହୋଇପାରେ ସେ ନିୟମକୁ ଭଲ ବୋଲିଯାଇ ନ ପାରେ । ବିଶେଷତଃ ଗଡଜାତରେ ଇଂରାଜିଶିକ୍ଷାର ଅତ୍ୟନ୍ତ ଅପେକ୍ଷାକୃତ ଊଣା ଥିବାରୁ ଅଧିକ ଉତ୍ସାହ ଦେବାର ଉଚିତ । ଆମ୍ଭେମାନେ ଏବାଳକର ବୃତ୍ତି ପାଇବାର ଦାବି ପୁନର୍ବିଚାର କରିବା-କାରଣ ଶ୍ରୀଯୁକ୍ତ ଡିରେକ୍ଟର ଇନସ୍ପେକ୍ଟରଙ୍କୁ ଅନୁରୋଧ କରୁଅଛୁଁ । ଯେବେ ଏ ବାଳକକୁ ବୃତ୍ତି ଦେବା ପକ୍ଷରେ ନିତାନ୍ତ ସ୍ୱତ୍ୱର ଆପତ୍ତିଥାଏ ତେବେ ତାହାକୁ ସେକଥା ବୁଝାଇ ଦେଲେ ଭଲ ହେବ କାରଣ ବିଶେଷ କାରଣ ଜଣା ନ ଥିବାରୁ କଥାଟା ବଡ ଅଦ୍ଭୁତ ଜଣା ଯାଉଅଛି ।

ଏସମ୍ବନ୍ଧରେ ଆମ୍ଭେମାନେ କହିବାକୁ ଇଚ୍ଛା କରୁଁ ଯେ ଓଡିଶାରେ ମାଇନର ଛାତ୍ରବୃତ୍ତି ସଂଖ୍ୟା ଅତ୍ୟନ୍ତ ଊଣା ଅଟଇ ଏବଂ ତଦ୍ଦ୍ୱାରା ଇଂରାଜିଶିକ୍ଷା ବିସ୍ତାର ପ୍ରତି ଯଥେଷ୍ଟ ଉତ୍ସାହ ପ୍ରଦତ୍ତ ହେଉ ନାହିଁ ମୋଫସଲର ଅନେକଗୁଡ଼ିଏ ମାଇନରଛାତ୍ର ଅର୍ଥର ଅଭାବରୁ ଆଉ ଇଂରାଜିଶିକ୍ଷା କରିପାରନ୍ତି ନାହିଁ । ପୂର୍ବେ ଅଳ୍ପଲୋକ ପାଶ କରୁଥିବାରୁ ଏକପ୍ରକାର ଚଳିଯାଉଥିଲା ଏଣିକି ଯେମନ୍ତ ଅଧିକ ଛାତ୍ର ପାଶ କରୁଅଛନ୍ତି ତେମନ୍ତ ବୃତ୍ତିର ସଂଖ୍ୟାବୃଦ୍ଧି କରିବାର ଆବଶ୍ୟକ ନୋହିଲେ ଛାତ୍ରମାନେ ନିରାଶ ହୋଇ ମାଇନର ବିଦ୍ୟାଳୟରେ ଅଧ୍ୟୟନ କରିବାକୁ ମନ ବଳାଇବେ ନାହିଁ ।

———

ଯାଜପୁର ମିଉନିସିପାଲିଟୀର କାର୍ଯ୍ୟସମ୍ବନ୍ଧରେ ଜଣେ ପତ୍ରପ୍ରେରକ ନିମ୍ନଲିଖିତ ମନ୍ତବ୍ୟ ପ୍ରକାଶ କରିଥିବାରୁ ଏଠାରେ ତାହା ପ୍ରକାଶ କରି ପ୍ରାର୍ଥନା କରୁଅଛୁଁ ଯେ ମିଉନିସିପାଲ କମିଶ୍ନରମାନେ ଲୋକଙ୍କର ଏପ୍ରକାର କଷ୍ଟମୋଚନ ପକ୍ଷରେ ବନ୍ଦୋବସ୍ତ କରିବେ । ଉପନଗରମିଉନିସିପାଲଟୀମାନଙ୍କର ଆୟ ଅତ୍ୟନ୍ତ ଊଣା ତହିଁରୁ କିଛି ଟଙ୍କା ଅନର୍ଥକ କାର୍ଯ୍ୟରେ ବ୍ୟୟ ହେବା ଅବଶ୍ୟ ଦୁଃଖର ବିଷୟ ଅଟଇ । କମିଶ୍ନରମାନେ ଏକତ୍ର ବସି ଉତ୍ତମରୂପେ ବିବେଚନାପୂର୍ବକ ସଡକ ମରାମତି ବିଷୟରେ ଗୋଟିଏ ନିୟମ ବାନ୍ଧିଦେଲେ ଅପବ୍ୟୟ ନିବାରଣ ଏବଂ ଲୋକଙ୍କର କଷ୍ଟ ହ୍ରାସ ହେବ । ପତ୍ରପ୍ରେରକଙ୍କ ମନ୍ତବ୍ୟ, ଯଥା ।—

ବର୍ତ୍ତମାନ ଏଠା ମିଉନିସିପଲ ଫଣ୍ଡରୁ ବହୁପରିମାଣ ଅର୍ଥ ବ୍ୟୟ ହୋଇ ସଡ଼କ ଦୁଇପାର୍ଶ୍ୱ-ରେ ନାନା ପରିଷ୍କାର ହେଉଅଛି ଓ ମଧ୍ୟ ସଡ଼କମାନଙ୍କରେ କୁଢ଼ ହୋଇ ବାଲି ଜମା ହେଉଅଛି କିନ୍ତୁ ବର୍ଷା ହେବାମାତ୍ରେ ଉକ୍ତ ବାଲିକୁଢ଼ମାନ ଧୋଇଯାଇ ପରିଷ୍କାର ହୋଇଥିବା ନୟନଯୋପଡ଼ ପୋତିପକାଉଅଛି ଏହାଦ୍ୱାରା କେବଳ କୁଲି ଓ ଗାଡ଼ୁଆଳଙ୍କୁ ପୋଷିବା ବ୍ୟତୀତ ଅନ୍ୟ କିଛି ଲାଭ ନାହିଁ । ଗରିବ ନଗରବାସିଙ୍କଠାରୁ ଆଦାୟ ହେଉଥିବା ଅର୍ଥ ଏହିପ୍ରକାର ଶ୍ରାଦ୍ଧ ହେଉଅଛି ଏନଗରରେ ମିଉନିସିପାଲିଟି ଛାଡ଼ି ଅବଧି କେବେଳ ସ୍ୱାସ୍ଥ୍ୟରକ୍ଷା ପ୍ରସ୍ତୁତ ବ୍ୟତ

Digitized by srujanika@gmail.com

ତେବେ ଅନ୍ୟପ୍ରକାର କେଉଁଣସି ଉପକାରଜନକକାର୍ଯ୍ୟ ଏପର୍ଯ୍ୟନ୍ତ ହେବାର ଦେଖା ଯାଉ ନାହିଁ । ବର୍ତ୍ତମାନ କେତେକ ସଡ଼କରେ ନୂତନ ମାଟି ପଡ଼ିଥିବାରୁ ବୃଷ୍ଟିଦ୍ୱାରା ଏପ୍ରକାର କର୍ଦ୍ଦମ ହୋଇଅଛି ଯେ ଲୋକମାନଙ୍କ ଗମନାଗମନପକ୍ଷେ ବିଶେଷ କଷ୍ଟକର ହୋଇଅଛି ଏସମସ୍ତ କାର୍ଯ୍ୟରେ ଭାଇସ୍ ଚେୟାରମ୍ୟାନ ଓ କମିଶନରମାନେ ମନୋଯୋଗ ପୂର୍ବକ ଦୃଷ୍ଟି ନିକ୍ଷେପ କରୁଥିଲେ କାର୍ଯ୍ୟପ୍ରଣାଳୀ ଉତ୍ତମ ବନ୍ଦୋବସ୍ତରେ ଚଳନ୍ତା ଓ ଲୋକମାନଙ୍କୁ କଷ୍ଟ ସହ୍ୟକରିବାକୁ ହୁଅନ୍ତା ନାହିଁ ।

---

ପୁରୀର ଲଜିଂହାଉସ୍ ଅର୍ଥାତ୍ ବସାଘର-ଆଇନର କାର୍ଯ୍ୟ ବର୍ତ୍ତମାନ ଭଲରୂପେ ନିର୍ବାହ ହେବାର ଜଣାଯାଉ ନାହିଁ ଏବଂ ଉକ୍ତ ଆଇନ ଲଙ୍ଘନ କେତେଗୁଡ଼ିଏ ଫଉଜଦାରୀ ମୋକଦ୍ଦମାରେ କେତେଲୋକ ଦଣ୍ଡ ପାଇ ତହିଁରୁ ମୁକ୍ତ ହେବା ଅଭିପ୍ରାୟରେ ଏଠା ସେସନ ଅଦାଲତରେ ଅପିଲ କରିଅଛନ୍ତି । ରଥଯାତ୍ରାସମୟରେ ଅନେକ ଯାତ୍ରି ପୁରୀକି ଆସନ୍ତି ଏବଂ ସେହି ସମୟରେ ବସାଘରର ପ୍ରୟୋଜନ ଅଧିକ ହୁଅଇ ବୋଲି ଯେଉଁମାନେ ବସା ଭଡ଼ା ଦେବାର କାର୍ଯ୍ୟ କରନ୍ତି ସେମାନେ ତହିଁର କିଛି ପୂର୍ବରୁ ବସାଘରର ପାସ ପାଇବା-ଲାଗି ଦରଖାସ୍ତ କରନ୍ତି । ଏଥର ଘରବାଲାମାନେ ସେହିପରି ଦରଖାସ୍ତ କରି ଖଜଣାଖାନାରେ ଟଙ୍କା ଦାଖଲ କରିଥିଲେ ଏବଂ କେହି କେହି ପୂର୍ବରୁ ହଳକ ଆଇନ ହୋଲଯାତ୍ରା ପର୍ଯ୍ୟନ୍ତ ପାସ ପାଇବାର ଦରଖାସ୍ତ କରିଥିଲେ । ଏଥିକୁ କାର୍ଯ୍ୟର ଭିଡ଼ହେଉଥିବାରୁ ହେଉ ବା ଅମଲା ବା ହାକିମଙ୍କ ଅବକାଶ ଅଭାବରୁ ହେଉ ପାସ ବଣ୍ଟନ ହେବାର ବିଳମ୍ବ ହେଲା । ଏଣେ ପର୍ବସମୟ ଉପସ୍ଥିତ ହେବାରୁ ଯାତ୍ରୀମାନେ ଆସି ପହୁଞ୍ଚିଲେ ଏବଂ ଯେଉଁ ଘରବାଲାମାନେ ପାସ ପାଇ ନ ଥିଲେ ସେମାନେ ତାହା ପାଇବା-ଆଶାରେ ଅଗତ୍ୟା ଯାତ୍ରିଙ୍କୁ ଘରଭଡ଼ା ଦେଲେ ଉକ୍ତ ସମୟରେ ଯେଉଁମାନେ ପାସ ଦେଖାଇ ନ ପାରିଲେ ସେମାନଙ୍କ ଉପରେ ଅର୍ଥଦଣ୍ଡ ହେଲା । ଯେଉଁମାନେ ଆଇନାନୁସାରେ ପାସ ପାଇବାର ସକଳକାର୍ଯ୍ୟ କରି ତାହା ପାଇବାର ହକଦାର ହୋଇଅଛନ୍ତି ସେମାନେ କେବଳ ତାହା ପାଇ ନାହାନ୍ତି ବୋଲି ଆଇନାନୁସାରେ ଦଣ୍ଡନୀୟ ହେବେ କି ନା ବର୍ତ୍ତମାନ ଏ ବିଷୟ ସେସନ-ଅଦାଲତଙ୍କ ବିଚାରାଧୀନରେ ଥିବାରୁ ଆମ୍ଭେମାନେ କୌଣସି ମତାମତ ପ୍ରକାଶ କରି ନ ପାରୁଁ । ଫଉଜଦାରୀ ଅଦାଲତର ବିଚାର ଆଇନସଙ୍ଗତ ହେଉ ଅବା ନ ହେଉ ପୁରୀବାସିମାନେ ଏଥିରେ ବଡ଼ ଅସନ୍ତୁଷ୍ଟ ହେବାର ଜଣାଯାଏ ବିଶେଷତଃ ଏଥିପୂର୍ବାଂଶମାନଙ୍କରେ ସ୍ଥାନୀୟ ହାକିମମାନେ ପାସକାଗଜ ଦରଖାସ୍ତ କରିବା ଓ ଫିସ୍‌ଟଙ୍କା ଜମା କରିବା କାର୍ଯ୍ୟମାନ ଯଥେଷ୍ଟ ଜାଣିକରି ପାସ ନ ପାଇବା ଦୋଷ ଧରୁ ନ ଥିବାରୁ ବର୍ତ୍ତମାନ ତହିଁର ବିପରୀତ କାର୍ଯ୍ୟ ଅଧିକ ମନସ୍ତାପର କଥା ହୋଇଅଛି । ଫଉଜଦାରୀହାକିମ ଯାହା କଲେ ଦସ୍ତୁରମତ କାର୍ଯ୍ୟ କରିଥାଇଲେ । ଯାହା ହେଉ ଅପିଲବିଚାର ଶେଷ ହେଲେ ଏ ବିଷୟରେ ଆଇନ କମ୍ବା ହାକିମ କାହାର କେଉଁ ଦୋଷ ଅଛି କି ନାହିଁ ଜଣାପଡ଼ିବ ।

---

## ମୁସଲମାନଙ୍କ ଶିକ୍ଷାର୍ଥ ସଦାବର୍ତ୍ତର ଅନୁସନ୍ଧାନ ।

ମୁସଲମାନଙ୍କ ଶିକ୍ଷା ନିମନ୍ତେ ଯେ ସମସ୍ତ ସଦାବର୍ତ୍ତ ବଙ୍ଗଦେଶରେ ସ୍ଥାପିତ ଅଛି ତହିଁର ଅନୁସନ୍ଧାନ କାରଣ ଅଳ୍ପ ମା ୬ ସ ହେଲା ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଗୋଟିଏ କମିଟୀ ବସାଇ ଥିଲେ । କମିଟୀ ଏହି ସମୟ ମଧ୍ୟରେ ଯେ ସମସ୍ତ କାର୍ଯ୍ୟ କରିଅଛନ୍ତି ତହିଁର ବିବରଣ କଲିକତା ଗେଜେଟରେ ସର୍ବସାଧାରଣଙ୍କ ଜାଣିବାନିମନ୍ତେ ପ୍ରକାଶିତ ହୋଇଅଛି । ତହିଁରୁ ଆମ୍ଭେମାନେ ଅବଗତ ହେଲୁଁ ଯେ ନିଜ କଲିକତାସହରରେ ଗୋ ୨୨ ଟା ସମସ୍ତ ବଙ୍ଗପ୍ରଦେଶନିମନ୍ତେ ଏକ ଗୋଟା ପ୍ରେସିଡେନ୍ସୀ ବିଭାଗରେ ଗୋ ୬ ଟା ଢାକାରେ ଗୋ ୮ ଟା ଚଟ୍ଟଗ୍ରାମ ଓ ବର୍ଦ୍ଧମାନରେ ଗୋ * ଟା ଲେଖାଏଁ ପାଟନାବିଭାଗରେ ଗୋ ୭ ଟା ଏବଂ ଓଡ଼ିଶା ବିଭାଗରେ ଗୋ ୧ ଟା ସଦାବର୍ତ୍ତ ଅଛି । ଓଡ଼ିଶା ସଦାବର୍ତ୍ତର ନାମ ଓଫଉଦ୍ଦିନ୍ ମକ୍ତବ । ଏହି ସଦାବର୍ତ୍ତ ଅଧୀନରେ କଟକରେ ଗୋଟିଏ ଏବଂ ସୁଙ୍ଗଡ଼ାରେ ଗୋଟିଏ ମଦ୍ରାସା ଅଛି । କଟକର ମଦ୍ରାସାରେ ଜଣେ ମୌଲବୀ ଶିକ୍ଷା ଦେବାନିମନ୍ତେ ନିଯୁକ୍ତ ଅଛନ୍ତି ଏବଂ ପ୍ରା ୩୦ ଣ ଛାତ୍ର ପାଠ କରନ୍ତି ଶିକ୍ଷକଙ୍କ ବେତନ ଓ ଛାତ୍ରଙ୍କ ଭୋଜନ ଇତ୍ୟାଦିରେ ମାସକୁ ଟ ୧୫୦ ଙ୍କା ଲେଖାଁଏ ବ୍ୟୟ ହୁଅଇ । ସୁଙ୍ଗଡ଼ା ମଦ୍ରାସାରେ ଜଣେ ମୌଲବୀ ଅଛନ୍ତି ଏବଂ ପ୍ରା ୨୦ ଣ ଛାତ୍ର ପଢ଼ନ୍ତି । ଏଥିର ମାସିକ ବ୍ୟୟ ଟ ୧୦ ଙ୍କା ଲେଖାଁଏ । ଉଭୟ ମଦ୍ରାସାରେ ପୁସ୍ତକାଦି ବିନାମୂଲ୍ୟରେ ଦିଆଯାଏ । ଏ ସବୁ ସଦାବର୍ତ୍ତ ଛଡ଼ା ଓଡ଼ିଶାରେ ଧାମନଗରର ମଲମୋହାରକରେ ମକ୍ତାବ କବଜରସୁଲ ଏବଂ ବାଲେଶ୍ୱରର କାଦମରସୁଲ ଏପରି ଦୁଇ ସଦାବର୍ତ୍ତ ଅଛି । ସ୍ଥାନୀୟ ହାକିମଙ୍କ ଲେଖିବାରୁ ପ୍ରକାଶ ଯେ ଏ ସବୁ ସଦାବର୍ତ୍ତର ଅର୍ଥ ଉଚିତମତେ ବ୍ୟୟ ହେଉ ନାହିଁ । ଏପରି ବଙ୍ଗଳାର ଅଉ ଗୋ ୧୨ ଟା ସଦାବର୍ତ୍ତର ଅର୍ଥ ଅପବ୍ୟୟ ହେଉଥିବାର କମିଟୀ ସମ୍ବାଦ ପାଇଅଛନ୍ତି । ଏହି ସମସ୍ତ ଅପବ୍ୟୟ କଥା ଉତ୍ତମରୂପେ ଅନୁସନ୍ଧାନ ନ ହେଲେ କମିଟୀର କାର୍ଯ୍ୟ ଶେଷ ହୋଇ ନ ପାରେ । ଅତଏବ ଏଥିରୁ ଅନୁସନ୍ଧାନ କରିବା ଏବଂ ମାନ୍ଦ୍ରାଜରେ ଏହିପରି ଯେଉଁ କମିଟୀ ବସିଅଛି ତହିଁ ସଙ୍ଗେ ପରାମର୍ଶ କରି ରିପୋର୍ଟ କରିବା କାରଣ କମିଟୀ ଡିସେମ୍ବର ଶେଷପର୍ଯ୍ୟନ୍ତ ସମୟ ପ୍ରାର୍ଥନା କରିଅଛନ୍ତି । ସମ୍ପ୍ରତି କମିଟୀ ଗୋଟିଏ ବିଷୟରେ ଏରୂପର ମତ ଦେଇଅଛନ୍ତି କି ଯେଉଁଠାରେ ସଦାବର୍ତ୍ତର ଅର୍ଥ ମାରଫତଦାରବ୍ୟକ୍ତିମାନେ ଅପ୍ରସଙ୍ଗ କରିବାର ପ୍ରକାଶ ପାଇବ ସେଠାରେ ଦେବାଣୀ କାର୍ଯ୍ୟବିଧିଆଇନର ଧା ୫୩୯ ସ ଅନୁସାରେ ତହିଁର ପ୍ରତିକାର ପାଇବାର ଚେଷ୍ଟା ହେବ । ଉକ୍ତ ଧାରାନୁସାରେ ନାଲିସ କରିବାକୁ ଝଟାର ପ୍ରୟୋଜନ ମାତ୍ର, ଯେଉଁଠାରେ ଶିକ୍ଷାଦାନର ସାହାଯ୍ୟ ନିମନ୍ତେ ସଦାବର୍ତ୍ତ ରକ୍ଷା କରିବାର ଆବଶ୍ୟକ ବୋଲି ଜଣାପଡ଼ିବ ସେଠାରେ ମୋକଦ୍ଦମା ଖର୍ଚ୍ଚା ଗବର୍ଣ୍ଣମେଣ୍ଟ ଯୋଗାଇବାକୁ ପ୍ରସ୍ତୁତ ହୋଇଅଛନ୍ତି । ଏମନ୍ତସ୍ଥଳେ ଖର୍ଚ୍ଚା ଅଭାବରୁ ମୋକଦ୍ଦମା ଚଳାଇବାର ଆପତ୍ତି କାର୍ଯ୍ୟକର ହେବ ନାହିଁ ଏବଂ ଭରସା ହୁଅଇ ମାରଫତଦାରମାନେ ଏକଥା ଜାଣିଲେକୁ ସତର୍କତା ସହିତ କାର୍ଯ୍ୟ କରିବେ ନୋହିଲେ ବିପଦରେ ପଡ଼ିବେ । ଯେବେ ହିନ୍ଦୁ ସଦାବର୍ତ୍ତବିଷୟରେ ଗବର୍ଣ୍ଣମେଣ୍ଟ ଏହିପରି ଖର୍ଚ୍ଚ ଦେବାକୁ ପ୍ରସ୍ତୁତ ହୁଅନ୍ତେ ତେବେ ଅନେକ ସାଧାରଣସମ୍ପତ୍ତି ଅପବ୍ୟୟରୁ ରକ୍ଷା ପାଇ ସାଧାରଣହିତକାର୍ଯ୍ୟରେ ଲାଗନ୍ତା ।

---

Split by PDF Splitter
Digitized by srujanika@gmail.com

# ସାପ୍ତାହିକ ସଂବାଦ ।

ଏ ସପ୍ତାହରେ ଦକେ୨ ବୃଷ୍ଟି ହୋଇଥିଲେହେଁ ଉତ୍ତମାପର ଖର ଓ ଗ୍ରୀଷ୍ମ ଲକ୍ଷଣ ଅନୁଭବ ହୋଇଅଛି ଏବଂ ନଦୀମାନ ଶୁଖିଯାଇଅଛି । ମାଠ ଫସଲର ଅବସ୍ଥା ଉତ୍ତମ ।

ମହାନଦୀ ପଥରବନ୍ଧ ଭାଙ୍ଗିବାରୁ କେନାଲବାଟେ ନୟମିତରୂପେ ଷ୍ଟିମର ଯିବା ଆସିବାର ସୁବିଧା ନ ଦେଖି ଗତ ସୋମବାରଠାରୁ ପୁରୁଣାନଦୀ ବାଟେ ଚାନ୍ଦବାଲିକୁ ଷ୍ଟିମର ଓ ମାଲବୋଟ ପଠାଇବାର ବନ୍ଦୋବସ୍ତ କପ୍ତାନ ରୂଲକ ସାହେବ କରିଅଛନ୍ତି । ନଦୀ ନ ଶୁଖିବା ପର୍ଯ୍ୟନ୍ତ ଏପରି ଉତାଯାତ ହୋଇପାରେ । ଦୈନିକ ନିଚ୍ଛିନ୍ତ ।

ବାଲେଶ୍ବରରେ ଏଥର କେବଳ ଗୋଟିଏ ପୌରମକଦମା ଥିବାରୁ ସେଠା ପୌରମିସଲ ବର୍ତ୍ତମାନ ସ୍ଥଗିତ ରହିଲା । ତତପରେ ଡିଭେଜନ ଉଠାରୁ ସେଠାରେ ପୌର ହେବ ।

ସ୍ବସ୍ଥୀରକ ଲେଖିଅଛନ୍ତି ଯେ ବାମଣ୍ଡାରାଜା 'ସୁଡ଼ଲପତ୍ର' ନାମରେ ଗୋଟିଏ ମୁଦ୍ରାଯନ୍ତ୍ର ଏନଗରରେ ସ୍ଥାପନ କରିବାକୁ ସଂକଳ୍ପ କରିଅଛନ୍ତି । ଅମ୍ଭେମାନେ ଅବଗତ ହେଲୁଁ ଯେ ଏହି ସମ୍ବାଦ ବାବୁ ଚତୁର୍ଭୁଜ ପଟ୍ଟନାୟକଙ୍କ କଥାରେ ଓ ତାହାଙ୍କ ଉଦ୍ୟମରେ ହୋଇଅଛି । ଏଥିର କାର୍ଯ୍ୟସୂଚୀ କେଉଁମାନେ ଚଳିବ ପରା ?

ଶିକ୍ଷାକର୍ତ୍ତାଙ୍କ ଅତ୍ୟନ୍ତ ଆନନ୍ଦସହିତ ଅବଗତ ହେଲୁଁ ଯେ ଏ ନଗରସ୍ଥ ଟାଉନସ୍କୁଲର ସାହାଯ୍ୟ ନିମିତ୍ତ ବାମଣ୍ଡାଧିପତି ମୁଚଲଦେବ ଟ ୧୨୦ ଙ୍କା ଏବଂ ବାଲେଶ୍ବରର କୁମାର ବୈକୁଣ୍ଠନାଥ ଦେ ଟ ୫୦ଙ୍କା ଦାନ କରିଅଛନ୍ତି । ଓଡ଼ିଶାରେ ବାମଣ୍ଡାରାଜାଙ୍କର ଏହି ପ୍ରଥମ ସାଧାରଣ ଦାନ ଅଟଇ ଏବଂ ଏ ଅନୁଭବ ତାହାଙ୍କର ସୁନ୍ଦର ... ଦେବାରୁ ଅସ୍ମାନଙ୍କର ଆଶା ହେଉଅଛି ଯେ ତାହାଙ୍କର ଗୋଟିଏ ଚିରସ୍ଥାୟୀ କୀର୍ତ୍ତି ରହିପାରିବ ।

କଲିକତା ଗେଜେଟ ।

ଏଠା ଡେଃ କଲେକ୍ଟର ଓ ଡେଃ ମାଜିଷ୍ଟ୍ରେଟ ବାବୁ ମନ୍ମୋହନ ଚକ୍ରବର୍ତ୍ତୀ ଫୌଜଦାରୀମୋକଦ୍ଦମାରେ ସାକ୍ଷ୍ୟ ଇଂରାଜୀଭାଷାରେ ଲେଖିବାର କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

ବାଲେଶ୍ବର ବେଞ୍ଚର ଅବୈତନିକ ମାଜିଷ୍ଟ୍ରେଟ ପଦରେ କୁମାର ବୈକୁଣ୍ଠନାଥ ଦେ ଓ ଭୂମ୍ୟାଁ ଅବଦୁଲ ସୁଭାନଖାଁ ନିଯୁକ୍ତ ହୋଇଅଛନ୍ତି ଓ ସେମାନେ ଦ୍ବିତୀୟଶ୍ରେଣୀର ମାଜିଷ୍ଟ୍ରେଟକ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

ପୁରୀର ଡାକ୍ତର ହିଲସନ୍ ସାହେବ ଖାନ୍ତାଭ ପ୍ରବନ୍ଧ କମଦାର ମେଡକଲ ଅଫିସର କାର୍ଯ୍ୟରେ ନିଯୁକ୍ତ ହେଲେ ।

ଚନ୍ଦବାଲିର ସବ୍‌ଡେଃ କଲେକ୍ଟର ମିଃ ଲ, ଯେ, ବ, ଗ୍ରୀମ୍ମାନ ସାହେବଙ୍କ କାର୍ଯ୍ୟ ମାର୍ଚ୍ଚମାସ ତା ୧୮ ଋଖରୁ ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟଙ୍କ ଅଧୀନରେ ରହୁଅଛି ।

କଟକର ମୁନସଫ ବାବୁ ମୋତିଲାଲ ମିତ୍ର ଦ୍ବିତୀୟଶ୍ରେଣୀକୁ ଉନ୍ନତ ପାଇଲେ ।

---

ଜଣେ ପତ୍ରପ୍ରେରକ ନରସିଂହପୁରରୁ ଲେଖିଅଛନ୍ତି କି ଗତସ୍କନପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କୁ ପ୍ରଶଂସାପତ୍ର ବାଣ୍ଟିଦେବା ଉପଲକ୍ଷରେ ଗତମାସ ପ୍ରଥମ ଦିବସ ଅପରାହ୍ନରେ ଗୋଟିଏ ସଭା ହୋଇଥିଲା, ବାବୁ ଜଗନ୍ମୋହନ ଦାସ ମ୍ୟାନେଜର ସଭାପତିସ୍ଥାନଗ୍ରହଣ କରି କାର୍ଯ୍ୟଗୁଡ଼ିକୁ ସୁଚାରୁରୂପେ ନିର୍ବାହ କଲେ: ବାବୁ ରାମକୃଷ୍ଣମହାପାତ୍ର ହେଡ୍‌ମାଷ୍ଟର ଛାତ୍ରମାନଙ୍କ ହିତୋପଦେଶ ପ୍ରତି ଗୋଟିଏ ବକ୍ତୃତା ପ୍ରଦାନ କରି ବାଧିତ କରିଅଛନ୍ତି । ଅନନ୍ତର ଲକବଡ଼ୋଲ୍‌କବର ଜଣେ ବିଦ୍ୟାବିଷୟରେ ପ୍ରଧାନ ଶିକ୍ଷକଙ୍କ ଜିଜ୍ଞାସା କରିବାରୁ ଶିକ୍ଷକମହାଶୟ ସମ୍ପୂର୍ଣ୍ଣ ଉତ୍ତର ପ୍ରଦତ୍ତ ନ ହେବା ସ୍ଥଳେ ବାବୁ ବ୍ରଜବନ୍ଧୁ ମହାପାତ୍ର ଓ ବଇସିଙ୍ଗର ଯଥୋଚିତ ଉତ୍ତରମାନ ବୁଝାଇ ସମସ୍ତଙ୍କୁ ଆନନ୍ଦିତ କଲେ ।

ସଭ୍ୟବାଦିରୁ ଏକବ୍ୟକ୍ତି ଲେଖିଅଛନ୍ତି କି ସେ ଗୋଟିଏ କାକରୁଆ ଦେଖିଲେ ଯେ ତାହାର ବର୍ଣ୍ଣ ଶ୍ବେତ ଅର୍ଥାତ୍ ଠିକ ଧୋବାରଙ୍ଗ ପରି । ଏପରି ଦେଖି ସେ ବଡ଼ ଆଶ୍ଚର୍ଯ୍ୟ ହୋଇଅଛନ୍ତି । ଏଣିକି ନୂଆ୨ କଥା କେତେ ଦେଖା ଯାଉଅଛି ।

ସରକାରୀ ଖର୍ଚ୍ଚ ସକାଶେ ଟଙ୍କାର ପ୍ରୟୋଜନ ହେବାରୁ ଇଣ୍ଡିଆଗବର୍ଣ୍ଣମେଣ୍ଟ ଏକକୋଟି ୨୦ ଲକ୍ଷ ଟଙ୍କା ବାର୍ଷିକ ଟ ୪ ଙ୍କା ସୁଧରେ ଋଣ କରିବେ ବୋଲି ବିଜ୍ଞାପନ ଦେଇଅଛନ୍ତି । ଯେଉଁମାନେ ଏହି ଋଣର ପ୍ରମିସରି ନୋଟ କ୍ରୟ କରିବାକୁ ଇଚ୍ଛା କରିବେ ସେମାନେ ସରକାରୀ ଗେଜେଟରେ ଏଥିର ନିୟମାବଳୀ ଦେଖି କାର୍ଯ୍ୟକାରକ ହେବେ ।

ଗତବର୍ଷ ଯେମନ୍ତ ମୁରସିଦାବାଦ, ନଦୀୟା ପ୍ରଭୃତି କେତେକ ଜିଲ୍ଲାରେ ଧୋଇ ହୋଇଥିଲା ଏବର୍ଷ ତେମନ୍ତ ଅଥବା ତାଠାରୁ ଅଧିକ ଭୟଙ୍କରରୂପେ ତ୍ରିପୁରା ସିଲହଟ ଢାକା ଓ ମଇମନସିଂହ ଜିଲ୍ଲାମାନଙ୍କରେ ଜଳ ଧୋଇ ହୋଇଅଛି । ବୁଢ଼ିଗଙ୍ଗା ଉଛୁଳି ଢାକା ସହର ମଧ୍ୟରେ ପାଣି ପଶି ଅନେକ କ୍ଷତି କରିଅଛି । ବଢ଼ିପାଣି ଏତେ ଉଚ୍ଚକୁ ଉଠିବାର ଦୀର୍ଘକାଳରୁ ଦେଖା ନ ଥିଲା । ଏଥିରେ ଗୃହ ଧନଦ୍ରବ୍ୟ ଓ କ୍ଷେତ ଅନେକପରିମାଣରେ ନଷ୍ଟ ହୋଇଅଛି ।

ସିମଲାଠାରେ ଗବର୍ଣ୍ଣମେଣ୍ଟଅଫିସମାନ ଆଗାମୀ ଅକ୍ଟୋବର ମାସ ତା ୩୦ ଋଖରେ ବନ୍ଦ ହୋଇ ଓ କଲିକତାଠାରେ ଆଗାମୀ ନବମ୍ବର ମାସ ତା ୧୫ ଋଖରେ ଫିଟିବାର ଆଦେଶ ପ୍ରଚାରିତ ହୋଇଅଛି ।

ମଧ୍ୟଅଫ୍ରିକାର ମର୍ଦ୍ଦପର୍ଯ୍ୟନ୍ତ ଲୁପିସ୍ୟାର ରେଲବାଟକାର୍ଯ୍ୟ ଗତ ଅଗଷ୍ଟମାସ ତା ୧୨ ଋଖରେ ଶେଷ ହୋଇଥିବାର ସମ୍ବାଦ ଆସିଅଛି ।

ସମ୍ବାଦ ଏରୂପ ଯେ ମାନ୍ଦ୍ରାଜଠାରେ ଜଣେ ବାରିଷ୍ଟର ବକ୍ତୃତା କରୁଥିବା କାଳରେ ତାଙ୍କ ପରିଚ୍ଛଦରୁ ଧୂମ ନିର୍ଗତ ହୋଇ ହଠାତ୍ ଅଗ୍ନି ଦେଖାଗଲା । ବାରିଷ୍ଟର ଅପଣା ଲମ୍ବବକ୍ତୃତା ତତ୍କ୍ଷଣାତ୍ ସାଙ୍ଗକରି ଜୁଗା ବାହାର କରି ଦେଖିଲେ ଯେ ତାଙ୍କ ପକେଟରେ ଥିବା ଦିଆସିଲିରୁ ଅଗ୍ନି ନିର୍ଗତ ହୋଇ ଏକାଣ୍ଡ ଘଟିଅଛି ।—ଫିଜା ଖିଅତ ବାବୁସାହେବମାନେ ଏଥିଁ ସାବଧାନ ହେବାକୁ ଶିକ୍ଷା କରିବେ କି ?

ଅଲ୍ପଦିନ ତଳେ ମାନଲଠାରେ ଯେଉଁ ମୂର୍ଛିଖେଲ ହୋଇଥିଲା ତହିଁର ପ୍ରଥମ ପୁରସ୍କାର ଇଣ୍ଡାଂବାନଜାହାଜର ପ୍ରଧାନକର୍ମଚାରୀ ପାଇଥିବାର କଥିତ ହୁଅଇ ଏଥିର ମୂଲ୍ୟ ଟ ୨୦୦୦୦ ଙ୍କା ଅଟେ ।—ଲକ୍ଷ୍ମୀ ପ୍ରସନ୍ନା ହେଲେ ଏହିରୂପରେ ଲୋକଙ୍କ ଭାଗ୍ୟୋଦୟ ହୁଅଇ ।

କଥିତ ହୁଏ ଯେ ବ୍ରହ୍ମଦେଶରେ ଜଣେ ଲେଫଟେଣ୍ଟ ସାହେବ ଏହି କାର୍ଯ୍ୟ ଚଳାଇବେ । ଏଦେଶ ଶାସନସମ୍ବନ୍ଧରେ କେତେ୨ ନୂଆ କଥାମାନ ଶୁଣାଯାଉଅଛି । ଫଳକଥା ଏହାଙ୍କ ଗବର୍ଣ୍ଣମେଣ୍ଟ କତ୍ତୃପରେ ଏଦେଶ ଶାସନ କଲେ ଶାନ୍ତି ବସିବତ ହେବ ତାହା ଅଦ୍ୟାପି ସ୍ଥିର କରି ପାରି ନାହାନ୍ତି ।

ଗତମାସ ତା ୧୫ ଋଖରେ ଅଫଗାନିସ୍ଥାନର ସୀମାନିର୍ଣ୍ଣୟକାରୀ କମିଶନରମାନେ କାବୁଲ ବାଟେ ଭାରତକୁ ପ୍ରତ୍ୟାଗମନ କରିବେ ।

ଦରଭଙ୍ଗାର ଜଣେ ସମ୍ବାଦଦାତା କ୍ଷେତ୍ରମାନଙ୍କୁ ଲେଖିଅଛନ୍ତି କି ଜଙ୍ଗଲପଡ଼ାର ଏଷ, ବ, ଦତ୍ତ ନାମକ ଜଣେ ଲୋକ ବଙ୍ଗବାସୀସମ୍ବାଦପତ୍ରରେ ବିଜ୍ଞାପନ ଦେଇଥିଲେ ଯେ କେହି ଧର୍ମପ୍ରଚାରକମାନଙ୍କ ସ୍ଥାନରୁ ଖଣ୍ଡିଏ କ୍ରୟ ଏବଂ ତଦ୍ବାରା ହିନ୍ଦୁଧର୍ମର ପ୍ରଚାରର ସାହାଯ୍ୟ କରିବ ଉକ୍ତ ବାବୁ ତାହାକୁ ଗୋଟିଏ ଶୂନ୍ୟ ଘଡ଼ି ଅଥବା ଗୋଟିଏ ସୁନାର ମୁଦି ପ୍ରଦାନ କରିବେ । ଅନେକ ଲୋକ ଉକ୍ତ ପୁସ୍ତକ କ୍ରୟ କଲେ ... ସୁନାର ମୁଦି ଏବଂ ଘଡ଼ି ପରିବର୍ତ୍ତରେ ଦୁଇଅଣା ମୂଲ୍ୟର ପିତ୍ତଳର ଦ୍ରବ୍ୟ ପ୍ରାପ୍ତ ହେଲେ !

ଉତ୍ତର ପଶ୍ଚିମାଞ୍ଚଳର ହାଇକୋର୍ଟ ଗତ ଅଗଷ୍ଟମାସ ତା ୧୬ ଋଖଠାରୁ ଆଗାମୀ ଅକ୍ଟୋବର ମାସ ତା ୧୮ ଋଖଯାଏ ବନ୍ଦ ହୋଇଥିବାର ସମ୍ବାଦ ଆସିଅଛି ।

କାସିମବଜାରର ମୃତରାଜ୍ୟ ଅନ୍ନଦାପ୍ରସାଦ ରାୟ ବାହାଦୁରଙ୍କ ପତ୍ନୀ ଅପଣା ସ୍ବାମୀର ନାମ ଚିରସ୍ମରଣାର୍ଥ ବହରମପୁର କଲେଜ ସକାଶେ ଟ ୧୫୦୦୦ ଙ୍କା ଦାନ କରି ଅଛନ୍ତି ଏ ଦାନ ଅତି ପ୍ରଶସ୍ତ ଅଟେ ଏବଂ ତଦ୍ବାରା ଉକ୍ତ କଲେଜ ସ୍ଥାୟୀ ହୋଇଯିବ ।

---

## ପ୍ରେରିତପତ୍ର ।

ପ୍ରେରିତପତ୍ରର ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକ ମହାଶୟ ସମୀପେଷୁ ।

ଏବର୍ଷ ଦେଶୀୟମତରେ ଗତ ତା ୨୧ ଋଖ ଶନିବାର ଦିନ ଶ୍ରୀକୃଷ୍ଣାଷ୍ଟମୀ ବ୍ରତ ପାଳନ ହୋଇଥିଲା । ଅଠଗଡ଼ରାଜା ଯଦୁବଂଶୀୟ ଥିବାରୁ ଉକ୍ତ ବ୍ରତକୁ ପୂର୍ବାନୁକ୍ରମେ ବିଶେଷ ଆଡ଼ମ୍ବରରେ ପାଳନା କରନ୍ତି ଏଥର କଟକରେ ଥିବାରୁ ତହିଁଉପଲକ୍ଷରେ ନୃତ୍ୟ ମଜଲିସ ରଚନା କରି ମୟୂରଭଞ୍ଜ ନାବାଲଗ ରାଜା ଓ ତାଙ୍କର ଇଷ୍ଟରୋପୀୟାନ ଶିକ୍ଷକଙ୍କୁ ସନ୍ଧ୍ୟା ସମୟରେ ନିମନ୍ତ୍ରଣ କରି ଆଣାଇଁ ବିଶେଷ ମାଲ୍ୟର ସହିତ ସମ୍ଭାଷଣ ଏବଂ ନୃତ୍ୟ ଗାୟନଦ୍ବାରା ଆମୋଦିତ କରିଥିଲେ ଓ ନାବାଲଗ ମହାରାଜା ଓ ... ସାହେବ ଆନନ୍ଦଲହର ପରିଚୟ ଦେ..., ଉଭୟ ରାଜାଙ୍କ ମଧ୍ୟରେ ସ୍ନେହ ଓ ମାନ୍ୟର ସଞ୍ଚାର ଦେଖି ଦର୍ଶକବୃନ୍ଦ ଅତ୍ୟନ୍ତ ସୁଖାନୁଭବ କରିଥିଲେ ଯଦି ରାଜାମାନଙ୍କ ମଧ୍ୟରେ ସମୟ୨ ସମୟରେ ଏହିପରି ମିଷ୍ଟାଳାପ ହୁଅନ୍ତା ତେବେ ସେମାନଙ୍କ ମଧ୍ୟରେ ପରସ୍ପରରେ ସ୍ନେହ ଓ ସହାନୁଭୂତି ଅବଶ୍ୟ ପରିବର୍ଦ୍ଧିତ ହୁଅନ୍ତା—ସନ୍ଦେହ ନାହିଁ ।

କଟକ
ତା ୧୯ ଋଖ ଭାଦ୍ରବ
ସନ ୧୨୯୪ ସାଲ

କେହି ଦର୍ଶକ

---

ମହାଶୟ !

ଇଂରାଜୀ ସ୍କୁଲ ମଧ୍ୟମଶ୍ରେଣୀ ବଙ୍ଗଳା ସ୍କୁଲ ଏବଂ ମାଇନର ସ୍କୁଲର ସୃଷ୍ଟି ଅବଧି ବହୁ ଶ୍ରେଣୀର ବାଳକମାନେ ପାଠଶାଳାରେ ଯାଉଅଛନ୍ତି । ବିଶେଷତଃ ଉଚ୍ଚଶ୍ରେଣୀ ମଧ୍ୟରେ ଯେମାନଙ୍କର ଅବସ୍ଥା ଭଲ, ସେମାନେ ଆପଣାର ପିଲାମାନଙ୍କୁ ପାଠଶାଳାରେ ଉପଯୁକ୍ତ ବଙ୍ଗଳା ସ୍କୁଲରେ ପଢାଉଅଛନ୍ତି । ଏଥିଲାଗି ପାଠଶାଳା ସମ୍ବନ୍ଧ ଯଥାର୍ଥ ଉଚ୍ଚଶ୍ରେଣୀସ୍ଥ ଲୋକମାନଙ୍କର ଅଗ୍ରଗଣ୍ୟ ହୋଇଅଛି । ଏପରି ଅବସ୍ଥାରେ ସ୍ୱାସ୍ଥ୍ୟରକ୍ଷା, କ୍ଷେତ୍ରତତ୍ତ୍ୱ, କ୍ଷେତ୍ରପରିମାଣ ଇତ୍ୟାଦି ଅନାବଶ୍ୟକୀୟ ବିଷୟ ପାଠଶାଳାରେ ପଢାଇବା ଏକାନ୍ତ ଅନ୍ୟାୟ ବୋଲି ବୋଧହୁଏ । ଦେଶୀୟ ପ୍ରଣାଳୀରେ କାରିଗରୀ ଓ ଅମୀନଗିରି କାର୍ଯ୍ୟ ଶିକ୍ଷା ଦେଲେ ଅନେକ ଉପକାର ଦର୍ଶିପାରେ । ରାୟବାହାଦୁର କାଳୀଚରଣ ବାବୁଙ୍କର ପ୍ରସ୍ତୁତ "ଅପାର ପ୍ରାଇମେରୀ" ପାଠଶାଳାର ବିଶେଷ ଉପଯୁକ୍ତ ହୋଇଅଛି । ଆମ୍ଭେ ଦେଖିଅଛୁଁ ସ୍ୱାସ୍ଥ୍ୟରକ୍ଷା, କ୍ଷେତ୍ରତତ୍ତ୍ୱ, ଓ କ୍ଷେତ୍ରପରିମାଣ ପାଠରେ ପିଲାମାନଙ୍କର ମନ ଲାଗିଯାଏ । ଏବଂ ପାଠ୍ୟ ବିଷୟର ଦୋଷରେ ପାଠଶାଳାରେ ପଢି ଲକ୍ଷ୍ମୀ ନ ହୋଇ ବରଂ ଅଲକ୍ଷ୍ମୀ ଘଟୁଥାଏ । ସର ଜର୍ଜ କ୍ୟାମ୍ବେଲ ଯେତେବେଳେ ପାଠଶାଳା ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟଙ୍କର ସାହାଯ୍ୟପ୍ରଣାଳୀ ସୃଷ୍ଟି କରନ୍ତି ସେତେବେଳେ ତାହାଙ୍କର ଏପରି ଉଦ୍ଦେଶ୍ୟ ଥିଲା ନାହିଁ ଯେ ପାଠଶାଳାମାନଙ୍କରେ ପାଠ୍ୟ ବିଷୟ ଉଚ୍ଚତର ପିଲାମାନଙ୍କର ଉପଯୁକ୍ତ ନ ହୋଇ ବାବୁ ସାହେବଙ୍କର ପିଲାମାନଙ୍କ ପକ୍ଷରେ ଉପଯୁକ୍ତ ହେଉ । ଏହି ଶିକ୍ଷାପ୍ରଣାଳୀଦୋଷରେ କୃଷି ଶିଳ୍ପ [illegible] କୃଷି—ଶିଳ୍ପ ବ୍ୟବସାୟି ଲୋକ[illegible]ମାନଙ୍କର ଦରିଦ୍ରତା ଅନାଦର ଜନ୍ମୁଅଛି । ଏହା ଯେ ନିତାନ୍ତ ଅମଙ୍ଗଳର କାରଣ ତାହା ସମସ୍ତେ ଏକବାକ୍ୟରେ ସ୍ୱୀକାର କରନ୍ତି । ସ୍କୁଲର ଇନସ୍ପେକ୍ଟର ବା ଦେଶର କମିସନର ସାହେବଙ୍କୁ ଏହି କଥା କହିବାପାଇଁ ଦେଶର ଦଶଲୋକ ସାହସ କରନ୍ତି ନାହିଁ । ଏହା ଅତ୍ୟନ୍ତ ଦୁଃଖର ବିଷୟ ବୋଲିବାକୁ ହେବ । ଯେମାନଙ୍କର ବିଦ୍ୟାବୁଦ୍ଧି ଅଛି ସେମାନେ ଦେଶର ଏହି ଅମଙ୍ଗଳର ପଥରେ କଣ୍ଟକ ନ ହୋଇ ସ୍ୱାର୍ଥ ସାଧନୋଦ୍ଦେଶ୍ୟରେ ଏହି ଦ୍ୱାର ଅଧିକତର ଉନ୍ମୁକ୍ତ ଏବଂ ପରିଷ୍କୃତ କରୁଅଛନ୍ତି ।

କ୍ୟାମ୍ବେଲ ସାହେବଙ୍କର ସାହାଯ୍ୟ ପ୍ରଦାନ କରିବାର ପୂର୍ବରେ ପାଠଶାଳାରେ ଯେ ସକଳ ପାଠ୍ୟ ବିଷୟ ଥିଲା ତାହା ପରିବର୍ତ୍ତନ କରିବା ଏକାନ୍ତ ଅନ୍ୟାୟ ହୋଇଅଛି । ପିଲାମାନଙ୍କ ପାଇଁ ଯାହା, ଶିକ୍ଷା କରିବା ଉଚିତ ପାଠଶାଳାରେ ସେହିସବୁ ବିଷୟ ଶିକ୍ଷା ଦିଆ ଯାଉଥିଲା । ତନ୍ମଧ୍ୟରେ ଗୋଟିଏ ହେଲା ଅନାବଶ୍ୟକୀୟ ବିଷୟ ଥିଲା ନାହିଁ । ସେହି ପାଠପ୍ରଣାଳୀ ପରିବର୍ତ୍ତନ କରି ସେଥିମଧ୍ୟରେ ଅନେକ ଅନାବଶ୍ୟକୀୟ ଏବଂ ବାଳକମାନଙ୍କର ବୋଧାତୀତଗମ୍ୟ ଅଧିକାଂଶ ବିଷୟ ସନ୍ନିବିଷ୍ଟ ହୋଇଅଛି । ଏଥିରେ କେବଳ କୂଳୀନ ଭଦ୍ରଲୋକମାନଙ୍କର କିଛି କିଛିର ଉପାୟ ହୋଇଅଛି ସତ୍ୟ, ମାତ୍ର ଚାଷମାନଙ୍କର ଅନିଷ୍ଟର ପଥ ଉନ୍ମୁକ୍ତ ହୋଇଅଛି । ବଂଶର ବାପନକର ଖାଇବ ନାହିଁ, ପାଣିରେ ପଶିବ ନାହିଁ, ମୁଣ୍ଡରେ ତୈଳ ଲଗାଇବ ନାହିଁ, ଡିଲଗୁଡ଼ରେ ଶୟନ କରିବ, ଘୋଡ଼ାଗାଡ଼ିରେ ଭ୍ରମଣ କରିବ ଇତ୍ୟାଦି ପାଠରେ ଉତ୍କଳର ପୁଅ ବମ୍ପା ନାହିଁ ଉପକାର ହୋଇପାରେ । ମାତ୍ର ନିମ୍ନଶ୍ରେଣୀସ୍ଥ ଯେ ସକଳ ଶିଶୁ ପାଠଶାଳାରେ ପଢ଼ନ୍ତି ସେମାନଙ୍କର ଏହି ସବୁ ଉପଦେଶରେ ଉପକାର ହେବା ଦୂରେ ଥାଉ ବରଂ ନାନାପ୍ରକାର ଅପକାର ହେବାର ସମ୍ଭାବନା । ଏହାଠାରୁ ଦୁଃଖର ବିଷୟ ଯେ ଯେମାନେ ଦେଶର ପ୍ରଧାନ, ଗଣ୍ୟ, ମାନ୍ୟ ସେମାନେ ଏହି ଅନିଷ୍ଟକାରଣରେ ସମ୍ପୂର୍ଣ୍ଣ ଉଦାସୀନ ।

ବାମନଘାଟି ଉପ୍‌ଡେପନ୍‌ଥାଣା ମୟୂରଭଞ୍ଜ ୨୩।୮।୮୬ } ବଶମ୍ବଦ ଶ୍ରୀ ରାମଲାଲ ଦାସ ଗୁପ୍ତ ।

ମହାଶୟ ! ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ପ୍ରସିଦ୍ଧ ପତ୍ରିକାରେ ସ୍ଥାନଦାନ ଦେଇ ବାଧିତ କରିବେ ।

ସଙ୍ଗାତ, ବ ଶୋଭା ଗୁଣ୍ଡିଚା ଯାତ । ଗୋ ।
କେ ଦେଖିବ ଆସ ଭୁଲିବ ଗୋ ।
କଳୀ ବନମାଳୀ କେତେ ପାଶରେ ସ୍ଥିତ ।
ମଧ୍ୟରେ ସୁଭଦ୍ରା ଚଳେ ସେ ଭଦ୍ରରଥ । ୧ ।
ଅମରଗଣ ସମରେ ଲଗ୍ନେ ଅଗଣ ।
ଦେଖନ୍ତି ଶ୍ରୀବଢଲୀଳା ହୋଇ ମୋହିତ । ୨ ।
ଯନ୍ତ୍ରେ ଏ ବଡ଼ ଦାଣ୍ଡର ଦେଖିଛ ଚିତ୍ତ ।
ଠାବେ ଠାବେ ହୋଇ ଥାଇ ଜନଗହଳ । ୩ ।
କଶି କରି ଯାଉଁ ପଡ ମରେ ମହନ୍ତୁ ।
ଏବେ ଅଖି ବୁଜି ଯାଉଁଥିଲେ କ ଭ୍ରାନ୍ତ । ୪
ରଥରହ୍ନି ଛଡ଼େ କେଲେ ଦନ୍ତ ଦର୍ପିତ ।
କଲେ ଯେ ଏହା ଅଙ୍ଗେ ଲେଲେ ପୁବ୍ଧା* ।
ମୂର୍ତ୍ତି ନ ସିନ୍ଧ କେଲ ବୃଡ଼ିଲେ ସତ୍ୟ ।
ଥାଉ ଥାଉ ଦେଖ ଗାଡ଼ୀ ପେଡ଼ା ନବାର । ୬
କାନ୍ତି ମିଠାଇ କେ ସ ଖଣ୍ଡା କନ୍ଦୁର ।
ମନ ଟେକ ଟେକ ଧନ ନାହିଁ ମୋ ବସ୍ତୁ । ୭ ।
ସାଜ ଛଟ ପାଟ ବନାଇସି ବନାତ ।
ମନୋହର ବଜାରରେ ଦାଣ୍ଡ ପୁରତ । ୮ ।
ଗର୍ଭ ଗଡ଼ କଂସା ଥାଳୀ ନୂଦେ କନକ ।
କବା ଦବା କନ୍ଧି ବଳ; କଣ୍ଠ ସନ୍ତୁଷ୍ଟ । ୯ ।
ନାନା ଦେଶୁଁ ଆସି ବୃଦ୍ଧା ଯୁବା ବାଳକ ।
ରମା ଏକତ୍ର ଧର ଦ୍ୱିଜ ରଚନ । ୧୦ ।

ଋଣପୁର ୫।୮।୮୬ } ଶ୍ରୀ——

To
The Editor of the Utkal Dipka
Cuttack.

Sir,

I should be highly obliged if you would kindly allow a little room to the following few lines in a nook of your paper.

In the last issue of the Sangskarak appeared an article recounting the proceedings of the Annual sitting of the Cuttack Student's Association. In it the writer has displayed his hall-mark of ignoarance of the matter. He says that the Lecture of the evening "pointed out the effects good or *otherwise* brought on by English education and our daily-increasing ignorance of *technical education*." But everyone who was present on the occasion, and who listned to the discourse with the least attention, must admit, of course the writer in question excepted, that not a single evil effect of Englih education was pointed out by the Lecturer. He depicted the the brighter side of the picture in very vehement and eloquent terms but we should have liked the darker side as well. The Lecturer did not speak a single word as regards technical Education.

In another place out of a blind spirit of a worshipper towar ds the Lec

Split by PDF Splitter
Digitized by srujanika@gmail.com

Split by PDF Splitter



ture, the writer extols him to the sky and goes on to say that the lecture was the "*second* of its kind in *Orissa*, if not the first." This remind of the well-known fable of the frog in the well. In my poor opinion however, this lecture far from holding a second position in *Orissa*, is *third*, as far as my experience goes, at *Cuttack*.

The reflection cast on Mr. Ray is unjust. Though his remark as satirical overflowed a little, yet it contained much truth.

I feel it my duty to say these. But I have not the last inclination to mean anything in disparagument to the Lecturer; and indeed, to do justice to him I must admit that the delivery was, on the whole, good and reflected the greatest credit on him. I think it fitting also to remark that in what have been said above, I have not been goaded by any spirit of animosity towards the writer, but I have been compelled to condradict him simply because I cannot bear to see truth distorted to assume a false shape. I hope the writer will swallow these remarks in good parts.

Cuttack, Thursday, 2nd September 1816 } Yours truely An Auditor

ମୂଲ୍ୟପ୍ରାପ୍ତ ।

| | | | |
|---|---|---|---|
| ବାବୁ ଦାମୋଦର ଓଝା | କୁଜଙ୍ଗ | ଅଗ୍ରିମ | ଟ ୩ |
| „ ଗଙ୍ଗାଧର ଅଗ୍ରୁଣ୍ୟ | „ | „ | ଟ ୪॥ |
| „ ଗୋବିନ୍ଦରଥ | „ | „ | ଟ ୪॥ |
| ରାଜା ବାଙ୍ଗି | ନୟାଗଡ଼ | ବକେୟା | ଟ ୭ |
| ବାବୁ ବନମାଲୀ ସିଂହ | ଢେଙ୍କାନାଳ | „ | ଟ ୭ |
| „ ଜଗନ୍ନାଥ ଦାସ | କଇଁକଡ଼ା | „ | ଟ ୩॥ |

## ବି ଜ୍ଞା ପ ନ ।

ଶ୍ରୀ ପୁରୁଷୋତ୍ତମକ୍ଷେତ୍ର କୁଣ୍ଡାଇବେଣ୍ଟ ସାହି ମହନ୍ତ ନରସିଂହ ରାମାନୁଜ ଦାସଙ୍କ ମଠ ସଂଲଗ୍ନ ମାଣ ୧୯୪୪ ଲାଖରାଜ ବାହାଲୀଜମି ଓ ତହିଁଉପରେ ଥିବା ଦୁଇକଣ୍ଠ କୁଣ୍ଡାଟାଇଲ ଓ ଗୃହବଖରା ସଥାରଣ ବାହାରର ପଥରଖଣ୍ଡି ପିଣ୍ଡା ଓ ଯୋଡ଼ା ଓ କୂପ ଅନେକ ପଥରସହିତ ବିକ୍ରୟ ହେବାର ଅଛି । ଏହି ଜମି ଓ ଘର ଅଠରନଳା ସାହିର ସିରସ୍ତାଦାର ମୃତ ମାଣିକ-

ସମ ମିତ୍ରଙ୍କର ବସା ବୋଲି ପରିଚିତ ଓ ଭାଇରମହାନ୍ତି ନାମରେ ଜଣେ ଭଡ଼ାଟିଆ ଜିମାରେ ଅଛି । ଏହି ସାଇରେ କୂଅ ପାଇଖାନା ସଦର ଓ ଖିଡ଼କି ଦ୍ୱାର ଇତ୍ୟାଦି ଅଛି ଯେମନ୍ତ କି ଜଣେ ଭଦ୍ରଲୋକ ଅକ୍ଲେଶରେ ନିର୍ବାହ ହୋଇପାରେ ଏବଂ ସାକ୍ଷୀ ରଖିଲେ ଉତ୍ତମ ଅସ୍ତ୍ର ହୁଅଇ । ଯାହାଙ୍କର ଖରିଦ କରିବାକୁ ଇଚ୍ଛା ହେବ କଟକ ପ୍ରିଣ୍ଟିଂକମ୍ପାନୀର ସମ୍ପାଦକ ବାବୁ ଶ୍ରୀ ଗୌରିଶଙ୍କର ରାୟଙ୍କ ନିକଟକୁ ପତ୍ର ଲେଖିଲେ ସବିଶେଷ ବୃତ୍ତାନ୍ତ ଜାଣିପାରିବେ । ତା ୧୪ ଇଂ ଅଗଷ୍ଟ ସନ ୧୮୮୬ ।

Wanted a clerk on Rs. 15 rising to Rs. 20 for the Khondmal Tehsil office. Knowledge of English and Oriyah necessary. Applications will be received up to the 15 Instant.

Office of Supdt. T. M. Cuttack, 2nd Septr. 1886. } N. K. Das, *Assistant Supdt. Triby Mehals.*

### NOTICE.

Wanted a Police Daroga on Rs. 50 for the Mourbhanj state. None need apply who has not a fair knowledge of Uriya language and experience of Police daties. Preference will be given to those who will add to this a knowledge of English.

Office of the Supdt. of Triby. Mehals Cuttack, the 26th August, 1886. } N. K. Das *Assistant Supdt. Triby. Mehals.*

## NOTICE.

Is hereby given to all Piece Workers, Petty Contractors, contractor, and others who may have lodged any security deposit in the late Byturni Division or Brahmini Byturni Division for tools issued to them for, or unfinished works on, the High Level Canal Ranges II and III and other works in connection therewith that unless such deposits are withdrawn and the tools returned within three months from this date, the amounts standing unadjusted in the books of this division over three years will be credited to Govt.

Acquapada 28 8 1886 } A. S. Thomson Executive Engineer, Acquapada Jajpur Dn

ଗତ ଅଗଷ୍ଟ ମାସ ତା ୩୦ ଇଂରେ ଏଠାଅବାଲଚବଟେସ୍ୱଠାରେ ଅମ୍ଭବାକସରେ ଥିବା ନ ୧୦ ଟା କମେଲ ନୋଟ ପ୍ରତିକର ମୂଲ୍ୟ ଟ୧୦୦୯ ଙ୍କା ଲେଖାଏ ଏବଂ ନ ୨୦ ଟା କଲିକତା ନୋଟ ପ୍ରତିକର ମୂଲ୍ୟ ଟ ୧୦୦୯ ଙ୍କା ଲେଖାଏ ଉକ୍ତ ନୋଟର ନମ୍ବର ଓ ଅନ୍ୟାନ୍ୟ ଦ୍ରବ୍ୟର ତାଲିକା ଲେଖାଥିବା କାଗଜସହିତ ବାକସ ଫିଟାଇ ଉଠାଇବାକୁ ଚେଷ୍ଟା ହେବା ସମୟରେ ହଜି ଯାଇଅଛି ଉକ୍ତ ପ୍ରତ୍ୟେକ ନୋଟପିଠିରେ ଅମ୍ଭର ଦସ୍ତମୋହର କରିଅଛୁ ଓ ତହିଁରେ ଅମ୍ଭର ନାମ ଇଂରାଜି ଓ ଓଡ଼ିଆଅକ୍ଷରରେ ଲେଖାଅଛି ଯେ ବ୍ୟକ୍ତି ଏହି ସମସ୍ତ ନୋଟ କୌଣସି ସନ୍ଧାନରେ ପ୍ରାପ୍ତକରି ଅମ୍ଭଙ୍କୁ ଫେରାଇ ଦେବ ଅଥବା ଏପରି ସୂଚନା ଦେବ କି ଯହିଁରେ ସେ ନୋଟମାନ ପ୍ରାପ୍ତ ହୋଇପାରିବ ସେ ବ୍ୟକ୍ତିକି ଅମ୍ଭେ ଟ ୨୦୦ ଙ୍କା ପୁରସ୍କାର ଦେବୁଁ । ପ୍ରକାଶ ଥାଉ କି ପୁଲିସରେ ଇତାଲା ଦେଇ ଏ.ନଗରମଧ୍ୟରେ ଯେଣ୍ଟ୍ରା ଦିଆଯାଇଅଛି । ତା ୧ ଇଂ ସେପ୍ଟେମ୍ବର ମାସ ୧୮୮୬

ଦସ୍ତଖତ ଚିନ୍ତାମଣି ରାଉ
ଚୌଧୁରି ଯୋର କଟକ

## A CHANCE TO STUDENTS.

**UP TO THE END OF SEPTEMBER 1886.**

Class-Notes from Geograhy at the reduced price of 2 As. a copy. A few copies only available.

Apply sharp to Manager, Cuttack Printing Company.

### ADVERTISEMENT.

Wanted a ନିଶାନ୍‌ଦେବ teacher to teach my young[illegible] for three years at Kaupur. Salary Rs. 15 per month.

None need apply who has not passed the Entrance Examination or who has no experience in teaching after prosecuting his studies up to the Entrance class.

Apply to

26-8-86. Radhakanta Roy Mohasoy Kaupur P. O. BHUDDRUCK.

Digitized by srujanika@gmail.com

Split by PDF Splitter



### ଜମିଦାରୀ ବିକ୍ରୟ

ଜମିଦାର ଶ୍ରୀଯୁକ୍ତ ବାବୁ କୃଷ୍ଣମୋହନ ବୋଷଙ୍କର । ଜି । ବାଲେଶ୍ୱର ଅନ୍ତର୍ଗତ । ପ୍ର । ଭୋଗରାଇ ତୌଜି ନଂ ୧୬୨୩ ଉତ୍କଳ । ତା । ଚନ୍ଦନପୁର ଓଗେର ଜମିଦାରୀ ବିକ୍ରୟ ହେବ, ଏହା ଓଡ଼ିଶାର ପ୍ରଧାନ ବନ୍ଦର ଗୃହବାଲିପେଲଙ୍ଗ ହୁଏ ଯେଉଁଠାରୁ କଲିକତା ଜାହାଜସବୁ ଯାତାୟାତ କରନ୍ତି ଏହାର ସଦରଜମା ଟ ୧୩୨୮ । ପାଁଣା ଏବଂ ମଫସଲ ଜମା ଟ ୩୦୦୦ ଙ୍କା । କ୍ରୟେଛୁକ ଲୋକମାନେ ଅମ୍ଭ ନିକଟରେ ଉତ୍ତାଲ୍ଲିସଜାଳ କଲେ ସମସ୍ତ ବିଷୟ ଜାଣିପାରିବେ ।

୨୦।୩।୮୬ କାନ୍ଥିକୋଲ କଟକ } By order Peary Mohun Bose

---

### ଓଲାଉଠା ରୋଗର ଉତ୍ତମପରୀକ୍ଷିତ ମହୌଷଧ ।

ଏହି ଔଷଧର ସମାନ ଗୁଣାବଳମ୍ବି ଅନ୍ୟ କୌଣସି ଔଷଧ ଇତିପି ଲକ୍ଷିତ ହୁଏ ନାହିଁ । ଏପର ଓଲାଉଠାରୋଗର ପ୍ରଧାନତମ ଔଷଧ ହୋଇ ନାହିଁ, ଏହି ଔଷଧ ଯେଠାରେ ଫଳପ୍ରଦ "କ୍ଲୋରୋଡାଇନ" ଯେଉଁଠାରେ ଫଳପ୍ରଦ ହୋଇ ଅନେକ ପ୍ରଶଂସା ଲାଭ କରିଅଛି । କ୍ଲୋରୋଡାଇନ ପରବର୍ତ୍ତୀରେ ନ ୧ ମ୍ବର ପିଲ ବା ବଟିକା ବ୍ୟବହାର କରିବାକୁ ହୁଏ ।

କ୍ଲୋରୋଡାଇନ ଯେଉଁ ସ୍ଥଳେ ଫଳପ୍ରଦ ନ ହୁଏ ସେସ୍ଥଳେ ନ ୨ ମ୍ବର ପିଲ ବା ବଟିକା ବ୍ୟବହାର କଲେ, ନିଶ୍ଚୟ ରୋଗୀ ରୋଗରୁ ମୁକ୍ତ ପାଏ ।

ରୋଗିର ମରଣାପନ୍ନ ଅବସ୍ଥାରେ ନ ୩ ମ୍ବର ପିଲବା ବଟିକା ବ୍ୟବହାର କଲେ ରୋଗୀ ଜୀବନ ଆଉ ପୁଣି ଫେରାଇ କାର୍ଯ୍ୟ ନିର୍ବାହ କରନ୍ତି ।

ଯଦ୍ୟପି ବାନ୍ତି ବନ୍ଦ ନ ହୁଏ ତେବେ ନ ୪ ପିଲବା ବଟିକା ବ୍ୟବହାରରେ ନିଶ୍ଚୟ ବନ୍ଦ ହୁଏ ।

ଅସହ୍ୟ ତୃଷ୍ଣା ନିବାରଣ ସକାଶେ ନ ୫ ମ୍ବର ପିଲ ବା ବଟିକା ବ୍ୟବହାର ମାତ୍ରେକେ ନିବାରଣ ହୁଏ ।

ଯଦି ପେଟରେ ଯନ୍ତ୍ରଣା ହୁଏ ବା ପେଟ ଫୁଲେ ବା ରୋଗିର ପରିସ୍ରା ନ ହୁଏ ତେବେ ନ ୬ ମ୍ବର ଔଷଧ ବ୍ୟବହାରରେ ସମସ୍ତ ପୀଡ଼ା ଉପଶମ ହୁଏ ।

ଜଣ୍ଡି ପ୍ରଭେଦକମ୍ବର ଔଷଧର ମୂଲ୍ୟ ଟ° ୧ ଓ ସମୁଦାୟ ଏକତ୍ରରେ କ୍ରୟ କଲେ ଉତ୍ତମ ବାକ୍ସରେ ବନ୍ଦ କରି ବ୍ୟବସ୍ଥାପତ୍ର ସହ ଟ ୬ । ମୂଲ୍ୟରେ ପ୍ରାପ୍ତ ହେବ ।

ଅଧିକ ବା ଅଳ୍ପଦିନର କଷ୍ଟସାଧ ଜ୍ୱର ଓ ଅନ୍ୟାନ୍ୟ ରୋଗର ବହୁ ପରୀକ୍ଷିତ ଓ ଅଶୁଫଳପ୍ରଦ ଔଷଧି ।

| | |
|---|---|
| କୌଣସି ପ୍ରକାର କଷ୍ଟସାଧ ଜ୍ୱରସଂହାରକ ବଟି ଟ ୧ । | ଦନ୍ତରୋଗର ଚୂର୍ଣ୍ଣ ଟ ० ୵ |
| କାମୁଳରୋଗର ଅତି ଅପୂର୍ବ ଔଷଧି ଟ ୧୧ | ହିପ୍ପୁସିରପ (ଉତ୍ତମ ପାଚକ) ଟ ० ।୵ |
| ବାତାଜୀର୍ଣ୍ଣ ବା ସ୍ନାୟୁଶିରୋରୋଗର ଔଷଧି ଟ ୧ | ଜୀର୍ଣ୍ଣକାରକ ଔଷଧି ଟ ०୧ |
| ଶିରଃଶୂଳର ଉତ୍ତମ ଔଷଧି ଟ ० ।୵ | ଚନ୍ଦ୍ରରସ ଟ [illegible] |
| ସାହୁର ମଲମ (କ୍ଷୁଦ୍ରା କୁଣ୍ଡଇ ଜାତି) ଟ ० ୵ | ମୃତ୍ୟୁଞ୍ଜୟ ଟ ०୧ |
| ଜ୍ୱରରୋଗର ବଟି ଟ ० ୵ | ବମନରୋଗର ବଟି ଟ ०୧ |
| | ମକରଧ୍ୱଜ ସ୍ୱର୍ଣ୍ଣଘଟିକା ଟ ୧୬୯ |
| | ବହୁକାଳର ସ୍ନାୟୁବି ଔଷଧି ଟ ୧୦୯ |

#### ପ୍ରଶଂସାପତ୍ର ।

ଆପଣଙ୍କ ପ୍ରସ୍ତୁତ ଓଲାଉଠା ରୋଗର ବଟିକାରୁ ଗୁଣ ଯଥୋପଯୁକ୍ତରୂପେ ପ୍ରଶଂସା କରଯାଇ ନ ପାରେ । ୬° ବର୍ଷର ଅଧିକ ଓ ୭° ବର୍ଷର ଅନଧିକ ବୟସ୍କ ଅମ୍ଭର ଜଣେ ପ୍ରତିବାସୀ ଓଲାଉଠା ରୋଗରେ ଏପରି ପୀଡ଼ିତ ଥିଲେ ଯେ ତାଙ୍କର ଜୀବନର ଆଶା ସମସ୍ତେ ତ୍ୟାଗ କରି ଥିଲେ । ଏହି ସମୟରେ ଆପଣଙ୍କ ଦତ୍ତ (ନ ୩ ମ୍ବର) ବଟିକାଟି ତାହାଙ୍କୁ ଖୁଆଇଲୁଁ । ଅତ୍ୟନ୍ତ ଆହ୍ଲାଦର ସହିତ ଜଣାଉଅଛୁ ଯେ କେତେ ବଟିକା ଦେବାମାତ୍ରେକେ ରୋଗୀ ଉପଶମଲାଭ କଲେ ଓ ଅବଶେଷରେ ସମ୍ପୂର୍ଣ୍ଣ ଅରୋଗ୍ୟ ଲାଭ କଲେ ।

କେନ୍ଦ୍ରାପଡ଼ା ୩୦।୩।୮୬ } Munsi Warish Alli Head Master.

---

ମହାଶୟ, ଆପଣ ଯେଉଁ ଔଷଧ ପ୍ରେରଣ କରିଥିଲେ ତାହା ବହୁଦିନସ୍ଥାୟୀ ଜ୍ୱରର ଶାନ୍ତିଦାୟକ ଔଷଧ ଅଟେ । ଦୁଇ ଦିବସ ମଧ୍ୟରେ ଏହା ଆଶ୍ଚର୍ଯ୍ୟଜନକ ଫଳ ଫଳିଥିବାରୁ ଏହାର ପ୍ରଶଂସା ଅମ୍ଭେ କରୁ ଅଛୁଁ ।

ଆପଣଙ୍କର ବଶମ୍ବଦ
ଗୋକୁଳ ପ୍ରସାଦ ଦାସ
ରେଭେନ୍ସା କଲେଜ

---

ଅନ୍ୟ ସାର୍ଟିଫିକେଟମାନ ପତ୍ରିକାର ୨୨।୩।୮୬, ୨୦।୩।୮୬, ୧୦।୪।୮୬ ଓ ୨୪।୨।୮୬, ଓ ସମ୍ବାଦପତ୍ର ୩୮୮୪ ରେ ପ୍ରକାଶ ହୋଇଅଛି ଦେଖ ଓ ଜନସାଧାରଣଙ୍କ ଠାରେ ହସ୍ତ କଲେ ଅନେକ ସାର୍ଟିଫିକେଟ ପାଠ କରି ପାରିବ ।

କେନ୍ଦ୍ରାପଡ଼ାସ୍ଥ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ କବିରାଜଙ୍କଠାରେ ଉପରୋକ୍ତ ଔଷଧମାନ ପ୍ରାପ୍ତ ହେବ ।

Apply to
LAKSHMINARAIN GUPTA
Kabiraj, Kendrapara.

---

## ମେହରୋଗ ।

ସାଂସାରମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ଜଳୁଥିବେ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଚିକାର୍ଷି ରୋଗୀ ଣଦରିକାରୁ ଭଦ୍ର ନୁହେ ସାମାନ୍ୟ ଅର୍ଥବ୍ୟୟ ସର୍ବାପେ ଜୀବନର ମଧ୍ୟ ଫଳଭାଗ କରି ନୁହେ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବା କଲେ ନୂତନରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଅରୋଗ୍ୟ ହେବ । ଯେଉଁମାନେ ଅରୋଗ୍ୟ ନ ହେବେ କିମ୍ବା ଯେ ଜନ୍ମିଅଛି ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ରମ୍ଭାପିରେ ପତନ ନ ହେଲେ ଅଉ ସିବ ନାହିଁ ଅନେକ ରୋଗୀ ଅରୋଗ୍ୟ ଲାଭ କରି ପ୍ରଶଂସାପତ୍ର ନ ଦେଇଅଛନ୍ତି ସେ ସମସ୍ତ ଅଳ୍ପଦିନରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅପର ଚିତପୁର ରୋଡ ନଂମ୍ବର ଭବନରେ ସି, କେ, ସେନ୍ କମ୍ପାନୀଙ୍କ ଠାରେ ଏବଂ କଟକ ଦରଗା ବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୨୵ ଙ୍କା । ପ୍ୟାକିଂ ଓ ଡାକମାଶୁଲ ପୃଥକ୍ ।

---

ଉତ୍କଳଦୀପିକାରେ ବିଜ୍ଞାପନ ଛାପାଇବାର ଦର । ଉପରୋକ୍ତ କ୍ରମେ ଲାଇନ ପ୍ରତି ହିସାବ :—

ପ୍ରଥମଥର ସକାଶେ

| | |
|---|---|
| ଲାଇନ ପ୍ରତି | ଟ ०।୵ |
| ଅଷ୍ଟ ଶବ୍ଦରୁ | ଟ ୬ |
| ପୂର୍ଣ୍ଣ ପତ୍ର ପ୍ରତି | ଟ ୩ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ଅର୍ଦ୍ଧ ଟ ० ୩ ରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଏହି ପ୍ରଥମ ଦରର ତିନିଭାଗ ଉଣା ଦେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ନ ଦେଲେ ଛପାଯିବ ନାହିଁ ।

---

ଏହି ଉତ୍କଳଦୀପିକା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

...ERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।


...୨୧ ଶ
ତା ୧୧ ଉଣ ମାଟେ ସେପ୍ଟମ୍ବର ସନ ୧୮୮୭ ମସିହା । ମା । ଭାଦ୍ର ଦ ୨୮ ଢ ସନ ୧୨୯୪ ସାଲ ଶନିବାର
...୩୭ ସଂଖ୍ୟା

| ମୂଲ୍ୟ | ଅଗ୍ରିମ | ବକେୟା |
|---|---|---|
| ବାର୍ଷିକ | ଟ ୫ ୧ | ଟ ୬୧ |
| ଡାକମାସୁଲ | ଟ ୦ ।୷ | ଟ ୧୮ |


## ବାମଣ୍ଡା

### ଷଷ୍ଠ ବୈଦିକ ପ୍ରସ୍ତାବ ।

"ପ୍ରୟୋଜନ ମନୁଦ୍ଦିଶ୍ୟ ନମନ୍ଦୋଽପି ପ୍ରବର୍ତ୍ତତେ"

ଇତ୍ୟାଦି ମହତ୍ ପ୍ରୟୋଗ ଥିବାରୁ ଏଥିପୂର୍ବେ ହିନ୍ଦୁମାନଙ୍କର ନିତ୍ୟକ୍ରିୟାରେ ଈଶ୍ବରୋପାସନା ଅଖଣ୍ଡ ପ୍ରୟୋଜନ ରୂପରେ ପ୍ରାପ୍ତହେବାର ଲୁହାଯାଇଅଛି ।

ଦ୍ବିତୀୟତଃ ନିତ୍ୟକ୍ରିୟା ( ସନ୍ଧ୍ୟାବନ୍ଦନାଦି ) ରେ କେବଳ ଈଶ୍ବରୋପାସନା ପ୍ରାପ୍ତହୁଏ ତାହାନୁହେ ତହିଁରେ ସ୍ବାସ୍ଥ୍ୟରକ୍ଷା ମଧ୍ୟ ପ୍ରୟୋଜନରୂପରେ ଗୃହୀତ ହୋଇଅଛି ଅତଏବ ନିତ୍ୟକ୍ରିୟା ନିତ୍ୟକର୍ତ୍ତବ୍ୟତାରୂପରେ ଶାସିତ ହୋଇଅଛି ।

ସନ୍ଧ୍ୟାବନ୍ଦନାଦରେ ଯେଉଁ ପ୍ରାଣାୟାମ କରାଯାଏ ତାହାଦ୍ବାରା ସ୍ବାସ୍ଥ୍ୟରକ୍ଷା ହୁଏ ଅର୍ଥାତ ଦୂଷିତବାୟୁ ( ଆଭ୍ୟନ୍ତରୀଣବାୟୁ ) ଯାହାକୁ ଅଙ୍ଗାରକ ବାୟୁ ବୋଲି କୁହାଯାଏ ତାକୁ ତ୍ୟାଗକରି ଶୁଦ୍ଧବାୟୁ ( ବାହ୍ୟବାୟୁ ) ଯାହାକୁ ଅମ୍ଳଯାନ ବାୟୁ ବୋଲଯାଏ ତାହାକୁ ଆଦାନ କରିବ, ଫଳତଃ ଏହି ଅମ୍ଳଜାନ ବାୟୁକୁ ପ୍ରତ୍ୟହ ନାସିକାର ବାମପୁଟରେ ଆଦାନ କରି ନିରୁଦ୍ଧ କରିବ ଏବଂ ଅଙ୍ଗାରକ ବାୟୁକୁ ଦକ୍ଷିଣ ନାସାପୁଟରେ ବହିର୍ଗତ କରିବ ଏତଦ୍ବାରା ବାୟୁର ପରିଷ୍କାର ହୋଇ ଆୟୁର ବୃଦ୍ଧି ହୁଏ ଏବଂ ଦେହର ଅସ୍ବାସ୍ଥ୍ୟ ହୁଏ ନାହିଁ ଯଥା ଯୋଗଶାସ୍ତ୍ରେ ।

"ଚଲେ ବାତେ ଚଲଂ ଚିତ୍ତଂ ନିଶ୍ଚଲେ ନିଶ୍ଚଲଂ ଭବେତ୍ ।
ଯୋଗୀ ସ୍ଥାଣୁତ୍ବ ମାପ୍ନୋତି ତତୋ ବାୟୁଂ ନିରୋଧୟେତ୍ ।
ଯାବଦ୍ବାୟୁଃ ସ୍ଥିତୋ ଦେହେ ତାବଜ୍ଜୀବନ ମୁଚ୍ୟତେ ।
ମରଣଂ ତସ୍ୟ ନିଷ୍କ୍ରାନ୍ତି ସ୍ତତୋ ବାୟୁଂ ନିରୋଧୟେତ୍ ।

ଯୋଗଶାସ୍ତ୍ରରେ ଦେହସ୍ଥ ବାୟୁକୁ ପାଞ୍ଚପ୍ରକାର ବିଭକ୍ତ କରି ତାହାର ଗତିର ଗୁଣ ଦୋଷ କହିଅଛନ୍ତି ତାହା ନିମ୍ନରେ ପ୍ରକାଶ କଲୁଁ ଯେ ଏହା କେତେପର୍ଯ୍ୟନ୍ତ ସୁସଙ୍ଗତ ତାହା ପାଠକମାନେ ଜାଣିପାରିବେ ।

"ପ୍ରାଣ ଅପାନ ସମାନ ଉଦାନ ବ୍ୟାନ"

ପ୍ରାଣନାମକ ଦେହସ୍ଥବାୟୁ ମୁଖଗତକାଳରେ ଅନ୍ନକୁ ଅଭ୍ୟନ୍ତରରେ ପ୍ରବେଶ କରାଏ ଏବଂ ପ୍ରାଣସମୂହକୁ ଅବଲମ୍ବନ କରେ ସେ କୁପିତ ହେଲେ ହିକ୍କା ଶ୍ବାସାଦି ରୋଗ ଜନ୍ମାଏ ।

ପକ୍ବାଶୟସ୍ଥ ଅପାନବାୟୁ ସ୍ବାଭାବିକ ଅବସ୍ଥାରେ ବିଷ୍ଠା ମୂତ୍ର ଶୁକ୍ର ଏବଂ ଗର୍ଭସ୍ଥ ଆବର୍ତ୍ତିକୁ ଅଧୋଗାମୀ କରେ ସେ ଦୁଷ୍ଟ ହେଲେ ଶୁକ୍ରଦୋଷ ପ୍ରମେହପ୍ରଭୃତି ସକଳ ଗୁହ୍ୟସମ୍ବନ୍ଧ ଭୟାନକ ରୋଗ ଉତ୍ପାଦନ କରେ ।

ସମାନ ନାମକ ବାୟୁ ଆମ ଓ ପକ୍ବାଶୟସ୍ଥ ହୋଇ ଅଗ୍ନିଯୋଗେ ଅନ୍ନକୁ ପାକକରେ ଏବଂ ତତ୍ଜାତ ବିଶେଷ୨ ବସ୍ତୁକୁ ପୃଥକ୍ କରେ ଅର୍ଥାତ ଅନ୍ନଗତ ରସ ମଳ ମୂତ୍ରାଦି ରୂପରେ ପୃଥକ୍ ହୁଏ ଏବଂ ଦୁଷ୍ଟ ହେଲେ ଅଗ୍ନିମାନ୍ଦ୍ୟ ଅତିସାର ଗୁଳ୍ମପ୍ରଭୃତି ରୋଗ ଜନ୍ମାଏ ।

ଉଦାନ ନାମକ ଉତ୍ତମବାୟୁ ଯେତେବେଳେ ଊର୍ଦ୍ଧ୍ବଗାମୀ ହୁଏ ସେତେବେଳେ ବାକ୍ୟଭାଷଣ ଓ ଗାନାଦରେ ପ୍ରବୃତ୍ତି କରେ ଏବଂ କୁପିତ ହେଲେ ଊର୍ଦ୍ଧ୍ବଜତ୍ରୁଗତ ପୀଡ଼ା ଜନ୍ମାଏ ।

ଦେହଗତ ବ୍ୟାନବାୟୁ ରସସଞ୍ଚାଳନର କାର୍ଯ୍ୟ କରେ ଶୋଣିତସ୍ରାବ ଓ ସ୍ବେଦୋଦ୍ଗମ କରାଇ ପାଞ୍ଚପ୍ରକାର କାର୍ଯ୍ୟ କରେ ଏବଂ ଗତି ଉତ୍କ୍ଷେପଣ ଅବକ୍ଷେପଣ ନିମେଷପ୍ରଭୃତି ପ୍ରାଣିର ଯାବତ୍କ୍ରିୟା ଏହାଠାରେ ଆବଦ୍ଧ; ପ୍ରତ୍ୟଙ୍ଗ ଉଦ୍ବମନ ପୂରଣ ବିରେଚନ ଧାରଣ ଏହି ପାଞ୍ଚପ୍ରକାର ବାୟୁର ଚେଷ୍ଟା ଉକ୍ତଅଛି ଏହିବାୟୁ କ୍ରୁଦ୍ଧ ( ଦୂଷିତ ) ହେଲେ ଦେହରେ ସମସ୍ତ ରୋଗ ଜନ୍ମେ ।

ସକଳବାୟୁ ଏକକାଳରେ ଦୂଷିତ ହେଲେ ନିଶ୍ଚେ ଦେହ ଓ ପ୍ରାଣକୁ ନଷ୍ଟକରେ ଅତଏବ ପ୍ରତ୍ୟହ ବାୟୁର ଆଦାନ ବିସର୍ଜନ ରକ୍ଷଣ କରୁଥିଲେ ଦେହର କଦାଚ ଅସ୍ବାସ୍ଥ୍ୟ ହବା ହଠାତ୍ ନାଶ ହୁଏ ନାହିଁ ଏହାଇ ନିତ୍ୟକ୍ରିୟାର ଅସାଧାରଣ ପ୍ରୟୋଜନ ।

ଈଶ୍ବରୋପାସନା ଗାୟତ୍ର୍ୟାଦିଦ୍ବାରା ସୁତରାଂ ଲଭ୍ୟହୁଏ ତାହା ବିଶେଷ ବିବୃତ କରିବାର ନିଷ୍ପ୍ରୟୋଜନ ।     କ୍ରମଶଃ

ଶ୍ରୀ—ବାମଣ୍ଡା ।

Digitized by srujanika@gmail.com

Split by PDF Splitter



## ଉତ୍କଳଦୀପିକା ତା ୧୧ ଋଖ ସେପ୍ଟମ୍ବର ସନ ୧୮୮୬ ମସିହା ।

The following is the extract of a correspondence published in the *Balasore Sambad Bahika* of the 2nd Instant regarding Baboo Chaturbhuj Putnaik's connection with the *Sanskaraka.*

" Who can venture to say that Baboo Chaturbhuj Putnaik hasnothing to do with the Sanskaraka. am prepared to give unreputable proof. Shebak Sabha is a nominal proprietor, Chaturbhuj Baboo is all in all. I challange Chaturbhuj Baboo to say that he is no body of the *Sanskaraka* "

---

ବଲଗେରିଆର ଝାଣ୍ଡ ଏବେ ବୁଝାଯାଉ ନାହିଁ । ସେଦିନ ସେଠାର ରାଜକୁମାର ଅଲେକଜଣ୍ଡର ପଦଚ୍ୟୁତ ଓ ନିର୍ବାସିତ ହେଲେ । ପୁଣି ସେ ଆପଣା ରାଜ୍ୟକୁ ଫେରିଆସି ସମାଦରସହିତ ଗୃହୀତ ହୋଇଅଛନ୍ତି ଏବଂ ରୁଷିଆର ସମ୍ମତି ପାଇଲେ ଶାସନଭାର ଗ୍ରହଣକରିବାର ଇଚ୍ଛା ପ୍ରକାଶ କରୁଅଛନ୍ତି ମାତ୍ର ରୁଷିଆ ଅନୁକୂଳ ଥିବାର ଜଣା ଯାଉ ନାହିଁ । ଏଥିର ପରିଣାମ କ'ଣ ହେବ ଶୀଘ୍ର ଦେଖିବାରେ ଆସିବ ।

---

ଗତବର୍ଷ ସୁନିଆଁ ସମୟରେ ଓଡ଼ିଶାଉପକୂଳରେ ଯେଉଁ ତୁଫାନକ ଉପସ୍ଥିତ ହୋଇଥିଲା ଅଦ୍ୟାପି ତାହାର ମନରୁ ପାସୋରି ଯାଇ ନାହିଁ । ଏବର୍ଷ ସୁନିଆଁର ମାତ୍ର ପାଞ୍ଚଦିନ ପୂର୍ବେ ଏକାଦିନ କ୍ଷଣକାଳ ପ୍ରବଳ ବତାସସହିତ ବୃଷ୍ଟି ହେବାରୁ ପୂର୍ବକଥାଲୁ ସ୍ମରଣ ଲୋକମାନଙ୍କୁ ଯେଉଁମାନେ ନୌକା ଯୋଗ ଯାଇଥିଲେ ସେମାନେ ତାହାର ଅସିଅଛନ୍ତି । ଏଥିମଧ୍ୟରେ ଏ ନଗରରେ ବେଳେ ବେଳେ ପ୍ରବଳ ପବନସହିତ ବୃଷ୍ଟି ହୋଇଅଛି ଓ ସାମାନ୍ୟ ତୋଫାନର ଲକ୍ଷଣ ଦେଖା ଯାଇଅଛି ।

---

ଉଣସ୍ତରଜେଲଖାନାରେ କଏଦୀମାନଙ୍କଦ୍ୱାରା ଯେଉଁ କାଗଜ ପ୍ରସ୍ତୁତ ହେଉଅଛି ତହିଁର ନମୁନା ଅମ୍ଭେମାନେ ଦେଖି ସନ୍ତୁଷ୍ଟ ହୋଇଅଛୁଁ । ଜେଲ୍ ଖାନାରେ ଏପରି କାଗଜ ପ୍ରସ୍ତୁତ କରିବା ଅବଶ୍ୟ ପ୍ରଶଂସାର ବିଷୟ ଅଟଇ । ମାତ୍ର ବାଲିକାଗଜଯୋଗେ ଦେଶିକାଗଜ ବ୍ୟବସାୟ ଏକପ୍ରକାର ଲୋପ ହୋଇଅଛି ଏବଂ ଉଣସ୍ତରର କାଗଜ ମଧ୍ୟ ବାଲିକାଗଜଠାରୁ ଅଧିକଖର୍ଚ୍ଚରେ ପ୍ରସ୍ତୁତ ସୁତରାଂ ଅଧିକ ମୂଲ୍ୟରେ ବିକ୍ରୟ ହେଉଥିବାରୁ ତହିଁର ଅଧିକ ଆଦର ହେବାର ଆଶା ନାହିଁ । ଯେଉଁ ଦ୍ରବ୍ୟ ବଜାର ଅପେକ୍ଷା ଊଣା ଅଥବା ବଜାରଦରରେ ବିକ୍ରୟ ହୋଇପାରିବ ସେହି ଦ୍ରବ୍ୟ ଜେଲଖାନାରେ ପ୍ରସ୍ତୁତ ହେବା ଉଚିତ ।

---

ଷ୍ଟେଟସମାନ ଲେଖିଅଛନ୍ତି ଯେ ମାନ୍ଦ୍ରାଜ ଅଞ୍ଚଳର ରେବିନ୍ୟୁ ବୋର୍ଡ ଇନ୍‌କମ୍ ଟେକ୍ସ ସମ୍ବନ୍ଧରେ ଏକ ନୂତନ ରିପୋର୍ଟ ଦେଇଅଛନ୍ତି । ଅବିଭକ୍ତ ହିନ୍ଦୁପରିବାରଗତ ଲୋକଙ୍କର ଦରମାହା ମିଶି ୫୦୦ଙ୍କାରୁ ଅଧିକ ହେଉଥିଲେହେଁ ପ୍ରତ୍ୟେକ ବ୍ୟକ୍ତିର ବେତନ ଇନ୍‌କମ୍ଟେକ୍ସ ଯୋଗ୍ୟ ଆୟର ନ୍ୟୁନ ସୀମାର ନିମ୍ନରେ ଥିବାରୁ ସେମାନେ ଟିକ୍ସ ଦେବାକୁ ବାଧ୍ୟ ହେବେ ନାହିଁ । ଏ ନିୟମ ଅତି ଉତ୍ତମ ଅଟଇ ମାତ୍ର ଏ ପ୍ରଦେଶରେ ସେଥିର ବିପରୀତ କାର୍ଯ୍ୟ ହେଉଅଛି । ବିଶେଷତଃ ଇନ୍‌କମ୍ଟେକ୍ସ ଆଇନରେ ବ୍ୟକ୍ତି ଅର୍ଥରେ ଅବିଭକ୍ତ ହିନ୍ଦୁ ପରିବାରର ସମସ୍ତ ଲୋକ ଗୃହୀତ ହୋଇଥିବାରୁ ମାନ୍ଦ୍ରାଜରେବିନ୍ୟୁ ବୋର୍ଡର ରିପୋର୍ଟ ଆମ୍ଭମାନଙ୍କୁ ଟିକିଏ ଅଦ୍ଭୁତ ଲାଗିଅଛି । ଭରସା କରୁଁ ଗବର୍ଣ୍ଣମେଣ୍ଟ ଏ ବିଷୟର ଚୂଡ଼ାନ୍ତ ନିଷ୍ପତ୍ତି କରି ଲୋକଙ୍କର ସନ୍ଦେହ ଭଞ୍ଜନ କରିବେ ।

---

ବାବୁ ସାନ୍ନ୍ୟାଳବାନର୍ଜ୍ଜୀଙ୍କର ଭକ୍ତିତତ୍ତ୍ୱ ନାମକ ପୁସ୍ତକ ଉପହାର ପାଇଥିବାରୁ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏଥିରେ ଅନନ୍ତଦୟା, ଅନନ୍ତମଙ୍ଗଳ, ସର୍ବଶକ୍ତିମାନ୍, ଅନନ୍ତଦୟା ଓ ନ୍ୟାୟରେ ସାମଞ୍ଜସ୍ୟ, ଭକ୍ତି, ଆଶା, ବିଶ୍ୱାସ, ଅନ୍ତେଷ୍ଟି, ପ୍ରକୃତପ୍ରରୁଷ ପରକାଳ ଓ ସ୍ୱର୍ଗ, ନରକ ଏହି ଗୋ ୧୭ ଟି ବିଷୟ ଆଲୋଚିତ ଏବଂ ଏସମ୍ପର୍କରେ ବର୍ତ୍ତମାନକାଳର ବୈଜ୍ଞାନିକ ମିଲ୍ ହର ବର୍ଟ ସ୍ପେନ୍ସର ପ୍ରଭୃତିଙ୍କ ମତାମତ ବିବେଚିତ ହୋଇଅଛି । ଦୁଇଜଣ ଶିକ୍ଷକର କଥୋପକଥନଛଳରେ ଏତାଦୃଶ କଠିନ ବିଷୟମାନ ଅତି ସୁନ୍ଦର ଓ ସରଳରୂପେ ବୁଝାଇ ଦିଆଯାଇଅଛି ଏବଂ ଏହି ଗୁଣସକାଶେ ଅମ୍ଭେମାନେ ଏ ପୁସ୍ତକର ବିଶେଷ ପ୍ରଶଂସା କରୁଅଛୁଁ । ଅମ୍ଭେମାନେ ସର୍ବସାଧାରଣଙ୍କୁ ଏ ପୁସ୍ତକ ପଢ଼ିବା କାରଣ ଅନୁରୋଧ କରୁଅଛୁଁ ।

---

ଗତ ଅଗଷ୍ଟମାସ ତା ୩୦ ଋଖରେ ଷ୍ଟେଟସମାନ ସମ୍ବାଦପତ୍ରର ସମ୍ପାଦକ ନାଇଟ ସାହେବଙ୍କ ନାମରେ ଅପବାଦସମ୍ବନ୍ଧୀୟ ମୋକଦ୍ଦମା ହାଇକୋର୍ଟ ଫୌଜଦାରୀଅଦାଲତରେ ବିଚାରନିମିତ୍ତ ଅର୍ପିତ ହୋଇଥିଲା ମାତ୍ର ଆସାମୀପକ୍ଷର ପ୍ରାର୍ଥନାମତେ ଆଗାମୀ ଡିସେମ୍ବରମାସ ସେସନରେ ବିଚାର ହେବା କାରଣ ବନ୍ଦ ରହିଲା । କଥିତ ଅଛି ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ଆଉ ନାଇଟ ସାହେବଙ୍କ ନାମରେ ମୋକଦ୍ଦମା ଚଳିବ ନାହିଁ । ଏହା ସତ୍ୟ ହେଲେ ଏଥିରେ ସମସ୍ତଙ୍କର ସନ୍ତୋଷ ଜନ୍ମିବ ସନ୍ଦେହ ନାହିଁ । ମିଲର ସାହେବ ପରଲୋକ ଗତ ହୋଇଥିବା ଏବଂ ଗତ ଫୌଜଦାରୀରେ ଅଧିକାଂଶ ଜୁରିଗଣ ସଭ୍ୟମାନେ ଆସାମୀ ନିର୍ଦ୍ଦୋଷୀ ଥିବାର ମତ ଦେଇଥିବା ସ୍ଥଳେ ପୁନ ବିଚାର ବନ୍ଦ କରିବା ଉଚିତ ବୋଧହୁଏ । ତହିଁରେ ଯେମନ୍ତ ବିଚାର ଅଦାଲତର ଟେକ ରହିବ ତେମନ୍ତ ଆସାମୀ ଓ ଗବର୍ଣ୍ଣମେଣ୍ଟ ଅନେକ ଉତ୍ପୀଡ଼ନରୁ ରକ୍ଷା ପାଇବେ ଓ ଲୋକଙ୍କ ସନ୍ତୋଷ ପ୍ରଦାନର ଉପାୟ ବିଧାନ କରିଯିବ ।

---

ଢାକା ଜିଲ୍ଲା ଅନ୍ତର୍ଗତ ବିକ୍ରମପୁରନିବାସୀ ପଣ୍ଡିତ ପ୍ରସନ୍ନଚନ୍ଦ୍ର ଭଟ୍ଟାଚାର୍ଯ୍ୟ ହିନ୍ଦୁଧର୍ମପ୍ରଚାରଉଦ୍ଦେଶରେ ଏ ପ୍ରଦେଶର ଗଡ଼ଜାତମାନ ଭ୍ରମଣ କରୁଥିବାର ଅମ୍ଭେମାନେ ଏଥିପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ । ସମ୍ପ୍ରତି ଅଠମଲ୍ଲିକରୁ ଆସିଥିବା ଏକ ପ୍ରେରିତପତ୍ରରୁ ଜଣାଗଲା ଯେ ପଣ୍ଡିତ ମହାଶୟଙ୍କ ଯତ୍ନରେ ଅଠମଲ୍ଲିକ ଗଡ଼ଠାରେ ସର୍ବାର୍ଥସାଧିନୀ ସଭା ନାମରେ ଗୋଟିଏ ସଭା ପ୍ରତିଷ୍ଠିତ ହୋଇଅଛି ଏବଂ ସ୍ୱୟଂ ରାଜା ତହିଁର ସଭାପତି ଓ ବାବୁ ଅମ୍ବିକାଚରଣ ପାଣିଗ୍ରାହୀ ନାମକ ଡାକ୍ତର ସମ୍ପାଦକ ହୋଇଅଛନ୍ତି । ଅନ୍ୟାନ୍ୟ ରାଜକର୍ମଚାରୀ ଓ ଭଦ୍ରଲୋକମାନେ ଏ ସଭାର ସଭ୍ୟ ଓ କାର୍ଯ୍ୟନିର୍ବାହକପଦରେ ନିଯୁକ୍ତ ହୋଇଅଛନ୍ତି । ସଭାର ଅନୁକୂଳ ଦିନ ପଣ୍ଡିତ ଭଗବାନ ବିଦ୍ୟାରତ୍ନ ଭଗବଦ୍‌ଗୀତାର କେତେକ ଅଂଶ ସନ୍ଦର୍ଭଭାଷାରେ ବ୍ୟାଖ୍ୟା ଓ ଭଟ୍ଟାଚାର୍ଯ୍ୟ ମହାଶୟ ସମାଜଗତ ସ୍ୱଜାତି ଓ ଧର୍ମନୀତିବିଷୟକ

Digitized by srujanika@gmail.com

Split by PDF Splitter



ଗୋଟିଏ ବକ୍ତୃତା କରିଥିଲେ । ଓଡ଼ିଶାର ଗଡ଼ଜାତରେ ଏପରି ସଭା ବସିବା ବଡ ପ୍ରୀତିକର ଅଟଇ ଏବଂ ଏହାଦ୍ୱାରା ଅନେକ ଉପକାର ହେବାର ସମ୍ଭାବନା । ଆମ୍ଭେମାନେ ଏସଭାର ଦୀର୍ଘଜୀବନ ପ୍ରାର୍ଥନା କରୁଅଛୁଁ ।

---

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଋଣଗ୍ରସ୍ତ ଜମିଦାରମାନଙ୍କ ସମ୍ପତ୍ତି ରକ୍ଷା ନିମିତ୍ତ ପୂର୍ବର ଦେବାନୀ ଆଇନ ପର ପ୍ରଚଳିତ ସନ ୧୮୮୨ ସାଲ ୧୪ ଆଇନର ଧାରା ୬୦-୩୬୬ ପ୍ରମାଣଙ୍କରେ ବିଧାନ ଥିଲେହେଁ ଅଦ୍ୟାପି ଓଡ଼ିଶାରେ ତଦନୁସାର କାର୍ଯ୍ୟ ହେବାର ଦେଖାଯାଉ ନାହିଁ ଏବଂ ଏଥିରେ ଏହିଫଳ ହୋଇଅଛି ଯେ କରଭାର ଅଥବା ମାମଲାମୋକଦ୍ଦମା ଇତ୍ୟାଦି ହେତୁରୁ ଏପ୍ରଦେଶର ପ୍ରାଚୀନ ଜମିଦାରମାନେ ଆପଣା ସତ୍ତ୍ୱ ହରାଇ ବସିଅଛନ୍ତି ଏବଂ ଅଦ୍ୟାପି ମଧ୍ୟ ସେହି ଶୋଚନୀୟ ବ୍ୟାପାର ଦେଖାଯାଉଅଛି । ଋଣରୂପ ବ୍ୟାଧି ଏପ୍ରଦେଶୀୟ ଖାନଦାନ ଜମିଦାରଙ୍କ ବଂଶ ଧଦା କରୁଅଛି ସନ୍ଦେହ ନାହିଁ ଏବଂ ଗତ ଦୁଇସପ୍ତାହର ଏ ପତ୍ରିକାସଙ୍ଗେ ପ୍ରକାଶିତ ବିଜ୍ଞାପନରୁ ପାଠକମାନେ ଅବଗତ ହୋଇଥିବେ ଯେ ଏ ନଗରର ଆଉଜଣେ ବିଖ୍ୟାତ ଜମିଦାର ବାବୁ ଗୋଲୋକଚନ୍ଦ୍ର ବୋଷ ସେହିଦଶା ଲାଭ କରିବାକୁ ବସିଅଛନ୍ତି । ଓଡ଼ିଶା କାୟସ୍ଥକୁଳରେ ଏତେବଡ଼ ଜମିଦାର ଆଉ ଜଣେ ନାହିଁ । ଏହାଙ୍କ ଜମିଦାରୀ ଯେବେ ଉପରଲିଖିତ ବିଧାନଦ୍ୱାରା ରକ୍ଷା ହୋଇପାରନ୍ତା ତେବେ ବଡ଼ସୁଖର ବିଷୟ ହେବ ସନ୍ଦେହ ନାହିଁ । ସ୍ଥାନୀୟକର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ଥରେ ଯତ୍ନ କରିବାକୁ ଆମ୍ଭେମାନେ ବିଶେଷ ଅନୁରୋଧ କରୁଅଛୁଁ ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ସୋମପ୍ରକାଶ ନାମକ ବଙ୍ଗଳା ସମ୍ବାଦପତ୍ରର ସମ୍ପାଦକ ପଣ୍ଡିତ ଦ୍ୱାରକାନାଥ ବିଦ୍ୟାଭୂଷଣ ପରଲୋକପ୍ରାପ୍ତ ହୋଇଅଛନ୍ତି । ବହୁମୂତ୍ରରୋଗ ଏହାଙ୍କ ମୃତ୍ୟୁର କାରଣ । ଉକ୍ତରୋଗରେ ବହୁଦିନ କଷ୍ଟ ପାଇ ଶେଷରେ ଜଳବାୟୁ ପରିବର୍ତ୍ତନଦ୍ୱାରା ଆରୋଗ୍ୟ ଲାଭାଶାରେ ଜବଲପୁର ଅଞ୍ଚଳକୁ ଯାଇଥିଲେ । କରାଳକାଳ ତାହାଙ୍କୁ ସେହିଠାରେ ଗ୍ରାସକଲା । ମୃତ୍ୟୁସମୟରେ ଏହାଙ୍କ ବୟସ ୬୨ ବର୍ଷ ହୋଇଥିଲା । ସୋମପ୍ରକାଶ ଏହାଙ୍କ ପ୍ରଧାନକୀର୍ତ୍ତି । ଏହି ସାପ୍ତାହିକପତ୍ରିକା ବିଖ୍ୟାତ ପଣ୍ଡିତ ଶ୍ରେଷ୍ଠ ଈଶ୍ୱରଚନ୍ଦ୍ରବିଦ୍ୟାସାଗର ମହାଶୟଙ୍କ ଯତ୍ନରେ ସନ ୧୮୫୭ ସାଲରେ ପ୍ରକାଶିତ ହେଲା ଏବଂ ପଣ୍ଡିତ ଦ୍ୱାରକାନାଥ ବିଦ୍ୟାଭୂଷଣ ପ୍ରଥମରୁ ଏହାର ସମ୍ପାଦକ ହୋଇ ଏପର୍ଯ୍ୟନ୍ତ ଯେମନ୍ତ ସୁନ୍ଦର ଓ ସତେଜଭାବରେ ଏହାକୁ ଚଳାଇଲେ ତାହା କାହାରିକି ଅବିଦିତ ନାହିଁ । ବାସ୍ତବରେ ସୋମପ୍ରକାଶ ବଙ୍ଗଳାସମ୍ବାଦପତ୍ରର ପ୍ରକୃତ ପଥପ୍ରଦର୍ଶକ ଅଟଇ ଏବଂ ଏହାଦ୍ୱାରା ବଙ୍ଗଳାଭାଷାର ଉନ୍ନତି ହୋଇଅଛି ଏକଥା ସମସ୍ତେ ସ୍ୱୀକାର କରୁଅଛନ୍ତି । ଏହି ପଣ୍ଡିତଚୂଡ଼ା ବିଦ୍ୟାଭୂଷଣ ମହାଶୟ ବଙ୍ଗଳାଭାଷାରେ ଅନ୍ୟାନ୍ୟ ଅନେକପୁସ୍ତକ ଲେଖିଛନ୍ତି ଏବଂ ମୃତ୍ୟୁସମୟପର୍ଯ୍ୟନ୍ତ ସଂସ୍କୃତ ସାଂଖ୍ୟଦର୍ଶନ ମୂଳଟୀକା ଓ ବ୍ୟାଖ୍ୟାସହିତ ପ୍ରକାଶ କରୁଥିଲେ । ଏପରି ପଣ୍ଡିତଙ୍କର ପରଲୋକଯାତ୍ରା ସାଧାରଣଦୁଃଖର ବିଷୟ ଅଟଇ ।

---

ମଧ୍ୟଆସିଆରେ ରୁଷିଆର ଅଧିକୃତ ରାଜ୍ୟ ଏବଂ ଆଫଗାନିସ୍ଥାନର ସୀମା ନିର୍ଣ୍ଣୟ କରିବା କାରଣ କେତେକଜଣ କର୍ମଚାରୀ ଏକବର୍ଷରୁ ଅଧିକ ହେବ କମିଶନ ସ୍ୱରୂପ ନିଯୁକ୍ତ ରହି ଭାରତର ଧନ ଲକ୍ଷ ୨ ଟଙ୍କା ନେଇଗଲେ । ସେମାନେ ଶହାଏ ସୀମା ନିର୍ଣ୍ଣୟ କରିଅଛନ୍ତି । ଇତିମଧ୍ୟରେ ଅଳ୍ପ ୨ କଥା ପାଇଁ ଉଭୟ ଇଂରାଜ ଓ ରୁଷିଆ ଗବର୍ଣ୍ଣମେଣ୍ଟଙ୍କ ମଧ୍ୟରେ ଗୋଳମାଳ ଉପସ୍ଥିତ ହୋଇଥିଲା ଏବଂ ତାହା ଭାଙ୍ଗିଯାଇଥିବାର ସମ୍ବାଦ ମିଳିଲା । ବର୍ତ୍ତମାନ ଲଣ୍ଡନନଗରରୁ ଆସିଥିବା ଗତ ଅଗଷ୍ଟ ମାସ ତା ୧୮ ରିଖର ସମ୍ବାଦରୁ ପ୍ରକାଶ ଯେ ଯେବେ ରୁଷିଆ ଉଆଖାନ ପ୍ରଦେଶରୁ ଦାବୀ କାଟିବେ ତେବେ ଇଂଲଣ୍ଡ କାବୁଲର ଅମୀରଙ୍କୁ ସାହାଯ୍ୟ କରିବେ । ଏଥିରୁ ସହଜରେ ଉଆଖାନ ପ୍ରଦେଶ ଘେନି ଭୂମୁଲ କାଣ୍ଡ ଲଗିବାର ସୂଚନା ହେଉଅଛି ଫଳତଃ ତହିଁ ପଟ୍ଟେ ୨ ବିଲାତ ଗବର୍ଣ୍ଣମେଣ୍ଟ ଉକ୍ତ ସୀମାନିର୍ଣ୍ଣୟକମିଶନ ଉଠାଇ ଦେଇ ସେମାନଙ୍କୁ ସୀମାନ୍ତ ପ୍ରଦେଶରୁ ଶୀଘ୍ର ପ୍ରତ୍ୟାଗତ ହେବା କାରଣ ଆଦେଶ ପ୍ରସ୍ତୁତ କରିଅଛନ୍ତି ଏବଂ ସୀମା ବିଷୟ ଉଭୟ ଇଂରାଜ ଓ ରୁଷିଆ ଗବର୍ଣ୍ଣମେଣ୍ଟ ଆପଣା ମଧ୍ୟରେ ଚିଠିପତ୍ରଦ୍ୱାରା ମୀମାଂସା କରି ନେବାର କଥା ହୋଇଅଛି । ଏଥିର ଅର୍ଥ ସହଜରେ ବୁଝା ଯାଉ ନାହିଁ । ଅବଶ୍ୟ ଭାରତର ଧନାଗାରର ଅବସ୍ଥା ଦେଖି ଏତତ୍ସମ୍ପର୍କୀୟ ବ୍ୟୟରୁ ମୁକ୍ତି ପାଇବାର ଆଶା ସନ୍ତୋଷଜନକ ଅଟଇ ମାତ୍ର ଘଟନାବଳି ଯେରୂପ କୁଟିଳ ଦିଶୁଅଛି ତହିଁରେ ଯୁଦ୍ଧର ସୂତ୍ରପାତ ହେଲେ ସର୍ବନାଶର ସମ୍ଭାବନା ।

---

ପାର୍ଲିଅମେଣ୍ଟରେ ବ୍ରହ୍ମଦେଶ ଘେନି ତିନିଗୋଟି ପ୍ରସ୍ତାବ ଆଗତ ହୋଇଥିଲା । ସ୍ମିଥ ସାହେବ ବ୍ରହ୍ମଦେଶରେ ଏତେ ଅଧିକକାଳ ଯୁଦ୍ଧକାଣ୍ଡ ଲାଗି ରହିଥିବା ଓ ଭାରତବର୍ଷକୁ ତତ୍ସମ୍ପର୍କୀୟ ସମୁଦାୟ ବ୍ୟୟ ଦେବାକୁ ପଡ଼ିବା ବିଷୟରେ ପ୍ରସ୍ତାବ କରିଥିଲେ ଏବଂ କେମର ସାହେବ ଉକ୍ତ ଦେଶକୁ ବ୍ରିଟିଶସାମ୍ରାଜ୍ୟ ସଂଯୁକ୍ତ କରିବା ବିଷୟରେ ଗବର୍ଣ୍ଣମେଣ୍ଟଙ୍କୁ ଦୋଷାରୋପ କରି ପ୍ରସ୍ତାବ ଆଗତ କରିଥିଲେ । ଏ ସମସ୍ତ ପ୍ରସ୍ତାବ ସମ୍ବନ୍ଧରେ ଆମ୍ଭମାନଙ୍କର ନମ୍ର ସେକ୍ରେଟେରୀ ଗର୍ଷ୍ଟ ସାହେବ କହିଲେ ଯେ ବ୍ରହ୍ମଦେଶରେ ଯୁଦ୍ଧ କରିବା ପ୍ରୟୋଜନୀୟ ଥିବା ବିଷୟରେ ଉଭୟ ରକ୍ଷଣଶୀଳ ଓ ଉନ୍ନତିଶୀଳ ସମ୍ପ୍ରଦାୟ ଏକମତ ହୋଇଅଛନ୍ତି ଏବଂ ଇଂଲଣ୍ଡକୁ ଉକ୍ତ ଯୁଦ୍ଧର ଖର୍ଚ୍ଚ ଦେବା ବିଷୟରେ କୌଣସି ନଜିର ବା କାରଣ ନାହିଁ । ସେ ଅନ୍ତର ମଧ୍ୟ କହିଲେ ଯେ ଆଗାମୀ ଶୀତକାଳ ଆରମ୍ଭରେ ୩୦୦୦୦ ସୈନ୍ୟ ଓ ଯୁଦ୍ଧଜାହାଜ ଏକତ୍ରରେ ବ୍ରହ୍ମଦେଶରେ ଲଗାଇ ବିଦ୍ରୋହୀମାନଙ୍କୁ ଦମନ କରିବାର ଗବର୍ଣ୍ଣମେଣ୍ଟ ମନସ୍ଥ କରିଅଛନ୍ତି ମଧ୍ୟ ସେ ବଡ଼ଲାଟ ବାହାଦୁରଙ୍କ ଏକଲିପିର ଉଲ୍ଲେଖ କରି କହିଲେ ଯେ ବ୍ରହ୍ମଦେଶରେ ଶାନ୍ତି ବିରାଜିତ ହେବା ବଡ଼ଲାଟଙ୍କ ମତରେ କେବଳ ସମୟସାପେକ୍ଷ । ଏଥିଉତ୍ତାରୁ ଉକ୍ତ ପ୍ରସ୍ତାବମାନଙ୍କ ସମ୍ବନ୍ଧରେ ମତାମତ ଗ୍ରହଣ ହେଲା ଓ ପ୍ରସ୍ତାବ ବିପକ୍ଷରେ ମତ ଅଧିକ ହେବାରୁ ସେ ସମସ୍ତ ଅଗ୍ରାହ୍ୟ ହେଲା ।— ଫଳକଥା ଏହି କି ଯେ ମାନିବ ନାହିଁ ତାକୁ ମନାଇବ କିଏ ?

---

## ଜଳକର ବ୍ୟବସ୍ଥା ।

ଓଡ଼ିଶାକାନାଲସମ୍ପର୍କୀୟ ଜଳାକରର ଅନୁସନ୍ଧାନ ନିମିତ୍ତ ସନ ୧୮୮୪।୮୫ରେ ଯେଉଁ କମିଶନ ବସିଥିଲା ଏବଂ ଯାହାଙ୍କର ରିପୋର୍ଟର ସାରମର୍ମ ଆମ୍ଭେମାନେ ଗତବର୍ଷ ପାଠକମାନଙ୍କୁ ଜଣାଇଥିଲୁଁ ସେହି ରିପୋର୍ଟ ସମ୍ବନ୍ଧରେ ବଙ୍ଗୀୟଗବର୍ଣ୍ଣମେଣ୍ଟଙ୍କ ମନ୍ତବ୍ୟ ଏତେଦିନେ ବାହାରିଅଛି । ଆମ୍ଭେମାନେ ଉକ୍ତ

Digitized by srujanika@gmail.com

Split by PDF Splitter

310



ମନ୍ତବ୍ୟର ପ୍ରତିଲିପି ଅବଧି ଦେଖିବାକୁ ସମର୍ଥ ହୋଇ ନ ଥିବାରୁ ତହିଁର ବିସ୍ତାରିତ ବିବରଣ ପାଠକମାନଙ୍କୁ ଜଣାଇବାକୁ ଅକ୍ଷମ ହେଲୁଁ ମାତ୍ର ତହିଁର ସଂକ୍ଷେପ ମର୍ମ ଏହି ଯେ ଗବର୍ଣ୍ଣମେଣ୍ଟ ଏତେବେଳେ ବୁଝିପାରିଅଛନ୍ତି ଯେ ଓଡ଼ିଶାନାଲକାର୍ଯ୍ୟ ଆର୍ଥିକ ବିବେଚନାରେ ଲାଭକର ନୁହଇ । ମାନ୍ୟବର ଉଦର୍ସ ଷ୍ଟାମସନ ଏକଥା ସ୍ପଷ୍ଟାକ୍ଷରରେ ସ୍ୱୀକାର କରି ଅମ୍ଭମାନଙ୍କର ସହିତ ଐକ୍ୟ ହୋଇଅଛନ୍ତି ଏବଂ ବଳପୂର୍ବକ ଜଳକର ବସାଇବା କିମ୍ବା ପ୍ରକାରାନ୍ତରରେ ନାଲସକାଶେ ଭୂମିଉପରେ କୌଣସି କର ବସାଇବା ବର୍ତ୍ତମାନସମୟରେ ଉଚିତ ନୁହଇ ବୋଲି ସିଦ୍ଧାନ୍ତ କରିଅଛନ୍ତି । ନାଲକମିଶ୍ନରମାନେ ଯେସମସ୍ତ ପ୍ରସ୍ତାବ କରିଥିଲେ ତହିଁମଧ୍ୟରେ ରକ୍ଷକର ବସାଇବାର କଥାଟି ପ୍ରଧାନ ଥିଲା । ଗବର୍ଣ୍ଣମେଣ୍ଟ ଏହି ପ୍ରସ୍ତାବସମ୍ବନ୍ଧରେ ଏଠାକମିଶ୍ନର ଏବଂ ରେବିନ୍ୟୁ ବୋର୍ଡଙ୍କ ଅଭିପ୍ରାୟ ଗ୍ରହଣକରିଥିଲେ । ଅମ୍ଭମାନଙ୍କର କମିଶ୍ନର ଶ୍ରୀଯୁକ୍ତ ମେଟକାଫ ସାହେବ ଏହି କର ବସାଇବା ବିରୁଦ୍ଧରେ ଅନେକ ଅକାଟ୍ୟ ହେତୁ ଦର୍ଶାଇଥିବାରୁ ଗବର୍ଣ୍ଣମେଣ୍ଟ ତହିଁରେ ଐକ୍ୟ ହୋଇ କହିଅଛନ୍ତି କି ଆଗାମୀ ବନ୍ଦୋବସ୍ତପର୍ଯ୍ୟନ୍ତ ଜମିଦାର କିମ୍ବା ଅପରଭୂମ୍ୟଧିକାରୀଙ୍କ ଉପରେ କୌଣସି କର ବସିବ ନାହିଁ । ବନ୍ଦୋବସ୍ତସମୟର ଭୂମିକର ବସାଇବାସମୟରେ ନାଲର କାର୍ଯ୍ୟକାରିତା ବିବେଚିତ ହେବ ଏବଂ ତଦ୍ଦ୍ୱାରା ଅନେକ କର ବୃଦ୍ଧି ହୋଇପାରିବ ବୋଲି ଗବର୍ଣ୍ଣମେଣ୍ଟଙ୍କର ଆଶା ଅଛି । ଗବର୍ଣ୍ଣମେଣ୍ଟଙ୍କର ଏ ବିଚାର ଉତ୍ତମ ହୋଇଅଛି ଏବଂ ଅମ୍ଭମାନଙ୍କ କମିଶ୍ନରସାହେବଙ୍କ ଯୋଗୁଁ ଆପାତତଃ ଗୋଟିଏ ଅନ୍ୟାୟକରରୁ ଓଡ଼ିଶାବାସୀମାନେ ରକ୍ଷା ପାଇଲେ ବୋଲି ଅମ୍ଭେମାନେ ସାହେବପ୍ରଙ୍ଗଶିଭଙ୍କୁ ଶତ ଧନ୍ୟବାଦ ଦେଉଅଛୁଁ । ଓଡ଼ିଶାବାସିମାନେ ଏହାଙ୍କ କୃତଜ୍ଞତା ସହିତ ବହୁକାଳ ସ୍ମରଣ ରଖିବେ । ଯେଉଁଠାରେ ନାଲଯୋଗେ ଜମି ଉଠିଥିବାର ବନ୍ଦୋବସ୍ତସମୟରେ ନିୟମିତ ଅନୁସନ୍ଧାନଦ୍ୱାରା ପ୍ରକାଶ ପାଇବ ସେଠାରେ ଉଚିତ କର ଦେବାକୁ କାହାର ଆପତ୍ତି ହେବ ନାହିଁ । କିନ୍ତୁ ବର୍ତ୍ତମାନ ଗୋଟିଏ ଅନାଧୂନକରରୁ ଓଡ଼ିଶାବାସିମାନେ ରକ୍ଷାପାଇଲେ ସାମାନ୍ୟ ଆନନ୍ଦର ବିଷୟ ନୁହଇ । ଏହିରୂପେ ନାଲକମିଶ୍ନରମାନଙ୍କ ପ୍ରଧାନ ଓ ଅତି ଅନିଷ୍ଟକର ପ୍ରସ୍ତାବକୁ ଗବର୍ଣ୍ଣମେଣ୍ଟ ଅଗ୍ରାହ୍ୟ କରି ସେମାନଙ୍କର ଅନ୍ୟ ଗୋଟିଏ ପ୍ରସ୍ତାବ ଅର୍ଥାତ୍ ଜଳକରବନ୍ଦୋବସ୍ତ କାର୍ଯ୍ୟ କାସ୍ତକମାସ୍ତଗାମହକୁମାଦ୍ୱାରା ହେବାର ପ୍ରସ୍ତାବକୁ ମଞ୍ଜୁର କଲେ ଏବଂ ତଦନୁସାରେ ଉକ୍ତ କାର୍ଯ୍ୟ କେନାଲରେବିନ୍ୟୁମହକୁମାର କାସ୍ତକମାସ୍ତଗାମହକୁମାକୁ ବଦଳ ହୋଇ ଯାଇଅଛି । କମିଶ୍ନରମାନେ ଭରସା ଦେଇଅଛନ୍ତି ଯେ କାସ୍ତକମାସ୍ତଗାକର୍ମଚାରୀମାନେ ବିବେଚନାପୂର୍ବକ ଏକାର୍ଯ୍ୟ କରିବେ ଏବଂ ପ୍ରଜାଙ୍କପ୍ରତି କଠିନ ହେବେ ନାହିଁ ତାହା ହେଲେ ଏଥିରେ କାହାର ଆପତ୍ତି ହେବ ନାହିଁ ।

ପ୍ରଜାମାନଙ୍କ ପ୍ରଧାନଶୁଭାର ପାଟ୍ଟନାଲି ଏବଂ ଉସ୍ଲି ସମ୍ପର୍କୀୟ ଅଭ୍ୟାଗ୍ରର ଥିଲା । ଏହି ଦୁଇପ୍ରକାର ଅଭ୍ୟାଗ୍ରନିବାରଣ ଉଦ୍ଦେଶ୍ୟରେ କମିଶ୍ନରମାନେ କେତେଗୁଡ଼ିଏ ପ୍ରସ୍ତାବ କରିଥିଲେ । ଗବର୍ଣ୍ଣମେଣ୍ଟ ସେ ସମସ୍ତ ମଞ୍ଜୁର କରିଅଛନ୍ତି । କଲେକ୍ଟରୀକଚେରୀରେ ସାର୍ଟିଫିକଟ କାର୍ଯ୍ୟ ହେଲା ଦିନରୁ ଉସ୍ଲର ଅଭ୍ୟାଗ୍ରର ପ୍ରାୟ ଶୁଣିବାରେ ଆସୁ ନାହିଁ ଏବଂ ପାଟ୍ଟନାଲିଦ୍ୱାରା ଲୋକଙ୍କୁ ନାଲଜଳ ନେବା ପାଇଁ ବାଧ୍ୟ କରା ହେଉଥିବାର ଗବର୍ଣ୍ଣମେଣ୍ଟ ସ୍ୱୀକାର କରି ତାହା ନିବାରଣ ପକ୍ଷରେ ଆଦେଶ ପ୍ରଚାର କରିଅଛନ୍ତି । କଟକର ହିନ୍ଦୁସଭା ଏବଂ ବାଲେଶ୍ୱରର ଜାତୀୟସଭା ଏହି ଦୁଇ ଅଭ୍ୟାଗ୍ରର ପ୍ରମାଣ କରିବାକୁ ଯେତେ ଯତ୍ନ କରିଥିଲେ କମିଶ୍ନରଙ୍କ ରିପୋର୍ଟସଙ୍ଗେ ସେ ସବୁ ଛପା ହୋଇଅଛି । ଏବଂ ଗବର୍ଣ୍ଣମେଣ୍ଟଙ୍କର ତହିଁରେ ମନ ମାନିବାରୁ ସେ ସବୁ ଅଭ୍ୟାଗ୍ରର ନିବାରଣର ଉପାୟ କରିଦେଲେ ସୁଖର ବିଷୟ ବୋଲିବାକୁ ହେବ । ବଡ଼ ଦୁଃଖର ବିଷୟ ଯେ ସମ୍ପାଦକ ସ୍ତାମାୟୁବାଜମଙ୍କୁ ସନ୍ତୁଷ୍ଟ କରି ଆପଣା ସ୍ୱାର୍ଥସାଧନଆଶାରେ ଗତ ସପ୍ତାହର ଇଂରାଜଗ୍ରନ୍ଥରେ ଲେଖି ଅଛନ୍ତି କି ଉତ୍କଳଦୀପିକା ଓ ଉତ୍କଳଦର୍ପଣ ନାଲ ଅଭ୍ୟାଗ୍ରର କଥା ଉଠାଇ ଅନେକ ଗଣ୍ଡଗୋଳ କଲେ ମାତ୍ର କମିଶ୍ନରମାନେ ଯେତେବେଳେ ଅନୁସନ୍ଧାନ କରିବାକୁ ଆସିଲେ କିଛି ପ୍ରମାଣ ଦେଲେ ନାହିଁ । କେନ୍ତୁ ଏପରି ମାତଆଶା କଦାଚ ସଫଳ ହେବ ନାହିଁ ଏବଂ ଯେ ସ୍ଥଳେ ସ୍ଥାନୀୟ ହାକମମାନେ ଜାଣନ୍ତି ଯେ କମିଶ୍ନରମାନେ ଆପଣା ରିପୋର୍ଟରେ ଉକ୍ତ ଅଭ୍ୟାଗ୍ରର କଥା ଅସ୍ୱୀକାର କରି ନାହାନ୍ତି ଏବଂ ଗବର୍ଣ୍ଣମେଣ୍ଟ ତହିଁର ଅସ୍ତିତ୍ୱ ହୃଦୟଙ୍ଗମ କରି ପ୍ରତିବିଧାନ କରି ପାରିଅଛନ୍ତି ସେ ସ୍ଥଳେ ସେମାନେ ଓଡ଼ିଶାବାସି ଅପଦେଲୋକଙ୍କ ପରି ସମ୍ପାଦକଙ୍କୁ ବିଲକ୍ଷଣ ଚିହ୍ନି ପାରିବେ ଏଥିରେ କିଛି ସନ୍ଦେହ ନାହିଁ । ସମ୍ପାଦକ ମୂର୍ଖସ୍ଥାନରେ ଜଗତକୁ ଠକିବାକୁ ବସି ଅଛନ୍ତି ମାତ୍ର ଏହା କେତେବେଳେ ହୋଇ ନାହିଁ କି ବର୍ତ୍ତମାନ ହେବ ନାହିଁ ।

---

## ଶିକ୍ଷାବନ୍ଧୁ ଓ ଉତ୍କଳପାଠ୍ୟପୁସ୍ତକ ।

ଗତ ପ୍ରକାଶିତ ଶିକ୍ଷାବନ୍ଧୁରେ ସାଧାରଣରୂପେ ଉତ୍କଳସାହିତ୍ୟ ଏବଂ ବିଶେଷରୂପେ ବାବୁ ଚତୁର୍ଭୁଜପଟ୍ଟନାୟକଙ୍କ କୃତ ସ୍ୱାସ୍ଥ୍ୟସାଧନସମ୍ବନ୍ଧରେ ଗୋଟିଏ ସମାଲୋଚନା ବାହାରିଅଛି । ଉତ୍କଳସାହିତ୍ୟବିଷୟରେ ଲେଖକ ଏହିମତ ପ୍ରକାଶ କରିଅଛନ୍ତି କି "ବର୍ତ୍ତମାନକାଳରେ ଯେଉଁସବୁ ଓଡ଼ିଆପୁସ୍ତକ ବାହାରୁଅଛି ତହିଁ ସମ୍ପ୍ରଦାୟ ଯେ କେବଳ ଅର୍ଥଲିପ୍ସୁମାନଙ୍କଦ୍ୱାରା ସ୍ୱାର୍ଥସାଧନବିଷୟରେ ହେଉଅଛି ସେଥିରେ ଅଣୁମାତ୍ର ସନ୍ଦେହ ନାହିଁ" ଏବଂ "ଏହି ସବୁ ଅକର୍ମଣ୍ୟର ପୁସ୍ତକମାନଙ୍କର ପ୍ରଚୁର ଆବର୍ଜନ ହୋଇଥିବାରୁ ସାଥୀର ଲୋକମାନେ ସ୍ୱାର୍ଥବିରୋଧମଧ୍ୟରେ ପଡ଼ି" ଦୀପିକା ସମ୍ପାଦକ ବାହିକା ପ୍ରଭୃତି ପତ୍ରିକା ଯୋଗେ ପରସ୍ପରପ୍ରତି ଇର୍ଷାବାଣ ଫିଙ୍ଗୁଅଛନ୍ତି । ଅମ୍ଭେମାନେ ବାଧ ହୋଇ କହୁଅଛୁଁ ଯେ ଏଥିର ଠିକ ତାତ୍ପର୍ଯ୍ୟ ବୁଝା ଯାଉ ନାହିଁ ଏବଂ ବାସ୍ତବରେ ଶିକ୍ଷବନ୍ଧୁ ଗୋଟିଏ ଭ୍ରମଭ୍ରମରେ ପଡ଼ି ସମସ୍ତଙ୍କୁ ଏକା ଦରରେ ଗ୍ରହଣ କରିଅଛନ୍ତି । ଉତ୍କଳସାହିତ୍ୟର ବର୍ତ୍ତମାନ ଅବସ୍ଥା ସେ ଯାହା ବର୍ଣ୍ଣନା କରି ଅଛନ୍ତି ଦୀପିକା ଓ ବାହକାର ଠିକ ସେହିମତ । ଏହି ଦୁଇପତ୍ରିକା ବର୍ତ୍ତମାନର ପାଠ୍ୟପୁସ୍ତକ ସବୁକୁ ଶିକ୍ଷାବନ୍ଧୁଙ୍କ ପରି ନିନ୍ଦା କରି ଶିକ୍ଷାବିଭାଗୀୟ କର୍ମଚାରୀଙ୍କ ବର୍ତ୍ତମାନ କାର୍ଯ୍ୟପ୍ରଣାଳୀ ତହିଁର କାରଣସ୍ୱରୂପ ନିର୍ଦ୍ଦେଶ କରିଅଛନ୍ତି । ସମ୍ପାଦକ ଏହିସବୁ ପୁସ୍ତକ ଭଲ ଏବଂ ଉକ୍ତକାର୍ଯ୍ୟପ୍ରଣାଳୀ ନିର୍ଦ୍ଦୋଷ ବୋଲି ପ୍ରତିବାଦ କରୁ ଅଛନ୍ତି । ଏମନ୍ତ ଅବସ୍ଥାରେ ଉଭୟ-ପତ୍ରିକା ସମାନରୂପ ନିନ୍ଦନୀୟ କିପରି ହେଲେ ଅମ୍ଭେମାନେ ବୁଝି ପାରିଲୁଁ ନାହିଁ । ସହଯୋଗିଙ୍କର ଏକଥା ଟିକିଏ ବାହୁଲ୍ୟରୂପେ ବୁଝାଇ ଦେବାର ଉଚିତ ହେଉଅଛି ତାହା ନ କଲେ କେବଳ ପତ୍ରିକାମାନଙ୍କୁ

Digitized by srujanika@gmail.com

Split by PDF Splitter



ନିନ୍ଦା କରିବା ତାହାଙ୍କର ଉଦ୍ଦେଶ୍ୟ ବୋଲି ବିବେଚିତ ହେବ ।

ଏହିପରି ସ୍ୱାସ୍ଥ୍ୟସାଧନବିଷୟରେ ଶିକ୍ଷାବନ୍ଧୁଙ୍କ ମତ ବିଚିତ୍ର ପ୍ରକାରର ହୋଇଅଛି । ଉକ୍ତ ପୁସ୍ତକ ଗ୍ରନ୍ଥକାର ଦେଶ କାଳ ପାତ୍ର ନ ବିଚାରି କେତେ ସ୍ଥଳରେ ଉପଗମନୀୟ ସ୍ୱାଦରେ ଲେଖିବାର ଶିକ୍ଷାବନ୍ଧୁ ଆମ୍ଭମାନଙ୍କ ସହିତ ଐକ୍ୟ ହୋଇ ସ୍ୱୀକାର କରି ଅଛନ୍ତି କେବଳ ଅଧିକା ଏତିକି କହିଅଛନ୍ତି ଯେ ଯାହା ଦୋଷ ନୁହେ ଦୀପିକା ତାହା ଦୋଷ ବୋଲି ଧରିଅଛନ୍ତି ଏବଂ ସର୍ଷପ କଣାତୁଲ୍ୟ ଦୋଷକୁ ବିଲ୍ୱପ୍ରମାଣ ପ୍ରତିପନ୍ନ କରିଅଛନ୍ତି । ଅଥଚ ସ୍କୁଲରେ ଏ ପୁସ୍ତକ ଉଚ୍ଚପ୍ରାଇମେରି ବିଦ୍ୟାଳୟର ଉପଯୋଗୀ ହୋଇଅଛି ବୋଲି ମତ ଦେଇଅଛନ୍ତି । ଯେଉଁ ପୁସ୍ତକ ଦେଶ କାଳ ପାତ୍ର ବିବେଚନାରେ ଲିଖିତ ହୋଇ ନାହିଁ ଏବଂ ଯେଉଁସ୍ଥଳେ ସମସ୍ତେ ଜାଣନ୍ତି ଯେ ଅନେକଗୁଡ଼ିଏ ସର୍ଷପ ମିଶି ବିଲ୍ୱପରି ହୋଇପାରେ ଏବଂ ପିଲାଙ୍କ ମନରେ ସର୍ଷପ ପ୍ରମାଣ ଦୋଷ ରୋପଣ କଲେ କାଳେ ତହିଁର ଫଳ ବିଲ୍ୱପ୍ରମାଣ ହେବ ସେସ୍ଥଳେ ଉକ୍ତ ପୁସ୍ତକ କିପରି ପାଠ୍ୟର ଉପଯୋଗୀ ହେଲା ଆମ୍ଭେମାନେ ଧାରଣା କରି ପାରୁ ନାହୁଁ । ଶିକ୍ଷାବନ୍ଧୁ ପାଠ୍ୟପୁସ୍ତକ ସମାଲୋଚନାର ଉପଯୁକ୍ତ ସ୍ଥାନ ହୋଇଅଛି, ସେଥିରେ ଏପରି ବିରୁଦ୍ଧଭାବାପନ୍ନ ସଂକ୍ଷିପ୍ତ ମତ ପ୍ରକାଶ ହେଲେ କାହାର ଭ୍ରମଦୂର ହେବାର ନୁହେ । ଶିକ୍ଷାବନ୍ଧୁର ଲେଖକ ଯେଉଁସ୍ଥଳେ ଏ ପୁସ୍ତକକୁ ପଢ଼ିଥିବାର ବ୍ୟକ୍ତ କରୁଅଛନ୍ତି ସେସ୍ଥଳେ ଅବଶ୍ୟ ତହିଁରେ ଏମନ୍ତ ଗୁଣଭାଗ ଦେଖି ଅଛନ୍ତି ଯେ ଯାହା ଉପରଲିଖିତ ଦୋଷମାନଙ୍କୁ ଘୋଡ଼ାଇ ପକାଇ ପୁସ୍ତକର ଉତ୍କୃଷ୍ଟତା ପ୍ରତିପନ୍ନ କରୁଅଛି । କିନ୍ତୁ ସେସବୁ ପାଠକମାନଙ୍କୁ ଦେଖାଇ ଦେବାର ଉଚିତ ଥିଲା । କେବଳ ଦୀପିକାର ସମାଲୋଚନାର ସମାଲୋଚନା କରି ତୁନ ହୋଇ ରହିବା ଯଥେଷ୍ଟ ବୋଲିଯାଇ ନ ପାରେ । ଦୀପିକାର ମତରେ ଭ୍ରମ ଥିବା ଆଶ୍ଚର୍ଯ୍ୟ ନୁହଇ ମାତ୍ର ସେ ଭ୍ରମ ମତ ପ୍ରଭେଦ ଘଟିବା ଏବଂ ଆପଣା ମତର ପୋଷକତାରେ ଉଦାହରଣ ଦେଖାଇ ନ ହେଲେ ପାଠକମାନେ କିପରି ବିଶ୍ୱାସ କରିବାକୁ ସମର୍ଥ ହେବେ ? ଏପରି ଶିକ୍ଷାବନ୍ଧୁ ଲେଖିଅଛନ୍ତି ଯେ ଗ୍ରନ୍ଥକାର “ ଏକସ୍ଥାନରେ ହେବାର୍ଜିନା ପ୍ରଭୃତିକି ଲୁଟେରା ବୋଲି ଉଲ୍ଲେଖ କରି ଶତ୍ରୁମାନଙ୍କ ଆକ୍ରମଣର ସ୍ଥଳ ହୋଇ ଅଛନ୍ତି”। ଏଠାରେ ‘ଶତ୍ରୁ’ ପଦର ଲକ୍ଷ୍ୟସ୍ଥଳ କେଉଁମାନେ ଅଥବା କାହାର ଶତ୍ରୁ ସ୍ପଷ୍ଟ ବୁଝିବାର କହି ଦେଇଥିଲେ ଭଲ ହୋଇଥାନ୍ତା । ସମ୍ପ୍ରତି ହିନ୍ଦୁଧର୍ମାବଲମ୍ବୀଙ୍କ ପ୍ରତି କଟାକ୍ଷ ହୋଇଅଛି ଏବଂ ତାହା ହେଲେ ଏହାକୁ ନିରପେକ୍ଷ ବିଚାର ବୋଲିଯାଇ ନ ପାରେ । ସ୍ଥଳରେ ଶିକ୍ଷାବନ୍ଧୁଙ୍କ ସମାଲୋଚନାରୁ ଏହି ଭାବ ପ୍ରକାଶ ହେଉଅଛି ଯେ ସେ ମୂଳବିଷୟର ପ୍ରକୃତ ମର୍ମ ଗ୍ରହଣ କରିବାକୁ ସମର୍ଥ ହୋଇଅଛନ୍ତି ମାତ୍ର ଯେମନ୍ତ ଅନର୍ଥ ଘଟିବାର ଭୟରେ ସ୍ୱାଧୀନ ଭାବରେ ତାହା ବ୍ୟକ୍ତ କରିବାକୁ ସାହାସୀ ହୋଇ ନାହାନ୍ତି । ଓଡ଼ିଆ ପାଠ୍ୟପୁସ୍ତକର ବର୍ତ୍ତମାନ ଶୋଚନୀୟ ଅବସ୍ଥା ସେ ଅପରସାଧାରଣଙ୍କ ପରି ବୁଝି ପାରି ଅଛନ୍ତି ମାତ୍ର ଏତିକି କହି ନୀରବ ରହିଲେ ଦୀପିକା ଓ ସମ୍ବାଦବାହିକା ସହିତ ଐକ୍ୟ ହେବାର ବୋଲିଯିବ ସୁତରାଂ ଶିକ୍ଷାବିଭାଗର କାର୍ଯ୍ୟ ପ୍ରତି ଯେ ସମସ୍ତ ତୀବ୍ର ସମାଲୋଚନା ବାହାରିଅଛି ତହିଁର ପୋଷକତା କରିବା ଶିକ୍ଷାବନ୍ଧୁଙ୍କର ଉଚିତ କାର୍ଯ୍ୟ ହେବ ନାହିଁ ଏଥିସକାଶେ ଉକ୍ତ ଦୁଇପଙ୍କ୍ତିକାର ନିନ୍ଦା କରି ଯାଇଅଛି । ଏଣେ ସଂସ୍କାରକକୁ ଖଣ୍ଡଦେଲେ ସତ୍ୟର ଅପଲାପ ଘଟିବ ବୋଲି ତାହାକୁ ମଧ୍ୟ ପ୍ରଥମଲିଖିତ ଦୁଇ ପଙ୍କ୍ତିକା ସଙ୍ଗେ ମିଶାଇ ଦେଇଅଛନ୍ତି । ଏହିପରି ‘ସ୍ୱାସ୍ଥ୍ୟସାଧନ’ ପୁସ୍ତକ ଯେ ଭଲ ହୋଇ ନାହିଁ ତାହା ସେ ବିଲକ୍ଷଣ ବୁଝି ଅଛନ୍ତି ମାତ୍ର ଏକଥା ସ୍ପଷ୍ଟକରି କହିଲେ ପାଠ୍ୟପୁସ୍ତକକମିଟୀର କାର୍ଯ୍ୟପ୍ରତି ଦୋଷ ପଡ଼ିବ ଏବଂ ପୁଣି ସେହି ଦୀପିକାର ପୋଷକତା କରିବା ହେବ ଅତଏବ ଉକ୍ତ ପୁସ୍ତକକୁ ପାଠ୍ୟପୁସ୍ତକର ଉପଯୋଗୀ ଏବଂ ଦୀପିକାକୁ ଶତ୍ରୁ ଅଥବା ଅନର୍ଥକ ଛିଦ୍ରାନ୍ୱେଷୀ ବୋଲି କୁହା ଯାଇଅଛି । କିନ୍ତୁ ଏହିଲ କଥା ଆମ୍ଭମାନଙ୍କ ମନକୁ ଆସୁ ନାହିଁ । ମନରେ ଯେଉଁ ଭାବ ଉଦୟ ହେବ ସ୍ୱାଧୀନଭାବରେ ତାହା ପ୍ରକାଶ କରିବା ସାଧାରଣ ପତ୍ରିକାର ଧର୍ମ ଅଟଇ । ଏଥିରେ ଉଣା ଅଧିକ ହେଲେ ଅନର୍ଥ ବିନା ଲାଭ ନାହିଁ । ସ୍ପଷ୍ଟବକ୍ତା ସମୟରେ ଅପ୍ରୀତିଭାଜନ ହୁଅଇ ସତ୍ୟ ମାତ୍ର ସାଧାରଣହିତୋଦ୍ଦେଶରେ ତାହା ବାଞ୍ଛନୀୟ ଅଟଇ ।

# ସାପ୍ତାହିକ ସଂବାଦ ।

ଏ ନଗରର ଅନତିଦୂର ବେଲଗଛିଆ ଗ୍ରାମରେ ଏକ ବ୍ୟକ୍ତିଘରେ ଡକାଏତି ହୋଇଥିବାର କଥିତ ହୁଅଇ । ଡକାଏତମାନେ ହାତହତିଆର ସହିତ ମସାଲ ଜାଳି ପ୍ରାୟ ୩ ହଜାର ଟଙ୍କାମୂଲ୍ୟର ନଗଦ ଓ ଦ୍ରବ୍ୟାଦି ଲୁଟି କରିଅଛନ୍ତି ପୁଲିସ ତଦାରଖ ଲାଗିଅଛି ପ୍ରକୃତ କଥା ଶୀଘ୍ର ଜଣାପଡ଼ିବ ।

ପୁରୀ ହାଇସ୍କୁଲର କେତେଜଣ ଛାତ୍ର ସେଠା ହେଡ଼ପଣ୍ଡିତଙ୍କ ନାମରେ ଅନ୍ୟାୟପୂର୍ବକ ପୁରସ୍କାର ବାଣ୍ଟିଥିବାର ଗୁହାରି କରିବାରୁ ତହିଁର ଅନୁସନ୍ଧାନ ନିମନ୍ତେ ଇନସ୍ପେକ୍ଟରଙ୍କ ପ୍ରତି ଆଦେଶ ହୋଇଅଛି ।

କେନ୍ଦ୍ରାପଡ଼ାରୁ ସମ୍ବାଦ ପାଇଅଛୁଁ ଯେ ସେଠାରେ ଲୁଣର ଦର ବଡ଼ ଚଢ଼ା ହୋଇଅଛି । ଭଲ ନଈପଡ଼ି ନ ହେବାରୁ ପୁରୀରୁ ଲୁଣ ଆସି ପାରୁ ନାହିଁ ଏଥିପାଇଁ ସଦର ମୋଫସଲ ସକଳସ୍ଥାନରେ ଲୁଣର ମୂଲ୍ୟ ଅଧିକ ହୋଇଅଛି ।

କେନ୍ଦ୍ରାପଡ଼ାରେ ଏଥର ୫।୬ ଗଣେଶପ୍ରତିମା ହୋଇଅଛି । ଗଣେଶଙ୍କ ପୂଜା ଏ ଜିଲାର ସକଳସ୍ଥାନରେ ବଢ଼ୁଅଛି ।

କେନ୍ଦ୍ରାପଡ଼ା ମିଉନିସିପଲ ହାସପାତାଲ ପାଇଁ ଗୋଟିଏ ପକ୍କା ଘର ନିର୍ମାଣ ହୋଇଅଛି ।

ଗୁଣ୍ଡୋଲ ସ୍କୁଲ ଘର ବେମରାମତ ହେବାରୁ ତୋହରିଗ୍ରାମରେ ସ୍କୁଲ ହେଉଅଛି ମାତ୍ର ଯାତାୟାତ ପକ୍ଷରେ ବଡ଼ କଷ୍ଟ ହେଉଅଛି ।

ବାବୁ ଜଗନ୍ନାଥଭ୍ରମରବରଙ୍କ ଠାକୁରମନ୍ଦିରରେ ଥିବା ବୈଷ୍ଣବମାନଙ୍କ ମଧ୍ୟରୁ ଏକଜଣର ଘୋଡ଼ା ପାଗଳ ହୋଇ ଦୁଇଜଣଙ୍କୁ କ୍ଷତବିକ୍ଷତ କରିଅଛି ।

କଲିକତା ଗେଜେଟ ।

ମିଃ କେ ଜି ଗୁପ୍ତ ଧନାଜପୁରର ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ଅନ୍ୟାଜ୍ଞା ପର୍ଯ୍ୟନ୍ତ ନିଯୁକ୍ତ ହେଲେ-

ପୁରୀର ପୋଲିସ ଇଲାକାର ଡେଃ ସୁପରିଣ୍ଟେଣ୍ଡେଣ୍ଟ ମିଃ ଅର୍ ଏଫ୍ ଗାଇସି ଦରଭଙ୍ଗାକୁ ବଦଳିହେଲେ ଓ ତାଙ୍କ କାର୍ଯ୍ୟରେ ସାମିଗମର ଅଃ ସୁପରିଣ୍ଟେଣ୍ଡେଣ୍ଟ ମିଃ ଏର୍ ଏମ୍ ଫେରସ୍ ନିଯୁକ୍ତହେଲେ ।

କଟକଜିଲ୍ଲାର କୁଜଙ୍ଗ କିଲ୍ଲାର ଭୂତମୁଣ୍ଡି ଗ୍ରାମର କେତେକଜଣ ସେଠାର ଇନସ୍ପେକ୍ସନ୍ ବଙ୍ଗଳା ନିମନ୍ତେ ଗବର୍ଣ୍ମେଣ୍ଟ ଜମି ଦେବାରୁ ଅନୁଗ୍ରହ ପ୍ରକାଶ କରିଅଛନ୍ତି । ଏଥିର ବିଶେଷ ବିଷୟମାନ ଗତ କଲିକତାଗେଜେଟରେ ପ୍ରକାଶିତ ହୋଇଅଛି ।

ମିଃ ଏର୍ ଏମ୍ ଡଭ୍‌ନ୍ ସାହେବ ( ଯେ ପୂର୍ବରେ ଏଠାର ମାଜିଷ୍ଟ୍ରେଟ ଥିଲେ ) ଆସାମର ଜଜ ଓ କମିଶନ ପଦରେ ଅନ୍ୟାଜ୍ଞାପର୍ଯ୍ୟନ୍ତ ନିଯୁକ୍ତ ହୋଇଛନ୍ତି-

---

ଅତ୍ୟନ୍ତ ଶୁଭ ସମ୍ବାଦଯେ ସମ୍ବାଦପତ୍ରର ରିପୋର୍ଟରମାନେ, ବିଶ୍ୱବିଦ୍ୟାଳୟର ସିନେଟ୍ ସଭରେ ପ୍ରବେଶଅଧିକାର ପାଇବେ

ଉପସ୍ଥିତବର୍ଷର ବିଶ୍ୱବିଦ୍ୟାଳୟପରୀକ୍ଷାର ମଡରେଟର ଅବା ମଧ୍ୟସ୍ଥ ଚାରିଜଣ ନିଯୁକ୍ତ ହୋଇଛନ୍ତି ମିଃ ଟନି, ମିଃ ଫେ ଡାକ୍ତର ମହେନ୍ଦ୍ରଲାଲ ସରକାର ଓ ଡାକ୍ତର ଗୁରୁଦାସ ବାନ୍ଦୁଯ୍ୟ ।

ମିଃ ଇଲବର୍ଟ ସାହେବଙ୍କ କାର୍ଯ୍ୟ ମିଃ ଆଣ୍ଡ୍ରି ସ୍କୋବଲ ସାହେବଙ୍କୁ ଅର୍ପଣ କରାଯାଇଅଛି । ଏହିଜଣେ ରାଜନୀତିରେ ରକ୍ଷଣଶୀଳଦଳର ଲୋକ ।

ମାନ୍ଦ୍ରାଜର ଗବର୍ଣ୍ଣରପଦରେ ରବର୍ଟବୁର୍କ ସାହେବ ନିଯୁକ୍ତହୋଇ ଅଛନ୍ତି । ଆଗତ ଅକ୍ଟୋବର ବା ନବମ୍ବର ମାସରେ ଭାରତବର୍ଷାଭିମୁଖରେ ଯାତ୍ରା କରିବେ ।

Digitized by srujanika@gmail.com

ଶ୍ରୀମତୀ କାଦମ୍ବିନୀ ଗଙ୍ଗୋପାଧ୍ୟାୟ ବିଗତ ପ୍ରଥମ ଏମ ବି ପରୀକ୍ଷାରେ ଏନାଟମି ଓ ମେଟିରିଆ ମେଡିକା ଏହି ଦୁଇବିଷୟରେ ଫେଲ ହୋଇଥିଲେ । ଅସ୍ମେମାନେ ଶୁଣି ଖୁସୀ ହେଲୁଁ ଯେ ସିଣ୍ଡିକେଟ ଗ୍ରେସନମ୍ବର ଦେଇ ତାଙ୍କୁ ଉତ୍ତୀର୍ଣ୍ଣ କରଇଛନ୍ତି ।

ମହାରାଣୀ ସ୍ୱର୍ଣ୍ଣମୟୀ ବହରମପୁରକଲେଜର ବ୍ୟୟଭାର ବହନ କରିବାକୁ ସମ୍ମତ ହୋଇଛନ୍ତି ମହାରାଣୀଙ୍କ ବଦାନ୍ୟତା ଅସୀମ ଓ ଅକଥନୀୟ ।

କଲିକତା ହାଇକୋର୍ଟ ଦଶହରାଉପଲକ୍ଷରେ ଆଗାମୀ ସୋମବାରଠାରୁ ବନ୍ଦ ହୋଇ ନବମ୍ବର ମାସ ତା ୧୭ ରିଖ ପର୍ଯ୍ୟନ୍ତ ବନ୍ଦ ହେବ ।

ବ୍ରହ୍ମଦେଶକୁ ବଳକା ସୈନ୍ୟ ପଠାଇବା କାରଣ ଲୋଟେ କାହାକ ଗବର୍ଣ୍ଣମେଣ୍ଟ ଚେଷ୍ଟା କରୁଅଛନ୍ତି ।—ଗବର୍ଣ୍ଣମେଣ୍ଟଙ୍କ ସୈନ୍ୟ ପଠାଇବାରେ ଅବସର ନାହିଁ କି ବିଦ୍ରୋହିମାନଙ୍କୁ ଗୋଳମାଳ କରିବାରେ ଅବସର ନାହିଁ ।

ଲାହୋରଠାରୁ ସମ୍ବାଦ ଆସିଅଛି ଯେ ଅମ୍ବାଲାଅଞ୍ଚଳରେ ଫସଲର ଅବସ୍ଥା ଅତ୍ୟନ୍ତ ମନ୍ଦ ଅଟେ । ଅଧିକବୃଷ୍ଟିଯୋଗେ ଫସଲ ଧୋଇ ଯାଇଥିଲା ଏବଂ ବର୍ତ୍ତମାନ ଯେ ବଳି ଥିଲା ତାହା ବୃଷ୍ଟି ଅଭାବରୁ ମରି ଯାଉଅଛି । ଅତିବୃଷ୍ଟି ଓ ଅନାବୃଷ୍ଟି ଏକତ୍ର ଯୋଗ ହେଲେ ଆଉ ରକ୍ଷା ନାହିଁ ।

ଗ୍ରୀସଦେଶରେ ଭୟାନକ ଭୂମିକମ୍ପ ହୋଇଥିବାର ସମ୍ବାଦ ଆସିଅଛି । ଏଭୂମିକମ୍ପ ସମୁଦାୟ ରାଜ୍ୟଖଣ୍ଡରେ ଅନୁଭୂତ ହୋଇଥିଲେହେଁ ପଶ୍ଚିମାଞ୍ଚଳରେ ଏଥିର ପ୍ରାଦୁର୍ଭାବ ଅତ୍ୟନ୍ତ ଅଧିକ ଥିଲା । ଏଭୂମିକମ୍ପଯୋଗେ ଫିଲିଆଟ୍ରା ନଗର ଏକାବେଳକେ ଧ୍ୱଂସ ହୋଇଅଛି ଓ ନ ୧୧୭ ଣ ଲୋକ ନଷ୍ଟ ଓ ଅନେକଲୋକ ଆଘାତପ୍ରାପ୍ତ ହୋଇଅଛନ୍ତି । ଇଟାଲିରାଜ୍ୟର ଦକ୍ଷିଣାଂଶ ଓ ମିଶରଦେଶରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଥିବାର କଥିତ ହୁଅଇ ଏବଂ ଅମେରିକା ଓ ଗଲ୍ୟାନ୍ୟ ଭୂମିକମ୍ପ ଅନୁଭୂତ ହୋଇଥିବାର ସମ୍ବାଦ ଆସିଅଛି ।

ବାବୁ ଲାଲମୋହନ ଘୋଷ ବିଲାତରୁ ପାର୍ଲିମେଣ୍ଟର ସଭ୍ୟ ହେବା ଉଦ୍ୟମରେ ହାରିଯାଇ କଲିକତାକୁ ଆସୁଥିବାର ସମ୍ବାଦ ମିଳଇ । କଥିତ ହୁଏ ସେ ଏଠାରେ କିଛି ଟଙ୍କା ଅର୍ଜ୍ଜି ପୁନର୍ବାର ଉକ୍ତ ଉଦ୍ୟମ ସଫଳାର୍ଥ ବିଲାତ ଯାତ୍ରା କରିବେ ।

ଜନରବ ଏମନ୍ତ ଯେ କାବୁଲର ଅମୀର ରୁଷିଆ ସଙ୍ଗେ ଯୁଦ୍ଧ କରିବାର ଅୟୋଜନ କରୁଅଛନ୍ତି । ଅସ୍ମମାନଙ୍କର ଗବର୍ଣ୍ଣମେଣ୍ଟ ନିଶ୍ଚିନ୍ତ ଥିବା ସ୍ଥଳେ ଏକଥାର ସତ୍ୟ ଥିବାର ବୋଧ ହେଉ ନାହିଁ ।

ମହାଭାରତର ଇଂରାଜୀ ଅନୁବାଦ କାର୍ଯ୍ୟ ନିମିତ୍ତ ବାବୁ ପ୍ରତାପଚନ୍ଦ୍ର ରାୟଙ୍କୁ ଉଲୁବାରର ମହାରାଜା ଟ ୫୦୦ ଙ୍କା ସାହାଯ୍ୟ ପ୍ରଦାନ କରିଅଛନ୍ତି । ଉତ୍ତମ ।

---

ପତ୍ରପ୍ରେରକଙ୍କପ୍ରତି ।

C.—Declined for want of space.
S. B.— Ditto

---

ପ୍ରେରିତପତ୍ର ।

ପ୍ରେରିତପତ୍ରର ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ ?

ଗତବର୍ଷରେ ଏହି ବାମନଘାଟୀ [ସବଡିଭିଜନରେ ମୟୂରଭଞ୍ଜମହାରାଜାଙ୍କର ଗୋଟିଏ ଦାତବ୍ୟ ଇଂରାଜୀ ଔଷଧାଳୟ ସ୍ଥାପିତ ହୋଇଅଛି । ଶ୍ରେଷ୍ଠ ଡାକ୍ତର ବାବୁ ରାମଲାଲଦାସ ଗୁପ୍ତ ଏହି ଚିକିତ୍ସାଳୟର ତତ୍ତ୍ୱାବଧାରକ ପଦରେ ନିଯୁକ୍ତହୋଇ କାର୍ଯ୍ୟ କରୁଅଛନ୍ତି । ଗତବର୍ଷର ବାର୍ଷିକବିବରଣୀ ପାଠରୁ ଜଣାଯାଏ ଯେ ନ ୨୨୬୯ ଣ ରୋଗୀ ଚିକିତ୍ସିତ ହୋଇଥିଲେ । ଏବର୍ଷ ଏହି ଛଅମାସରେ ନ ୧୫୦୦ ଣ ରୋଗୀ ଚିକିତ୍ସିତ ହୋଇଅଛନ୍ତି । ବାବୁଙ୍କର ସାନିଟାରି ରିପୋର୍ଟ ପଢ଼ି ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ଡାକ୍ତର ବାବୁ ଅତ୍ୟନ୍ତ ପରିଶ୍ରମ ଏବଂ କଷ୍ଟ ସ୍ୱୀକାରକରି ପ୍ରତ୍ୟେକ ଗ୍ରାମକୁ ଯାଇ ଦେଶର ଅବସ୍ଥା ସମସ୍ତ ଲେଖିଅଛନ୍ତି । ମୋଟକଥା ଜଳବାୟୁର ଅବସ୍ଥା ତେତେ ଅସ୍ୱାସ୍ଥ୍ୟକର ବୋଲି ରିପୋର୍ଟରେ ପ୍ରକାଶ ନାହିଁ । ଏଠାକାର ବେଶୀ ଅସଭ୍ୟ ଜଙ୍ଗଲିଅବସ୍ଥା ଏକାବେଳକେ ଉଠିଯାଇଅଛି ବୋଲିବାକୁ ହେବ । ଇଂରାଜୀଟୀକାର ଉପକାରିତା ସ୍ଥାନୀୟଲୋକଙ୍କୁ ବୁଝାଇଦେଇ ଭେକ୍‌ସିନେଟର ନିଯୁକ୍ତ କରିବାର କାରଣ ମାନନୀୟ ମ୍ୟାନେଜରମହାଶୟଙ୍କୁ ଅନୁରୋଧ କରିଅଛନ୍ତି । ଏ ଦେଶରେ ସ୍ୱାସ୍ଥ୍ୟୋନ୍ନତିର ନୂତନ ନିୟମମାନ ଆବିଷ୍କାର କରି ଲୋକମାନଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି । ବାବୁ ମହାଶୟ ଅତ୍ୟନ୍ତ ସରଳ, ସଦାଚାରୀ, କର୍ମଦକ୍ଷ, ସଚ୍ଚରିତ୍ର ଅଟନ୍ତି । ତାହାଙ୍କ ଦୃଢ଼କର୍ତ୍ତବ୍ୟ ଗୁଣରେ କି ହାକିମ, କି ସୁପିରିଣ୍ଟେଣ୍ଡେଣ୍ଟ, କି ସ୍ଥାନୀୟ କି ବିଦେଶୀୟ ସମସ୍ତେ ଅତ୍ୟନ୍ତ ସନ୍ତୁଷ୍ଟ । ଯେତେବେଳେ ପାର୍ବତୀୟ ସାନ୍ତାଳ, କୋଲ୍ହ, ଭୂମିଜପ୍ରଭୃତି ଅସଭ୍ୟଜାତୀୟ ଲୋକଙ୍କୁ ଡାକ୍ତର ବାବୁ ତାହାଙ୍କ ସୁଚିକିତ୍ସାରେ ସନ୍ତୁଷ୍ଟ ଏବଂ ସୁମିଷ୍ଟ କଥାର ଅଧୀନ କରିପକାଇ ଅଛନ୍ତି ତେତେବେଳେ ଶିକ୍ଷିତମାନେହେଁ ଯେ ଅବଶ୍ୟ ଖୁସୀ ଏବଂ ସନ୍ତୁଷ୍ଟ ହେବେ ତହିଁର ଅଡ଼ୁଆ କି ? ଏହାଙ୍କର ଚିକିତ୍ସାର ପାରଦର୍ଶିତା ଦେଖିଲେ ଅତ୍ୟନ୍ତ ଚମତ୍କୃତ ହେବାକୁ ହୁଏ । ବାସ୍ତବିକ ଉପଯୁକ୍ତପଦରେ ଉପଯୁକ୍ତ ଗୁଣୀଙ୍କର ଅର୍ପିତ ହୋଇଅଛି । ଈଶ୍ୱରଙ୍କଠାରେ ପ୍ରାର୍ଥନା ଯେ ଏପରି ସୁଚିକିତ୍ସକଙ୍କୁ ଦୀର୍ଘଜୀବନ ଦେଇ ସଂସାରରେ ଯଶସ୍ୱୀ କରନ୍ତୁ ।

ପରିଶେଷରେ ଏହାଙ୍କ ସୁଯୋଗ୍ୟ ଶିକ୍ଷକ ଭିଷକ୍‌ଶ୍ରେଷ୍ଠ ଡାକ୍ତର ଶ୍ରୀଯୁକ୍ତ ଷ୍ଟୁଅର୍ଟ ସାହେବଙ୍କୁ, ଅନ୍ୟତର ଅସ୍ତ୍ରବିଦ୍ୟାର ଶିକ୍ଷକ ବାବୁ ଚୁନିଲାଲ ଦାସଙ୍କୁ ଏବଂ ନିଯୁକ୍ତକର୍ତ୍ତା ମାନନୀୟ ମ୍ୟାନେଜର ଶ୍ରୀଯୁକ୍ତ ଓଯୁଲ ସାହେବଙ୍କୁ ଅମ୍ଭେ ଆନ୍ତରିକ ଧନ୍ୟବାଦ ଦେଉଅଛୁଁ । ଇତି ।

ସେଟଲମେଣ୍ଟ ଅଫିସ
ବାମନଘାଟୀ
୨୫।୮।୮୬
} ବଶମ୍ବଦ
ଶ୍ରୀ ପ୍ରବୋଧମାଧବ
ଆଦିତ୍ୟ ସଦଗ୍ରାମ ।

---

ମହାଶୟ !

ବର୍ତ୍ତମାନ କଟକ ସଙ୍ଗତ ସ୍କୁଲର କେତେକ ଜଣ ଶିକ୍ଷକଙ୍କ ଯତ୍ନଦ୍ୱାରା ଝାଞ୍ଜିରମଙ୍ଗଳାସାଇ ଭୁଜଙ୍ଗରାଜଙ୍କ ବଙ୍ଗଳାରେ ଗୋଟିଏ ମଧ୍ୟମଶ୍ରେଣୀ ଇଂରାଜୀବିଦ୍ୟାଳୟ ଗତମାସ ତା ୫ ରିଖରେ ସ୍ଥାପିତ ହୋଇଅଛି ଏହି କେତେଦିନ ମଧ୍ୟରେ ନ ୨୦ ଣ ପର୍ଯ୍ୟନ୍ତ ଛାତ୍ର ହୋଇଅଛନ୍ତି ଆଉ ଛାତ୍ରସଂଖ୍ୟା ଶୀଘ୍ର ବୃଦ୍ଧି ହୋଇ ପାରିବାର ଶୁଭଲକ୍ଷଣମାନ ଦେଖାଯାଉଅଛି, ଏହି ବିଦ୍ୟାଳୟଟି ସ୍ଥାୟୀ ହୋଇପାରିବା ବିଷୟରେ ଉପର୍ଯ୍ୟୁକ୍ତ ଶିକ୍ଷକମାନଙ୍କୁ ଶ୍ରୀଯୁକ୍ତ ବାବୁ ଶିବଚନ୍ଦ୍ର ପଟ୍ଟନାୟକ ଓ ଶ୍ରୀଯୁକ୍ତ ବାବୁ ହରେକୃଷ୍ଣ ସାହା ବିଶେଷ ସାହାଯ୍ୟ କରୁଅଛନ୍ତି, ଅମ୍ଭେ ସ୍କୁଲଟି ସ୍ଥାପିତ ହେବାର ଦେଖି ବିଶେଷ ଆନନ୍ଦିତ ହୋଇଅଛୁଁ କାରଣ ସହରର ଏ ଭାଗଟି ଅନ୍ୟାନ୍ୟ ଇଂରାଜୀବିଦ୍ୟାଳୟମାନଙ୍କରୁ ଦୂର ଅଟେ, ଅତଏବ ଏଠାରେ ସ୍କୁଲଟି ସ୍ଥାପିତ ହେବ ଦ୍ୱାରା ଏ ବିଭାଗର ଅନେକ ବାଳକଙ୍କର ଶିକ୍ଷାର ଯେ ବିଶେଷ ସୁବିଧା ହେବ ଏଥିରେ ଆଉ ସନ୍ଦେହ ନାହିଁ ଶିକ୍ଷକ ମହାଶୟମାନେ ସାଧାରଣହିତକର କାର୍ଯ୍ୟରେ ଯେପରି ଉତ୍ସାହିତ ହୋଇଅଛନ୍ତି ଏବଂ ସାହାଯ୍ୟଦାତାମାନେ ସାହାଯ୍ୟ ଦେଉଅଛନ୍ତି ସେହିପରି ଯେବେ ଦୃଢ଼ପ୍ରତିଜ୍ଞ ହୋଇ କାର୍ଯ୍ୟ କରିବେ ତେବେ ଅବଶ୍ୟ ଶୁଭଫଳ ଫଳିପାରିବ ଉତ୍ତମ କାର୍ଯ୍ୟ ହେବାର ଦେଖିଲେ ସ୍କୁଲର କର୍ତ୍ତୃପକ୍ଷମାନେ ସାହାଯ୍ୟ ଦାନ କରିପାରିବେ ସୁତରାଂ ଏ ଶୁଭ ଉଦ୍ଦେଶ୍ୟଟି ନିଶ୍ଚୟ ସାଧିତ ହୋଇପାରିବ ।

ତା ୯ ରିଖ ସେପଟେମ୍ବର ସନ ୧୮୮୬ ସାଲ

ଶ୍ରୀ———

---

ଶିବାଲୟେ ଭ୍ରମରଝଙ୍କାର ।

ପରଶାନ୍ତ ସୁଦା ଏକ ବଶମ କାରଣ ।
ଉପଗତ ହେଲେ ଏକ ମହାଦେବସ୍ଥାନ ॥
ପ୍ରବେଶମାତ୍ରକେ ଶୁଣି ଭ୍ରମରଙ୍କ ସ୍ୱନ ।

Digitized by srujanika@gmail.com

ଭାବୁଛନ୍ତି ମୌନଭାବେ ହୋଇ ନମ୍ରବଦ ॥
ଏଠାରେ ଅଛ ପଦ୍ମବନ ତାହିଁ କେଉଁଠାରେ
ତ ନମନ୍ତେ ଛେବେ ଏହି ଭ୍ରମର ବଦରେ
ଏମାନଙ୍କ ଝଙ୍କାରରେ ବଧିର ଏବଣି ।
ହୃଦସ୍ଥ ନୂତନରସେ ହୋଇଲା ଯେ ପୂର୍ଣ୍ଣ
ଯୋଗୀବର ମହାଦେବ ଯୋଗନଦ୍ୱାବଲେ ।
ନଦ୍ରିତ ଅଛନ୍ତି ପଶି ଏ ମହାମଣ୍ଡଳେ ॥
ସେ ଛଦ୍ରାଭଙ୍ଗ ନ ପାଇଁ କମଳମାଗଣ ।
ଏକବାକ୍ୟ ହୋଇ କଲେ ଭ୍ରମର ପ୍ରେରଣ ?
ଅବା କେଉଁ ଅର୍ତ୍ତଜନ କଷ୍ଟ ବର ଅଶେ ।
ପ୍ରେରିଅଛ ଭ୍ରମରକୁ ଭୂତଳଥପାଶେ ॥

ଶ୍ରୀ ଭଗବତୀଚରଣ ଦାସ
କେନ୍ଦ୍ରାପଡ଼ା

## ବି ଜ୍ଞା ପ ନ ।

। ହୁ । ଶ୍ରୀଯୁକ୍ତ ସାହେବ କଲେକ୍ଟର
। ଜି । କଟକ
ବିଜ୍ଞାପନ ମହକୁମେ କଲେକ୍ଟରୀ
। ଜି । କଟକ

ଯେହେତୁ କଟକ ଖାସମାହାଲ ପେସକାରୀ କର୍ମ ଖାଲି ହୋଇଅଛି ଅତଏବ ଏହାଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଇ ଦିଆ ଯାଉଅଛି ଯେ କର୍ମାକାଂକ୍ଷୀମାନେ ଚଳନ୍ତମାସ ତା ୨୫ ରଖ ପର୍ଯ୍ୟନ୍ତ ହଜୁରରେ ଦରଖାସ୍ତ ଦାଖଲ କରିବେ ଏମାସ ତା ୩୦ ରଖରେ ଏହି କର୍ମ ବନ୍ଦୋବସ୍ତ ହୁଅ ଯିବ ତା ୪।୯।୮୬ ସାଲ ।

G. Toynbee
Collector.

## NOTICE.

An Auction will be held at *Cuttack* on the 13*th day of September* 1886 by order of "Lloyds." London of the stranded ship "Boyne."

The Auction will consist of the vessel herself, and sails, spars, standing and running, rigging and gear, provisions &c., and all other articles saved from the Wreck.

N. B.—*Articles will be sold in single lots.*

Cuttack }
1-9-1886. }

A. C. Narasiah Chitty
By order of
Lloyds Agent.

ଶ୍ରୀ ପୁରୁଷୋତ୍ତମକ୍ଷେତ୍ର କୃଷ୍ଣାଇବେଶ୍ୟ ସାହି
ଅନ୍ତ ବଡ଼ଦରମାଠିଆ ବାସଙ୍କ ମଠ ସଲଗ୍ନ

ମାଂ ୧୯୪୬ ଲଖରାଜ ବାହାଲୀଜମି ଓ ତହିଁଉପରେ ଥିବା ଚୂଣବଖରୀ ଦୁଇଗୋଟିଏ ଓ ଗୃହବଖରୀ ସଧାରଣ କାହୁଘର ପଥରଖଣ୍ଡି ପିଣ୍ଡା ଓ ପୋଖରୀ ଓ ଡଗ ଅନେକ ପଥରସହିତ ବିକ୍ରୟ ହେବାର ଅଛି । ଏହି ଜମି ଓ ଘର ଅଠରନଳା ଘାଟର ସିରସ୍ତାଦାର ମୃତ ମାଣିକରାମ ମିଶ୍ରଙ୍କର ବସା ବୋଲି ପରିଚିତ ଓ ଭାଇଗମହାନ୍ତି ନାମରେ ଜଣେ ରଇତର ଜମାରେ ଅଛି । ଏତତ୍ସାଥରେ କୂଅ ପାଇଖାନା ସଦର ଓ ଖିଡ଼କି ଦ୍ୱାର ଇତ୍ୟାଦି ଅଛି ଯେମନ୍ତ କି ଜଣେ ଭଦ୍ରଲୋକ ଅକ୍ଳେଶରେ ନିବାହ ହୋଇପାରେ ଏବଂ ଯାତ୍ରୀ ରଖିଲେ ଉତ୍ତମ ଆୟ ହୁଅଇ । ଯାହାଙ୍କର ଖରିଦ କରିବାକୁ ଇଚ୍ଛା ହେବ କଟକ ପ୍ରିଣ୍ଟିଂକମ୍ପାନୀର ସମ୍ପାଦକ ବାବୁ ଶ୍ରୀ ଗୌରୀଶଙ୍କର ରାୟଙ୍କ ନିକଟକୁ ପତ୍ର ଲେଖିଲେ ସବିଶେଷ ବୃତ୍ତାନ୍ତ ଜାଣିପାରିବେ । ଇତି ତା ୧୪ ରଖ ଅଗସ୍ତ ସନ ୧୮୮୬ ।

## NOTICE.

Wanted a Police Daroga on Rs. 50 for the Mourbhanj state. None need apply who has not a fair knowledge of Urya language and experience of Police duties. Preference will be given to those who will add to this a knowledge of English.

Office of the Supdt. of Triby. Mehals Cuttack, the 26th August, 1886.

N. K. Das
*Assistant Supdt. Triby. Mehals.*

## NOTICE.

Is hereby given to all Piece Workers, Petty Contractors, contractor, and others who may have lodged any security deposit in the late Byturni Division or Brahmini Byturni Division for tools issued to them for, or unfinished works on, the High Level Canal Ranges II and III and other works in connection therewith that unless such deposits are withdrawn and the tools returned within three months from this date, the amounts standing unadjusted in the books of this division over three years will be credited to Govt.

Acquapada }
28.8.1886 }

A. S. Thomson
Executive Engineer,
Acquapada Jajpur Dn.

ଗତ ଅଗସ୍ତ ମାସ ତା ୩୦ ରଖରେ ଏଠା ଅଦାଲତକଚେରୀଠାରେ ଅମ୍ଭବାକସରେ ଥିବା ୫ ୧୦ ତା ବମ୍ବେଇ ନୋଟ ପ୍ରତିକର ମୂଲ୍ୟ ଟ୧୦୦୲ ଙ୍କା ଲେଖାଁଏ ଏବଂ ୫ ୨୦ ତା କଲିକତା ନୋଟ ପ୍ରତିକର ମୂଲ୍ୟ ଟ ୧୦୦୲ ଙ୍କା ଲେଖାଏ ଉକ୍ତ ନୋଟର ନମ୍ବର ଓ ଅନ୍ୟାନ୍ୟ ଦ୍ରବ୍ୟର ତାଲିକା ଲେଖାଥିବା କହି ସହିତ ବାକସ ଫିଟାଇ ଉକୀଲାକତ ଟଙ୍କା ଦେବା ସମୟରେ ହଜି ଯାଇଅଛି ଉକ୍ତ ପ୍ରତ୍ୟେକ ନୋଟପିଠିରେ ଅମ୍ଭର ଦସ୍ତଖତ ମୋହର କରିଅଛି ଓ ତହିଁରେ ଅମ୍ଭର ନାମ ଇଂରାଜି ଓ ଓଡ଼ିଆଅକ୍ଷରରେ ଲେଖାଅଛି ଯେ ବ୍ୟକ୍ତି ଏହି ସମସ୍ତ ନୋଟ କୌଣସି ସନ୍ଧାନରେ ପ୍ରାପ୍ତକରି ଅମ୍ଭଙ୍କୁ ଫେରାଇ ଦେବ ଅଥବା ଏପରି ସୂଚନା ଦେବ କି ଯହିଁରେ ସେ ନୋଟମାନ ପ୍ରାପ୍ତ ହୋଇପାରିବ ସେ ବ୍ୟକ୍ତିକି ଅମ୍ଭେ ଟ ୨୦୦ ଙ୍କା ପୁରସ୍କାର ଦେବୁଁ । ପ୍ରକାଶ ଥାଉ କି ପୁଲିସରେ ଇତଲା ଦେଇ ଏ ନଗରମଧ୍ୟରେ ଢେଣ୍ଡୁରା ଦିଆଯାଇଅଛି । ତା ୧ ରଖ ସେପ୍ଟେମ୍ବର ମାସ ୧୮୮୬

ହସ୍ତଖତ ଚନ୍ଦ୍ରମଣି ରାଇ
ଚୌଧୁରି ବଜାର କଟକ

## A CHANCE TO STUDENTS.

**UP TO THE END OF SEPTEMBER 1886.**

Class-Notes from Geograhy at the reduced price of 2 As. a copy. A few copies only available.

Apply sharp to Manager, Cuttack Printing Company.

## ADVERTISEMENT.

Wanted an English teacher to teach my younger brother for three years at Kaupur. Salary Rs. 15 per month.

None need apply who has not passed the Entrance Examination or who has no experience in teaching after prosecuting his studies up to the Entrance class.

Apply to
26-8-86.

Radhakanta Roy
Mohasoy
Kaupur P. O.
BHUDDRUCK.

## ଜମିଦାରୀ ବିକ୍ରୟ

ଜମିଦାର ଶ୍ରୀଯୁକ୍ତ ବାବୁ କୃଷ୍ଣମୋହନ ବୋଷଙ୍କର । ଜି । ବାଲେଶ୍ୱର ଅନ୍ତର୍ଗତ । ପ୍ର । ବାଏମା ନ ୧୭୨୩ ତଉଜୀ । ତା । ଚନ୍ଦନପୁର ଓଗେରହ ଜମିଦାରୀ ବିକ୍ରୟ ହେବ, ଏହା ଓଡ଼ିଶାର ପ୍ରଧାନ ବନ୍ଦର ଚାନ୍ଦବାଲିସଂଲଗ୍ନ ହୁଏ ଯେଉଁଠାକୁ କଲିକତା ଜାହାଜସବୁ ଯାତାୟାତ କରନ୍ତି ଏହାର ସଦରଜମା ଟ ୧୩୨୮ । ଆଶା ଏବଂ ମଫସଲ ଜମା ଟ ୩୦୦୦ ଟା । ଗ୍ରହଣେଚ୍ଛୁକ ଲୋକମାନେ ଅମ୍ଭ ନିକଟରେ ତତ୍ତ୍ୱାନୁସନ୍ଧାନ କଲେ ସମସ୍ତ ବିଷୟ ଜାଣିପାରିବେ ।

୨୦।୮।୮୭ କାଜିବଜାର କଟକ } By order Peary Mohun Bose

---

## ଓଲାଉଠା ରୋଗର ଉତ୍ତମପରୀକ୍ଷିତ ମହୌଷଧ ।

ଏହି ଔଷଧର ସମାନ ଗୁଣାବଲମ୍ବି ଅନ୍ୟ କୌଣସି ଔଷଧ ଅଦ୍ୟାପି ଲକ୍ଷିତ ହୁଏ ନାହିଁ । ଏପର ଓଲାଉଠାରୋଗର ପ୍ରଧାନତମ ଔଷଧ ହୋଇ ନାହିଁ; ଏହି ଔଷଧ ସେଠାରେ ଫଳପ୍ରଦ "କ୍ଲୋରୋଡାଇନ" ଯେଉଁଠାରେ ଫଳପ୍ରଦ ହୋଇ ଅନେକ ସୁଖ୍ୟାତି ଲାଭ କରିଅଛି । କ୍ଲୋରୋଡାଇନ ପରିବର୍ତ୍ତରେ ନ ୧ ମ୍ବର ପିଲ ବା ବଟିକା ବ୍ୟବହାର କରିବାକୁ ହୁଏ ।

କ୍ଲୋରୋଡାଇନ ଯେଉଁ ସ୍ଥଳେ ଫଳପ୍ରଦ ନ ହୁଏ ସେସ୍ଥଳେ ନ ୨ ମ୍ବର ପିଲ ବା ବଟିକା ବ୍ୟବହାର କଲେ ନିଶ୍ଚେ ରୋଗୀ ରୋଗରୁ ମୁକ୍ତ ପାଏ ।

ରୋଗିର ମରଣାପନ୍ନ ଅବସ୍ଥାରେ ନ ୩ ମ୍ବର ପିଲବା ବଟିକା ବ୍ୟବହାର କଲେ ରୋଗୀ ଜୀବିତ ଥାଇ ପୁଣି ସଂସାର କାର୍ଯ୍ୟ ନିର୍ବାହ କରଇ ।

ଯଦ୍ୟପି ବାନ୍ତି ବନ୍ଦ ନ ହୁଏ ତେବେ ନ ୪ ପିଲବା ବଟିକା ବ୍ୟବହାରରେ ନିଶ୍ଚୟ ବନ୍ଦ ହୁଏ ।

ଅସହ୍ୟ ତୃଷ୍ଣା ନିବାରଣ ସକାଶେ ନ ୫ ମ୍ବର ପିଲ ବା ବଟିକା ବ୍ୟବହାର ମାତ୍ରେକେ ନିବାରଣ ହୁଏ ।

ଯଦି ପେଟରେ ଯନ୍ତ୍ରଣା ହୁଏ ବା ପେଟ ଫୁଲଏ କା ରୋଗିର ପରିସ୍ରା ନ ହୁଏ ତେବେ ନ ୬ ମ୍ବର ଔଷଧ ବ୍ୟବହାରରେ ସମସ୍ତ ପୀଡ଼ା ଉପଶମ ହୁଏ ।

ଉକ୍ତ ପ୍ରତ୍ୟେକନମ୍ବର ଔଷଧର ମୂଲ୍ୟ ଟ° ୧ ଓ ସମୁଦାୟ ଏକତ୍ରରେ କ୍ରୟ କଲେ ଉତ୍ତମ ବାକ୍ସରେ ବନ୍ଦ କରି ବ୍ୟବସ୍ଥାପତ୍ର ସହ ଟ ୨ । ମୂଲ୍ୟରେ ପ୍ରାପ୍ତ ହେବ ।

ଅଧିକ ବା ଅଳ୍ପଦିନର କଷ୍ଟସାଧ୍ୟ ଜ୍ୱର ଓ ଅନ୍ୟାନ୍ୟ ରୋଗର ବହୁ ପରୀକ୍ଷିତ ଓ ଆଶୁଫଳପ୍ରଦ ଔଷଧ ।

| | |
|---|---|
| ଯେକୌଣସି ପ୍ରକାର କଷ୍ଟସାଧ୍ୟ ଜ୍ୱରସଂହାର ବଟି ଟ ୧ । | ଦନ୍ତରୋଗର ଚୂର୍ଣ୍ଣ ଟ ୦ ।/ |
| ବାୟୁଶୂଳର ଅତି ଅଦ୍ଭୁତ ଔଷଧ ଟ ୧୧ | କର୍ପୂରାସବ (ଉଦରାମୟ ନାଶକ) ଟ ୦ ।/ |
| ବାତାର୍ଶ ବା ଗ୍ରହଣିରୋଗର ଔଷଧ ଟ ୧ | ଜୀର୍ଣ୍ଣଜ୍ୱରର ଔଷଧ ଟ ୦ ୫ |
| ଶିରଶୂଳର ଉତ୍ତମ ଔଷଧ ଟ ୦ ।/ | " ଶକ୍ତିରସ ଟ ୦ ୫ |
| ଯାବୁର ମଲମ (ଘାଆ କରେ ନାହିଁ) ଟ ୦ ।/ | " ମଧୁରସ ଟ ୦ ୧ |
| କଫରୋଗର ବଟି ଟ ୦ ।/ | ବମନରୋଗର ବଟି ଟ ୦ ୫ |
| | ମକରଧ୍ୱଜ ପ୍ରତିତୋଲା ଟ ୧୬ |
| | ବହୁକାଳର ସ୍ତ୍ରୀହବି ଔଷଧ ଟ ୧୦ |

## ପ୍ରଶଂସାପତ୍ର ।

ଆପଣଙ୍କ ପ୍ରସ୍ତୁତ ଓଲାଉଠା ରୋଗର ବଟୀକାର ଗୁଣ ଯଥେଷ୍ଟରୂପେ ପ୍ରଶଂସା କରାଯାଇ ନ ପାରେ । ୬୦ ବତ୍ସର ଅଧିକ ଓ ୭୦ ବର୍ଷର ଅନଧିକ ବୟସ୍କ ଅମୂର ଜଣେ ପ୍ରତିବାସୀ ଓଲାଉଠା ରୋଗରେ ଏପରି ପୀଡ଼ିତ ଥିଲେ ଯେ ତାଙ୍କର ଜୀବନର ଆଶା ସମସ୍ତେ ତ୍ୟାଗ କରି ଥିଲେ । ଏହି ସମୟରେ ଆପଣଙ୍କ ଦତ୍ତ (ନ ୩ ମ୍ବର) ବଟିକାଟି ତାହାଙ୍କୁ ଖୁଆଇଲୁଁ । ଅତ୍ୟନ୍ତ ଆହ୍ଲାଦରସହିତ ଜଣାଉଅଛୁ ଯେ ଉକ୍ତ ବଟୀକା ସେବାମାତ୍ରକେ ରୋଗୀ ଉପଶମଲାଭ କଲେ ଓ ଅବଶେଷରେ ସମ୍ପୂର୍ଣ୍ଣଆରୋଗ୍ୟ ଲାଭ କଲେ ।

କେନ୍ଦ୍ରାପଡ଼ା ୩୦।୭।୮୭ } Munsi Warish Alli Head Master.

---

ମହାଶୟ, ଆପଣ ଯେଉଁ ଔଷଧ ପ୍ରେରଣ କରିଥିଲେ ତାହା ବହୁଦିନସ୍ଥାୟୀ ଜ୍ୱରର ପାନ୍ତିବାୟୁକ ଔଷଧ ଅଟେ । ଦୁଇ ଦିବସ ମଧ୍ୟରେ ଏହା ଆଶ୍ଚର୍ଯ୍ୟଜନକ ଫଳ ଫଳିଥିବାରୁ ଏହାର ପ୍ରଶଂସା ଅମ୍ଭେ କରୁ ଅଛୁଁ ।

ଆପଣଙ୍କର ବଶମ୍ବଦ
ଭଗବତ ପ୍ରସାଦ ଦାସ
ରେଜଷ୍ଟ୍ରି କିରାଣୀ

---

ଅନ୍ୟ ସାର୍ଟିଫିକେଟମାନ ଦୀପିକାର ୬।୩।୮୭, ୨୦।୩।୮୭, ୧୦।୪।୮୭ ଓ ୨୭।୭।୮୭, ଓ ସମ୍ବାଦକର ୩।୪।୮୪ ରେ ପ୍ରକାଶ ହୋଇ ଅଛି ଦେଖ ଓ କବିରାଜଙ୍କଠାରେ ତତ୍ତ୍ୱ କଲେ ଅନେକ ସାର୍ଟିଫିକେଟ ପାଠ କରି ପାରିବ ।

କେନ୍ଦ୍ରାପଡ଼ାସ୍ଥ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ କବିରାଜଙ୍କଠାରେ ଉପରୋକ୍ତ ଔଷଧମାନ ପ୍ରାପ୍ତ ହେବ ।

Apply to
LAKSHMINARAIN GUPTA
Kabiraj, Kendrapara.

---

## ମେହରୋଗ ।

୨୪ଘଣ୍ଟା ମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତନାର୍ଦ୍ଧ ଶୀଘ୍ରକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ହେ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବା କଲେ ନୂତନରୋଗ ଏବଂ ତିନି ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଦୁର୍ବଳରେ ପରିଣତ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବିଳମ୍ବରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅଦ୍‌ହାଉଷ୍ଟ୍ରୋଟ ନମ୍ବର ଭବନରେ ପି, କେ, ରାୟ କମ୍ପାନିଙ୍କଠାରେ ଏବଂ କଟକ ଦରଗାବଜାର ପ୍ରସିଦ୍ଧମାନଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୧।୵ ଟା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ୍ ।

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଶର୍ତ୍ତ । ତଳଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା :—

ପ୍ରଥମଥର ସକାଶେ

| | |
|---|---|
| ପ୍ରତି ଧାଡ଼ି | ଟ ୦ [illegible] |
| ଅର୍ଦ୍ଧ ସ୍ତମ୍ଭକୁ | ଟ ୨ [illegible] |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ [illegible] |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ଟ [illegible] ରୁ ଊଣା ହେବ ନାହିଁ ।

[illegible] ସକାଶେ [illegible] ହେବ ।

ଅଧିକ [illegible] ସକାଶେ [illegible] ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

---

ଏହି ଉତ୍କଳଦୀପିକା ସହିତ [illegible] ଗ୍ରାହକମାନଙ୍କ ସକାଶେ [illegible] ହେବ

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭ ୨୧ ଗ
ସ ୩୮ ଖ୍ୟା

ତା ୧୮ ଏଣ ମାହେ ସେପ୍ଟେମ୍ବର ସନ ୧୮୮୭ ମସିହା । ମୁ । ଅଶ୍ୱିନ ଦ ୪ ଡ ସନ ୧୨୯୪ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକାୟା |
|---|---|---|
| ବାର୍ଷିକ | ଟ ୨ | ଟ ୨୧ |
| ଡାକମାସୁଲ | ଟ ୦ ୷ | ଟ ୧ |

## ବାମଣ୍ଡା

୭ ମ ବୈଦିକପ୍ରସ୍ତାବ ।

ବେଦରେ ଯେଉଁ ଅଦ୍ୱୈତ ମତ ଅଛି ତହିଁରେ କେବଳ ବ୍ରହ୍ମୋପାସନା ପ୍ରାପ୍ତ ହୁଏ, ସେହି ବ୍ରହ୍ମୋପାସନା ନିରବଚ୍ଛିନ୍ନରୂପରେ ଅଭ୍ୟାସ କଲେ ମଙ୍ଗଳମୟ ପରଂବ୍ରହ୍ମ ହୃଦୟରେ ଅବତୀର୍ଣ୍ଣ ହୋଇ ସଂସାରକ ମହାଭୟରୁ ଉଦ୍ଧାର କରନ୍ତି ଏହା ନବ୍ୟ ପ୍ରାଚୀନ ସମସ୍ତେ ଜାଣନ୍ତି କିନ୍ତୁ କୁଳଧର୍ମରେ ବଦ୍ଧ ବ୍ରହ୍ମୋପାସକମାନେ ଯେ କେତେପର୍ଯ୍ୟନ୍ତ ମଙ୍ଗଳକର ତାହା ନବ୍ୟମତାବଲମ୍ବିମାନେ ଜାଣନ୍ତି ନ ତା ଏକାଣ୍ଟେ ସନ୍ଦେହ ଅତଏବ ଅଖଣ୍ଡଅଦ୍ୱୈତସିଦ୍ଧାନ୍ତ ପଞ୍ଚଦଶୀରୁ ଗୁଟିଏ ଶ୍ଳୋକ ଉଦ୍ଧୃତ କଲୁଁ ଯେ ଏଥିରୁ ପାଠକମାନେ ଈଶ୍ୱରୋପାସନାର ଗମ୍ଭୀରଭାବ ଜାଣି ପାରିବେ ଯଥା,

" ତତ୍ତ୍ୱଂ ବୁଦ୍ଧ୍ୱାପି କାମାଦୀନ୍ ନିଃଶେଷଂ ନ ଜହାସି ଚେତ୍ । ଯଥେଷ୍ଟାଚରଣଂ ତେ ସ୍ୟାତ୍ କର୍ମଶାସ୍ତ୍ରାତିଲଂଘିନଃ । "

ଅର୍ଥ । ତୁମ୍ଭେ ତତ୍ତ୍ୱକୁ ଜାଣି ଯେବେ କାମକ୍ରୋଧାଦିମାନଙ୍କୁ ପରିତ୍ୟାଗ କରି ନ ପାର ତେବେ କର୍ମଶାସ୍ତ୍ର ଉଲ୍ଲଂଘନ ପୂର୍ବକ ଯଥେଷ୍ଟାଚାରୀ ହେଲ ବୋଲିବାକୁ ହେବ ।

" ବୁଦ୍ଧାଦ୍ୱୈତ ସତତ୍ତ୍ୱସ୍ୟ ଯଥେଷ୍ଟାଚରଣଂ ଯଦି । ଶୁନାଂ ତତ୍ତ୍ୱଦୃଶାଂ ଚୈବ କୋ ଭେଦୋ ଽଶୁଚିଭକ୍ଷଣେ । "

ଅର୍ଥ । ଅଦ୍ୱୈତ ପରଂବ୍ରହ୍ମତତ୍ତ୍ୱ ପରିଜ୍ଞାତ ହୋଇ ଯେବେ କାମକ୍ରୋଧାଦିରେ ଏବଂ ଅଭକ୍ଷଭକ୍ଷରେ ବଶୀଭୂତ ହୋଇ ଯଥେଷ୍ଟାଚାରୀ ହେଲ ତେବେ ତୁମ୍ଭ ପରି ବ୍ରହ୍ମତତ୍ତ୍ୱପରିଜ୍ଞାନର ସହିତ ଅଶୁଚିଭୋଜୀ କୁକ୍କୁରର କି ପ୍ରଭେଦ ରହିଲା ? ଏବଂ ବ୍ରହ୍ମତତ୍ତ୍ୱଜ୍ଞ ହୋଇ ଲୋକସମାଜରେ କି ପ୍ରାଧାନ୍ୟ ଲାଭ କଲ ? ।

" ବୋଧାତ୍ପୁରା ମନୋ ଦୋଷ ମାତ୍ରାତ୍ କ୍ଳିଷ୍ଟୋଽସ୍ୟଥାଧୁନା । ଅଶେଷଲୋକନିନ୍ଦା ଚେତ୍ୟହୋ ତେ ବୋଧବୈଭବଂ । "

ଅର୍ଥ । ପୂର୍ବାବସ୍ଥାରେ ଯେତେବେଳେ ତୁମ୍ଭର ବ୍ରହ୍ମତତ୍ତ୍ୱପରିଜ୍ଞାନର ଉଦୟ ହୋଇ ନ ଥିଲା ସେତେବେଳେ କାମକ୍ରୋଧାଦି ଚିତ୍ତବୃତ୍ତି ଦୋଷମାନେ ତୁମ୍ଭଙ୍କୁ କ୍ଳେଶ ଦେଉଥିଲେ ବର୍ତ୍ତମାନ ତତ୍ତ୍ୱଜ୍ଞାନ ଲାଭ କରି ପୁନର୍ବାର ଯେବେ ତୁମ୍ଭର ଅଧିକ କ୍ଳେଶ ଉପସ୍ଥିତ ହେଲା ଏବଂ ଲୋକସମାଜରେ ଯଥେଷ୍ଟାଚାରୀ ଅର୍ଥାତ୍ ବସ୍ତୁର ବଣ୍ଡ୍ ଶେଡ଼ ଶ୍ୟାମ୍ପିନ୍ ପୋର୍ଟ ଉଇଲସନ ରମ୍ ବ୍ରାଣ୍ଡି ପାଉଁରୁଟି ପ୍ରଭୃତି ଖାଇଲ ବୋଲି ଅଶେଷ ଲୋକନିନ୍ଦା ତୁମ୍ଭଙ୍କୁ ସହ୍ୟ କରିବାକୁ ହେଲା ଅହୋ ! ତୁମ୍ଭର ତତ୍ତ୍ୱଜ୍ଞାନର କି ଅନିର୍ବଚନୀୟ ମହିମା ପ୍ରକାଶ ପାଇଲା ଏରୂପ ତତ୍ତ୍ୱଜ୍ଞାନ ତୁମ୍ଭର ଥାଉ ଆମ୍ଭେ ଏପରି ତତ୍ତ୍ୱଜ୍ଞାନ ପ୍ରାର୍ଥନା କରୁ ନାହୁଁ ।

" ବିତ୍ ବନ୍ଧାଦ ଭୁଲ୍ୟାଭ୍ୟଂ ମାକାର୍ଷୀସ୍ତତ୍ତ୍ୱବିଦ୍ଭବାନ୍ । ସର୍ବଥା ଦୋଷ ସନ୍ତ୍ୟାଗାତ୍ ଲୌକିକୈଃ ପୂଜ୍ୟ ସ୍ୱଦେବବତ୍ । "

ଅର୍ଥ । ଅପଣେ ତତ୍ତ୍ୱଜ୍ଞାନୀ ହୋଇ ଯଥେଷ୍ଟାଚାରର ଦୋଷରେ କଉଡ଼ିବନ୍ଧ ( ଘୁସୁରି ) ତୁଲ୍ୟ ହେବାକୁ କଦାପି ଅଭିଳାଷ କର ନା ସକଳ କାମକ୍ରୋଧାଦି ମାନସିକ ଦୋଷ ପରିତ୍ୟାଗ କରି ଦେବତାପରି ସର୍ବଲୋକରେ ପୂଜ୍ୟ ହେବାକୁ ଇଚ୍ଛା କର ।

କ୍ରମଶଃ ।

ଶ୍ରୀ———ବାମଣ୍ଡା

---

କଟକ ଦୀପିକା ତା ୧୮ ରଖ ସେପ୍ଟେମ୍ବର ସନ ୧୮୮୭ ମସିହା ।

---

ଲଣ୍ଡନନଗରରୁ ଅସିଥିବା ଚଳିତମାସ ତା ୭ ରଖର ତାରସମ୍ବାଦରୁ ପ୍ରକାଶ ଯେ ଅମ୍ଭମାନଙ୍କର କନ୍ସରଭେଟିଭ ପାର୍ଲିୟାମେଣ୍ଟର ଆଗାମୀ ଅଧିବେଶନରେ ଭାରତର ଶାସନକାର୍ଯ୍ୟ ଅନୁସନ୍ଧାନସମ୍ପର୍କରେ ସିଲେକ୍ଟ କମିଟୀ ସ୍ଥାପିତ ହେବାର ବ୍ୟକ୍ତ କରିଅଛନ୍ତି । ପରେ ଏକମିଟୀ ଯେପରି କାର୍ଯ୍ୟ କରିବାର କଥା ହେଉଥିଲା ସେହିପରି କାର୍ଯ୍ୟ କରିବେ । ଏଥର କାର୍ଯ୍ୟାରମ୍ଭ ହେବା ପର୍ଯ୍ୟନ୍ତ ବିଶ୍ୱାସ ନାହିଁ ।

---

ଗତ ଅଗଷ୍ଟମାସ ତା ୨୭ ରଖରେ ପୁଷ୍ଟକନିର୍ବାଚନକମିଟୀର ଏକ ଅଧିବେଶନ ହୋଇ-

Digitized by srujanika@gmail.com

Split by PDF Splitter



ଥିଲା । ଦୁର୍ଭାଗ୍ୟବଶତଃ ନାମରେ ପୁସ୍ତ-କସ୍କୁଲର ଜଣେ ଛାତ୍ର ହାଇସ୍କୁଲରେ ପ୍ରବେ-ଶାର ଦରଖଦେବା କାରଣ ଯେତେ ଫିସ ଦେଇଥିଲା ତହିଁର ଅର୍ଦ୍ଧେ କ୍ଷମା ପାଇବା ସକାଶେ ଦରଖାସ୍ତ କରିଥିଲା । କମିଟୀ ତାହାର କଲେ କ୍ଟେ ଫିସ ଆଦାୟ ହୋଇଅଛି ସୁତରାଂ କ୍ଷମା ହେବାର ଅବଶ୍ୟକ ନାହିଁ । ଇଂସ୍ପେକ୍ଟରଙ୍କ ଅନୁ-ଜରେ ଏପରି ମନ୍ତବ୍ୟ ହେବାର ଶୁଣି ଆମ୍ଭେ ଆଶ୍ଚର୍ଯ୍ୟ ହେଲୁଁ । ଯଥାର୍ଥ ଫିସ କ୍ଷମା ପାଇବାର ଉପଯୁକ୍ତ ହେଉ ଅଛି କି ନାହିଁ ସେଥିର ବିଚାର ହେବାର ଉଚିତ ଥିଲା । ଫିସ ଆଦାୟ ହୋଇ-ଅଛି ବୋଲି କ୍ଷମା ପାଇବାର ଅଯୋଗ୍ୟ ଏପରି କହିବା ଅନ୍ୟମାନଙ୍କୁ ଗୋଟିଏ କୁମାନ୍ତ ଶିକ୍ଷା-ଦେବା ଭିନ୍ନ ଅନ୍ୟ କିଛି ନୁହଇ ।

---

ମିଶାମିଶିର ଆନ୍ଦୋଳନ ବଡ ଉତ୍କଟରୂପେ ଗବର୍ଣ୍ଣମେଣ୍ଟଙ୍କ ମନୋଯୋଗ ଆକର୍ଷଣ କରି-ବାର ଦେଖି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ଏଥିମଧ୍ୟରେ ବଙ୍ଗୀୟଗବର୍ଣ୍ଣ-ମେଣ୍ଟ ଖଣ୍ଡିଏ ଆଇନର ପାଣ୍ଡୁଲିପି ପ୍ରସ୍ତୁତ କରି ସର୍ବସାଧାରଣଙ୍କ ଜାଣିବାକାରଣ ପ୍ରକାଶ କରି-ଦେଇଅଛନ୍ତି ଏବଂ ଭାରତୀୟଗବର୍ଣ୍ଣମେଣ୍ଟଙ୍କ ଅନୁମତି ପାଇଲେ ଆଗାମି ସପ୍ତାହରେ ତହିଁର [illegible] ବ୍ୟବସ୍ଥାପକସଭାର ଅଧିବେଶନ ହେବ ବୋଲି ସ୍ଥିର ହୋଇଅଛି । ଆଇନର ପାଣ୍ଡୁଲିପି କେବଳ ମିଶାମିଶିସକାଶେ ନ ହୋଇ ସାଧାରଣରୂପେ ସକଳପ୍ରକାର ଖାଦ୍ୟ-ଦ୍ରବ୍ୟସମ୍ପର୍କରେ ହୋଇଅଛି । ଅର୍ଥାତ କୌଣସି ଖାଦ୍ୟଦ୍ରବ୍ୟରେ ଠକାଇବା ମାନସରେ ଅନ୍ୟାନ୍ୟଦ୍ରବ୍ୟ ମିଶାଇଲେ ଆଇନାନୁସାରେ ଦଣ୍ଡନୀୟ ହେବ ଏହିଭାବରେ ପାଣ୍ଡୁଲିପି ଗଠିତ ହୋଇଅଛି । ପାଣ୍ଡୁଲିପିର ବିସ୍ତାରିତ ବିବରଣ ଏପରେ ଲେଖିବାର ମାନସ ରହିଲା ।

---

ଦୈନିକରେ ଲେଖାଅଛି କି ଚାବଗି-ଚାରେ କୁଲିମାନଙ୍କର ଦୁଃଖ ଦେଖିବା କାରଣ ଶ୍ରୀମତୀ କାଦମ୍ବିନୀଙ୍କ ମହାଶୟାର ସ୍ୱାମୀ ବାବୁ ଦ୍ୱାରକାନାଥଗାଙ୍ଗୁଲି ସ୍ୱୟଂ କୁଲିହୋଇ ଆସାମକୁ ଯାଇଅଛନ୍ତି ବୋଲି କଲିକତାରେ ଜନରବ ଉଠିଅଛି । କୁଲିକର୍ମ କରିବାଦ୍ୱାରା କୁଲିମାନଙ୍କ କଷ୍ଟ ପ୍ରତ୍ୟକ୍ଷ ଅନୁଭବ କରି ଆସି ତହିଁର ପ୍ରତିକାର ଚେଷ୍ଟା କରିବେ । ଯେବେ ସ୍ୱୟଂ କୁଲି ନ ହେଲେ କୁଲିମାନଙ୍କ ଦୁଃଖ ଜାଣିବାର ଅନ୍ୟ ଉପାୟ ନ ଥାଏ ତେବେ ଏପ୍ରକାର ସାହସ ଓ ତ୍ୟାଗ ସ୍ୱୀକାର ଅତୀବ ପ୍ରଶଂସନୀୟ ଅଟଇ । କୌଣସିମତେ ଏହା ଯଥାର୍ଥ ସାଧୁର ଲକ୍ଷଣ ଏବଂ ଏପରି ଲୋକ ସଂସାରରେ ଅତୀବ ଅଳ୍ପ ଅଛନ୍ତି । ଯେଉଁମାନେ ଘରେ ବସି ସଭା ଓ ବକ୍ତୃତାଦ୍ୱାରା ଏକାଦେଶର ହିତକାର୍ଯ୍ୟରେ ବ୍ୟସ୍ତ ସେମାନେ ଏହି ଉଦାହରଣରୁ ବୁଝିବେ ଯେ [illegible] ତ୍ୟାଗ ସ୍ୱୀକାର ନ କଲେ ପରର ଉପକାର କରହୁଅଇ ନାହିଁ ।

---

ହିନ୍ଦୁମାନଙ୍କ ମଧ୍ୟରେ ପ୍ରଚଳିତ ଥିବା ବାଲ୍ୟ-ବିବାହ ଓ ବିଧବା ପ୍ରଥା ରହିତ କରିବା କାରଣ ବ୍ୟବସ୍ଥାପକସଭାଦ୍ୱାରା ଗବର୍ଣ୍ଣମେଣ୍ଟ ଏକ ଆଇନ ପ୍ରସ୍ତୁତ କରିବା ମର୍ମରେ ବୋମ୍ବାଇର ମେଲବାରି ସାହେବ ଯେଉଁ ଉଦ୍ୟୋଗ ଲଗା-ଇଥିଲେ ତହିଁ ବିପକ୍ଷରେ ଗତମାସ ତା ୫—ଖରେ ବୋମ୍ବାଇରେ ଗୋଟିଏ ବୃହତସଭା ହୋଇଥିଲା । ଏ ସଭାରେ ନ୍ୟୂନାଧିକ ୫୦୦୦ଏ ଲୋକ ଉପସ୍ଥିତ ଥାଇଁ ଏହିପରି ମୀମାଂସା କଲେ ଯେ ବାଲ୍ୟବିବାହ ଏବଂ ବିଧବା ପ୍ରଥା ରହିତ କରିବା କାରଣ କୌଣସି ଆଇନ କରିବା ଗବର୍ଣ୍ଣମେଣ୍ଟଙ୍କର ଉଚିତ ନୁହଇ ଏବଂ ଏଥି ସମ୍ପର୍କରେ ବଡଲାଟବାହାଦୁରଙ୍କ ସମୀ-ପକୁ ଏକ ଆବେଦନପତ୍ର ପଠାଇବାର ସ୍ଥିର ହୋଇ ତାହା ପାଠ ଓ ଅବଧାରିତ ହେଲା ।— ଅବଶ୍ୟ ବାଲ୍ୟବିବାହ ଏବଂ ବିଧବା ପ୍ରଥା କେତେକ ସ୍ଥଳେ ରହିତ ହେବା ବାଞ୍ଛନୀୟ ହେଲେହେଁ ସମାଜର ଉନ୍ନତି ସଙ୍ଗେ ସମସ୍ତ ବିଧାନ କର୍ତ୍ତବ୍ୟ ରକ୍ଷେ ଆଇନଦ୍ୱାରା ଏପରି ସଂସ୍କା-ରର ଚେଷ୍ଟା କରାତ ଉଚିତ ନୁହଇ ଏଣୁକରି ବୋମ୍ବାଇର ଉକ୍ତସଭାର କାର୍ଯ୍ୟକଳାପରେ ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ସହାନୁଭୂତି ଅଛି ବୋଲି-ବା ଅଧିକ ।

---

ଦୈନିକର ଜଣେ ପତ୍ରପ୍ରେରକ ଲେଖିଅ-ଛନ୍ତି କି ଚର୍ବିମିଶା ଘିଅ ବ୍ୟବହାର ଜାତି ଯାଉ ନାଶ ହୋଇଥିବାଭୟରେ ଅନେକ ହିନ୍ଦୁ ପ୍ରାୟଶ୍ଚିତ୍ତ କରୁଅଛନ୍ତି ଏବଂ ସେପରି ମିଶା-ମିଶିର ବ୍ୟବସାୟ ବନ୍ଦ କରିବା କାରଣ ଘୋର ଆନ୍ଦୋଳନ ଲାଗିଅଛି । ମାତ୍ର ହିନ୍ଦୁମାନଙ୍କର ଜାତିନାଶର ଏକମାତ୍ର ମିଶାମିଶି ନୁହଇ । ଇଂରାଜଙ୍କ ଅମଳଦାରିରେ ଅନେକପ୍ରକାର ଖାଦ୍ୟଦ୍ରବ୍ୟ ହିନ୍ଦୁଙ୍କ ବ୍ୟବହାରର ଅଯୋଗ୍ୟ ହୋଇଅଛି । ଦୃଷ୍ଟାନ୍ତସ୍ୱରୂପ ପତ୍ରପ୍ରେରକ ପରିଷ୍କୃତ ଚିନି ଏବଂ ଲବଣର ଉଲ୍ଲେଖ କରିଅ-ଛନ୍ତି । ଚିନି ପରିଷ୍କାର କରିବାର ପ୍ରଧାନ ଉପକ-ରଣ ହାଡର କୋଇଲା ଅଟଇ । ନାନାସ୍ଥାନରୁ ହାଡସବୁ ଗୋଟାଇ ନେଇ ସେସବୁ ପୋଡି କୋଇଲା ପ୍ରସ୍ତୁତକରି ଚିନିସଙ୍ଗେ ମିଶାଇ କଳରେ ଦେଲେ ଚିନି ପରିଷ୍କାର ହୁଅଇ । ଅବଶ୍ୟ ପରିଷ୍କୃତ ଚିନିସଙ୍ଗେ ହାଡର କୋଇଲା ମିଶି ନ ଥାଏ ମାତ୍ର ହାଡ଼କୁ ସ୍ପର୍ଶ କରିଥିବାରୁ ତାହା ହିନ୍ଦୁମତରେ ଶୁଦ୍ଧ ପଦାର୍ଥ ବୋଲିଯିବ କି ନାହିଁ ବିଚାର କରିବାର ଆବଶ୍ୟକ । ଏହିପରି ଲୁଣପାଣିସଙ୍ଗେ ରକ୍ତ, ଅଣ୍ଡା, ବାଛୁରିର ଖୁରା ଏବଂ କେତେ ଗୋରୁର ରକ୍ତ ମିଶାଇ ସିଝାଇଲେ ପରିଷ୍କାର ଲବଣ ପ୍ରସ୍ତୁତ ହୁଅଇ । ଏପରି ଲବଣ ବ୍ୟବହାରର ଯୋଗ୍ୟ କି ନା ବିଚାର କରିବାର ଉଚିତ । ଅନେକ ହିନ୍ଦୁ ଏ-ହିଆମାନ ଜାଣିଥିବାରୁ ପରିଷ୍କୃତ ଚିନି ବା ଲବଣ ପରିତ୍ୟାଗ କରି ନାଲିଆ ଚିନି ଏବଂ ଗୋଡ଼ାଲୁଣ ବ୍ୟବହାର କରନ୍ତି ।

---

ଆମ୍ଭେମାନେ ଅତ୍ୟନ୍ତ ଖୁସିର ସହିତ ଅବ-ଗତ ହେଲୁଁ ଯେ ଏଠା ଗୋପାଳଜିଉ ମଠରେ ଭଗବଦ୍ଭକ୍ତିପ୍ରଦାୟିନୀ ନାମକ ହରିସଭା ପ୍ରତ୍ୟେକ ରବିବାର ଅପରାହ୍ନ ସ ୭ ଘଣ୍ଟା ସମ-ୟରେ ହେଉଅଛି । ଏ ସଭା ନୂତନ ନୁହେ । ଏହା ବହୁକାଳରୁ ସ୍ଥାପିତ ହୋଇଅଛି । ଏହାର ପ୍ରଥମାବସ୍ଥାରେ ଯେପରି ସଜୀବତା ଶକ୍ତି ଥିଲା ବର୍ତ୍ତମାନ ତଦାର୍ଦ୍ଧ ମାତ୍ର ନାହିଁ । ଅନେକଦିବସ-ତଳେ ବାବୁ ଶୀତେଶଚନ୍ଦ୍ର ମିଶ୍ର, ବାବୁ ଭଗବା-ନ ଦାସ ଓ ବାବୁ ହରେକୃଷ୍ଣ ଦାସ ଓ ଅନ୍ୟାନ୍ୟ କତିପୟ ଭଦ୍ରମଣ୍ଡଳୀ ଏହି ସଭାକୁ ସ୍ଥାପନ କରିଥିଲେ, କିନ୍ତୁ ସଭ୍ୟମଣ୍ଡଳୀ ମଧ୍ୟରୁ ଅନେକେ କାଳଗ୍ରାସରେ ପତିତ ହେବାରୁ ଓ କେତେକ ସ୍ଥାନାନ୍ତରିତ ହେବାରୁ ଓ କେତେକ କାର୍ଯ୍ୟ-ଗତିକେ ପତିତ ହୋଇ ସମୟର ଗତି ଅନୁ-ଭଣ ହେତୁରୁ ଏ ସଭାର ଜୀବନ ଶୁଷ୍କ ପ୍ରାୟ ହେଲା । ଏବମ୍ଭୂତ ଶୁଷ୍କାବସ୍ଥାରେ କତିକାଳ ଯାପନ କରି ଏ ସଭା ପୁନଶ୍ଚ ବାବୁ ଶୀତେଶଚ-ନ୍ଦ୍ର ମିଶ୍ର ବାବୁ କୃଷ୍ଣଚନ୍ଦ୍ର ମହାନ୍ତି ଓ ଅନ୍ୟ କେ-ତେକ ପୁରାତନ ଓ ନୂତନ ସଭ୍ୟମଣ୍ଡଳୀଙ୍କ ଯତ୍ନରେ ପୁନର୍ଜୀବନ ପ୍ରାପ୍ତ ହେବାର ଜଣାଯା-ଏ । ବର୍ତ୍ତମାନ ସମୟରେ ନାନାମାର୍ଗର ଧର୍ମ

Digitized by srujanika@gmail.com

Split by PDF Splitter



ସ୍ଥାପିତ ହୋଇଅଛି ସୁତରାଂ କେଉଁମାର୍ଗରେ ଆଚରଣ କରିବାକୁ ହେବ ସମସ୍ତେ ନିଶ୍ଚୟ କରିପାରନ୍ତି ନାହିଁ । ହିନ୍ଦୁସନ୍ତାନମାନଙ୍କ ପକ୍ଷରେ କର୍ତ୍ତବ୍ୟ ଯେ ସେମାନେ ସ୍ୱ ସ୍ୱ ଧର୍ମର ଅଭ୍ୟନ୍ତରେ ପ୍ରବେଶ କରିବାପାଇଁ ଚେଷ୍ଟା କରନ୍ତୁ । ଏପରି ଧର୍ମସଭା ବର୍ତ୍ତମାନ ସମୟରେ ସ୍ଥାପିତ ହେବା ଉଚିତ । ଗୋପାଳଜିଉ ମଠର ମହନ୍ତ ନରସିଂହଦାସଙ୍କୁ ଏ ସଭାର ଉତ୍ସାହ ଦାନ ପକ୍ଷରେ ଚେଷ୍ଟିତ ଦେଖିଲେ ଆମ୍ଭେମାନେ ଆନନ୍ଦିତ ହେବୁଁ ।

———

ବଙ୍ଗପ୍ରଦେଶର ଜେଲ ସମୂହର ସନ ୧୮୮୫ ସନର ବିବରଣୀରୁ ଜଣା ଯାଏ ଯେ ଉକ୍ତ ବର୍ଷ ଜ୮୦୮୬୩ ଣ ଜେଲଖାନାରେ ଭରତି ହୋଇଥିଲେ ଏବଂ ଜ୮୧୧୩୧ ଣ ଖଲାସ ପାଇଥିଲେ । ଜେଲଖାନାରେ ଥିବା କଇଦଙ୍କର ହାରାହାରି ଦୈନିକ ସଂଖ୍ୟା ଜ୧୫୧୭୭ଣ ଥିଲା ଓ ପୂର୍ବ ବର୍ଷର ଦୈନିକ ସଂଖ୍ୟା ଜ୧୫୧୦୧ଣ ଥିଲା । ସୁତରାଂ ଉଭୟ ବର୍ଷର ପ୍ରଭେଦ ଅତି ସାମାନ୍ୟ ଏବଂ ଗତବର୍ଷ ବଙ୍ଗଳାର ଅନେକ ସ୍ଥାନରେ ଖାଦ୍ୟଦ୍ରବ୍ୟର ମୂଲ୍ୟ ଅଧିକ ହେତୁ ସାମାନ୍ୟଅପରାଧ କିଛି ବୃଦ୍ଧି ହୋଇଥିବାସ୍ଥଳେ ଏ ଫଳ ଭଲ ବୋଲିବାକୁ ହେବ । ଏହି ବିଜ୍ଞାପନୀରୁ ଅଦ୍ଭୁତ ପ୍ରକାଶ ଯେ ଜେଲଖାନାର ଅପରାଧ ପୂର୍ବ ବର୍ଷଠାରୁ ଏ ବର୍ଷ ଅନେକ ଊଣା ଥିଲା ଏବଂ କଇଦମାନଙ୍କ ପ୍ରତି କର୍କଶବ୍ୟବହାରର ଘଟନା ପୂର୍ବେ ଯେପରି ହୋଇଥିଲା ଏ ବର୍ଷ ସେପରି ହୋଇ ନାହିଁ । ଜେଲଖାନାରୁ କଇଦ ପଳାଇବାର ମଧ୍ୟ ଏ ବର୍ଷ ଊଣା ଥିଲା କେବଳ ସବଡିଭିଜନଜେଲମାନଙ୍କରେ ପାହେରାର ବନ୍ଦୋବସ୍ତ ଉତ୍ତମ ନ ଥିବାରୁ ସେଥିରୁ କେହି କେହି ପଳାଇ ଯିବାର ସୁବିଧା ପାଇଥିଲେ । କଇଦଙ୍କ ମୃତ୍ୟୁ ସଂଖ୍ୟା ପୂର୍ବ ବର୍ଷଠାରୁ କିଛି ବୃଦ୍ଧି ହୋଇଥିଲା ଏବଂ କେତେ ଜିଲ୍ଲାରେ ଓଲାଉଠା ମଡ଼କ ଲାଗିଥିବା ଏଥିର କାରଣ ଅଟଇ ନୋହିଲେ ଜେଲଖାନାର ବନ୍ଦୋବସ୍ତ ଦୋଷରୁ ଏପରି କିଛି ଘଟି ନାହିଁ । ଜେଲଖାନାର ନିୟମମାନ ଠିକ ଅଛି ତହିଁରେ କୌଣସି ସଂଶୋଧନ କରିବାର ଆବଶ୍ୟକ ନାହିଁ । ମାନ୍ୟବର ଲେଃ ଲାଟଙ୍କ ବିଚାରରେ ଜେଲଖାନାର କର୍ତ୍ତୃପକ୍ଷମାନେ ଅବିଚ୍ଛେଦରୂପେ ଜେଲ ପ୍ରତି ବିଶେଷ ଦୃଷ୍ଟି ରଖିଲେ କଏଦମାନଙ୍କର ସ୍ୱାସ୍ଥ୍ୟ ଭଲ ରହିବ ଏବଂ ସେମାନେ ନିୟମିତରୂପେ କାର୍ଯ୍ୟ କରିବେ । ବିଜ୍ଞାପନୀରୁ ପ୍ରକାଶ ଯେ ଜିଲ୍ଲାବିଶେଷରେ ପ୍ରତିକଇଦର ଖୋରାକୀଖର୍ଚ୍ଚା ବର୍ଷମଧ୍ୟରେ ଟ୨୦୯ ଙ୍କାରୁ ଟ୨୭୯ ଙ୍କା ପର୍ଯ୍ୟନ୍ତ ପଡିଥିଲା ।

———

ରୂପାର ବଜାର ଘଟିତ ପ୍ରଚଳିତ ମୁଦ୍ରା ବିଷୟକ ଅନୁସନ୍ଧାନ ନିମିତ୍ତ ପାର୍ଲିମେଣ୍ଟ ଗୋଟିଏ କମିଶନ ବା ସମିତି ବସାଇଅଛନ୍ତି । ରାଇଟ ଅନରେବଲ ଆର୍ଥର ବାଲଫୋର ସାହେବ ଏହି କମିଶନର ସଭାପତି ହୋଇଅଛନ୍ତି ଏବଂ ଅପର ଯେଉଁ ଏଗାରଜଣ ସଭ୍ୟପଦରେ ନିଯୁକ୍ତ ହୋଇଅଛନ୍ତି ସେମାନଙ୍କ ମଧ୍ୟରେ ଇଣ୍ଡିୟାକାଉନସିଲର ଜଣେ ସଭ୍ୟ କ୍ରେନ ସ୍ମିଥସାହେବ ଏବଂ ଭାରତବର୍ଷୀୟ ଅର୍ଥ ଓ ବ୍ୟବସାୟମହଲମାର ମେକେଞ୍ଜି ବାରବର ସାହେବ ସ୍ଥାନ ପାଇଅଛନ୍ତି । ଏହି ସମିତି ନିମ୍ନଲିଖିତବିଷୟମାନ ସ୍ଥିର କରିବେ ଯଥା—୧ ମ—ପୂର୍ବେ ଏକଟଙ୍କାର ମୂଲ୍ୟରେ ପ୍ରାୟ ତ ୧୫ ର ତଲ ରୂପା ମିଳୁଥିଲା ବର୍ତ୍ତମାନ ଏକଟଙ୍କାର ମୂଲ୍ୟକୁ ତ ୨।୨୩ ର ରୂପା ହୋଇଅଛି ଏଥିର କାରଣ କିସ ଅର୍ଥାତ ମୁଦ୍ରାର ଦୁର୍ମୂଲ୍ୟ ହେତୁରୁ ଅଥବା ରୂପା ଶସ୍ତା ହେତୁରୁ ଏପରି ହୋଇଅଛି । ୨ ୟ—ପୁରୁଣା ଏବଂ ନୂଆ ଚୁକ୍ତି ଅନୁସାରେ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ପ୍ରତିବର୍ଷ ଯେତେ ଟଙ୍କା ବିଲାତକୁ ପଠାଉଅଛନ୍ତି ତହିଁରେ ଏହି ମୂଲ୍ୟର ବୈଷମ୍ୟ ହେତୁ ବଟ୍ଟାସ୍ୱରୂପ ଭାରତବର୍ଷର କେତେ କ୍ଷତି ହେଉଅଛି । ୩ ୟ—ବିଲାତକୁ ଭାରତବର୍ଷରୁ ଯେପରିମାଣ ଅର୍ଥ ଷ୍ଟର୍ଲିଙ୍ଗ ଦ୍ୱାରେ ପ୍ରେରିତ ହୁଅଇ ଏହି ବଟ୍ଟାହେତୁ ତହିଁର ଊଣା ଅଧିକ ହୋଇଅଛି କି ନାହିଁ । ୪ର୍ଥ—ଭାରତବର୍ଷର କୃଷକ ବଣିକ କର୍ମ୍ମ କରଦାତାମାନଙ୍କର ଏଥିରେ କିଛି କ୍ଷତି ବା ଲାଭ ହୋଇଅଛି କି ନା । ୫ ମ—ଯେଉଁ ବିଲାତି ବଣିକମାନେ ଭାରତବର୍ଷ ସହିତ ବାଣିଜ୍ୟ କରୁଅଛନ୍ତି ସେମାନଙ୍କର କିଛି ହାନି ଲାଭ ହୋଇଅଛି କି ନା । ୬ ଷ୍ଠ—ସାଧାରଣ ରୂପେ ଏହି କାରଣରୁ ବିଲାତିବାଣିଜ୍ୟର କୌଣସି ଲାଭ ଲୋକସାନ ଘଟୁଅଛି କି ନା । ଏହି ସମସ୍ତ ବିଷୟ ସମିତି ସ୍ଥିର କରିଦେଲେ ଗବର୍ଣ୍ଣମେଣ୍ଟଙ୍କ ବିବେଚନାରେ ଯାହା କର୍ତ୍ତବ୍ୟ ବୋଲି ଧାର୍ଯ୍ୟ ହେବ ତଦନୁସାରେ କାର୍ଯ୍ୟ ହେବ ।

———

ସନ ୧୮୮୫ ସାଲର ବଙ୍ଗଳାର ସ୍ୱାସ୍ଥ୍ୟବିଷୟକ ବିଜ୍ଞାପନୀରେ ମାନ୍ୟବର ବଙ୍ଗେଶ୍ୱରଙ୍କ ଯେଉଁ ମନ୍ତବ୍ୟ ପ୍ରକାଶ ପାଇଅଛି ତହିଁରେ ଲେଖାଅଛି କି ଉକ୍ତବର୍ଷ ସାଧାରଣରୂପେ ଅସ୍ୱାସ୍ଥ୍ୟକର ଏବଂ ପୂର୍ବାପେକ୍ଷା ଓଲାଉଠା ଏବଂ ଜ୍ୱରରୋଗମାନ ଅଧିକ ପ୍ରବଳ ହୋଇଥିଲେ ହେଁ ଏପରି ଗୋଟିଏ ଲକ୍ଷଣ ଦେଖାଯାଇଅଛି କି ଏବର୍ଷ ଅତ୍ୟନ୍ତ ଅଧିକ ବୃଷ୍ଟି ଏବଂ ନଦୀବଢ଼ିଦ୍ୱାରା ଅନେକ ସ୍ଥାନରେ ଧୋଇ ହୋଇ ଗବାଦିପଶୁ ଓ ଫସଲ ନଷ୍ଟ ହୋଇଥିଲା ମାତ୍ର ଧୋଇ ହୋଇଥିବା ଭୂମିଖଣ୍ଡମଧ୍ୟରୁ ଅଧିକାଂଶସ୍ଥାନରେ ରୋଗର ପ୍ରାଦୁର୍ଭାବ ଊଣା ହୋଇଥିଲା । ଧୋଇହେବାରୁ ଅନେକ ଦୂରପର୍ଯ୍ୟନ୍ତ ମାଟି ଭିଜି ଯାଇ ବିଶେଷ ରୋଗ ହେବାର କଥା ମାତ୍ର ତାହା ନ ହୋଇ ତହିଁର ବିପରୀତ ଫଳଲାଭ ହେଲା ବଡ ସୁଖର ବିଷୟ ଅଟଇ । ଅନୁମାନ ହୁଅଇ ଧୋଇହେବାରୁ ଅସ୍ୱାସ୍ଥ୍ୟକର ପଦାର୍ଥମାନ ମାଟିରୁ ଧୋଇଯିବାରୁ ଏପରି ହେଲା ତାହା ହେଲେ ଧୋଇବା ବଡ଼ ଉପକାରୀ ବୋଲିବାକୁ ହେବ ଏବଂ ବନ୍ଧଆଦିଦ୍ୱାରା ଧୋଇ ନିବାରଣ କରିବା ଏକପ୍ରକାର ସ୍ୱାସ୍ଥ୍ୟର ହାନିଜନକ ବୋଲିଯିବ । ଅନେକ ସ୍ଥାନରେ ଚାଉଳର ମୂଲ୍ୟ ଅତ୍ୟନ୍ତ ବୃଦ୍ଧି ଥିବାରୁ ଗରିବଲୋକଙ୍କର ବଡ କଷ୍ଟ ହୋଇଥିଲା ଏବଂ ତଦ୍ୱାରା ସାଧାରଣସ୍ୱାସ୍ଥ୍ୟର ହାନି ହେଲା । ବର୍ତ୍ତମାନ ମେଦିନୀପୁର ରାଜସାହି କଟକ ବାଲେଶ୍ୱର ସାହାବାଦ ପ୍ରଭୃତି ଜିଲ୍ଲାମାନଙ୍କରେ ଏପରି ଘଟିଥିଲା ଏବଂ କେତେସ୍ଥାନରେ ସାହାଯ୍ୟକର୍ମର ଅନୁଷ୍ଠାନ ମଧ୍ୟ ହୋଇଥିଲା ।

ଓଲାଉଠା ସମ୍ପର୍କରେ ବିଜ୍ଞାପନୀରେ ଲେଖାଅଛି କି ଜାନୁଆରି ଓ ଫେବୃଆରିମାସରେ ବୃଷ୍ଟି ଊଣା ହେବାରୁ ମାର୍ଚ୍ଚମାସରେ ଓଲାଉଠାମଡକ ବଡ଼ ପ୍ରବଳ ହେଲା । ଅପ୍ରେଲ ଓ ମଇରେ ଅନ୍ୟାନ୍ୟ ବର୍ଷଠାରୁ ରୋଗ ପ୍ରବଳ ଥିଲା । ଜୁନ ଓ ଜୁଲାଇରେ ବିଶେଷ ବୃଷ୍ଟି ହେବାରୁ ମଡକ ଊଣା ପଡିଲା ମାତ୍ର ଅଗଷ୍ଟମାସରେ ବର୍ଷା ଭଲ ହୋଇଥିଲେ ହେଁ ମୃତ୍ୟୁସଂଖ୍ୟା ପୁଣି ବୃଦ୍ଧି ହେଲା କିନ୍ତୁ ସେହିମାସଶେଷ ଓ ସେପ୍ଟେମ୍ବରମାସଆରମ୍ଭରେ ଅତିବୃଷ୍ଟି ଓ ଧୋଇ ହେବାରୁ ଶୀତକାଳ ଆଗମନପର୍ଯ୍ୟନ୍ତ ଓଲାଉଠାମଡକ ଅତ୍ୟନ୍ତ ଊଣା ଥିଲା ।

ନଦୀୟା ମୁଙ୍ଗେରପ୍ରଭୃତି କେତେକ ମିଉନିସିପାଲଟୀ ସ୍ୱାସ୍ଥ୍ୟରକ୍ଷାସମ୍ପର୍କୀୟ କାର୍ଯ୍ୟରେ ଅପଣାର ଆୟର ଶତକରା ଟ ୧୦ ଙ୍କାଠାରୁ ଅଧିକ-

Digitized by srujanika@gmail.com

Split by PDF Splitter



କର ନ ଥିବାରୁ ଲେଫ୍ଟେନାଣ୍ଟ ଗବର୍ଣ୍ଣର ସନ୍ତୋଷପ୍ରକାଶ କରିଅଛନ୍ତି ଅନ୍ୟାନ୍ୟ ମିଉନିସିପାଲିଟୀ ଆପଣା୨ ଆୟର ଶତକରା ୬ ୫୦ କା ଠାରୁ ୫ ୧୬ କା ପର୍ଯ୍ୟନ୍ତ ବ୍ୟୟ କରିଅଛନ୍ତି ଏବଂ ତାହା ମେଦନୀପୁର ଯଶୋର ବର୍ଦ୍ଧମାନ ଓ ହଜାରିବାଗ ଏ ବିଷୟରେ ଅଧିକ ବ୍ୟୟ କରିବାରୁ ପ୍ରଶଂସାଭାଜନ ହୋଇଅଛନ୍ତି ।

ଢେଙ୍କାନାଳରୁ ଏକବ୍ୟକ୍ତି ଲେଖିଅଛନ୍ତି ଯେ ସେଠାରେ ଗୋଟିଏ ବାଳିକାବିଦ୍ୟାଳୟ ସ୍ଥାପନ ନିମିତ୍ତ ଅନେକଥର ଚେଷ୍ଟା ହୋଇ ବିଫଳ ହୋଇଥିଲା ସମ୍ପ୍ରତି ଢେଙ୍କାନାଳ ଓ ଅନୁଗୁଳଗଡ଼ଜାତର ଡିଷ୍ଟ୍ରିକ୍ଟ ଏଡ଼ୁକେସନ ସବଇନସ୍ପେକ୍ଟର ବାବୁ ଭଗବାନଚରଣ ଦାସଙ୍କ ବନ୍ଧୁର ଆୟୋଜନ ଓ ଅଭ୍ୟାସରେ ଉକ୍ତ ଗଡ଼ରେ ଗୋଟିଏ ବାଳିକାବିଦ୍ୟାଳୟ ସ୍ଥାପିତ ହୋଇଅଛି । ବିଦ୍ୟାଳୟଟି ସ୍ଥାୟୀ ହେଲେ ବାବୁଙ୍କର କୀର୍ତ୍ତିସ୍ୱରୂପ ରହିଥିବ । ଢେଙ୍କାନାଳ-ଶିକ୍ଷାବିଷୟରେ ଓଡ଼ଗାଗଡ଼ଯାତର ପଥପ୍ରଦର୍ଶକ ଅଟଇ । ଏଠାରେ ବାଳିକାବିଦ୍ୟାଳୟଟି ରହି ନ ପାରିଲେ ଭଣାକଥା ହେବ । ଭଗବାନବାବୁ ଆପଣା କର୍ତ୍ତବ୍ୟ କରିଅଛନ୍ତି । ତାହାକୁ ଚିରସ୍ଥାୟୀ କରିବା ସେଠା ନିବାସିଙ୍କ ଉପରେ ନିର୍ଭର କରଇ ।

---

## ଗହମ ଚାଷ ।

ବଙ୍ଗଳାର ଗହମଚାଷ ସମ୍ପର୍କରେ ବଙ୍ଗୀୟ କୃଷିବିଭାଗର ଅଧ୍ୟକ୍ଷ ଷ୍ଟେଟ ଲଟ ସାହେବଙ୍କ ଆଦେଶକ୍ରମେ ଅନେକ ଅନୁସନ୍ଧାନ କରି ଯେଉଁ ବୃହତ ରିପୋର୍ଟ ପଠାଇଅଛନ୍ତି କଲିକତା ଗେଜେଟରେ ତାହା ପ୍ରକାଶିତ ହୋଇଅଛି ।

ଅନୁସନ୍ଧାନ ଫଳଲିଖିତ ବିଷୟରେ ହୋଇଥିଲା ଯଥା—

୧—ଇଂଲଣ୍ଡ ସକାଶେ ପରିଷ୍କାର ଗହମ କପରି ମିଳିବ ।

୨—ଦୁଧିଆ ଗହମର ଚାଷ କପରି ବୃଦ୍ଧି ହେବ ଏବଂ ଗହମର ବର୍ଣ୍ଣ ପରିବର୍ତ୍ତନ ବିଷୟରେ କେଉଁ ମାଟିର ଗୁଣ କପରି ଅଟଇ ।

୩—ରେଲବାଟ ନିକଟରେ ଗହମ ଜମା କରିବାର କି ଉପାୟ ହେବ ।

୪—କେଉଁ ବର୍ଷ କେତେ ଗହମ ଉତ୍ପନ୍ନ ହେବ ପୂର୍ବରୁ ତାହାର ଅନୁମାନ କି ଉପାୟରେ ହେବ ଓ ଗହମ ବାଣିଜ୍ୟ ବିଷୟକ ଆବଶ୍ୟକୀୟ ସମ୍ବାଦ କପରି ଜଣାଯିବ ।

କୃଷିଅଧ୍ୟକ୍ଷ ଅନୁସନ୍ଧାନ କରି ଲେଖିଅଛନ୍ତି କି ଗହମ ସଙ୍ଗରେ ଅନ୍ୟାନ୍ୟ ଶସ୍ୟ ଏବଂ ମାଟି ଇତ୍ୟାଦି ମିଶିଥିବାର ଦେଖାଯାଏ । ଅନ୍ୟ ଶସ୍ୟ ମିଶିବାର କାରଣ ଏହି କି ଗହମସଙ୍ଗରେ ସ୍ଥାନ ବିଶେଷରେ କୃଷିମାନେ ଅନ୍ୟାନ୍ୟ ଫସଲ ବୁଣି ଦିଅନ୍ତି ଯେ ଦୈବାତ୍ ଗହମ ନଷ୍ଟ ଗଲେ କୃଷୀ ଅନ୍ୟ ଫସଲ ଲାଭ କରି କୌଣସିରୂପେ ଆପଣା ପରିଶ୍ରମର କିଛି ଫଳ ପାଇବ । ପରିଷ୍କାର ଗହମର ମୂଲ୍ୟ ଅଧିକ ହେଲେ କୃଷିମାନେ ତହିଁରୁ ନିବର୍ତ୍ତ ହୋଇ ପାରନ୍ତି । ମାତ୍ର କଲିକତାର ମହାଜନମାନେ ଗୋଟିଏ ନିୟମ କରିଅଛନ୍ତି କି ଯେତେକ୍ତ ପରିଷ୍କାର ଗହମ ଦେଉ ପଛକେ ସେମାନେ ମିଶା ଦ୍ରବ୍ୟ ପରିଷ୍କାର କରିବା ନାମରେ ବଜାରଦରରୁ ଶତକରା ଟ୫୯ କା ଲେଖାଏଁ କାଟି ନେବେ । ଅଧିକ ମିଶା ଦ୍ରବ୍ୟ ଥିଲେ ଅଧିକ ଶତକରା ହିସାବରେ କାଟି ନେବେ ମାତ୍ର ଟ୫୯ କାରୁ ଊଣା କୌଣସି ସ୍ଥଳେ କରିବେ ନାହିଁ । ସୁତରାଂ ଯେଉଁ କୃଷୀ ବା ମହାଜନ ପରିଷ୍କାର ଗହମ ଉତ୍ପନ୍ନ କରଇ ସେ ମହାଜନଙ୍କୁ ବିକ୍ରୟ କରିବା ପୂର୍ବ ତହିଁରେ ମାଟି ଇତ୍ୟାଦି ମିଶାଇ ଦିଅଇ ଯେ ଶତକରା ଟ୫୯କା ଲେଖାଏଁ କଟିଗଲେ ତାହାର କ୍ଷତି ହେବ ନାହିଁ । ଏଠାରେ ପାଠକମାନେ ଦେଖିବେ କଲିକତା ମହାଜନମାନେ କେବଳ ଆପେ ମିଶାଦ୍ରବ୍ୟ ବିକ୍ରୟ କରନ୍ତି ଏମନ୍ତ ନୁହେ ଏଦେଶୀୟ ଲୋକଙ୍କୁ ମିଶା ଦ୍ରବ୍ୟ ବିକ୍ରୟ କରିବାକୁ ବାଧ୍ୟ କରୁଅଛନ୍ତି ଅଥଚ କହୁଅଛନ୍ତି ଯେ ଭାରତବାସିମାନେ ପରିଷ୍କାର ଦ୍ରବ୍ୟ ପ୍ରସ୍ତୁତ କରି ଜାଣନ୍ତି ନାହିଁ । ପରିଷ୍କାର ଦ୍ରବ୍ୟ ଲେଉଟିଲେ ଉଚିତ ମୂଲ୍ୟ ଦେବାକୁ ହେବ ଓ ତାହା ନ ଦେବାପର୍ଯ୍ୟନ୍ତ ମିଶାକାରବାର ଚାଲୁଥିବ । ଗବର୍ଣ୍ଣମେଣ୍ଟଙ୍କ ହାତରେ ତାହା ନିବାରଣର କୌଣସି ଉପାୟ ନାହିଁ ।

ଦ୍ୱିତୀୟ ପ୍ରଶ୍ନ ସମ୍ବନ୍ଧରେ ଲେଖା ହୋଇଅଛି କି ଗହମ ଦୁଇ ପ୍ରକାର ହୁଅଇ ଦୁଧିଆ ଅର୍ଥାତ ସଫେଦ ଗହମ ଏବଂ ଲାଲ ଅର୍ଥାତ ରଙ୍ଗଗହମ— ଲାଲ ଗହମର ଚାଷ ବହୁତ ମାତ୍ର ବେହାର ପ୍ରଦେଶର ସ୍ଥାନ୨ରେ ଦୁଧିଆ ଗହମର ଚାଷ ହେଉଅଛି ଏବଂ ଉପଯୁକ୍ତ ଉତ୍ସାହ ପାଇଲେ କୃଷିମାନେ ଏ ଜାତ ଗହମ ଅଧିକ ପରିମାଣରେ ଉତ୍ପନ୍ନ କରି ପାରିବେ । ଶ୍ରୀଯୁକ୍ତ ଏଲନ ସାହେବ ପାଟନା ବିଭାଗରେ କେତେ ଜମିରେ ଗହମ ଚାଷ କରି ପରୀକ୍ଷାଦ୍ୱାରା ଦେଖିଅଛନ୍ତି ଯେ ଗହମ କ୍ଷେତରେ ଯବକ୍ଷାରର ଖତ ଦେଇ ଯଥା କାଳରେ ନାଳ ବା କୂଅ ଜଳ ମଡ଼ାଇଲେ ବହୁତ ପରିମାଣରେ ଗହମ ହୁଅଇ । ସେ ଏହି ଉପାୟରେ ସରବେଷ୍ଟ ଏକମାଣ ଜମିରୁ ମ ୨୬ ଦଣ ଗହମ ପ୍ରାପ୍ତ କରିଅଛନ୍ତି । ବିଲାତରେ ସୁଦ୍ଧା ଏଥିରୁ ଅଧିକ ଉତ୍ପନ୍ନ ହୋଇ ନାହିଁ । ଅତଏବ ଖତ ଓ ଜଳର ଉପଯୁକ୍ତ ବ୍ୟବହାରଦ୍ୱାରା ଏ ପ୍ରଦେଶରେ ପ୍ରଚୁର ଗହମ ଉତ୍ପନ୍ନ କରିବାର ସମ୍ଭାବନା ଅଛି । ନାନା ସ୍ଥାନରେ ଏହିପରି ଆଦର୍ଶ କ୍ଷେତ ହେଲେ ନିକଟବର୍ତ୍ତୀ କୃଷିମାନେ ଶିକ୍ଷାଲାଭ କରିବେ ଏବଂ କ୍ରମେ ତାହା ଚାରିଆଡ଼େ ବିସ୍ତାର ହୋଇଯିବ ।

ତୃତୀୟ ବିଷୟର କୌଣସି ଉପାୟ ଗବର୍ଣ୍ଣମେଣ୍ଟ କରି ନ ପାରନ୍ତି । ସେଥିର ବ୍ୟବସ୍ଥା ମହାଜନମାନଙ୍କ ହାତରେ ଏକା ହୋଇପାରେ ।

ଚତୁର୍ଥ ବିଷୟ ଅତ୍ୟନ୍ତ ଗୁରୁତର ଏବଂ ଅନେକ ବ୍ୟୟସାପେକ୍ଷ କାରଣ ଅନେକ କର୍ମଚାରୀ ବିନା କେଉଁ ବର୍ଷ କେତେ ଜମିରେ ଗହମ ଚାଷ ହେଲା ଏବଂ ତହିଁରୁ କେତେ ଉତ୍ପନ୍ନ ହେବ ସ୍ଥିର ହୋଇ ନ ପାରେ । ଅତଏବ କଲିକତାର ବଜାରଦର ସମୟ୨ରେ ମଫସଲର ଲୋକଙ୍କୁ ଜଣାଇ ଦେବାର ଗୋଟିଏ ସହଜ ଉପାୟ କଲେ କୃଷିମାନେ ଆପଣା ଲାଭର ଆଶା ଦେଖି ଏ କାର୍ଯ୍ୟରେ ପ୍ରବୃତ୍ତ ହେବ ।

---

## କଟକ ମିଉନିସିପଲ— ବିଦ୍ୟାଳୟ ।

ଏ ନଗରରେ ମିଉନିସିପାଲିଟୀଦ୍ୱାରା ଯେଉଁ ବିଦ୍ୟାଳୟ ସ୍ଥାପିତ ହୋଇଅଛି । ସେଥିର ଛାତ୍ର ଓ ଛାତ୍ରୀମାନଙ୍କୁ ବାର୍ଷିକପରୀକ୍ଷାର ପୁରସ୍କାର ପ୍ରଦାନ ନିମିତ୍ତ ଗତ ଗୁରୁବାର ସକାଳବେଳେ ରେଭେନସା କଲେଜଗୃହରେ ଗୋଟିଏ ସଭା ହୋଇଥିଲା । ମିଉନିସିପଲସ୍କୁଲର ଛାତ୍ରମାନଙ୍କୁ ପୁରସ୍କାର ଦେବା ଯଦ୍ୟପି ଏ ନୂଆକଥା ନୁହଇ ମାତ୍ର ନଗରବାସୀ ସକଳଶ୍ରେଣୀର ଭଦ୍ରଲୋକଙ୍କୁ ଆମନ୍ତ୍ରଣ କରି ପ୍ରକାଶ୍ୟସଭାରେ ଉକ୍ତ ପୁରସ୍କାର ବିତରଣକାର୍ଯ୍ୟ ସମ୍ପାଦନ କରିବା ଏ ନଗରପକ୍ଷରେ ନୂଆ ବୋଲି କହିବାକୁ ହେବ ଏବଂ ସାଧାରଣନିର୍ବାଚନପ୍ରଣାଳୀରେ ସୃଷ୍ଟ ହୋଇଥିବା ମିଉନିସିପାଲିଟୀଦ୍ୱାରା ପ୍ରଥମ ହୋଇ ଏପରି ସଭା ଅନୁଷ୍ଠିତ ହୋଇଥିବାରୁ ଆମ୍ଭେମାନେ

Digitized by srujanika@gmail.com